


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-284 ◆SUNDAY ◆12 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୪ ◆ରବିବାର ◆୧୨ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ଗାଳିଦେଲେ ୫୦୦ ଟଙ୍କା ଜରିମାନା କିମ୍ବା ଏକ ଘଣ୍ଟା ସଫେଇ ଦଣ୍ଡ

### ମଧ୍ୟପ୍ରଦେଶରେ ଗାଳିମୁକ୍ତ ଗାଁ

■ ବୁରହାନପୁର, ୧୧।୪ (ଏଜେନ୍ସି): ସାଧାରଣତଃ କୁହାଯାଏ, ଶବ୍ଦ ହିଁ ବ୍ୟକ୍ତିର ସଂସ୍କାର ଓ ପରିଚୟ ପ୍ରଦାନ କରେ। ଏହି କଥାକୁ ବାସ୍ତବ ରୂପ ଦେବା ପାଇଁ ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାସ୍ଥିତ ବୋରସର ଗ୍ରାମ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛି। ଗ୍ରାମରେ ଶାଳୀନତା ବଜାୟ ରଖିବା ଓ କଟୁ ଭାଷା ବ୍ୟବହାର ରୋକିବା ପାଇଁ ଗ୍ରାମ ପଞ୍ଚାୟତ ପକ୍ଷରୁ ଅଭିନବ ନିୟମ ପ୍ରଣୟନ କରାଯାଇଛି। ପଞ୍ଚାୟତ ପକ୍ଷରୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି ଯେ, ଯଦି କେହି ସର୍ବସାଧାରଣ ସ୍ଥାନରେ କୌଣସି ଅପଶବ୍ଦ କିମ୍ବା ଗାଳିଗୁଲଜ କରନ୍ତି, ତେବେ ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିବ। ଏହିକ୍ରମରେ ଅପଶବ୍ଦ ପ୍ରୟୋଗ କଲେ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଯଦି କେହି ଜରିମାନା ଦେବାକୁ ଅକ୍ଷମ ହୁଅନ୍ତି, ତେବେ ତାଙ୍କୁ ଗ୍ରାମର କୌଣସି ଏକ ସ୍ଥାନରେ ଏକ ଘଣ୍ଟା ଧରି ସଫେଇ କାର୍ଯ୍ୟ କରିବାକୁ ପଡ଼ିବ। ଡେପୁଟି ସରପଞ୍ଚ୍ ବିନୋଦ ସିନ୍ଦେଙ୍କ ଅନୁସାରେ, ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି, ଛୋଟପିଲା ଓ ବୟସ୍କଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଅସଭ୍ୟ ଭାଷାର ପ୍ରୟୋଗକୁ ରୋକିବା। ଅନେକ ସମୟରେ ଅପଶବ୍ଦ ପ୍ରୟୋଗ ଯୋଗୁଁ ବ୍ୟକ୍ତିଗତ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥାଏ। ଏହି ନିୟମ ଲାଗୁ ହେବାପରେ ଗ୍ରାମରେ ଏକ ଶାନ୍ତ ଓ ସମ୍ମାନଜନକ ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀ ଏବେ ନିଜ ଶବ୍ଦ ଚୟନ ପ୍ରତି ସତର୍କ ରହୁଛନ୍ତି। ଏବେ ଏହି ଗ୍ରାମ କେବଳ ମଧ୍ୟପ୍ରଦେଶ ନୁହେଁ, ସମଗ୍ର ଭାରତର ଗ୍ରାମାଞ୍ଚଳ ପାଇଁ ଏକ ମଡେଲ ଭାବେ ଉଭା ହୋଇଛି।

## ୧୦ ଦିନ ପରେ ଚନ୍ଦ୍ର ପରିକ୍ରମା କରି ଫେରିଲେ ୪ ମହାକାଶଚାରୀ

■ ୱାଶିଂଟନ/ସାନ୍‌ଡିଏଗୋ, ୧୧।୪ (ଏଜେନ୍ସି): ନାସାର ବହୁପ୍ରତୀକ୍ଷିତ ଏବଂ ଐତିହାସିକ ଆର୍ଟେମିସ୍-୨ ମିସନ ସଫଳ ହୋଇଛି। ପ୍ରାୟ ୫୦ ବର୍ଷ ପରେ ଚନ୍ଦ୍ର ଅଭିମୁଖେ ଯାଇଥିବା ମହାକାଶଯାନ 'ଓରିଅନ୍' ୧୦ ଦିନ ପରେ ୪ଜଣ ମହାକାଶଚାରୀଙ୍କୁ ଧରି ପ୍ରଶାନ୍ତ ମହାସାଗରରେ ସୁରକ୍ଷିତ ଭାବେ ଅବତରଣ କରିଛି। ଏହି ମିସନ ଚନ୍ଦ୍ର ପୃଷ୍ଠରେ ମଣିଷର ଦୀର୍ଘକାଳୀନ ଉପସ୍ଥିତି ଏବଂ ଭବିଷ୍ୟତର ଚନ୍ଦ୍ର ଆଧାର ଶିବିର ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ସାନ୍ ଡିଏଗୋ ଉପକୂଳରେ ପାରାଚ୍ୟୁଟ୍ ସାହାଯ୍ୟରେ ଓରିଅନ୍ କ୍ୟାପସୁଲ୍ ସ୍ଥାନୀୟ ସମୟ ରାତି ୮.୦୭ରେ ସମୁଦ୍ର ମଧ୍ୟରେ ଅବତରଣ (ସ୍ପ୍ଲାସ୍ ଡାଉନ୍) କରିଥିଲା। ଏହି ମିସନରେ କମାଣ୍ଡର ରୀଡ୍ ୱାଇସମ୍ୟାନ୍, ପାଇଲଟ୍ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ କାନାଡାର



ଜେରେମି ହାନସେନ୍ ସାମିଲ ଥିଲେ। ନାସା ଅଧିକାରୀଙ୍କ ସୂଚନା ଅନୁଯାୟୀ, ସମସ୍ତ ମହାକାଶଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ ସମୟରେ ଓରିଅନ୍ ମହାକାଶଯାନ ଶବ୍ଦର ଗତିଠାରୁ ▶ପୃଷ୍ଠା-୧୦

## ମଧ୍ୟପ୍ରାଚ୍ୟ ଯୁଦ୍ଧ ବିରତି

# ଇସଲାମାବାଦରେ ଶାନ୍ତି ଆଲୋଚନା

## କଥାବାର୍ତ୍ତା ବିଫଳ ହେଲେ ଆକ୍ରମଣ: ଟ୍ରମ୍ପ

■ ଇସଲାମାବାଦ/ୱାଶିଂଟନ, ୧୧।୪ (ଏଜେନ୍ସି): ଯୁଦ୍ଧବିରତି ଘୋଷଣା ହେବାର ତିନି ଦିନ ପରେ ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲାଗି ଇରାନ ଓ ଆମେରିକା ମଧ୍ୟରେ ଆଜି ଆଲୋଚନା ଆରମ୍ଭ ହୋଇଛି। ପାକିସ୍ତାନ ମଧ୍ୟସ୍ଥତାରେ ରାଜଧାନୀ ଇସଲାମାବାଦରେ କଡ଼ା ସୁରକ୍ଷା ମଧ୍ୟରେ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଏହା ଉପରେ ସାରା ବିଶ୍ୱର ନଜର ରହିଛି। କେତେକ ସମସ୍ୟାକୁ ନେଇ କଥାବାର୍ତ୍ତା ୫ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବାର ସୂଚନା ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ଇସଲାମାବାଦରେ ଆଲୋଚନା ଚାଲିଥିବା ବେଳେ ସେ ଧମକ ଦେଇଛନ୍ତି ଯେ ଆଲୋଚନା ବିଫଳ ହେଲେ ଇରାନ ଉପରେ ପୁଣି ଆକ୍ରମଣ କରାଯିବ। ଇରାନକୁ ସେ ଏକ



ବିଫଳ ରାଷ୍ଟ୍ର ବୋଲି କହିଛନ୍ତି।

ଇସଲାମାବାଦରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଆମେରିକା ଓ ଇରାନର ପ୍ରତିନିଧି ଦଳ ପ୍ରଥମେ ପୃଥକ ପୃଥକ ଭାବେ ପାକିସ୍ତାନର ପ୍ରତିନିଧି ଦଳଙ୍କ ସହ ଆଲୋଚନା କରିଥିଲେ। ଯୁଦ୍ଧବିରତି ଆଲୋଚନା ପାଇଁ ସେମାନେ ନିଜ ନିଜର ସର୍ତ୍ତ ପାକିସ୍ତାନ ଜରିଆରେ ଅନ୍ୟ ପକ୍ଷକୁ ଦେଇଥିଲେ। ଏଥିରେ ଅଗ୍ରଗତି ହେବାପରେ ଇରାନ ଓ ଆମେରିକା ପ୍ରତିନିଧି ଦଳଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ଆରମ୍ଭ ହୋଇଛି। ଇରାନ ଯୁଦ୍ଧ ପରେ ▶ପୃଷ୍ଠା-୧୦

### ଇରାନର ପସନ୍ଦ ଜେଡି ଭାନ୍ସ

■ ଇସଲାମାବାଦ୍: ମଧ୍ୟପ୍ରାଚ୍ୟରେ ଦୀର୍ଘ ୬ ସପ୍ତାହର ରକ୍ତାକ୍ତ ସଂଘର୍ଷ ପରେ ବିଶ୍ୱ ଶାନ୍ତି ଓ ଅର୍ଥନୀତିକୁ ରକ୍ଷା କରିବା ପାଇଁ ଆମେରିକା ଓ ଇରାନ ମଧ୍ୟରେ ଏକ ଐତିହାସିକ ସନ୍ଧି ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପାକିସ୍ତାନର ଇସଲାମାବାଦ୍‌ରେ ଏହି ଉଚ୍ଚସ୍ତରୀୟ ବୈଠକରେ ଆମେରିକାର ପ୍ରତିନିଧିତ୍ୱ କରୁଛନ୍ତି ଉପ-ରାଷ୍ଟ୍ରପତି ଜେଡି ଭାନ୍ସ। ମାତ୍ର ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଟ୍ରମ୍ପ ପ୍ରଶାସନର ଏହି ଗୁରୁତ୍ୱପୂର୍ଣ୍ଣ ନେତାଙ୍କୁ ନିଜେ ଇରାନ ହିଁ ଆଲୋଚନା ପାଇଁ ପ୍ରଥମ ପସନ୍ଦ ଭାବେ ଗ୍ରହଣ କରାଯାଇଛି। ରିପୋର୍ଟ ଅନୁସାରେ, ଇରାନ ନେତୃତ୍ୱ ଭାନ୍ସଙ୍କୁ ଜଣେ 'ଯୁଦ୍ଧ ବିରୋଧୀ' ନେତା ଭାବେ ଦେଖୁଛନ୍ତି। ଭାନ୍ସ ଜଣେ ନମ୍ର ଓ ଯୁକ୍ତିସଙ୍ଗତ ଚେହେରା ଭାବେ ଉଭା ହୋଇଛନ୍ତି। ଟ୍ରମ୍ପଙ୍କ ନିକଟତମ ବ୍ୟକ୍ତିମାନଙ୍କ ମଧ୍ୟରେ ଭାନ୍ସ ଜଣେ ଏପରି ନେତା, ଯିଏ ଯୁଦ୍ଧ ଅପେକ୍ଷା କୂଟନୈତିକ ସମାଧାନକୁ ଅଧିକ ଗୁରୁତ୍ୱ ଦିଅନ୍ତି। ନ୍ୟୁୟର୍କ ଟାଇମ୍ସ ଅନୁସାରେ, ଭାନ୍ସ ନିଜ ଶାସନ କାଳରେ ସୈନ୍ୟବାହିନୀର ଅହେତୁକ ପ୍ରୟୋଗକୁ ନେଇ ବାରମ୍ବାର ପ୍ରଶ୍ନ ଉଠାଇଛନ୍ତି, ଯାହା ଇରାନ ▶ପୃଷ୍ଠା-୧୦

## ଦିଲ୍ଲୀରେ ୨୦୨୮ ରୁ ପଞ୍ଜିକୃତ ହେବନି ପେଟ୍ରୋଲ ଚାଳିତ ଦୁଇ ଚକିଆ ଯାନ

■ ନୂଆଦିଲ୍ଲୀ, ୧୧।୪ (ଏଜେନ୍ସି): ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ସରକାର ଏକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ 'ଇଲେକଟ୍ରିକ୍ ଭେହିକଲ (ଇଭି) ଡ୍ରାଫ୍ଟ ପଲିସି ୨୦୨୬-୨୦୩୦' ଅନୁସାରେ, ଆଗାମୀ ଦିନରେ ପେଟ୍ରୋଲ ଚାଳିତ ଯାନଗୁଡ଼ିକ ଉପରେ କଠୋର କଟକଣା ଲଗାଯିବା ସହ ବୈଦ୍ୟୁତିକ ଯାନ ଚଳାଚଳକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବୃହତ୍ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହି ନୂତନ ନୀତିରେ ପେଟ୍ରୋଲ ଓ ଡିଜେଲ ଯାନଗୁଡ଼ିକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଏହିକ୍ରମରେ ୨୦୨୮ ଏପ୍ରିଲ ପହିଲାରୁ ଦିଲ୍ଲୀରେ କୌଣସି ନୂତନ ପେଟ୍ରୋଲ ଚାଳିତ ଦୁଇଚକିଆ ଯାନ ପଞ୍ଜୀକରଣ କରାଯିବ ନାହିଁ। ସେହିପରି ୨୦୨୭ ଜାନୁଆରୀ ୧ରୁ କେବଳ ବୈଦ୍ୟୁତିକ ତିନିଚକିଆ ଯାନ ପଞ୍ଜୀକରଣ ପାଇଁ ଅନୁମତି ମିଳିବ। ବ୍ୟାବସାୟିକ କାର୍ଯ୍ୟରେ ନିୟୋଜିତ ଦୁଇଚକିଆ ଯାନ ଓ ହାଲୁକା ମାଲବାହୀ ଯାନଗୁଡ଼ିକ ୨୦୨୬ ଜାନୁଆରୀ ୧ରୁ କେବଳ ଇଲେକଟ୍ରିକ୍ ହେବା ବାଧ୍ୟତାମୂଳକ। ସେହିପରି ୨୦୩୦ ସୁଦ୍ଧା ସମସ୍ତ ସ୍କୁଲ ବସ୍‌ର ଅତିକମ୍‌ରେ ୩୦ ପ୍ରତିଶତ ବୈଦ୍ୟୁତିକ କରିବାକୁ ଲକ୍ଷ୍ୟ ରଖାଯାଇଛି। ସମସ୍ତ ନୂତନ ସରକାରୀ ଗାଡ଼ି କ୍ରୟ କେବଳ ଇଲେକଟ୍ରିକ୍ ମଡେଲରେ ହେବ। ଏପରିକି ଭଡ଼ାରେ



**ବାୟୁ ପ୍ରଦୂଷଣ ଚିନ୍ତା**

ନିଆଯାଉଥିବା ଯାନଗୁଡ଼ିକ ମଧ୍ୟ ବୈଦ୍ୟୁତିକ ହେବା ଆବଶ୍ୟକ। ଉପଭୋକ୍ତାମାନଙ୍କୁ ଇଭି ପ୍ରତି ଆକୃଷ୍ଟ କରିବା ପାଇଁ ସରକାର ଆର୍ଥିକ ସହାୟତାର ବ୍ୟବସ୍ଥା କରିଛନ୍ତି। ଦୁଇ, ତିନ ଓ ଚାରି ଚକିଆ ଯାନ ଉପରେ ବ୍ୟାଟେରୀ କ୍ଷମତା ଅନୁସାରେ ସବ୍‌ସିଡି ପ୍ରଦାନ କରାଯିବ। ପୁରୁଣା ପ୍ରଦୂଷଣକରୀ ଗାଡ଼ିକୁ ସ୍କ୍ରାପ୍ ▶ପୃଷ୍ଠା-୧୦

## କିମ୍ବଦନ୍ତୀ କଣ୍ଠଶିଳ୍ପୀ ଆଶାଙ୍କୁ ହୃଦ୍‌ଘାତ



■ ଏପ୍ରିଲ, ୧୧।୪ (ଏଜେନ୍ସି): ଭାରତୀୟ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ହୃଦ୍‌ଘାତର ଶିକାର ହେବା ପରେ ୯୨ ବର୍ଷୀୟ ଆଶାଙ୍କୁ ଆଜି ମୁମ୍ବାଇର ବ୍ରିଚ୍‌କାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କୁ ଜରୁରୀକାଳୀନ ଚିକିତ୍ସା ୟୁନିଟରେ ବିଶେଷଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ବେଳେ ପ୍ରଶଂସକ ମହଲରେ ଉଦବେଗ ପ୍ରକାଶ ପାଇଛି। ପରିବାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବିବୃତି ଜାରି କରାଯାଇ ନଥିଲେ ମଧ୍ୟ ସୋସିଆଲ ମିଡିଆରେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନାର ସୁଅ ଛୁଟିଛି। ଦୀର୍ଘ ସାତ ଦଶନ୍ଧି ଧରି ଭାରତୀୟ ସଙ୍ଗୀତକୁ ନିଜ କଣ୍ଠରେ ସମୃଦ୍ଧ କରିଥିବା 'ଆଶା'ଙ୍କ ସ୍ୱାସ୍ଥ୍ୟ ଅପଡେଟ୍ ଉପରେ ସମଗ୍ର ଦେଶର ନଜର ରହିଛି। ୧୯୪୩ରୁ ସଙ୍ଗୀତ ଦୁନିଆରେ ସକ୍ରିୟ ଥିବା ଆଶା ହିନ୍ଦୀ ସମେତ ୨୦ଟି ଦେଶୀ ବିଦେଶୀ ଭାଷାରେ ୨୦ହଜାରରୁ ଅଧିକ ଗୀତ ଗାଇଛନ୍ତି। ୨୦୦୦ ମସିହାରେ ଦାଦା ସାହେବ୍ ଫାଲ୍‌କେ ପୁରସ୍କାର ପାଇଥିବା ବେଳେ ୨୦୦୮ରେ ତାଙ୍କୁ 'ପଦ୍ମ ବିଭୂଷଣ'ରେ ସମ୍ମାନିତ କରାଯାଇଥିଲା।

# ଛିଡୁନି ମହାନଦୀ ଅଡୁଆ

## ୯ ମାସ ବଢ଼ିଲା ଟ୍ରିବ୍ୟୁନାଲ କାର୍ଯ୍ୟକାଳ

■ ଭୁବନେଶ୍ୱର, ୧୧।୪ (ସମିସ): ମହାନଦୀ ଜଳ ବିବାଦ ମାମଲା ଲମ୍ବି ଲମ୍ବି ଚାଲିଥିବା ବେଳେ ଏଯାଏଁ ଏହାର ସମାଧାନର ରାସ୍ତା ବାହାରି ପାରିଲା ନାହିଁ। ଟ୍ରିବ୍ୟୁନାଲରେ ୫୧ଟି ଶୁଣାଣି ସରିଥିବା ବେଳେ ଏଯଏଁ ଓଡ଼ିଶାର ହକ୍ ନେଇ କୌଣସି ମଧ୍ୟବର୍ତ୍ତୀକାଳୀନ ରାୟ ପ୍ରକାଶ ପାଇଲା ନାହିଁ। ଅପରପକ୍ଷେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଆସନ୍ତା ୧୩ ତାରିଖରେ ସମାପ୍ତ ହେଉଥିବା ବେଳେ କେନ୍ଦ୍ର ସରକାର ଆଉ ୯ମାସ ପାଇଁ ବୃଦ୍ଧି କରିଛନ୍ତି। ଏନେଇ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୧୪ ତାରିଖରୁ ଏହି ନିର୍ଦ୍ଦେଶନାମା ଲାଗୁ ହେବାକୁ ଥିବାବେଳେ ୨୦୨୭ ମସିହା ଜାନୁଆରୀ ୧୩ ତାରିଖ ଯାଏଁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଅବଧି ରହିବ। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ସହ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୦ ତାରିଖରେ ଧାର୍ଯ୍ୟ ହୋଇଥିବା ନେଇ ଓଡ଼ିଶାର ଆଡଭୋକେଟ ଜେନେରାଲ(ଏଜି)



**ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖକୁ ଧାର୍ଯ୍ୟ**

**ଦୁଇ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ଶୀଘ୍ର**

**ଓଡ଼ିଶାର ହକ୍ ପାଇଁ ଲଢ଼େଇ ଜାରି ରଖିବ ବିଜେଡି**

**ବିଜେପି ସାଂସଦଙ୍କ ବାସଭବନ ଘେରିବ କଂଗ୍ରେସ**

ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି ବିବାଦର ସମାଧାନ ପାଇଁ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ବୈଠକ କରିବେ। ବୈଠକରେ ଉଭୟ ରାଜ୍ୟର ବୈଷୟିକ ଟିମ୍, ଲିଗାଲ ଟିମ୍ ବସି ପ୍ରାସଙ୍ଗିକତା ହରାଇଥିବା ପ୍ରସଙ୍ଗ ଗୁଡ଼ିକୁ ବାଦ୍ ଦେବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଅନ୍ୟପକ୍ଷରେ ମହାନଦୀ ଜଳ ବିବାଦ ସମାଧାନରେ ବିଳମ୍ବକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ମହାନଦୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଇଚ୍ଛାଶକ୍ତି ନାହିଁ। ବିଜେଡି ଏହାକୁ ପ୍ରସଙ୍ଗ କରିଛି ଓ ଆଗକୁ ମଧ୍ୟ ଓଡ଼ିଶାର ହକ୍ ପାଇଁ ଲଢ଼େଇ ଜାରି ରଖିବ। ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେଲା। ଏବେ ୨୦୨୬ ହେଲାଣି: କିନ୍ତୁ ଫଳ ଶୂନ। ପୁଣି ଅବଧି ବଢ଼ିଲାଣି। ଯଦି ଆପୋସ ବୁଝାମଣା ହେବ ତେବେ ଟ୍ରିବ୍ୟୁନାଲଙ୍କ ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଟ୍ରିବ୍ୟୁନାଲଙ୍କ ଅବଧି ବଢୁଛି ଅର୍ଥ ଟ୍ରିବ୍ୟୁନାଲଙ୍କ ଆବଶ୍ୟକତା ରହିଛି ଏବଂ ଆପୋସ ବୁଝାମଣା ▶ପୃଷ୍ଠା-୧୦

## କଟକ ଷ୍ଟେସନ୍‌ରୁ ବିହାରର ୧୨ ନାବାଳକ ଉଦ୍ଧାର

■ କଟକ, ୧୧।୪ (ସମିସ): କଟକ ରେଳଷ୍ଟେସନ୍‌ରୁ ୧୨ଜଣ ନାବାଳକଙ୍କୁ ରେଳବାଇ ପୁଲିସ (ଆରପିଏଫ୍) ଉଦ୍ଧାର କରିଛି। ପରେ ସମସ୍ତଙ୍କୁ ଚାଇଲ୍ଡ ଲାଇନ ଜିମା ଦିଆଯାଇଛି। ଏମାନେ ଅମୃତ ଭାରତ ଏକ୍ସପ୍ରେସ୍‌ରେ ବସି କଟକ ଆସିଥିଲେ। ଆଜି ପୂର୍ବାହ୍ନରେ କଟକ ଷ୍ଟେସନରେ ପହଞ୍ଚିବା ପରେ ନାବାଳକମାନେ ଟ୍ରେନ୍‌ରୁ ଓହ୍ଲାଇ ୪ନଂ ପ୍ଲାଟଫର୍ମରେ ଛିଡ଼ା ହୋଇଥିଲେ। ଏତିକିବେଳେ ପାଟ୍ରୋଲିଂ କରୁଥିବା ଆରପିଏଫ୍ କର୍ମଚାରୀଙ୍କ ନଜର ସେମାନଙ୍କ ଉପରେ ପଡିଥିଲା। ଏକାଠି ଛିଡା




ହୋଇଥିବା ପିଲାମାନଙ୍କ ସହ କେହି ଅଭିଭାବକ ନଥିବା ଦେଖି ଆରପିଏଫ୍‌ର ସନ୍ଦେହ ହୋଇଥିଲା। ପାଖକୁ ଯାଇ ପଚରାଉଚରା କରିବାରୁ ଜଣେ ଅଜଣା ବ୍ୟକ୍ତିଙ୍କ କହିବାନୁସାରେ ସମସ୍ତେ କଟକ ଆସିଥିବା ଜଣାପଡ଼ିଥିଲା। ୧୨ରୁ ୧୫ବର୍ଷ ବୟସ ମଧ୍ୟରେ ଥିବା ଏହି ୧୨ ନାବାଳକଙ୍କ ଘର ବିହାର ରାଜ୍ୟର ଆରାରିଆ ▶ପୃଷ୍ଠା-୧୦






## ନିଯୁକ୍ତି ନାମରେ ନିର୍ଯାତନା

# ତାମିଲନାଡୁରେ ବନ୍ଧା ପଡ଼ିଛନ୍ତି ୮ ଓଡ଼ିଆ ଝିଅ

**ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ସିଲେଇ ତାଲିମ ନେବାକୁ କଟକ ଆସିଲେ ସୋହେଲାର ୯ ଯୁବତୀ**

**୪୫ ଦିନର ତାଲିମ ପରେ ଘର ବଦଳରେ ତାମିଲନାଡୁ ପଠାଇ ଦିଆଗଲା**

**ହାତ ଟେକିଦେଲା ବ୍ଲକ୍ ପ୍ରଶାସନ; ଅନ୍ୟ ରାଜ୍ୟରେ ଥିବାରୁ ଆମେ କିଛି କରିପାରିବୁନି**

■ ବରଗଡ଼, ୧୧।୪ (ସମିସ): ସରକାରୀ ଯୋଜନାରେ ଦକ୍ଷତା ବିକାଶ ଓ ସୁନିଶ୍ଚିତ ନିଯୁକ୍ତିର ପ୍ରତିଶ୍ରୁତି ଏବେ ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍‌ର କିଛି ଯୁବତୀଙ୍କ ପାଇଁ କାଳ ସାଜିଛି। ତାଲିମ ନାଁରେ ଝିଅମାନଙ୍କୁ ବାହାର ରାଜ୍ୟକୁ ନେଇ ସେଠାରେ ମାନସିକ ନିର୍ଯାତନା ଓ ବେଠି ଖଟାଯାଉଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଘରକୁ ଫେରିବା ପାଇଁ ଝିଅମାନେ ଫୋନ୍ ଯୋଗେ ନେହୁରା ହେଉଥିବାବେଳେ ବ୍ଲକ୍ ପ୍ରଶାସନ ସହଯୋଗ କରୁ ନ ଥିବା ଅଭିଭାବକମାନେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ସୋହେଲା ବ୍ଲକ୍ ଅଧୀନ କନାପାଲି ପଞ୍ଚାୟତର ବାରୁପାଲି ଓ କନାପାଲି ଗ୍ରାମର ୯ ଯୁବତୀ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ବିଭାଗ ଅଧୀନରେ ମାଗଣା ଟେଲରିଂ ତାଲିମ ପାଇଁ କଟକ ଯାଇଥିଲେ। ଗ୍ରାମର ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ସେମାନଙ୍କୁ କଟକ ସ୍ଥିତ ଏକ ସଂସ୍ଥାକୁ ପଠାଯାଇଥିଲା। କମ୍ପାନୀ ଏଜେଣ୍ଟମାନେ ଅଭିଭାବକଙ୍କୁ ବୁଝାଇଥିଲେ ଯେ, ୪୫ ଦିନର ତାଲିମ ପରେ ଝିଅମାନେ ଚାହିଁଲେ ଘରକୁ ଫେରିପାରିବେ କିମ୍ବା ବଡ଼ କମ୍ପାନୀରେ କାମ ମଧ୍ୟ କରିପାରିବେ। କିନ୍ତୁ ତାଲିମ ଅବଧି ଶେଷ ହେବାପରେ ମଧ୍ୟ ଝିଅମାନଙ୍କୁ ଘରକୁ ଛଡ଼ାଗଲା ନାହିଁ। ବରଂ ସେମାନଙ୍କ ଅଜାଣତରେ ଓ ବିନା ଅନୁମତିରେ ଝିଅମାନଙ୍କୁ କଟକରୁ ତାମିଲନାଡୁର ତିରୁପୁରକୁ ପଠାଇ ଦିଆଯାଇଛି। କର୍ଣ୍ଣ ଅସ୍ତ୍ରୋପଚାର କରିବାକୁ କହି କୌଶଳକ୍ରମେ ଜଣେ ଝିଅ ଘରକୁ ଫେରିଆସିବାରେ ସଫଳ ହୋଇଥିବା ବେଳେ ଆଜକୁ ପ୍ରାୟ ଅଢ଼େଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଅନ୍ୟ ଆଠଜଣ ଝିଅଙ୍କୁ ବନ୍ଧକ ଭଳି ରଖାଯାଇଛି। ପୀଡ଼ିତା ଯୁବତୀମାନେ ଫୋନ୍ ଯୋଗେ ନିଜ ପରିବାରକୁ ଜଣାଇଛନ୍ତି ଯେ, ସେଠାରେ ସେମାନଙ୍କୁ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଛି। କଥା କଥାକେ ଗାଳିଗୁଲଜ କରିବା ସହ ଜବରଦସ୍ତି ବେଠି ଖଟାଯାଉଛି। ନିଜ ଘରକୁ ଫେରିବାକୁ ଚାହିଁଲେ ମଧ୍ୟ ଅନୁମତି ମିଳୁନାହିଁ। ଏହି ଖବର ପାଇବା ପରେ ଅଭିଭାବକମାନେ ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି। ଅଭିଭାବକମାନେ ▶ପୃଷ୍ଠା-୧୦

**ବେଆଇନ ବାଲି ଚାଲାଣ**

# ଟ୍ରାକ୍ଟର ଜବତ ବେଳେ ଖଣି ଅଧିକାରୀଙ୍କୁ ଆକ୍ରମଣ

ଜୟପୁର, ୧୧।୪(ସମିସ)





କୋରାପୁଟ ଜିଲ୍ଲାରେ ବେଆଇନ ବାଲି ଚାଲାଣ ବୃଦ୍ଧି ପାଉଥିବା ବେଳେ ମାଫିଆ ମାନଙ୍କ ଆତଙ୍କକୁ ନେଇ ମଧ୍ୟ ସରକାରୀ ଅଧିକାରୀ ମାନେ ଭୟଭୀତ ହୋଇଯାଇଛନ୍ତି। ଗତକାଲି ସ୍ପଷ୍ଟ ଦିବାଲୋକରେ ଖଣି ବିଭାଗର ଜଣେ କନିଷ୍ଠ ଖଣି ଅଧିକାରୀଙ୍କୁ ବାଲି ମାଫିଆ ମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ସଦରଥାନାରେ ଏତଲା ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଗତକାଲି ପୂର୍ବାହ୍ନରେ କନିଷ୍ଠ ଖଣି ଅଧିକାରୀ ପ୍ରଦୀପ କୁମାର ମୁଣ୍ଡ ବାଇକ୍ ଯୋଗେ ସ୍ଥାନୀୟ ସାନ ଅଜେଇ ଗ୍ରାମର ଏକ ପଥର କ୍ରସରକୁ ସରକାରୀ କାର୍ଯ୍ୟରେ ଯାଇ ଫେରୁଥିବା ବେଳେ ପୂର୍ବାହ୍ନ ପ୍ରାୟ ୧୦ଟା ୧୦ ମିନିଟ ସମୟରେ ସ୍ଥାନୀୟ ବାଲିଆ ପୋଲ ନିକଟରେ ଏକ ଟ୍ରାକ୍ଟର ଓଡି ୧୦ ଏବି-୩୫୮୯ ଯୋଗେ ବେଆଇନ ଭାବେ ବାଲି ବୋଝେଇ ହୋଇ ଚାଲାଣ ହେଉଥିଲା। କାର୍ଯ୍ୟରତ ସରକାରୀ ଖଣି ଅଧିକାରୀ ଉକ୍ତ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। କିନ୍ତୁ କୌଣସି ଅନୁମତି ଏବଂ ରାୟଲଟି ନଥିବା ଜାଣିବା ପରେ ତୁରନ୍ତ ଉକ୍ତ ଟ୍ରାକ୍ଟରକୁ ଅଟକାଇ ଜବତ କରାଯିବ ବୋଲି ଡ୍ରାଇଭରକୁ କହିଥିଲେ। ଏଥିନେଇ ଡ୍ରାଇଭର ଟ୍ରାକ୍ଟର ମାଲିକଙ୍କୁ ସୂଚନା ଦେବା ପରେ ମାଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଡ୍ରାଇଭରକୁ ତୁରନ୍ତ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଘଟଣାସ୍ଥଳରୁ ନେଇ ଚମ୍ପଟ ମାରିବାକୁ ନିର୍ଦ୍ଦେଶ ଦେଲେ। କିନ୍ତୁ କନିଷ୍ଠ ଖଣି ଅଧିକାରୀ ଶ୍ରୀ ମୁଣ୍ଡ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା କିମ୍ବା ନିୟମ ନ ମାନିବା ବେଆଇନ ହୋଇଥିବା ଯୋଗୁଁ ତୁରନ୍ତ ଟ୍ରାକ୍ଟରକୁ ଅଟକାଇବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ଟ୍ରାକ୍ଟର ମାଲିକ ଏବଂ ଅନ୍ୟ ୫ଜଣ ବାଲି ମାଫିଆ ମିଳିତ ଭାବେ କନିଷ୍ଠ ଖଣି ଅଧିକାରୀ ଶ୍ରୀ ମୁଣ୍ଡକୁ ଆକ୍ରମଣ କରିବା ସହିତ ମାଡ ମାରି, ତାଙ୍କ ତଣ୍ଟିଚିପି ହତ୍ୟା କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଘଟଣାସ୍ଥଳକୁ ଦୁଇଜଣ ବ୍ୟକ୍ତି ଏବଂ ଜଣେ ଗୋରୁ ଚରାଉଥିବା ଯୁବକ ଚାଲି ଆସିବାରୁ ସେମାନେ ସରକାରୀ ଅଧିକାରୀଙ୍କୁ ରାସ୍ତା କଡକୁ ଠେଲି ତଳେ ପକାଇ ଟ୍ରାକ୍ଟର ଡ୍ରାଇଭର ସହିତ କେନାଲ ରାସ୍ତା ଦେଇ ଉକ୍ତ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ନେଇ ଚମ୍ପଟ ମାରିଥିଲେ। ଏଥିନେଇ ତୁରନ୍ତ ଫୋନ ମାଧ୍ୟମରେ ସଦର ଥାନାକୁ କନିଷ୍ଠ ଖଣି ଅଧିକାରୀ ଶ୍ରୀ ମୁଣ୍ଡ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସରକାରୀ ଅଧିକାରୀଙ୍କୁ ଉଦ୍ଧାର କରିଥିଲେ। ଏଥିନେଇ କନିଷ୍ଠ ଖଣି ଅଧିକାରୀ ଶ୍ରୀ ମୁଣ୍ଡଙ୍କ ଏତଲା କ୍ରମେ ଥାନାରେ ବିଭିନ୍ନ ଅପରାଧିକ ଧାରାରେ ମାମଲା ରୁଜୁ ହେବା ସହିତ ତଦନ୍ତ ଆରମ୍ଭ ହୋଇଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ରୋଟାରି କ୍ଲବ୍ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ ଜୟପୁର ଗସ୍ତ



**ଜୟପୁର, ୧୧।୪(ସମିସ):** ରୋଟାରୀ କ୍ଲବ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମନୋଜ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଗତକାଲି ଜୟପୁର କ୍ଲବ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ଥାନୀୟ ଜେସିଏନ ଟାୱାର ଠାରେ କ୍ଲବର ସମସ୍ତ ସଦସ୍ୟ ଓ ପରିବାରଙ୍କୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମେ ସ୍ୱୟଂ ଠାରୁ ବଡ଼ ସେବା ବିଷୟକୁ ନେଇ ଆଲୋଚନା ବିଷୟବସ୍ତୁ ହୋଇଥିଲା। ରୋଟାରି ଇଣ୍ଟରନ୍ୟାସନାଲ ଆଦର୍ଶର ମୂଳ ଅଂଶ ଭାବେ କ୍ଲବର ମାନବତାମୂଳକ କାର୍ଯ୍ୟର ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ। ଏହି ଅବସରରେ ବାର୍ଷିକ ମୁଖ୍ୟ ଅତିଥି ତଥା ଡିଷ୍ଟ୍ରି ଗର୍ଭନର ଶ୍ରୀ ତ୍ରିପାଠୀ ବାର୍ଷିକ ସମୀକ୍ଷା କରିଥିଲେ। ଏହି ଅବସରରେ ଜୟପୁର କ୍ଲବର ସଭାପତି ରୋଟାରିୟାନ ଅମର ବୁଧୱାର, ସମ୍ପାଦକ ନାରାୟଣ ନିଶଙ୍କ ଏବଂ ନିର୍ଦ୍ଦେଶକ ମାନେ ସମ୍ପୂର୍ଣ୍ଣ ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ୨୦ ଜଣ ରୋଟାରିୟନ ତାଙ୍କର ଦୀର୍ଘ ୨୫ ବର୍ଷରୁ ଅଧିକ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ବିଦ୍ୟାଳୟର ଇଣ୍ଟରାକ୍ଟ କ୍ଲବ୍, ରୋଟାରି ଇଣ୍ଟରନ୍ୟାସନାଲର ଇଣ୍ଟରାକ୍ଟ କ୍ଲବକୁ ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଗଭର୍ନରଙ୍କ ସହ ଡିଷ୍ଟ୍ରିକ୍ଟର ପ୍ରଥମ ମହିଳା ମଧୁସ୍ମିତା ତ୍ରିପାଠୀ ଉପସ୍ଥିତ ରହିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କୁ ସ୍ମାରକ ପ୍ରଦାନ କରାଯାଇଥିବି ରୋଟାରିଆନ୍ କ୍ଲବର ସେବା ପ୍ରକଳ୍ପ ନିର୍ଦ୍ଦେଶକ ରୋଟାରିୟାନ ଶିବାଜୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

● 'କାୟକଳ୍ପ'ରେ ଜିଲ୍ଲାରେ ପ୍ରଥମ

## ରାଜ୍ୟରେ ପଞ୍ଚମ ସ୍ଥାନରେ ପଟ୍ଟାଙ୍ଗି

**ପଟ୍ଟାଙ୍ଗି, ୧୧।୪(ସମିସ):** ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୋରାପୁଟ ଜିଲ୍ଲାରେ ପ୍ରଥମ ସ୍ଥାନ ପାଇଥିବା ବେଳେ ରାଜ୍ୟରେ ୫ମ ସ୍ଥାନ ପାଇଥିବା ଜଣାପଡ଼ିଛି। କୋରାପୁଟ ସ୍ଥିତ ସଦ୍‌ଭାବନା ରାଜଦୂତ ସଭାରେ କାୟକଳ୍ପ ସମ୍ମାନରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୨



ତାରିଖ ଦିନ କାୟାକଳ୍ପ ବିଭାଗର ରାଜ୍ୟସ୍ତରର ତିନି ଜଣିଆ ଟିମ୍ କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଚାଲିଥିବା କାୟାକଳ୍ପ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ଅଧିକାରୀ ଗଣ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗ ଯଥା ଓପିଡି, ଆଇପିଡି, ଲେବର୍ କକ୍ଷ, ଓଟି, ଡିଡିସି, ପରୀକ୍ଷାଗାର, ଟୀକାକରଣ କକ୍ଷ ଆଦିର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପରିଦର୍ଶନ କରିବା ସହ ସମସ୍ତ କାଗଜପତ୍ର ଯାଞ୍ଚ କରିଥିବା ନେଇ ଜଣାପଡ଼ିଛି। ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକଳାପ ଗୁଡ଼ିକୁ ଦେଖି ସେମାନେ ଖୁସି ବ୍ୟକ୍ତ କରିଥିବା ନେଇ ସୂଚନା ମିଳିଛି। ସେମାନେ ସମସ୍ତ କର୍ମଚାରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ଉଦବୋଧନ ଦେଇଥିଲେ।ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଭାଗବତ ମୁର୍ମୁ ଏବଂ ଡା. ଶାନ୍ତନୁ ରାଉତ, ପିଏଚଇଓ ଆରତୀ ଗୁଡ଼ିଆ, ବିପିଏମ୍ ମଧୁଲିତା ପାଢ଼ୀ ଉକ୍ତ ମାନପତ୍ର ଟିକୁ ଗ୍ରହଣ କରିଥିଲେ।ଏ ହି ସଫଳତା ପଛରେ ସମସ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଏଲ୍‌ଟିଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀଙ୍କ ଶ୍ରେୟ ରହିଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ଭାଗବତ ମୁର୍ମୁ ମତ ପ୍ରକାଶ କରିଛନ୍ତି।

● ମିଳିଲାନି ମେଗା ପ୍ରକଳ୍ପ ପାନୀୟଜଳ

## ଜଳ ସମସ୍ୟା ସମାଧାନ କରିବାରେ ପ୍ରଶାସନ ବିଫଳ

**ତେନ୍ତୁଲିଖୁଣ୍ଟି, ୧୧।୪(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ମାଉସୀମା ମନ୍ଦିର କଲୋନୀବାସୀଙ୍କୁ ମେଗା ପ୍ରକଳ୍ପ ପାନୀୟ ଜଳ ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ। ବାରମ୍ବାର ଦାବି, ରାସ୍ତା ରୋକ, ପ୍ରକଳ୍ପ କାର୍ଯ୍ୟାଳୟରେ ତାଲା ମାରି ପ୍ରତିବାଦ ସତ୍ୱେ କେବଳ ପ୍ରତିଶ୍ରୁତିରେ ଅଟକିଛି ମେଗା ପ୍ରକଳ୍ପ ଜଳ। ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମୁଖ୍ୟ ରାସ୍ତା ଜମି ବିବାଦ ପାଇଁ ପ୍ରକଳ୍ପ ପାଇପ ବିଛା ଯାଇ



ପାରୁନଥିବା କହି କାର୍ଯ୍ୟ ସାରିଦେଇଛି ପ୍ରଶାସନ। ଜଳ ସେଚନ ପାଇଁ ଚାଲିଥିବା ପ୍ରକଳ୍ପ ଲୋକଙ୍କ ବ୍ୟକ୍ତିଗତ ଜମି ଖୋଳି ବିରାଟ ପାଇପ୍ ପୋତାଯାଉଥିବା ବେଳେ ଜଳ ଯୋଗାଣ ପାଇଁ ସରୁ ପାଇପ ଖଣ୍ଡେ ବିଛାଇ ପାରୁନାହିଁ ପ୍ରଶାସନ। ହର ଘର ଜଳ ଯୋଜନା ବାଟବଣା ହୋଇଥିବା ନେଇ ପ୍ରକାଶିତ ଖବରକୁ ଏକ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା। ତେନ୍ତୁଲିଖୁଣ୍ଟି ବ୍ଲକ ପ୍ରଶାସନ ପତ୍ର ସଂଖ୍ୟା ୨୧୫/୨୦୨୬ରେ ଜମି ବିବାଦ ପାଇଁ ଜଳ ଯୋଗାଣ ହୋଇପାରୁନାହିଁ, ତେଣୁ ତେନ୍ତୁଲିଖୁଣ୍ଟି ତହସିଲଦାରଙ୍କୁ ଏନେଇ ଅବଗତ କରାଯାଇଛି କହି କାର୍ଯ୍ୟ ଶେଷ କରିଛନ୍ତି। ଅନୁରୂପ ଭାବରେ ତେନ୍ତୁଲିଖୁଣ୍ଟି ତହସିଲଦାର ମଧ୍ୟ ଉକ୍ତ ପତ୍ରକୁ ନାଲି ଫିତା ତଳେ ଚାପିଦେଇ ନିରବ ରହିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ଏବଂ ଉତ୍କଟ ଜଳ ସମସ୍ୟା ମଧ୍ୟରେ ମାଉସୀମା' ମନ୍ଦିର କଲୋନୀବାସୀ ପେଶି ହେଉଥିବା ବେଳେ ଜଳ ଯୋଗାଣ ପାଇଁ ସରକାରଙ୍କ ଦୃଷ୍ଟି ଅଞ୍ଚଳରେ ପଡ଼ିପାରୁନାହିଁ। ଉକ୍ତ ଜମି ବିବାଦ ପାଇଁ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ମଧ୍ୟ ଅଧାରେ ଅଟକି ରହିଛି। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ବିକଳ୍ପ ସ୍ଥାନ ଦେଇ ପାଇପ ସଂଯୋଗ ସହ ତୁରନ୍ତ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

## ଲକ୍ଷ୍ମୀପୁର ଅଞ୍ଚଳରେ ବିଜେଡି ସଂଗଠନ ସକ୍ରିୟ ପାଇଁ ପଦକ୍ଷେପ



**ଲକ୍ଷ୍ମୀପୁର, ୧୧।୪(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବିଜେଡି କର୍ମୀ ଓ ନେତା ବର୍ତ୍ତମାନ ମୁହାଁ। ପୂର୍ବ ସ୍ଥିତିକୁ ଫେରିବା ପାଇଁ ପ୍ରୟାସ କରୁଥିବା ବ୍ଲକ ସଭାପତି ବିପିନ ମାଣ୍ଡିଙ୍ଗା କହିଛନ୍ତି। ଶୁକ୍ରବାର ଦିନ ପିପଲପଦର ପଞ୍ଚାୟତ ଠାରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ କରି ପ୍ରତି ଗାଁ ଏବଂ ପଞ୍ଚାୟତକୁ ଯାଇ ବିଜେଡ଼ି ସମର୍ଥକଙ୍କ ସହିତ ମିଶି କିପରି ଆଗାମୀ ନିର୍ବାଚନ ଗୁଡ଼ିକ ନିଜ ସପକ୍ଷରେ ଆସିବ ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଥିବା କହିଛନ୍ତି। ଏହା ଜିଲ୍ଲା ସଭାପତି ଝିନ୍ନ ହିକକା ପରାମର୍ଶ କ୍ରମେ କରାଯାଉଛି। ପିପଲପଦର ପଞ୍ଚାୟତର କିଛି କଂଗ୍ରେସ କର୍ମୀ ମଧ୍ୟ ବିଜେଡିରେ ଯୋଗଦେଇ ଥିବା ସଭାପତି କହିଛନ୍ତି। ବିଜେଡିର ସମର୍ଥକ ଅଛନ୍ତି, ସମାନଙ୍କ ନିକଟକୁ ପହଞ୍ଚିଲେ ହେଲା। ବିଜେଡିରେ ନୂତନ ଭାବେ ନିଯୁକ୍ତ ହୋଇଥିବା ଯୁବ ସଭାପତି ବିପିନ ମାଣ୍ଡିଙ୍ଗାଙ୍କ ଏପରି ସାଂଗଠନିକ କାର୍ଯ୍ୟ ଦେଖି ପ୍ରଶଂସା ଦଳୀୟ କର୍ମି ଓ ସମର୍ଥକମାନେ ପ୍ରଶଂସା କରିଛନ୍ତି। ନବୀନ ବାବୁଙ୍କ ସୁଶାସନ, ଜନହିତକର କାର୍ଯ୍ୟକ୍ରମ ଲୋକଙ୍କ ହୃଦୟରେ ରହିଛି। ତାହା କେବେ ଲୋକେ ଭୁଲି ନାହାନ୍ତି। ଆଗମୀ ଦିନରେ ଏହା ନିଶ୍ଚିତ ପ୍ରତିଫଳିତ ହେବ ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ସଭାପତିଙ୍କ ସମେତ ନାରୀ ନେତ୍ରୀ କୌଶଲ୍ୟା ହିକକା, ଜିଲ୍ଲା ସମ୍ପାଦକ ରାଧେଶ୍ୟାମ ଯାନୀ, ସନ୍ତୋଷ ଖସ୍ଲା, ଦମଦାର ବିଡ଼ିକା, ଭକ୍ତ ଖରା ଓ ଶତାଧିକ ବିଜେଡି କର୍ମୀ ଓ ନେତା ଉପସ୍ଥିତ ଥିଲେ। ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିବା ହେତୁ ବିଜେଡି ମହଲରେ ପ୍ରଶଂସା କରାଯାଉଛି।

## ଶନିବାର ହାଟରେ ପୁଲିସର ଫ୍ଲାଗମାର୍ଚ୍ଚ



**ଲକ୍ଷ୍ମୀପୁର, ୧୧।୪(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାର ଶନିବାର ହାଟରେ ପୁଲିସ କରୁଛି ଫ୍ଲାଗମାର୍ଚ୍ଚ। ଏହି ହାଟରେ ବିଗତ ଦିନ ମାନଙ୍କରେ ମୋବାଇଲ୍ ଚୋରି ଠାରୁ ଆରମ୍ଭ କରି ଅନେକ ପ୍ରକାର ଅପ୍ରୀତିକର କାମ ହେଉଥିବା ନେଇ ଅଭିଯୋଗ ଆସିଛି। ଏହାକୁ ଦୃଷ୍ଟିରେ ରଖି ଲକ୍ଷ୍ମୀପୁର ଏସ୍‌ଡିପିଓ ମୋନଜ ବେହେରା ଓ ଥାନା ଅଧିକାରୀ ସୁଜ୍ଞାନୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଲକ୍ଷ୍ମୀପୁର ହାଟରେ ପ୍ରହରା ଦେଉଥିବା ଦେଖିବାକୁ ମିଳିଛି। ପୂର୍ବଭଳି ଯେପରି ଆଉ କିଛି ଘଟଣା ନ ଘଟେ, ସେଥିପାଇଁ ପୁଲିସ୍ ଏପ୍ରକାର ପଦକ୍ଷେପ ଗ୍ରହଣ କରିଥିବା କହିଛି। ଲୋକେ ଶାନ୍ତିରେ ଆସି ବଜାର କରି ନିଜ ଘରକୁ ଫେରନ୍ତୁ। ପୁଲିସ ୟୁନିଫର୍ମରେ ହାଟ ବୁଲି ବୁଲି ସବୁ ପରଖୁ ଥିବା ବେଳେ ବ୍ୟବସାୟୀ ମାନେ ପୁଲିସର ଏଭଳି ସୁରକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ପୂର୍ବରୁ ହାଟରେ ମୋବାଇଲ ଚୋରି, ଝଗଡ଼ା, ଦାଦାବଟି ମାଗିବା ଭଳି ଅନେକ କେସ ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହାକୁ ରଖିବା ପାଇଁ ପୁଲିସ୍ ତାର ଏଭଳି ବ୍ୟବସ୍ଥା କରିଛି। ଏହାକୁ ସଧାରଣରେ ସ୍ୱାଗତ କରାଯାଉଛି।

## ସିଏମ୍ ଟ୍ରଫି ପ୍ରତିଯୋଗିତା ଉଦ୍‌ଘାଟିତ



**କୋରାପୁଟ, ୧୧।୪(ସମିସ):** କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ, ଭଲିବଲ, ଖୋ ଖୋ ଏବଂ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରତିଯୋଗୀ ମାନଙ୍କୁ କିଟ ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଜିଲ୍ଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ପାଣି ପମ୍ପ ହାଉସ୍‌ରେ ତାଲା

## ଥାନାରେ ଗ୍ରାମବାସୀଙ୍କ ଧାରଣା



**ପଟ୍ଟାଙ୍ଗି, ୧୧।୪(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଲେଗଡ଼ା ଗ୍ରାମର ପମ୍ପହାଉସରେ କାର୍ଯ୍ୟରତ ଏସ୍‌ଏମ୍ କମୁ କ୍ରିଷ୍ଣା ଏବଂ ଗ୍ରାମବାସୀ ମିଶି ପଟ୍ଟାଙ୍ଗି ଥାନାରେ ଏତଲା ଦେଇଛନ୍ତି। ଚଳିତ ମାସ ୯ ତାରିଖ ରାତି ପ୍ରାୟ ସାଢେ ୭ଟା ସମୟରେ ରାଜୁଗୁଡ଼ା ଗ୍ରାମର ଟ୍ରାକ୍ଟର ଡ୍ରାଇଭର ସମୁଲୁ ବାହାଘର ନିମନ୍ତେ ଟ୍ରାକ୍ଟର ଟ୍ୟାଙ୍କୀରେ ପାଣି ଭରିବାକୁ ଆଣିଥିଲେ। କିନ୍ତୁ କାର୍ଯ୍ୟରତ କର୍ମଚାରୀ ଆସିବାରେ ବିଳମ୍ବ କରିବାରେ ତାଙ୍କୁ ଗାଳି ଗୁଲଜ କରିଥିଲେ ଏବଂ ପମ୍ପହାଉସ୍‌ରେ ତାଲା ପକାଇ ଦେଇଥିଲେ। ଏହାପରେ ଗ୍ରାମବାସୀ ତିନିଦିନ ଧରି ପିଇବା ପାଣି ପାଇ ପାରୁନଥିବା ନେଇ ଅଭିଯୋଗ କରିଛନ୍ତି। ଏହାପରେ ଗ୍ରାମର କିଛି ବ୍ୟକ୍ତିଙ୍କୁ ଧରି ଟ୍ରାକ୍ଟର ଡ୍ରାଇଭର ଜଣକ ଧମକ ଦେଉଥିବା ନେଇ ଅଭିଯୋଗ ହୋଇଛି। ଏହା ସହ କିଛି ଯୁବକ ମଧ୍ୟ ଠେଲାପେଲା କରିଥିବା ନେଇ ଅଭିଯୋଗ ହୋଇଛି। ଆଜି ଗ୍ରାମର ପୁରୁଷ ମାନଙ୍କ ସହ ମହିଳା ମାନେ ହାଣ୍ଡି ଧରି ଥାନାର ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଗ୍ରାମବାସୀ ଥାନାରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟ ଧରି ଧାରଣା ଦେବା ପରେ ପୋଲିସ ବୁଝାସୁଝା କରିଥିଲା। ସେମାନେ ଘରକୁ ଫେରିଥିବା ଜଣାପଡ଼ିଛି।

## ଅମୃତ ପିଢ଼ି ସାରସ୍ୱତ ସମାରୋହ



**ସେମିଳିଗୁଡ଼ା, ୧୧।୪(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଅମୃତ ପିଢି ସାରସ୍ୱତ ସମାରୋହ ଏବଂ ବନ୍ଦନୀୟ ବରପୁତ୍ର ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମନରେ ଦେଶପ୍ରେମ, ସାହିତ୍ୟପ୍ରେମ ଓ ଓଡ଼ିଶାର ମହାନ ବ୍ୟକ୍ତିତ୍ୱମାନଙ୍କ ପ୍ରତି ଶ୍ରଦ୍ଧାବୋଧ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ସେମିଳିଗୁଡା ପ୍ରେସ କ୍ଲବ ପ୍ରାଙ୍ଗଣରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ନିକଟରେ ଅଧ୍ୟକ୍ଷା ଡ.ଝାନସୀ ସିଂହ, ପୂର୍ବତନ ଅଧ୍ୟକ୍ଷ ଶ୍ରୀ ନୀଳାଞ୍ଚଳ ଆଚାର୍ଯ୍ୟ, ଶୁଭ୍ରାଂଶୁ ସୁନ୍ଦର ଦାସ, ହରପ୍ରସାଦ ପତି, ଡ.ବିଦ୍ୟୁତପ୍ରଭା ରାଉତ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଏବଂ ଛାତ୍ରଛାତ୍ରୀ ବୃନ୍ଦଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଅଧ୍ୟକ୍ଷା ଡ. ସିଂହ ଅତିଥିମାନଙ୍କୁ ସ୍ୱାଗତ କରି ଅମୃତ ପିଢ଼ି ସମାରୋହର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟକ୍ଷା ବିଶିଷ୍ଟ ସାହିତ୍ୟିକମାନଙ୍କ କବିତା ପାଠ କରିଥିଲେ। ସମାରୋହରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ମହାନ ବ୍ୟକ୍ତିତ୍ୱମାନଙ୍କ ଜୀବନ ଓ ଅବଦାନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଓଡ଼ିଆ ଜାତିର ଗୌରବମୟ ଐତିହ୍ୟ, ସାହିତ୍ୟ, ସଂସ୍କୃତି ଓ ସମାଜ ସେବାରେ ସେମାନଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ.ବିଦ୍ୟୁତ ପ୍ରଭା ରାଉତ ପରିଚାଳନା କରିଥିବା ବେଳେ ଶ୍ରୀ ନିରଞ୍ଜନ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

**ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର**

## ସଂଗ୍ରହ ହେଲା ୩୦ ୟୁନିଟ୍ ରକ୍ତ

**ପଟ୍ଟାଙ୍ଗି, ୧୧।୪(ସମିସ):** ଗାଙ୍ଗେଶ୍ୱରୀ ସ୍ନାତକ ମହାବିଦ୍ୟାଳୟଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ଗାଙ୍ଗେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଗାଙ୍ଗେଶ୍ୱରି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜନ୍ମେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ଥାନା ଅଧିକାରୀ ଭାବେ ପ୍ରଭାତ ବେହେରା ଯୋଗଦାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୋଟ ୩୦ ଜଣ ରକ୍ତଦାତା ମାନେ ସ୍ୱେଚ୍ଛାକୃତ ଯୋଗଦାନ ଦେଇ ରକ୍ତଦାନ କରିଥିଲେ। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୋରାପୁଟରୁ ଆସିଥିବା ଡାକ୍ତରୀ ଦଳ, ଡ଼. ଏମ୍ ଏସ ବାଲାର ସିଂ ଏବଂ ଅନ୍ୟ କର୍ମଚାରୀ ସୁଶୀଲ ଶବର, ରଘୁନାଥ ଗଣ୍ଡ, ଅଜିତ କୁମାର ଗୌଡ, ରବୀନ୍ଦ୍ର ମିଶ୍ର ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ। ସେହିଭଳି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଗାଙ୍ଗେଶ୍ୱରୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ପରିଡ଼ା, ଅମିୟ କୁମାର ସ୍ୱାଇଁ, ଜେମେସ୍ ଫ୍ରାଙ୍କଲିନ ଖରା, ଅଧ୍ୟାପିକା ଅବନୀ ମହାରଣା, ଅଧ୍ୟାପିକା ମାନସି ପଲେଇ, ଶିକ୍ଷା ବିଭାଗର ଡେମୋନେଷ୍ଟ୍ରେଟର ଗିତାଞ୍ଜଳୀ ବିଶୋଇ, ପ୍ରଶାନ୍ତ କୁମାର ଦାସ,



ଆଶିଷ କୁମାର ମହାରଣା, ଅକ୍ଷୟ କୁମାର ବେହେରା, ମୌସୁମୀ ଭତ୍ରା, ଝିଲି ରାଣି ସାମନ୍ତରାୟ, ସରିତା ସାହୁ, ଆଶୋକ କୁମାର ମିଶ୍ର, ଦାସରଥି ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଉଜ୍ଜ୍ୱଳା ହିତାଧିକାରୀଙ୍କ ଠାରୁ ଟଙ୍କା ନେବା ମହଙ୍ଗା ପଡ଼ିଲା

### ପ୍ରଶାସନର ହସ୍ତକ୍ଷେପ ପରେ ଟଙ୍କା ଫେରାଇଲେ ଏଜେନ୍ସି ମାଲିକ

କୋରାପୁଟ, ୧୧।୪(ସମିସ)



'ଉଜ୍ଜ୍ୱଳା' ଯୋଜନାରେ ଆସିଥିବା ଗ୍ୟାସକୁ ଜଣେ ଏଜେନ୍ସୀ ମାଲିକ ହିତାଧିକାରୀଙ୍କୁ ବିକ୍ରି କରି ହଟହଟା ହୋଇଛନ୍ତି। ପ୍ରଶାସନର ହସ୍ତକ୍ଷେପ ପରେ ଶେଷରେ ଏଜେନ୍ସି ମାଲିକ ହିତାଧିକାରୀକୁ ସମସ୍ତ ଟଙ୍କା ଫେରାଇବାକୁ ବାଧ୍ୟ ହୋଇଛନ୍ତି। ଏଭଳି ଘଟଣା ଘଟିଛି କୋରାପୁଟରେ। ସଦର ବ୍ଲକ ଦେଓଘାଟି ଗ୍ରାମର ହେମଲତା ଡୁରୁକ ଉଜ୍ଜ୍ୱଳା ଯୋଜନାରେ ନିଜ ନାମ ପଞ୍ଜିକୃତ କରିଥିଲେ। କୋରାପୁଟ ଇଣ୍ଡେନ ଗ୍ୟାସ ଏଜେନସିରେ ତାଙ୍କ ନାଁ ଥିବା ଜାଣି ଗ୍ୟାସ୍ ସିଲିଣ୍ଡର ମାଗିବାରୁ ମାଲିକ ତାଙ୍କ ଠାରୁ ୪୫୦୦ ଟଙ୍କା ନେଇ ୮ ତାରିଖରେ ଗ୍ୟାସ୍ ଦେଇଥିଲେ। ମାଗଣା ଗ୍ୟାସକୁ ଟଙ୍କା ନେଇଥିବା ଜାଣିପାରି ହିତାଧିକାରୀ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣା ଶୁଣିବା ପରେ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ। ଅତିରିକ୍ତ ଯୋଗାଣ ଅଧିକାରୀ ସୌଭାଗ୍ୟ ରଞ୍ଜନ ନାୟକଙ୍କ ସହ ଏକ ଟିମ୍ ଗ୍ୟାସ୍ ଏଜେଏନ୍‌ସିରେ ପହଞ୍ଚି ତଦନ୍ତ କରି ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ କରାଇବା ସହ ଏଜେଏନ୍‌ସିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

# ରେଢ଼ାଖୋଲ ବନଖଣ୍ଡ ସଂରକ୍ଷଣ ଜଙ୍ଗଲ ନଷ୍ଟ

ରେଢ଼ାଖୋଲ, ୧୧।୪(ସମିସ)





ପ୍ରାକୃତିକ ଜଙ୍ଗଲ ସମ୍ପଦ ଓ ସୁରକ୍ଷା ଦିଗରେ ସରକାର କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। ବନ ବିଭାଗ ଜରିଆରେ ଗଛ ଲଗାଇ ବନୀକରଣ କରାଯାଇ ଜଙ୍ଗଲ ସୃଷ୍ଟି କରୁଥିବା ବେଳେ ଅନ୍ୟପଟେ ଦୁର୍ବୃତ୍ତମାନେ ସଂରକ୍ଷଣ ଜଙ୍ଗଲରେ ଶହ ଶହ ଗଛକୁ ଘେରାଉ କରି ଧ୍ୱଂସ କରିବା ଚକ୍ରାନ୍ତ ଚଳାଇଛନ୍ତି। ଏଭଳି ଏକ ଦୃଶ୍ୟ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ରାମପୁର ରେଞ୍ଜ ଅଧୀନ ଗୋଗୁଆ ବିଟ ସଂରକ୍ଷଣ ଜଙ୍ଗଲରେ ଦେଖିବାକୁ ମିଳିଛି। ଟାଙ୍ଗିଆରେ ବଡ଼ ବଡ଼ ଗଛରମୂଳକୁ ଘେରାଉ କରି ମାରିଦେବା ପାଇଁ ଚେଷ୍ଟା ଚଳାଇଛନ୍ତି ଦୁର୍ବୃତ୍ତ। କିନ୍ତୁ ଏଥିରେ ରେଢ଼ାଖୋଲ ବନ ବିଭାଗ ନିଷ୍କ୍ରିୟତା ପ୍ରକାଶ କରିଛି। ବନ ବିଭାଗର ଅପାରଗତା ଯୋଗୁଁ ଜଙ୍ଗଲର ବହୁ ମୂଲ୍ୟବାନ ଗଛ ଗୁଡିକ ନଷ୍ଟ ହେବାକୁ ବସିଛି। ଏହି ମୂଲ୍ୟବାନ ଗଛ ଗୁଡିକ ପାଖାପାଖି ଏକ ମାସ ତଳେ ଏବଂ କିଛି ବର୍ତ୍ତମାନ ଘେରା ଯାଇଥିବା ବେଳେ କିଛି କଟାଯାଇଥିବା ମଧ ଦେଖିବାକୁ ମିଳିଛି। ତା ସହିତ ଜଙ୍ଗଲର ଗଛ ଗୁଡିକ ଘେରାଉ ଯୋଗୁଁ ବନ୍ୟଜନ୍ତୁମାନେ ନିକଟରେ ଥିବା ଗାଁ ମୁହାଁ ହୋଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି ରାସ୍ତା ଦେଇ ଅହରହ ବନବିଭାଗ ପଇଁତରା ମାରୁଥିବା ବେଳେ କେମିତି ବନବିଭାଗର ନାକ ତଳେ ଏଭଳି କରାଯାଉଛି। ଯାହାକୁ ନେଇ ପ୍ରକୃତି ପ୍ରେମୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯିବା ସହିତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ରେଢ଼ାଖୋଲ ଏସିଏଫ୍ ମାଳତିଲତା ହାଁସଦା ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ।

# ଆଜି ସମ୍ବଲପୁରରେ 'ଦ ସୋଡାଉନ୍ ଚାପ୍ଟର୍-୩'

## ଯୋଗଦେବେ ଖାତିନାମା ରକ୍ତିମ ଠାକୁରିଆ

**ସମ୍ବଲପୁର, ୧୧।୪ (ସମିସ):** ଆଜି(ରବିବାର) ସମ୍ବଲପୁରରେ ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆର୍ଟ ଅଫ୍ ସୋଲ୍ ପ୍ରଡକ୍ସନ୍ ଟ୍ରଷ୍ଟ ପକ୍ଷରୁ 'ଦ ସୋଡାଉନ୍ ଚାପ୍ଟର୍-୩'ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ମହାଆଡ଼ମ୍ବରରେ ଆୟୋଜିତ ହେବ। ଏଥିରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ରକ୍ତିମ ଠାକୁରିଆ ଯୋଗ ଦେବେ। ଶନିବାର ପର୍ଯ୍ୟନ୍ତ ରାଜ୍ୟ ତଥା ରାଜ୍ୟ ବାହାରୁ ଦୁଇ ଶହରୁ ଅଧିକ ପ୍ରତିଯୋଗୀ ପଞ୍ଜୀକରଣ କରିଛନ୍ତି। ଦେଶର କୋଣ ଅନୁକୋଣରୁ ନୃତ୍ୟ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଏହା ଆୟୋଜିତ ହେବ। ଶାସ୍ତ୍ରୀୟ, ଲୋକନୃତ୍ୟ ଏବଂ ଓପନ୍ ଷ୍ଟାଇଲ୍ ଭଳି ବିଭିନ୍ନ ବିଭାଗରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିବେ। ଲୋକ ବର୍ଗ ପାଇଁ ଗୁରୁ ଧ୍ୟାନ ପଣ୍ଡା ଏବଂ ଶାସ୍ତ୍ରୀୟ ବର୍ଗ ପାଇଁ ଡ. ତପସ୍ୱିନୀ ଗୁରୁ ବିଚାରକ ରହିଛନ୍ତି। ସେହିପରି ଓପନ୍ ଷ୍ଟାଇଲ୍ ଗ୍ରାଣ୍ଡ ଫିନାଲେରେ ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର ଓ ହିପ୍ ହପ୍ ଇଣ୍ଡିଆ ଖ୍ୟାତ ରକ୍ତିମ ଠାକୁରିଆ ମୁଖ୍ୟ ବିଚାରକ ଭାବେ କାର୍ଯ୍ୟସମ୍ପାଦନା କରିବେ।

# ୧୦ ବର୍ଷ ପରେ ବି ପଦ୍ମାଳୟା ହତ୍ୟାକାଣ୍ଡ ରହସ୍ୟାବୃତ୍ତ

**କୁଚିଣ୍ଡା, ୧୧।୪(ସମିସ):** କୁଚିଣ୍ଡା ଥାନାରୁ ମାତ୍ର ଛଅ କିଲୋମିଟର ଦୂର ବକ୍ସମାରେ ୧୦ ବର୍ଷ ତଳେ ଘଟିଥିବା ପଦ୍ମାଳୟା ହତ୍ୟାକାଣ୍ଡର ରହସ୍ୟ ଆଜି ପର୍ଯ୍ୟନ୍ତ ଉନ୍ମୋଚିତ ହୋଇ ପାରିନାହିଁ। ରହସ୍ୟ ଉନ୍ମୋଚନରେ ବିଫଳ ପୁଲିସ ଫାଇଲକୁ ବନ୍ଦ କରି ଦେବାରୁ ହତ୍ୟାକାରୀ ନିର୍ଭୟରେ ବୁଲୁଥିବା ଅଭିଯୋଗ ହୋଇଛି। ଗତ୧.୬.୨୦୧୬ ରାତିରେ ବକ୍ସମାର ପଦ୍ମାଳୟା ବେହେରାଙ୍କୁ ଶୋଇଥିବା ଅବସ୍ଥାରେ କେହି ହତ୍ୟା କରିଥିଲା। କୋରାପୁଟରେ ଚାକିରି କରୁଥିବା ତାଙ୍କ ସ୍ୱାମୀ ଭକ୍ତରାମ ବେହେରା କୁଚିଣ୍ଡା ଆସି ଥାନାରେ ଲିଖିତ ଅଭିଯୋଗ କରି ହତ୍ୟାକରୀକୁ ଧରିବାକୁ ଅନୁରୋଧ କରିଥିଲେ। କୁଚିଣ୍ଡା ପୁଲିସ ସେତେବେଳେ ୧୦୭/୨୦୧୬ରେ ମାମଲା ରୁଜୁ କରିଥିଲା। ମୃତ ମହିଳାଙ୍କ ଝିଅ ଓ ସ୍ୱାମୀଙ୍କ ସହିତ ଏକାଧିକ ବ୍ୟକ୍ତିଙ୍କୁ ପୁଲିସ ପଚରାଉଚୁରା କରି ହତ୍ୟା ରହସ୍ୟ ଉନ୍ମୋଚନ ପାଇଁ ଉଦ୍ୟମ କରିଥିଲା। ମାତ୍ର ସେଥିରେ ବିଫଳ ହୋଇଥିଲା। ପୁଲିସ ସବୁ ଦିଗରୁ ବିଫଳ ହେବା ପରେ ଏହି ଫାଇଲରେ ଡୋରି ବାନ୍ଧି ଦେଇଛି। ଏହି ଘଟଣା ପରେ କୁଚିଣ୍ଡା ଥାନାରୁ ବହୁ ଅଧିକାରୀ ବଦଳି ହେଲା ପରେ ଏବେ ନୂତନ କରି ଜଣେ ଅଧିକାରୀ ବଦଳି ହୋଇ କୁଚିଣ୍ଡା ଥାନାକୁ ଆସିଛନ୍ତି କିନ୍ତୁ କେହି ହତ୍ୟାକାଣ୍ଡର ଟେର ପାଉନାହାନ୍ତି। ଅପରାଧୀକୁ ନ ପାଇବାରୁ ପୁଲିସ ପ୍ରାୟ ୧୦ ବର୍ଷତଳେ ଫାଇଲ ବନ୍ଦ କରିଦେଇଥିବା ଅଭିଯୋଗ ହୋଉଛି। ପୁଲିସ ପଦ୍ମାଳୟା ହତ୍ୟାକାଣ୍ଡ ରହସ୍ୟ ଉନ୍ମୋଚନ କରି ପାରୁନଥିବାରୁ ଏହା ଦ୍ୱାରା ଅପରାଧୀ ପ୍ରୋତ୍ସାହିତ ହେଉଛି ବୋଲି ବକ୍ସମା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ରାଜ୍ୟରେ ନାକଟିଦେଉଳରୁ ପାଇଲଟ୍ ପ୍ରକଳ୍ପ ଆରମ୍ଭ

# ନାକଟିଦେଉଳ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ 'ମର୍ଣ୍ଣିଂ ନ୍ୟୁଟ୍ରିସନ୍'

**ସମ୍ବଲପୁର, ୧୧।୪ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକରୁ ରାଜ୍ୟରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରୁଛି ଶ୍ରୀସତ୍ୟସାଇ ଅନ୍ନପୂର୍ଣ୍ଣା ଟ୍ରଷ୍ଟ। ଏହି ଟ୍ରଷ୍ଟ ପକ୍ଷରୁ ନାକଟିଦେଉଳ ବ୍ଲକର ସରକାରୀ ପ୍ରାଥମିକ ସ୍କୁଲ ଏବଂ ଅଙ୍ଗନୱାଡି ପିଲାମାନଙ୍କୁ ଦିଆଯିବ ଜଳଖିଆ। ପ୍ରାରମ୍ଭିକ ସ୍ତରରେ ଏହା ଗୋଟିଏ ବ୍ଲକରେ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସମଗ୍ର ସମ୍ବଲପୁର ଜିଲ୍ଲାକୁ ପ୍ରସାରିତ କରିବ ସଂସ୍ଥା। ବିଦ୍ୟାଳୟରେ ପହଞ୍ଚି ପ୍ରାର୍ଥନା ସଭାପରେ ଏହି 'ମର୍ଣ୍ଣିଂ ନ୍ୟୁଟ୍ରିସନ୍' ବା ସକାଳ ପୁଷ୍ଟିକର ଆହାର ଦିଆଯିବ ବୋଲି ଅନ୍ନପୂର୍ଣ୍ଣା ଟ୍ରଷ୍ଟର ଟ୍ରଷ୍ଟି ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ଭରଦ୍ୱାଜ ସୂଚନା ଦେଇଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଭରଦ୍ୱାଜ କହିଲେ ଯେ, ଏହି କାର୍ଯ୍ୟକ୍ରମ ୨୫ଟି ରାଜ୍ୟର ପ୍ରାୟ ୧ କୋଟି ଶିଶୁଙ୍କୁ 'ମର୍ଣ୍ଣିଂ ନ୍ୟୁଟ୍ରିସନ୍' ଦିଆଯାଉଥିବାବେଳେ ରାଜ୍ୟରେ ପରୀକ୍ଷାମୂଳକ ଭାବେ ଏହା ନାକଟିଦେଉଳ ବ୍ଲକରୁ ଆରମ୍ଭ କରାଯାଉଛି। ଅନେକ ପିଲା ସକାଳେ ଖାଲି ପେଟରେ ସ୍କୁଲ ଆସୁଥିବାରୁ ସେମାନଙ୍କ ପାଠପଢ଼ାରେ ଏକାଗ୍ରତା କମିଯାଏ, ତେଣୁ ମଧ୍ୟାହ୍ନ ଭୋଜନ ପୂର୍ବରୁ ଏହି ପୁଷ୍ଟିକର ଆହାର ସେମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ସହାୟକ ହେବ। ନାକଟିଦେଉଳ ବ୍ଲକର ୭୨ଟି ପ୍ରାଥମିକ ସ୍କୁଲ ଏବଂ ୧୬୦ଟି ଅଙ୍ଗନୱାଡି କେନ୍ଦ୍ରର ପ୍ରାୟ ୫ ହଜାର ପିଲାଙ୍କୁ ପ୍ରତିଦିନ ସକାଳେ ଯଥାକ୍ରମେ 'ସାଇ ସିଓର' ଫୋର୍ଟିଫାଏଡ୍ ମଲ୍ଟ ଏବଂ 'ସାଇ ସିଓର୍' ଫୋର୍ଟିଫାଏଡ୍ ରାଗି ପୁଷ୍ଟିକର ପାନୀୟ ପ୍ରଦାନ କରାଯିବ। ଏହା ସଫଳ ହେବାପରେ ଜିଲ୍ଲାର ସମସ୍ତ ବ୍ଲକକୁ ଅନ୍ତର୍ଭୁକ୍ତ କରାଯିବ। ପରେ ରାଜ୍ୟର ଅନ୍ୟ ଜିଲ୍ଲାକୁ ମଧ୍ୟ ଏହି ପ୍ରକଳ୍ପ ସମ୍ପ୍ରସାରିତ କରାଯିବ। ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ମାଗଣାରେ ଟ୍ରଷ୍ଟ ଏବଂ ଦାତାଙ୍କ ସହାୟତାରେ ପରିଚାଳିତ ହେଉଛି। ଏଥିପାଇଁ ଶିଶୁ କିମ୍ବା ଅଭିଭାବକଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସାମ୍ବାଦିକ ସମ୍ମିଳନୀରେ ଆଞ୍ଚଳିକ ମ୍ୟାନେଜର, ଓଡ଼ିଶା ଟି. ରମେଶ, ଆଞ୍ଚଳିକ ମ୍ୟାନେଜର, ଛତିଶଗଡ଼ ଚନ୍ଦନ ପାଠକ ଏବଂ ଓଡ଼ିଶା ପ୍ରକଳ୍ପ ସଂଯୋଜକ ସୁବାସ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ।



# ଭିସୁଟ୍‌ରେ ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ ସମିଟ୍




**ସମ୍ବଲପୁର, ୧୧।୪ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ପ୍ଲାଟିନମ୍ ଜୁବିଲି ବର୍ଷ ଅବସରରେ 'ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ ସମିଟ୍ ୨୦୨୬' ଉଦ୍‌ଘାଟିତ ହୋଇଯାଇଛି। "ଯେଉଁଠାରେ ଦୃଷ୍ଟିକୋଣ ସୁଯୋଗ ସହ ମିଳେ" ଥିମ୍‌କୁ ଆଧାର କରି ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟ, ନୂତନ ପ୍ରଯୁକ୍ତି ଓ ଭବିଷ୍ୟତ ଚାକିରି ସୁଯୋଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ଇଣ୍ଡଷ୍ଟ୍ରି ୫.୦, କୃତ୍ରିମ ବୁଦ୍ଧିମତାର ପ୍ରୟୋଗ, ଶିଳ୍ପ ଉନ୍ନତି, ଦକ୍ଷତା ବିକାଶ ଓ ଷ୍ଟାର୍ଟଅପ୍ ପରିବେଶ ଉପରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଯୋଗଦେଇଥିଲେ। କୁଳପତି ପ୍ରଫେସର ଦୀପକ କୁମାର ସାହୁ, କୁଳସଚିବ ପ୍ରଦୀପ ଡାଙ୍ଗ, ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ସେଲ୍‌ର ମୁଖ୍ୟ ପ୍ରଫେସର ପ୍ରଶାନ୍ତ ନନ୍ଦ, ଡିନ୍ ସିଡିସିଇ ପ୍ରଫେସର ଗଣେଶ୍ୱର ନାଥ, ସହ-ସମନ୍ୱୟକ ଡ. ଦେବସ୍ମିତା ମିଶ୍ର ଓ ଅନ୍ୟତମ ସହ-ସମନ୍ୱୟକ ଡ. ପ୍ରଦୀପ୍ତ କୁମାର ଦାସ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ଖତ୍ରୀ କହିଲେ ଯେ, ଯୁବ ସମାଜ ହେଉଛି ଦେଶର ଶିଳ୍ପ ଭବିଷ୍ୟତ ଏବଂ ନବୀନତା, ଗବେଷଣା ଓ ଉଦ୍ୟମୀତା ମାଧ୍ୟମରେ ନୂତନ ଚାକିରି ସୃଷ୍ଟି ସମ୍ଭବ। ସେ ଶିକ୍ଷା ସଂସ୍ଥା ଓ ଶିଳ୍ପ ମଧ୍ୟରେ ମଜବୁତ ସମନ୍ୱୟର ଆବଶ୍ୟକତା ଉପରେ ଜୋର ଦେଇ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତା, ଷ୍ଟାର୍ଟଅପ ଓ ପ୍ରଯୁକ୍ତିମୂଳକ ନବୀନତା ଦିଗରେ ଆଗେଇବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀ ଆୟୋଜନରେ ଛାତ୍ର ସମନ୍ୱୟକ ବିଭୁ ପ୍ରସାଦ କର ଓ ଆକାଶ ଡନସନାଙ୍କ ସହିତ ଅନ୍ୟ ଛାତ୍ର ଆୟୋଜକମାନେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ଶେଷରେ ଡ. ଦେବସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ସଦସ୍ୟଙ୍କୁ ସହାୟତା

**ରେଙ୍ଗାଲି, ୧୧।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ସଂଘର ସଦସ୍ୟଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ତଲାବିରା ୨ଓ ୩ କୋଇଲା ଖଣିରେ କୋଇଲା ନମୁନା ବିଭାଗରେ କାର୍ଯ୍ୟ କରୁଥିବା ନୂଆଁଖିଣ୍ଡା ଗ୍ରାମର ଡୋଲା ବାଗ୍ ଦୁରା ରୋଗ୍ୟ ବ୍ୟାଧିରେ ପୀଡିତ ଥିବା ଯୋଗୁଁ କାର୍ଯ୍ୟ କରିପାରୁ ନାହାଁନ୍ତି। ତାଙ୍କର ଆର୍ଥିକ ଅବସ୍ଥା ମଧ୍ୟ ଖରାପ ରହିଛି। ଏ ବିଷୟରେ ସଂଘ ଜାଣିବା ପରେ ଖଣିରେ କାର୍ଯ୍ୟରତ ଶ୍ରମିକ ତଥା ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ର ସଦସ୍ୟଙ୍କ ତରଫରୁ ୨.୨୨.୦୦୦ଟଙ୍କା ଚିକିତ୍ସା ଖର୍ଚ୍ଚ ପ୍ରଦାନ କରାଯାଇଥିଲା। ୟୁନିୟନର କାର୍ଯ୍ୟକାରୀ ସଭାପତି ବାବଲୁ ରାଉତ ବରିଷ୍ଠ ସଭ୍ୟ ନବିନ ରାଉତ, ଦେବାନନ୍ଦ ସେଠ, ସୁବ୍ରତ ବୁଧିଆ, ଦିପକ ପାଣ୍ଡେ, ନରେନ୍ଦ୍ର ସାହୁଙ୍କ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ବିଇଡି କଲେଜରେ 'ଆସ ବହି କିଣିବା' କାର୍ଯ୍ୟକ୍ରମ



**ସମ୍ବଲପୁର, ୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନରେ 'ଆସ ବହି କିଣିବା'କାର୍ଯ୍ୟକ୍ରମ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଗରୁଡଧ୍ୱଜ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମର ସମନ୍ୱୟକାରୀ (ସଂଯୋଜିକା) ସହକାରୀ ପ୍ରଫେସର ଡ. ମମତା ପ୍ରିୟଦର୍ଶିନୀ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠାନର ବିଇଡି, ଏମ୍‌ଇଡି ଛାତ୍ରଛାତ୍ରୀ ଯୋଗଦାନ ପୂର୍ବକ ଓଡ଼ିଆ ପୁସ୍ତକ ଓ ପତ୍ରପତ୍ରିକା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ବରିଷ୍ଠ ପ୍ରଫେସର ରବୀନ୍ଦ୍ର କୁମାର ନାୟକ, ସହକାରୀ ପ୍ରଫେସର ଡ. ବିଶେଶ୍ୱରୀ ସାହୁ, ସୀତା ମହାନ୍ତ, ପଦ୍ମିନୀ ନାଏକ, ସରୋଜ ଛତ୍ରିଆ, ସୋନିଆ ପରେୟା, ତଫସିଲ ବୁଦୁଲା, ଲଳିନ୍ଦ୍ର ମୋହନ ମାରାଣ୍ଡି, କ୍ଷୀତିଶ ଚନ୍ଦ୍ର ପାତ୍ର, ଚେତନା ନନ୍ଦ ଖମାରୀ ଆଦି ସମସ୍ତ ପ୍ରାଧ୍ୟାପକ ପ୍ରଧ୍ୟାପିକାଙ୍କ ସହିତ ଅମୂଲ୍ୟ ଦଣ୍ଡସେନା, ଅଜିତ କୁମାର ସାହୁ, ସରିତା ଆଚାର୍ଯ୍ୟ, ନିରଞ୍ଜନ ଭୋଇ, ନୀଳକଣ୍ଠ ନାୟକ ଆଦି ସମସ୍ତ ଅଣଶୈକ୍ଷିକ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ନେଇ ଶାନ୍ତି କମିଟି ବୈଠକ

**କୁଚିଣ୍ଡା, ୧୧। ୪(ସମିସ):** ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ଗୋବିନ୍ଦପୁର ଥାନାରେ ଆସନ୍ତା ହନୁମାନ ଜୟନ୍ତୀ ପାଳନକୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମାଳୟା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବାମରା ଷ୍ଟେସନ ବସ୍ତି, ମୁଣ୍ଡାଡିପା, ବଡ଼ତୁମେରମୁଣ୍ଡା ଓ ସାଙ୍କୋବାହାଲ ହନୁମାନ ଜୟନ୍ତୀ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୧୪ ତାରିଖ ଦିନ ବାମରା ଠାରେ ଆୟୋଜିତ ହେବାକୁ ଥିବା ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ସମସ୍ୟା, ଶୋଭାଯାତ୍ରା ସମୟ, ଶୋଭାଯାତ୍ରା ମାର୍ଗ ଓ ଭଲେଣ୍ଟିଅର ବ୍ୟବସ୍ଥା ସମେତ ଅନ୍ୟାନ୍ୟ ବିଷୟକୁ ନେଇ ଆଲୋଚନା କରାଯାଇଥିଲା। ଶାନ୍ତି କମିଟି ବୈଠକରେ ପ୍ରଶାନ୍ତ ଶତପଥୀ, ମହାବୀର ଖଣ୍ଡେଲୱାଲ, ଦାମୋଦର ସାହୁ, କୁମାର ଚନ୍ଦ୍ର ପଟେଲ, ଅରକ୍ଷିତ ସାହୁ, ଶୀତଳ ଜୈନ, ମନୋଜ ରାଜ, ପାପୁନ ସିଙ୍ଗ ଠାକୁର, ବିଷ୍ଣୁ ଅଗ୍ରୱାଲ, ରେଶବ ସାହୁ, ମାନସ ମାଲି, ଉପେନ୍ଦ୍ର ସା, ଦିନେଶ ଚୌଧରୀ ଓ ରୋଷନ୍ ମିଶ୍ରା ଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ରହି ନିଜର ମତବ୍ୟକ୍ତ କରିବା ସହ ଶାନ୍ତି ଶୃଙ୍ଖଳା ସହ ହନୁମାନ ଜୟନ୍ତୀ ପାଳନକୁ ନେଇ ପ୍ରତିଶ୍ରୁତି ଦେଇଥିଲେ।



# ଏନ୍‌ଏସି ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ସମ୍ବଲପୁର, ୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ବୁର୍ଲାସ୍ଥିତ ଏନ୍‌ଏସି ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଶାଖା ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁବନ୍ଦିତା ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଭିମସାର ରକ୍ତଭଣ୍ଡାରର ମେଡିକାଲ ଅଫିସର ଡ଼ା ନିହାର ରଞ୍ଜନ ନାୟକ, ପଦ୍ମିନି ଶତପଥୀ, ମଧୁସ୍ମିତା ଦାସ, ଅଗ୍ନି ମହାନନ୍ଦ, ପାଇନୁ ଭୋଇ, ସଞ୍ଜୀବ କୁମାର ବେହେରା ଓ ସଞ୍ଜୟ ଜାଲ ଯୋଗ ଦେଇଥିଲେ। ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସମ୍ବଲପୁରର ୪ ପ୍ରତିଯୋଗୀ



**ସମ୍ବଲପୁର, ୧୧।୪ (ସମିସ) :** ଆସନ୍ତା ୧୨ ଓ ୧୩ ତାରିଖ ବିହାର ରାଜ୍ୟର ଗୟାଠାରେ ମିଷ୍ଟର ଓ ମିସ୍ ଇଣ୍ଡିଆ-୨୦୨୬ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।ସମ୍ବଲପୁରର ୪ ଜଣ ପ୍ରତିଯୋଗୀ ଭାଗନେବେ। ଶନିବାର ସମ୍ବଲପୁର ବଡି ବିଲଡର ଆଣ୍ଡ ଫିଟନେସ ଆସୋସିଏସନ ପକ୍ଷରୁ ତିନିଜଣ ପୁରୁଷ ପ୍ରତିଯୋଗୀ ଶଙ୍କର ମେହେର, ତରୁଣ ମହାକୁଡ଼ ଓ ଜୟନ୍ତ ବାଘ ଏବଂ ଜଣେ ମହିଳା ପ୍ରତିଯୋଗୀ ଉର୍ମିଳା ବେହେରା (ଲିଲି) ବିହାର ଯାତ୍ରା କରିଛନ୍ତି। ସେମାନଙ୍କ ସହ କୋଚ୍ ଭାବରେ କେବିବିଏର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ମଧ୍ୟ ଯାଇଛନ୍ତି।

## ଜୟନ୍ତୀରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାର୍ଘ୍ୟ ବାଢ଼ିଲେ ଗୁଣଗ୍ରାହୀ

# 'ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଥିଲେ ଅଦ୍ୱିତୀୟ ପ୍ରତିଭା'



### ପରମାଣପୁର ଉଚ୍ଚ ବିଦ୍ୟାଳୟ

ସମ୍ବଲପୁର, ୧୧।୪ (ସମିସ)

ପରମାଣପୁର ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଯୁବକ ସଂଘ ଆନୁକୂଲ୍ୟରେ ପରମାଣପୁର ମାଟିରେ ଜନ୍ମଗ୍ରହଣ କରିଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗବେଷକ ଡଃ ଶ୍ୟାମସୁନ୍ଦର ଧର, ମୁଖ୍ୟବକ୍ତା ଭାବେ ଡଃ ସତ୍ୟ ନାରାୟଣ ଠାକୁର ଏବଂ ସମ୍ମାନିତ ଅତିଥି ଭାବେ ଡଃ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ନିର୍ମାଏଲ୍ ସାହିତ୍ୟ ସଂସଦର ସଭାପତି ଭବାନୀଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ସମ୍ପର୍କୀୟ ଭାଇ ଜଗତେଶ୍ୱର ମିଶ୍ର ଏବଂ ପରିବାର ସଦସ୍ୟ ସୁଧାଂଶୁ ଶେଖର ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜଗତେଶ୍ୱର ମିଶ୍ର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ପରମାଣପୁରରେ ଜନ୍ମଗ୍ରହଣ କରିଥିବା ସ୍ପଷ୍ଟ କରିଥିଲେ। ଏହାସହ ସୁଧାଂଶୁ ଶେଖର ମିଶ୍ର ମଧ୍ୟ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ପରମାଣପୁର ସହ ଜଡ଼ିତ ସମ୍ପର୍କ ବିଷୟରେ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଡଃ ସତ୍ୟ ନାରାୟଣ ଠାକୁର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ୧୭ ବର୍ଷ ବୟସରେ ସ୍କୁଲ ବର୍ଜନ ଠାରୁ ବିଧାୟକ ଭାବରେ ସଂଘର୍ଷର କାହାଣୀ ବିସ୍ତୃତ ଭାବେ ଆଲୋଚନା କରିବା ସହ ତାଙ୍କ ଅପ୍ରକାଶିତ ୧୦ ଖଣ୍ଡ ପାଣ୍ଡୁଲିପିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ କରିବାକୁ ଦାବି କରିଥିଲେ। ମୁଖ୍ୟଅତିଥି ଡ. ଶ୍ୟାମ ସୁନ୍ଦର ଧର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଦେଶର ଅଦ୍ୱିତୀୟ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ନିରମାଏଲ ସାହିତ୍ୟ ସଂସଦ ପକ୍ଷରୁ ତ୍ରୈମାସିକ 'ନିରମାଏଲ' ସାହିତ୍ୟ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଯୁବକ ସଂଘର ସଭାପତି ସବୀର ରଞ୍ଜନ ନାଥ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସରୋଜ କୁମାର ନାଥ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ନିରୁପମା ନାଥଙ୍କ ସଂଯୋଜନା ରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ର ଛାତ୍ର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ଗୀତିକାର ବିଭୁତି ଭୂଷଣ ନାଥ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଗାୟକ ମୋତିଲାଲ ଦୋରା, ବିଭୂତି ଭୂଷଣ ପଟ୍ଟନାୟକ, ତେଜରାଜ ନାୟକ, ସନ୍ତୋଷ ମିଶ୍ର, ତ୍ରୀବିକ୍ରମ ମାହାଣା, ବେଣୁଧର ନାଥ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପରମାଣପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ତପନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତୃତୀୟ ଅଧିବେଶନରେ ସମ୍ବଲପୁରୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କବୟିତ୍ରୀ ସୁଷମା ପ୍ରଧାନ ସଂଯୋଜନା କରିଥିଲେ।

### ଓଡ଼ିଶା ସାଂସ୍କୃତିକ ସମାଜ




ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ଜୟନ୍ତୀ ପରମାଣପୁରସ୍ଥିତ ଡା. ଝସକେତନ ସାହୁ ମହାବିଦ୍ୟାଳୟଠାରେ ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଜ୍ଞା ପଣ୍ଡା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଡଃ ଗିରିଧାରୀ ହୋତା ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ଜନ୍ମରୁ ଶେଷ ଯାଏ ତାଙ୍କ ସଂଗ୍ରାମ ତଥା ବହୁ ଭାଷାର ସାହିତ୍ୟ ସୃଷ୍ଟି ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଇ. ସୁଶାନ୍ତ ଗୁରୁ ଛାତ୍ରଛାତ୍ରୀଙ୍କୁ ମହାମନିଷୀଙ୍କ ଜୀବନୀ ଅଧ୍ୟୟନ ସହ ନିଜ କର୍ତ୍ତବ୍ୟ ଉପରେ ସଚେତନ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଶୋଭନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଇତିହାସ ଅଧ୍ୟାପକ ଅଶ୍ୱିନୀ କୁମାର ବାରିକ ଅତିଥି ପରିଚୟ ତଥା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଆକାଶ ଡୁଙ୍ଗଡୁଙ୍ଗ ସହଯୋଗ କରିଥିଲେ। ସକାଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛକରେ ଥିବା ପ୍ରତିମୂର୍ତ୍ତିରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

### ସମ୍ବଲପୁର ବିଚାର ମଞ୍ଚ



ପଶ୍ଚିମ ଓଡ଼ିଶାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ନେତା ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ଜୟନ୍ତୀ ଅବସରରେ ସାମାଜିକ ଅନୁଷ୍ଠାନ ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଚାର ମଞ୍ଚର ଆବାହକ ବେଣୁଧର ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଚର୍ଚ୍ଚ ଛକସ୍ଥିତ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ମାତୃଭୂମି ପ୍ରତି ତାଙ୍କ ସମର୍ପଣ ଏବଂ ଅସୀମ ତ୍ୟାଗର ସ୍ମୃତିଚାରଣ କରାଯାଇଥିଲା। ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାରର କ୍ରୂର କବଳରୁ ଦେଶ ମାତୃକାର ମୁକ୍ତିପାଇଁ ନିଜର ସମସ୍ତ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଏହି ବିପ୍ଳବୀ ନେତା। ଦୀର୍ଘ ୧୬ ବର୍ଷ କାଳ କାରାବରଣ କରି ଯେଉଁ ଅସୀମ ତ୍ୟାଗର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଓଡ଼ିଶା ଇତିହାସରେ ଏହା ବିରଳ ବୋଲି ଆବାହକ ଶ୍ରୀ ଦାଶ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅମୂଲ୍ୟ ମିଶ୍ର ଓ ବିଚାର ମଞ୍ଚର ଯୁଗ୍ମ ଆବାହକ ଦୁର୍ଗା ମାଧବ ମିଶ୍ର, ଅନ୍ନପୂର୍ଣ୍ଣା ବାରିକ, ସୁବାସ ମିଶ୍ର, ଶକୁନ୍ତଳା ମହାପାତ୍ର, ଦିଲୀପ କୁଅଁର, ସୁବାସ ନନ୍ଦ, ଦେବାଶିଷ ପୁରୋହିତ, ସୌରଭ ରଞ୍ଜନ ମହାପାତ୍ର, ମହେଶ ସତ୍ୟ, ଅରୁଣ ଦାସ, ସଞ୍ଜୟ ବର୍ମା, ଦିବ୍ୟ ରଞ୍ଜନ ମିଶ୍ର, ପ୍ରହ୍ଲାଦ ଗୁରୁ, ମୁକେଶ ସିଂ, କିଶୋର ମୁଣ୍ଡା, ରବି ସେନାପତି, ଯୁଗଳ କିଶୋର ନନ୍ଦ, ପ୍ରମୁଖ ସାମିଲ ଥିଲେ।

# ଶକ୍ତିରୂପେଣ ସଂସ୍ଥିତା କାର୍ଯ୍ୟକ୍ରମ

**ନାଉଗାଁ,୧୧।୪(ସମିସ):** ନାଉଗାଁ ବ୍ଲକରେ ଥିବା ହରିହରାନନ୍ଦ ମାତୃଆଶ୍ରମ ପରିସରରେ ଜ୍ଞାନପ୍ରଭା ମିଶନ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାସ୍ତରୀୟ ଶକ୍ତିରୂପେଣ ସଂସ୍ଥିତା କାର୍ଯ୍ୟକ୍ରମ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରୁ ୬୦୦ରୁ ଊର୍ଦ୍ଧ୍ୱ ସ୍କୁଲ କଲେଜରେ ପାଠ ପଢୁଥିବା ଝିଅମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜ୍ଞାନପ୍ରଭା ମିଶନର ଉପାଧ୍ୟକ୍ଷା ସ୍ୱାମୀ ଜ୍ଞାନସ୍ୱରୂପାନନ୍ଦ ଗିରି, ସମ୍ପାଦିକା ସ୍ୱାମୀ ଶାରଦାନନ୍ଦ ଗିରି, ସନ୍ୟାସିନୀ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରି ଏବଂ ଅତିରିକ୍ତ ନିର୍ଦ୍ଦେଶକ ଅନୁସନ୍ଧାନ ଲୋକାୟତ କାର୍ଯ୍ୟାଳୟ ବିଜୟଲକ୍ଷ୍ମୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନ କାର୍ଯ୍ୟକ୍ରମରେ ଜିଲ୍ଲା ବିଚାର ବିଭାଗୀୟ ମୁଖ୍ୟା ନୀଳିମା ପଣ୍ଡା, ଅତିରିକ୍ତ ଶାସନ ସଚିବ ପଞ୍ଚାୟତିରାଜ ବିଭାଗର ଗୀତାଞ୍ଜଳି ନାୟକ ମିଶନ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମିଶ୍ର ଉପସ୍ଥିତ ରହି ଝିଅମାନଙ୍କୁ ସତ୍‌ଚରିତ୍ର ଗଠନ ପାଇଁ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସତ୍‌ଚରିତ୍ର ଗଠନ ପାଇଁ ଝିଅମାନଙ୍କୁ ସଙ୍କଳ୍ପ ପାଠ କରାଯାଇଥିଲା। ସନ୍ନ୍ୟାସିନୀ ସୁମେଧାନନ୍ଦ ଗିରି ସଭା ପରିଚାଳନା କରିଥିବା ବେଳେ ନାଉଗାଁ ହରିହରାନନ୍ଦ ମାତୃଆଶ୍ରମର ସମସ୍ତ ଗୁରୁଭାଇ ଏବଂ ମା ମାନେ କାର୍ଯ୍ୟକ୍ରମ ରେ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିଲେ।

# ପ୍ରଫୁଲ୍ଲ ପାଠାଗାର ପକ୍ଷରୁ ଓଡ଼ିଆ ପକ୍ଷ

**ଜଗତସିଂହପୁର,୧୧।୪(ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣା ସ୍ଥିତ ପ୍ରଫୁଲ୍ଲ ପାଠାଗାରଠାରେ ଆଜି ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ଦିବସର ବିଷୟବସ୍ତୁ ଅମୃତ ପିଢ଼ି ସାରସ୍ୱତ ସମାରୋହ କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ତଥା ଶିକ୍ଷାବିତ ରବୀନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ତଥା ଉତ୍କଳ ସମ୍ମିଳନୀର ଜିଲ୍ଲା ସଭାପତି ଶିବପ୍ରସାଦ ମାଝୀ, ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଯୋଗଦେଇ ଆମ ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ସରକାରଙ୍କର ଏଭଳି ପରିକଳ୍ପନା ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସତ୍ୟବାଦୀ ଦାସ, ବିଭୁତି ଭୂଷଣ ଲେଙ୍କା, ସତ୍ୟବାଦୀ ସାହୁ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିତ ଶିକ୍ଷକ ସଂଘ ବୈଠକ

**ତିର୍ତ୍ତୋଲ,୧୧।୪(ସମିସ):** ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ନିକଟରେ ବହୁ ଦିନରୁ ନିର୍ମାଣାଧୀନ ଶିକ୍ଷକ ଭବନର ନିର୍ମାଣ କାର୍ଯ୍ୟ ଶେଷ କରିବା ଉଦ୍ଦେଶ୍ୟରେ ବ୍ଲକ୍ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ନାୟକଙ୍କ ଆହ୍ୱାନରେ ମିଳିତ ଶିକ୍ଷକ ସଂଘର ଏକ ବୈଠକ ପ୍ରାକ୍ତନ ଶିକ୍ଷକ ଝୁଲରାମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣାଧୀନ ଏହି ଶିକ୍ଷକ ଭବନରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବନମାଳୀ ମହାରଣା, ପୂର୍ବତନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନିର୍ମଳ ଚନ୍ଦ୍ର ମହାନ୍ତି, ତିର୍ତ୍ତୋଲ ବ୍ଲକ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ସଂଘ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ସଭାପତି ବାବୁଲି ସ୍ୱାଇଁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହାଡ଼ିବନ୍ଧୁ ବେହେରା, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପ୍ରତିନିଧି ରଶ୍ମି ରଞ୍ଜନ ଉତ୍ତର ସିଂ ମହାପାତ୍ର , ପ୍ରାକ୍ତନ ପ୍ରଧାନ ଶିକ୍ଷକ ସମରେନ୍ଦ୍ର ସାହୁ, ବିଜୟ ସ୍ୱାଇଁ, ନିତ୍ୟାନନ୍ଦ ନାୟକ, ଶିବ ଚରଣ ଜେନା, ନିମାଇଁ ଖଟୁଆ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ପାଦକ ଶେଖ୍ ଅମନୁଲ୍ଲା, ଶିକ୍ଷୟିତ୍ରୀ ସ୍ୱପ୍ନାଦୀପା ପଟ୍ଟନାୟକ, ରାଜଶ୍ରୀ ମଲ୍ଲ, ଶିକ୍ଷକ ବିଶ୍ୱନାଥ ଗିରି, ଟୁଟୁ ଦାଶ, ରଜନୀକାନ୍ତ ବେହେରା, ଆହାବାବ ଅଲ୍ଲୀ, ମହେନ୍ଦ୍ର ଆଚାର୍ଯ୍ୟ, ପ୍ରଣବ ସାହୁ, ଶଶାଙ୍କ ଶେଖର ସ୍ୱାଇଁ, ପ୍ରମୋଦ ବେହେରା, ଦୀପକ ବିଶ୍ୱାଳ, ଶେଖ୍ ଇଫତେକାର ଅଲ୍ଲୀ, ସୁଶାନ୍ତ ବେହେରା, ପ୍ରତାପ ଦାସ, ପ୍ରଭାତ କର, ଶେଖ୍ ଆବାସ ଅଲ୍ଲୀ, ଜ୍ୟୋତି ରଞ୍ଜନ ମହାନ୍ତି, ଚିତ୍ତରଞ୍ଜନ ଦାସ, ରାଜେଶ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଆଲୋକ ମହାପାତ୍ର ବର୍ତ୍ତମାନ ସୁଦ୍ଧା ଏହି ଭବନ ପୁନରୁଦ୍ଧାର କାର୍ଯ୍ୟ ଖର୍ଚ୍ଚ ର ବିବରଣୀ ପ୍ରଦାନ କରିଥିଲେ। ଉପସ୍ଥିତ ବ୍ଲକ ଅନ୍ତର୍ଗତ ବିଭିନ୍ନ ବର୍ଗର ଶିକ୍ଷକ ମାନେ ଏହାର କାର୍ଯ୍ୟ ଶେଷ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଶିକ୍ଷକମାନଙ୍କ ସହଯୋଗ ନିମନ୍ତେ ଯୋଜନା ପ୍ରସ୍ତୁତି କରାଯାଇଥିଲା। ଶିକ୍ଷକ ତାପସ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ପିସିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ଶ୍ରୀରାମ ସ୍ପୋର୍ଟିଂ ଓ ଡିକେଟି ଷ୍ଟାର୍ସ

**ପାରାଦୀପ,୧୧।୪(ସମିସ)**

ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣର ଦ୍ୱିତୀୟ କ୍ୱାଲିଫାଇ ମ୍ୟାଚ୍ ଏନ୍‌ଏସି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ସ୍ପୋର୍ଟିଂ ଓ ପାରାଦୀପ ସୁପର୍ କିଙ୍ଗସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମ ବ୍ୟାଟିଂ କରି ପାରାଦୀପ ସୁପର କିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରେଇ ମୋଟ୍ ୧୩୯ ରନ୍ ସଂଗ୍ରହ କରି ପାରିଥିଲା। ଦ୍ୱିତୀୟ ଇନିଂସ୍‌ରେ ଶ୍ରୀରାମ ସ୍ପୋର୍ଟିଂ ମାତ୍ର ୧୭ ଓଭର ୫ଟି ବଲରେ ଓଭରରେ ୫ ୱିକେଟ୍ ହରାଇ ୧୪୦ ରନ୍ କରି ଅତି ସହଜରେ ମ୍ୟାଚ୍‌ଟିକୁ ଜିତିଯାଇ ସିଧାସଳଖ ଭାବେ ଫାଇନାଲରେ




ପ୍ରବେଶ କରିଛି। ପାରାଦୀପ ସୁପର୍ କିଙ୍ଗସ୍‌ର ସ୍ମୃତି ରଞ୍ଜନ ଖଟୁଆ ୩ ଓଭର ୫ଟି ବଲରେ ୨୪ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରିଥିଲେ। ବିକାଶ ପରିଡ଼ା ୪୯ ବଲରେ ୫୦ ରନ୍ କରିଥିଲେ ଓ ଶ୍ରୀରାମ ସ୍ପୋର୍ଟିଂର ପ୍ରମୁଖ ବ୍ୟାଟ୍ସମ୍ୟାନ୍ ଅମିତ୍ ସାହୁ ୩୬ ବଲରେ ୬୩ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ମଧ୍ୟ ତାଙ୍କ ଟ୍ରଫିକୁ ବିକାଶ ପରିଡ଼ାକୁ ଦେଇଥିଲେ। ଆଜି ଅତିଥିଭାବେ ବିଶିଷ୍ଟ ବ୍ୟବସାୟୀ ପ୍ରଭାକର ସାହୁ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ ନିହାର ରଞ୍ଜନ ବଳିଆରସିଂ ଓ ଦେବେନ୍ଦ୍ର ନାୟକ। ଆସନ୍ତାକାଲି ଶ୍ରୀରାମ ସ୍ପୋର୍ଟିଂ ଓ ଡିକେଟି ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

# ବୃଦ୍ଧଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ଲୁଟ୍

**ନାଉଗାଁ,୧୧।୪(ସମିସ):** ନାଉଗାଁ ଥାନ ଅଞ୍ଚଳର ଅରଖକୁଦ ଗ୍ରାମରେ ବିଳମ୍ବିତ ରାତ୍ର ସମୟରେ ଭୋଳାନାଥ ସ୍ୱାଇଁ ନାମକ ଜଣେ ବୃଦ୍ଧକୁ ଅଜଣା ଦୁର୍ବୃତ୍ତ ମାନେ ଆକ୍ରମଣ କରି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ମୂଲ୍ୟବାନ ଗହଣାଗାଣ୍ଠି ଲୁଟ କରି ଚମ୍ପଟ ମାରିଥିଲେ। ସୂଚନା ମୁତାବକ ଗତକାଲି ଅରଖକୁଦ ଗ୍ରାମର ବିଳମ୍ବିତ ରାତ୍ର ସମୟରେ ଭୋଳାନାଥ ସ୍ୱାଇଁ ଘରେ ଏକଟିଆ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ବୃଦ୍ଧ ଭୋଳାନାଥଙ୍କୁ ମରଣାତ୍ମକ ଆକ୍ରମଣ କରି ଟଙ୍କା ସହିତ ଗହଣାଲୁଟ କରିଥିଲେ। ସୂଚନା ପାଇ ପରିବାର ଲୋକେ ସଙ୍ଗେସଙ୍ଗେ ବୃଦ୍ଧଙ୍କୁ ଉଦ୍ଧାର କରି ଚିକିତ୍ସା କରାଇବା ନିମନ୍ତେ କଟକ ବଡ଼ ମେଡିକାଲ ପଠାଇବ ସହିତ ନାଉଗାଁ ପୁଲିସକୁ ସୂଚନା ଦେଇଥିଲେ। ଝିଅ ନିହାରିକା ସ୍ୱାଇଁଙ୍କ ଅଭିଯୋଗ କ୍ରମେ ନାଉଗାଁ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସାହାଯ୍ୟରେ ପୁଙ୍ଖାନପୁଙ୍ଖ ଭାବେ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଘଟଣାକୁ ଅଧାର କରି ୧୦୨/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ନାଉଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଦେବାଶିଷ ପଣ୍ଡା ପ୍ରକାଶ କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ ଶିବିର



**କୁଜଙ୍ଗ,୧୧।୪(ସମିସ):** କୁଜଙ୍ଗ ଠାରେ ଆୟୋଜିତ 'ଦିବ୍ୟାଙ୍ଗଜନଙ୍କ ନିମନ୍ତେ ସହାୟକ ଉପକରଣ ବିତରଣ ସମାରୋହ ଶିବିର'ରେ ଯୋଗଦେଇ ତିନିଚକିଆ ଯାନ ବଣ୍ଟନ କରିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ, ପାରାଦୀପ ରିଫାଇନାରୀର ସିଏସ୍‌ଆର ଫଣ୍ଡ ସହାୟତାରେ ଦିବ୍ୟାଙ୍ଗ ମାନଙ୍କୁ ବ୍ୟାଟେରୀ ଚାଳିତ ଇ-ରିକ୍ସା ବଣ୍ଟନ କରାଯାଇଛି। ମନ୍ତ୍ରୀଙ୍କ ସହ ଆଇଓସିଏଲ ଇଡି କୌଶିକ ବସୁ, ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଆଇଓଡିଲ୍ ସିଏସଆର ଅଧିକାରୀ ବିଦ୍ୟୁତ ପ୍ରକାଶ ସୁବୁଦ୍ଧିଙ୍କ ସହ ଶିଳ୍ପ ସଂସ୍ଥାର ଅଧିକାରୀ ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟାଟେରୀ ଚାଳିତ ୮୫ ତିନିଚକିଆ ସାଇକଲ, ହାତ ଚଳିତ ୩, ବ୍ୟାଟେରୀ ଚାଳିତ ହୁଇଲ ଚେୟର ୧୦, ହାତ ଚଳିତ ୨୬, ଶ୍ରବଣ ଯନ୍ତ୍ର ୩୦, ୨୦ ଜଣଙ୍କୁ ଦୃଷ୍ଟି ବାଧିତ ସ୍ମାର୍ଟ ବାଡି ପ୍ରଦାନ କରାଯାଇଛି। କୁଜଙ୍ଗ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତିଙ୍କ ସହ ବହୁ ଅଧିକାରୀ ଓ ଜନ ପ୍ରତିନିଧି ଯୋଗ ଦେଇଥିଲେ।

# 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ



**ଜଗତସିଂହପୁର,୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଜଗତସିଂହପୁର ପଞ୍ଚାୟତ ସମିତି ସଭାଗୃହରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୮୦ ଜଣ କଳାକାରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା କରାଯିବା ସହ ଲୋକକଳା ପ୍ରତି କଳାକାର ମାନଙ୍କ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ବ୍ଲକ କଳା ଓ ସଂସ୍କୃତି ସଂଘର ସଭାପତି ଆଶୁତୋଷ ମିଶ୍ର ସଭାପତିତ୍ୱ କରିବା ସହ ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ତଥା ପାଲାକାର ବନମାଳୀ ପତି, ମୁଖ୍ୟବକ୍ତା ଅଭିରାମ ଶତପଥୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା, ସମାଜ ମଙ୍ଗଳ ଅଧିକାରୀ ରାମେଶ୍ୱର ନାୟକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ନିହାରିକା ସାହୁ, କୁମୁଦ କୁମାର ଜେନା, ରବି ନାରାୟଣ ପତି ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ଅଧିକାରିଣୀ ରୂପରେଖା ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସହକାରୀ କର୍ମଚାରୀ ମୋନାଲି ସାମନ୍ତରାୟ ଏବଂ ମମତା ମଲ୍ଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଅନୈତିକ କାର୍ଯ୍ୟକଳାପ ଅଭିଯୋଗ**

# ଜଣେ ପୁରୁଷ ଓ ଜଣେ ମହିଳା ଉଦ୍ଧାର

**ପାରାଦୀପ, ୧୧।୪ (ସମିସ):** ପାରାଦୀପ ଲକ ଥାନା ଅଧୀନ ଚକ୍ରଧରପୁର ଗ୍ରାମରେ ଏକ ଆଜବେଷ୍ଟସ ଘରେ ଅନୈତିକ କାର୍ଯ୍ୟ ଚାଲିଥିବା ନେଇ ଅଭିଯୋଗ ହେବା ପରେ ପୁଲିସ ଗତକାଲି ରାତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଅନୈତିକ କାର୍ଯ୍ୟ କରାଉଥିବା ଅଭିଯୁକ୍ତ ପାରାଦୀପ ଗଡର ପ୍ରଦୀପ କୁମାର ତରେଇ (୫୭) ଓରଫ ପଦିଆ ଓ ଜଣେ ମହିଳାଙ୍କୁ ପୁଲିସ ଗିରଫ କରିଥିଲା। ଅଭିଯୁକ୍ତ ପଦିଆ ବହୁ ପୂର୍ବରୁ ସେହିଘରେ ଏଭଳି କାର୍ଯ୍ୟ କରି ଆସୁଥିଲା। ପରେ କିଛି ଦିନ ହେବ ବନ୍ଦ କରିଦେଇଥିବା ବେଳେ ପୁଣି କିଛି ଦିନ ହେବ ଏଭଳି କାର୍ଯ୍ୟ କରୁଥିବା ପୁଲିସ ନିକଟରେ ମାନି ଯାଇଥିଲା। ବାହାରୁ ମହିଳାମାନଙ୍କୁ ଆଣି ଏହି ଘରେ ରଖିବା ସହିତ ସେମାନଙ୍କୁ ଏଭଳି ଅନୈତିକ କାର୍ଯ୍ୟରେ ଲଗାଉଥିଲା। ତେବେ ସବୁଦିନେ ସେ ଗରାଖ ଆଣି ସେମାନଙ୍କୁ ଏଭଳି କାର୍ଯ୍ୟ ରେ ଲଗାଇବା ସହିତ ଟଙ୍କା ରୋଜଗାର କରୁଥିଲା। ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ୧୧୬ଏକ ମାମଲା ରୁଜୁ ହୋଇଛି। ଜଣେ ପୀଡିତାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ଏକ ହିରୋ ମୋଟରସାଇକଲ ସହିତ କିଛି ଅପରାଧିକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି।

# ୱାଗନ ଧକ୍କାରେ ସୁରକ୍ଷା କର୍ମୀ ମୃତ

**ପାରାଦୀପ,୧୧।୪(ସମିସ):** ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା କଳିଙ୍ଗ ଇଣ୍ଟରନେସନାଲ କୋଲ୍ ଟର୍ମିନାଲ ସାଇଟରେ କାର୍ଯ୍ୟ କରୁଥିବା ବେଳେ ୱାଗନ ଧକ୍କାରେ ଏକ ସିକ୍ୟୁରିଟି ସଂସ୍ଥାର ସୁରକ୍ଷା କର୍ମୀଙ୍କର ମୃତ୍ୟୁ ଘଟିଛି। ରାତି ପ୍ରାୟ ୧୦ଟା ସମୟରେ ୱାଗନ ଟିପିଲିଙ୍ଗ ସାଇଟ୍‌ରେ ଏହି ଦୁର୍ଘଟଣା ଘଟିଛି। ୱାଗନ ଗଡ଼ବା ସମୟରେ ସୁରକ୍ଷା କର୍ମୀ ଜଣଙ୍କ କ୍ୟାଣ୍ଟିନକୁ ଯାଉଥିବା ସମୟରେ ତାଙ୍କ ସହ ଧକ୍କା ହୋଇଥିଲା। ମୃତକ ହେଲେ ଗଞ୍ଜାମ ଜିଲ୍ଲାର ନୟନ କିଶୋର ବଡ଼ତିଆ (୪୨)। ଆଜି ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସେ ସ୍ଥାନୀୟ ଷଣ୍ଢକୁଦ ଅଞ୍ଚଳରେ ରହୁଥିଲେ। ତାଙ୍କର ଦୁଇଟି ପୁଅ ରହିଛନ୍ତି। ତେବେ ମୃତକଙ୍କ ପରିବାରକୁ ବନ୍ଦର ପକ୍ଷରୁ ଯାହା କ୍ଷତିପୂରଣ ଦିଆଯିବାର ବ୍ୟବସ୍ଥା ରହିଛି ତାହା ଦିଆଯିବ ଓ କମ୍ପାନୀ ପକ୍ଷରୁ ମଧ୍ୟ ସହଯୋଗ ଦିଆଯିବା ନେଇ ପ୍ରତିଶ୍ରୁତି ଦିଆଯାଇଛି।

# ସାମାଜିକ କର୍ମୀ ଅଭୟ ମଲ୍ଲିକଙ୍କ ପରଲୋକ

**ଜଗତସିଂହପୁର,୧୧।୪(ସମିସ):** ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ମହଲ୍ଲାସାହି ପଞ୍ଚାୟତର ସମିତି ସଭ୍ୟା ରାଜଶ୍ରୀ ମଲ୍ଲିକଙ୍କ ଶ୍ୱଶୁର ତଥା ବରିଷ୍ଠ ସାମାଜିକ କର୍ମୀ ଅଭୟ କୁମାର ମଲ୍ଲିକଙ୍କର ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ



ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ହେବ ହୃଦ୍‌ଘାତର ଶିକାର ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀର ତାଳଦଣ୍ଡା ବଜାରରୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପାଦନ କରାଯାଇଥିଲା। ଏକମାତ୍ର ପୁଅ ଅବିନାଶ ମଲ୍ଲିକ (ରାଜା) ମୁଖାଗ୍ନୀ ଦେଇଥିଲେ। ତାଙ୍କ ପରଲୋକରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଧ୍ରୁବ ଚରଣ ପଣ୍ଡା ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ୧୫ ଏପ୍ରିଲରୁ ୨ ମାସ ସମୁଦ୍ରରେ ମାଛଧରିବା ମନା

**ପାରାଦୀପ, ୧୧।୪ (ସମିସ):** ଆଜି ଓଡିଶା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏପ୍ରିଲ୧୫ ତାରିଖରୁ ଜୁନ୧୪ ତାରିଖପର୍ଯ୍ୟନ୍ତ ୨ ମାସ ମାଛଧରିବା ଉପରେ କଟକଣା ଜାରି କରିଛି। ଏନେଇ ଆଜି ଷଣ୍ଢକୁଦ ଅଞ୍ଚଳରେ ଥିବା ବୋର୍ଟ ମାଲିକ, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀ ଭାଇ ମାନଙ୍କ ଅବଗତି ନିମନ୍ତେ ଡାକବାଜି ଯନ୍ତ୍ର ଦ୍ୱାରା ଜଣାଇଦିଆଯାଇଛି ଯେ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୬୧ ଦିନ ପାଇଁ ଓଡିଶା ଉପକୂଳରେ ଏହି କଟକଣା ଲାଗୁ କରାଯାଇଛି। ଟ୍ରଲର ଓ ସମସ୍ତ ପ୍ରକାର ଡଙ୍ଗା ୮.୫ ମିଟର ଦୈର୍ଘ୍ୟ ପର୍ଯ୍ୟନ୍ତ ଓ ଦେଶୀ ଯନ୍ତ୍ର ଚଳିତ ଡଙ୍ଗା ବ୍ୟତୀତ ମାଛ ଧାରାକୁ ନିଷିଦ୍ଧ ଘୋଷଣା କରାଯାଇଛି। ଏହି ସମୟଟି ପ୍ରାକୃତିକ ମତ୍ସ୍ୟ ସମ୍ପଦର ସଂରକ୍ଷଣ ଓ ଫଳପ୍ରଦ ଓ ସୁ-ପରିଚାଳନା ପାଇଁ ଉଦ୍ଦିଷ୍ଟ। ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ହିଁ ନଦୀ ଓ ସମୁଦ୍ର ରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯାଇ ମତ୍ସ୍ୟଜୀବୀ ମାନଙ୍କର କଲ୍ୟାଣ ସାଧିତ ହୋଇଥାଏ। ଏଣୁ ଏହି କଟକଣାକୁ ସମସ୍ତ ମତ୍ସ୍ୟଜୀବୀ, ଡଙ୍ଗା ମାଲିକ ଓ ବୋର୍ଟ ମାଲିକ ଭାଇ ମାନେ କଡାକଡି ଭାବେ ମାନିବାକୁ ନିବେଦନ କରାଯାଇଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ ବ୍ୟକ୍ତି ବିଶେଷ ଓଡିଶା ସାମୁଦ୍ରିକ ଆଇନି ଅନୁସାରେ ଦଣ୍ଡନୀୟ ହେବେ। ସେମାନଙ୍କ ଲାଇସେନ୍ସ ରଦ୍ଦ ହେବା ସହିତ ଡଙ୍ଗାକୁ ସିଜ କରାଯିବ ବୋଲି ଘୋଷଣା କରାଯାଇଛି।

# ଟାଇମ୍ସ ଗୁରୁକୁଳରେ ପ୍ରବେଶ ଉତ୍ସବ



**ଜଗତସିଂହପୁର,୧୧।୪(ସମିସ):** ସ୍ଥାନୀୟ ତରଡାପଡା ସ୍ଥିତ ଟାଇମ୍ସ ଗୁରୁକୁଳରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଭାବେ ବିଦ୍ୟାଳୟକୁ ପ୍ରବେଶ କରିଥିବା କୁନି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଚନ୍ଦ୍ରଜିତ୍ ପରିଜା ଉପସ୍ଥିତ ବିଦ୍ୟାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ସୁପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରହ୍ଲାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟାଇମ୍ସ ଗୁରୁକୁଳର ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ପୂଜାରାଣୀ ବାରିକ, ଜ୍ୟୋତିର୍ମୟୀ ମହାନ୍ତି, ପ୍ରିୟା ସାହୁ, ସସ୍ମିତା ମିଶ୍ର, ଚିନ୍ମୟୀ ରାୟ ଓ ସୌମ୍ୟା ଶୁଭଦର୍ଶିନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ଆମ ସଂସ୍କୃତିରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁର ସ୍ଥାନ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଓ ଏହା ସରକାରଙ୍କର ଏକ ନିଆରା କାର୍ଯ୍ୟକ୍ରମ ବୋଲି କହିଥିଲେ। ଶେଷରେ ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଅର୍ପଣ କରିଥିଲେ।

# କଥାକାର ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତିସଭା

**ପାରାଦୀପ,୧୧।୪(ସମିସ):** ପାରାଦୀପ ମୈନାକ ସାହିତ୍ୟ ସଂସଦ ପକ୍ଷରୁ କଥାକାର ସଦାନନ୍ଦ ତ୍ରିପାଠୀଙ୍କ ପାଇଁ ପାରାଦୀପ ସ୍ୱାକ୍ଷରତା ସମିତି ସଭା ଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଡ. ସନ୍ତୋଷ ସାମଲ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାନମାସ ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର, ସାରସ୍ୱତ ପରିକ୍ରମା ସଭାନେତ୍ରୀ ଗୋଲାପ ରାଣୀ ସାହୁ, ପାରାଦୀପ ସାକ୍ଷରତା ସମିତି ସଂଯୋଜକ ଅଶୋକ ମହାପାତ୍ର, ଶ୍ରମିକ ନେତା ଅନନ୍ତ କୁମାର ଦାସ, ମୋନାଲିସା ସମ୍ପାଦିକା ସଂଘମିତ୍ରା ସ୍ୱାଇଁ, କବି ତୁନିଲତା ବିଶ୍ୱାଳ, ଆରତୀ ଦାଶ, ନଳିନୀପ୍ରଭା ସାହୁ ଧରିତ୍ରୀ ସାମଲ, ତୁଳସୀ ବରାଳ, କଳ୍ପନା ବେହେରା ସମେତ ଅନେକ ସାହିତ୍ୟିକ ଯୋଗ ଦେଇଥିଲେ। ଓଡ଼ିଆ ଗଳ୍ପ ସାହିତ୍ୟକୁ ତାଙ୍କର ପାରାଦୀପରେ ଅବସ୍ଥାନ ସମୟରେ ସାରସ୍ୱତ ସାଧନା ଓ ଅବଦାନ ଉପରେ ଆଲୋଚନା କରିଥିଲେ। ଶେଷରେ ମୈନାକ ସାହିତ୍ୟ ସଂସଦର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ହେମନ୍ତ ବିଶ୍ୱାଶର୍ମାଙ୍କ କୁଶ ପୁତ୍ତଳିକା ଦାହ



**ଜଗତସିଂହପୁର,୧୧।୪(ସମିସ):** ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଟାଉନ ହଲ ଠାରେ ଆସାମର କାମଚଳା ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ବିରୋଧରେ ଦେଇଥିବା ଅଶୋଭନୀୟ ମନ୍ତବ୍ୟକୁ ବିରୋଧ କରି ହେମନ୍ତଙ୍କ କୁଶ ପୁତ୍ତଳିକା ଦାହ କରାଯିବା ସହିତ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟିର ଉପ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୂତାର, କୋଷାଧ୍ୟକ୍ଷ ବିଶ୍ୱଜିତ ପୋଥାଳ, ସମ୍ପାଦକ ଦିଲ୍ଲିପ ମାହାର, ଜିତୁ ନାରାୟଣ ସାହୁ, ବୃନ୍ଦାବନ ପ୍ରଧାନ, ମୁଖପାତ୍ର ଅଭିଜିତ ସାହୁ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, ମହନି ଚରଣ ରାଉତ, ପୁଷ୍ପାଞ୍ଜଳି ମହାପାତ୍ର, ହିମାଂଶୁ ପାଇଟଳ, ଶିବପ୍ରସାଦ ଦାସ, ରାଜେନ୍ଦ୍ର ସ୍ୱାଇଁ, ଉମେଶ ସ୍ୱାଇଁ, ବଗୁଲା ରାୟ, ତପନ କୁମାର ବିଶ୍ୱାଳ, ରଘୁନାଥ ସ୍ୱାଇଁ, ସୁକାନ୍ତ ତ୍ରିପାଠୀ, ଡ. ଜଗଦାନନ୍ଦ, ଦେବପ୍ରସାଦ ମହାପାତ୍ର, ରାଜକିଶୋର ସାହୁ, ପ୍ରଦୀପ୍ତ ଶତପଥୀ, ଶୁଭାଶିଷ ସ୍ୱାଇଁ, ଶ୍ରୀକାନ୍ତ ଦାସ, ସେକ୍ ହିଦାୟତ୍ ଅଲ୍ଲୀ, ଦେବପ୍ରସାଦ ତ୍ରିପାଠୀ, କାର୍ତ୍ତିକ ଓଝା, ପ୍ୟାରେଶ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଦିନଦୟାଲ ଉପାଧ୍ୟାୟ ମଣ୍ଡଳ ପ୍ରଶିକ୍ଷଣ ଶିବିର

**ଜଗତସିଂହପୁର,୧୧।୪(ସମିସ):** ଜଗତସିଂହପୁର ବିଜେପି ନଗର ମଣ୍ଡଳର ଦୀନ ଦୟାଲ ଉପାଧ୍ୟାୟ ମଣ୍ଡଳ ପ୍ରଶିକ୍ଷଣ ଶିବିର ପୌରାଞ୍ଚଳ ଅନ୍ତର୍ଗତ ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ତଥା ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଏଥିରେ ଯୋଗଦେଇ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ। ସେହିପରି ସାଂସଦ ଡ. ବିଭୁ ପ୍ରସାଦ ତରାଇ, ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ଜିଲ୍ଲା ପ୍ରାକ୍ତନ ସଭାପତି ସତ୍ୟବ୍ରତ ମହାପାତ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ନାଥ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ଉପସଭାପତି ବିନୋଦ ବିହାରୀ ମହାନ୍ତି, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ନଗର ସାଂସଦ ପ୍ରତିନିଧି ସମୀର ନାୟକ ଓ ସୋସିଆଲ ମିଡିଆ ଜିଲ୍ଲା ସଂଯୋଜକ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟଙ୍କ ସହ ପ୍ରଶିକ୍ଷକ ଭାବେ ତରୁଣ ଦାସ, ରୂପକ ଖୁଣ୍ଟିଆ, ସୁବାଷ ଜେନା, ଜଟାଧାରୀ ସ୍ୱାଇଁ, ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ। ପ୍ରଶିକ୍ଷଣ ଶିବିର ଅବସରରେ ରାତ୍ରି ଯାପନ ସହ, ପ୍ରାତଃ କାଳେ ଯୋଗ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ପ୍ରଭୃତି ଅନୁଷ୍ଠିତ ହୋଇଥିଲା।

# ନାନୋ ସାର ସଚେତନତା ଅଭିଯାନର ଶୁଭାରମ୍ଭ




**ପାରାଦୀପ, ୧୧।୪ (ସମିସ)**

ଭାରତର ସର୍ବବୃହତ୍ ସାର ସହକାରୀ ସଂସ୍ଥା (ଇଫକୋ) ପକ୍ଷରୁ ନାନୋ ସାର ସଚେତନତା ମେଗା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଦିଲ୍ଲୀଠାରେ ଆୟୋଜିତ ସମାରୋହରେ ଇଫକୋ ଅଧ୍ୟକ୍ଷ ଦିଲ୍ଲୀପ ସଂଘାଣୀ ଭାରତୀୟ କୃଷକମାନଙ୍କ ମଧ୍ୟରେ ନାନୋ ସାର ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସୂଚନା ଦେଇଛନ୍ତି। ଏହି ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହ ଓ ସହକାର ମନ୍ତ୍ରୀ ଅମିତ ଶାହଙ୍କ ପ୍ରେରଣାରେ ଆତ୍ମନିର୍ଭର ଭାରତ ଓ ସହକାର ସେ ସମୃଦ୍ଧି ଭଳି ଜାତୀୟ ଅଭିଯାନ ସହ ସମନ୍ୱୟରେ ଆରମ୍ଭ ହୋଇଛି। ନାନୋ ଏନପିକେ (୮-୮-୧୦) ଓ ନାନୋ ଏନପିକେ ଗ୍ରାନ୍ୟୁଲାର(୨୦-୧୦-୧୦)କୁ ସାର ନିୟନ୍ତ୍ରଣ ଆଦେଶ(ଏଫସିଓ) ଭିତରେ ସମ୍ମିଳିତ କରାଯିବାକୁ ଭାରତର କୃଷି ନବୀନତା ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍ ଭାବେ ପ୍ରତିପାଦିତ ହେବ ବୋଲି ଶ୍ରୀ ସଂଘାଣୀ କହିଛନ୍ତି। ଭାରତ କୋଏମ୍ବାତୁରଠାରେ ଥିବା ଇଫକୋ-ନାନୋ।ଣେନ୍ସ ନବୀନତା କେନ୍ଦ୍ର ଓ ବ୍ରାଜିଲ୍‌ରେ ଆସନ୍ତା ଜୁନ୍ ୨୦୨୬ ମଧ୍ୟରେ ଚାଲୁ ହେବାକୁ ଥିବା ନାନୋ ସାର କାରଖାନା ଭାରତର କୃଷି ନାନୋ ପ୍ରଯୁକ୍ତିର ବିଶ୍ୱସ୍ତରୀୟ ଶକ୍ତିକୁ ପ୍ରକାଶ କରୁଛି। ନାନୋ ସାର ବିପ୍ଳବକୁ ଭାରତୀୟ କୃଷି ପାଇଁ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଇଫକୋ ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବନ୍ଧ ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ସମେତ ବୋର୍ଡର ସଦସ୍ୟ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବ୍ଲକ୍ କାର୍ଯ୍ୟାଳୟରୁ କଢ଼ାଗଲା ଜାତୀୟ ପତାକା

ସକାଳ ପ୍ରଭାବ

**ମହାକାଳପଡ଼ା,୧୧।୪(ସମିସ):** ଖୋଦ୍ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଚିରା ଜାତୀୟ ପତାକା ଉଡୁଥିବା ଦେଖିବାକୁ ମିଳିଥିଲା। ସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ପତାକାକୁ କାଢି ଦିଆଯାଇଛି। ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ଥିବା ପ୍ରତୀକ୍ଷା ଭବନ ଉପରେ ଏକ ଚିରା ଜାତୀୟ ପତାକା ଉଡୁଥିଲା। ପତାକାର ନିମ୍ନଭାଗର କିଛି ଅଂଶ ଛିଡି ଓହଳିଥିବାବେଳେ କିଛି ଅଂଶରେ ସିଲାଇ ଖୋଲିଯାଇଥିବା ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ ଆବଶ୍ୟକ ଅନୁଯାୟୀ ଉଚ୍ଚତାରେ ରଖା ନ ଯିବା ଫଳରେ ପତାକାର ନିମ୍ନ ଭାଗ ଛାତ ଓ କାନ୍ଥରେ ଘଷି ହେଉଥିଲା। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ପୂର୍ବତନ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଉଦ୍ୟମରେ ଏହି ଜାତୀୟ ପତାକାକୁ ସ୍ଥାନିତ କରାଯାଇଥିଲା। ଜାତୀୟ ପତାକା ପ୍ରତି ଏଭଳି ଚରମ ଅବହେଳାକୁ ସାଧାରଣରେ ନିନ୍ଦା କରାଯିବା ସହ ତତ୍କାଳ ପତାକାକୁ ପରିବର୍ତ୍ତନ କରିବା ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିଲା। ଏ ନେଇ ମାର୍ଚ୍ଚ ୨୬ ତାରିଖରେ 'ସକାଳ'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ଚିରା ଜାତୀୟ ପତାକାକୁ ହଟାଇ ଦିଆଯାଇଥିବା ଦେଖିବାକୁ ମିଳିଛି।

## ଜିଲ୍ଲା ପରିଷଦ ସଭାପତିଙ୍କୁ ଧମକ ଓ ଜାତିଆଣ ଆକ୍ଷେପ

# ଅଭିଯୁକ୍ତ ଗିରଫ, ଜାମିନ ନାମଞ୍ଜୁର

କେନ୍ଦ୍ରାପଡ଼ା,୧୧।୪(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ଘଟଣାରେ କେନ୍ଦ୍ରାପଡା ଟାଉନ ଥାନା ପୁଲିସ ବଣିଆମାଳ ଗ୍ରାମର ନିଳାଦ୍ରୀ ଭୂଷଣ ତ୍ରିପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବାରିମୂଳସ୍ଥ ଉପକାରାଗାରକୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ମୁତାବକ, ଏକ ଖବରକାଗଜରେ ସଭାପତିଙ୍କ ଫଟୋ ସହିତ ସମ୍ମାନହାନୀ ସୂଚକ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ସଭାପତି ସମ୍ପୃକ୍ତ ସମ୍ପାଦକଙ୍କୁ ପଚାରିବାବେଳେ ଅଭିଯୁକ୍ତ ତାଙ୍କୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ସୁଶ୍ରୀ ଦାସ ଗତ ମାର୍ଚ୍ଚ ୧୩ ତାରିଖରେ କେନ୍ଦ୍ରାପଡା ଟାଉନ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଆଧାରରେ ଟାଉନ ଥାନା ପୁଲିସ ଥାନା କେସ ନମ୍ବର ୬୦/୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬, ୩୫୬, ୩୫୧(୨) ସହିତ ଏସସି/ଏସଟି ଆଇନର ଧାରା ୩(ଆଇ)(ଆର), ୨(ଭିଏ) ଅନୁସାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ଚାଲାଣ କରିଥିଲା। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିବା ପରେ ତାଙ୍କୁ କେନ୍ଦ୍ରାପଡା ଉପକାରାଗାରକୁ ପଠାଇ ଦିଆଯାଇଛି। ନିଳାଦ୍ରୀ ଭୂଷଣ ତ୍ରିପାଠୀଙ୍କ ବିରୋଧରେ ପୂର୍ବରୁ ମଧ ବିଭିନ୍ନ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ରାଜନୈତିକ କର୍ମୀଙ୍କ ନାମରେ ମିଥ୍ୟା ଓ ସମ୍ମାନହାନୀ ସୂଚକ ଖବର ପ୍ରକାଶ କରି ବ୍ଲାକମେଲିଂ କରିବା ଅଭିଯୋଗ ଥିବା ସୂଚନା ମିଳିଛି। ଜିଲ୍ଲାର ବିଭିନ୍ନ ଥାନାରେ ମଧ ତାଙ୍କ ବିରୋଧରେ ପୂର୍ବରୁ ଅଭିଯୋଗ ହୋଇଥିବା କୁହାଯାଉଛି। ଏହି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଜଣେ ମହିଳା ଜନପ୍ରତିନିଧିଙ୍କୁ ଏଭଳି ବ୍ୟବହାର ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଶିକ୍ଷା ବିଭାଗର ଅବହେଳା

## ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ

**ପଞ୍ଚୁପାଣ୍ଡବ,୧୧।୪(ସମିସ):** ଡେରାବିଶ ବ୍ଲକ ଶିକ୍ଷା ବିଭାଗ ଅବହେଳା ଯୋଗୁଁ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସରକାର ସରକାରୀ ବିଦ୍ୟାଳୟର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାମାନେ ଭଲ ପାଠ ପଢି ସର୍ବାଧିକ ନମ୍ବର ରଖିଲେ ଭଲ ବିଦ୍ୟାଳୟରେ ପଢି ଭଲ ମଣିଷ ହେବ। ତେବେ କେତେକ ପିଲା କମ୍ ନମ୍ବର ରଖି କିଛି ପ୍ରଶାସନ ଅଧିକାରୀ ଓ ବିଧାୟକଙ୍କ କୋଟାରେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖୁଥିବା ଜଣାପଡ଼ିଛି। କିନ୍ତୁ ସର୍ବାଧିକ ନମ୍ବର ରଖି ଛାତ୍ରଛାତ୍ରୀ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଓ ମଣ୍ଡଳ ଶିକ୍ଷାଧିକାରୀ କେଉଁ ବିଦ୍ୟାଳୟ କେମିତି ଚାଲିଛି, କୌଣସି ତଦାରଖ ନ କରି ଖାତା କଲମରେ ବିଦ୍ୟାଳୟକୁ ଚଳାଉଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗର ଅବହେଳା ଯୋଗୁଁ ପରୀକ୍ଷାରେ ସଫଳତା ହାସଲ କରିଥିବାବେଳେ ଆଗକୁ ଏକ ଭଲ ବିଦ୍ୟାଳୟରେ ନାମ ଲେଖାରୁ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀପାଟଣା ଗ୍ରାମର ସପନ ମହାପାତ୍ରଙ୍କ ପୁଅ ଓମ୍ ପ୍ରକାଶ ମହାପାତ୍ର (୧୦)ଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ସେ କୁରୁଜଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓମ୍ ପ୍ରକାଶ ଚାଟରାଚକଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। କୁରୁଜଙ୍ଗା ଆଦର୍ଶ ବିଦ୍ୟାଳୟରେ ପଢିବାକୁ ପ୍ରବେଶିକା ପରୀକ୍ଷା ଦେଇ ୬୦ରୁ ୪୨ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖିବା ପାଇଁ ସିଓଆର୍ (ସାର୍ଟିଫିକେଟ ଅଫ୍ ରେକଗନିସନ୍) ନ ଥିବାରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷ ଆଜି କାଲି କହି ଦିନ ଗଡ଼ାଉଥିବାରୁ ନାମ ଲେଖାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଦିନ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କୁ ଛାତ୍ରଙ୍କ ବାପା ସପନ ମହାପାତ୍ର ଅଭିଯୋଗ କରିଛନ୍ତି। ଏଭଳି ଅନେକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପାଠପଢି ଅନ୍ୟ ବିଦ୍ୟାଳୟରେ ନାମ ଲେଖିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାରୁ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ କରିବା ପାଇଁ ଅଭିଭାବକ ଦାବି କରିଛନ୍ତି। ଏ ବିଷୟରେ ଜିଲ୍ଲାପାଳ ଆୟାର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତତ୍କାଳ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

**ଜିଲ୍ଲାପାଳଙ୍କୁ ଅଭିଭାବକଙ୍କ ଦାବିପତ୍ର**

## ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବି

**ରାଜନଗର,୧୧।୪(ସମିସ):** ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଆଇନ ଚିଙ୍ଗୁଡ଼ି ଘେରି ଯୋଗୁଁ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ନଷ୍ଟ ହେଉଛି। ସିଆରଜେଡ ଆଇନ ଅନୁଯାୟୀ ନଦୀ ଓ ସମୁଦ୍ରର ଜୁଆର ମାଡୁଥିବା ସ୍ଥାନର ୫୦୦ ମିଟର ମଧ୍ୟରେ ଚିଙ୍ଗୁଡି ଘେରି ରହିପାରିବନାହିଁ। ମାତ୍ର ଉକ୍ତ ଅଞ୍ଚଳ ମଧ୍ୟରେ ଶତାଧିକ ଘେରି ରହିଛି। ଭିତରକନିକା ଜାତୀୟ ଉଦ୍ୟାନକୁ ଲାଗି ମଧ ଅନେକ ବେଆଇନ ଚିଙ୍ଗୁଡି ଘେରି ଗଢି ଉଠିଛି। ଘେରି ଗୁଡ଼ିକ କେଉଁଠି ରହିଛି ବନବିଭାଗ ପକ୍ଷରୁ ଡିଜିଟାଲ ଫସଲ ସର୍ଭେ ଭଳି ପଦ୍ଧତି ଅବଲମ୍ବନ କରି ଚିହ୍ନଟ କରାଯିବା ସହିତ ସେଗୁଡିକୁ ଉଚ୍ଛେଦ କରାଯାଉ। ଏହି ଘେରି ଉଚ୍ଛେଦ ବେଳେ କୌଣସି ଚାପ ଓ ଟାଳଟୁଳ ନୀତି ଅବଲମ୍ବନ କରା ନ ଯାଉ ବୋଲି ସିନ୍ଧୁକା ଫାଉଣ୍ଡେସନର ସୋନାଶିଷ ଜେନା, ବିକ୍ରମ ବିଶ୍ୱାଳ, ରଶ୍ମିରଞ୍ଜନ ସେଠୀ, ସୁନୀଲ ରାଉତ ପ୍ରମୁଖ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ନରସିଂହପୁର ଗ୍ରାମରେ ଲୋକକଳା ଦିବସ

**ଡେରାବିଶ, ୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ନରସିଂହପୁର ଗ୍ରାମରେ ଜିଲ୍ଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟାର, ମୁଖ୍ୟବକ୍ତା ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ସମ୍ମାନିତ ଅତିଥି ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଓ ଏବିଇଓ ଦେବଦତ୍ତ ଶତପଥୀ ଯୋଗଦେଇ ଓଡ଼ିଶାର ଲୋକକଳା ସାରା ପୃଥିବୀରେ ଅଦ୍ୱିତୀୟ ବୋଲି କହିଥିଲେ। ଏଥିସହିତ ଏହି ଗ୍ରାମରେ ବିଭିନ୍ନ ଲୋକକଳାରେ ନିପୁଣ ଥିବା ବହୁ କାଳାକାର ରହିଥିବା ପ୍ରକାଶ କରିଥିଲେ। ଏ ଅବସରରେ ଅତିଥିମାନେ ସ୍ଥାନୀୟ କଳାକାରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଦାନପୁରର ସମିତିସଭ୍ୟା ପ୍ରିୟତମା ଦାଶ, ସାଂସଦଙ୍କ ପ୍ରତିନିଧି ମନୀଷା ପଣ୍ଡା, ନରସିଂହପୁର ଗ୍ରାମ କଳାକାର ସଂଘର ଯଶୋବନ୍ତ ନାରାୟଣ ପଣ୍ଡା ଓ ପ୍ରକୃତିବନ୍ଧୁ ଜେନାମଣି ବଳ ମଞ୍ଚାସୀନ



ହୋଇ ବିଲୁପ୍ତପ୍ରାୟ ଲୋକକଳାକୁ ବଞ୍ଚାଇ ରଖିଥିବା ଏହି ଜିଲ୍ଲାର ଲୋକକଳା ଗ୍ରାମ ନରସିଂହପୁର ଆରମ୍ଭରେ ଏକ ଲୋକକଳା ତୋରଣ ନିର୍ମାଣ ପାଇଁ ଦାବି କରିଥିଲେ। ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଡେରାବିଶ କଳାକାର ସଂଘ ସଭାପତି ନିରାକାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିଲେ।

## ଡିଏଫ୍ଓଙ୍କ ହୃଦ୍‌ଘାତରେ ମୃତ୍ୟୁ

**ରାଜକନିକା,୧୧।୪(ସମିସ):** ଅଫିସରେ ବସି କାମ କରୁଥିବାବେଳେ ଭଦ୍ରକ ଡିଏଫଓଙ୍କ ମୃତ୍ୟୁ ଖବର ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଛି। ମୃତ ଡିଏଫଓ ଜଣକ ରାଜକନିକା ବରୁଣାଡିହା ଗ୍ରାମର ସୌଭାଗ୍ୟ କୁମାର ସାହୁ (୫୯)। ସେ ଗତ ଦୁଇବର୍ଷ ଧରି ଭଦ୍ରକ ଜିଲ୍ଲା ବନଖଣ୍ଡ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଭଦ୍ରକ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଦାୟିତ୍ୱ ସମ୍ପନ୍ନ ବନଖଣ୍ଡ ଅଧିକାରୀ ଭାବେ ଆଜି ଅଫିସରେ କାମ କରୁଥିବାବେଳେ ଟଳି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଚାନ୍ଦବାଲି ମେଡିକାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଅପରାହ୍ନରେ



ତାଙ୍କ ମରଶରୀର ଜନ୍ମମାଟି ବରୁଣାଡିହା ଆଣିବା ପରେ ଗାଁ ପରିକ୍ରମା କରିବା, ଶହ ଶହ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଶୋଭାଯାତ୍ରାରେ ବାଲେଶ୍ୱର ବନାଞ୍ଚଳ, ଭଦ୍ରକ ବନାଞ୍ଚଳ ଓ ରାଜନଗର ବନାଞ୍ଚଳ ଅଧିକାରୀ ସାମିଲ ହୋଇଥିବାବେଳେ ବରୁଣାଡିହା ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ପତ୍ନୀ ନିହାରିକା, ଝିଅ ମୋନାଲିସା ଓ ପୁଅ ରୋମିତ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବାଲି ବୋଝେଇ ହାଇୱା ଜବତ

**ଡେରାବିଶ,୧୧।୪(ସମିସ):** ବେଆଇନ ବାଲି ଚାଲାଣ କରୁଥିବା ଏକ ହାଇୱାକୁ ଆଜି ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଜବତ କରିଛନ୍ତି। ଲୁଣାନଦୀର ଅର୍ଡାମୂଳ ବାଲି ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଘାଟରୁ ବାଲି ଚାଲାଣ କରୁଥିବା ହାଇୱା ଓ ଟ୍ରାକ୍ଟରକୁ ଘାଟ ନିଲାମଧାରୀ ଟ୍ରାଞ୍ଜିଟ୍ ପାସ୍ ପ୍ରଦାନ କରୁ ନ ଥିଲେ। ଏହି ଘାଟରୁ ରାତିସାରା ଶହଶହ ହାଇୱା ଓ ଟ୍ରାକ୍ଟର ବାଲି ଚାଲାଣ କରୁଥିବାବେଳେ ଗୋଟିଏ ବି ଗାଡ଼ିକୁ ଟ୍ରାଞ୍ଜିଟ୍ ପାସ୍ ପ୍ରଦାନ କରୁ ନ ଥିଲେ। ଆଜି ଡେରାବିଶ ତହସିଲଦାର ଅଚାନକ ଅର୍ଡାମୂଳ ବାଲି ଘାଟରୁ ବାଲି ବୋଝେଇ କରି ଆସୁଥିବା ଏକ ହାଇୱାକୁ ଖରିଦାସାହି ଛକରେ ଅଟକାଇ ଯାଞ୍ଚ କରିବାରୁ କୌଣସି ବୈଧ କାଗଜପତ୍ର ନ ଥିବା ଜାଣିବାକୁ ପାଇଥିଲେ। ପରେ ହାଇୱାକୁ ଜବତ କରି ଚାନ୍ଦୋଳ ଫାଣ୍ଡି ଜିମା ଦେଇଥିବା ଜଣାଯାଇଛି।



## ଟଙ୍କା ହିସାବକୁ ନେଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ମାର୍‌ପିଟ ଅଭିଯୋଗ

**ପଞ୍ଚୁପାଣ୍ଡବ,୧୧।୪(ସମିସ):** ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଦୀର୍ଘଦିନ ଧରି ମିଶନ ଶକ୍ତିର ସ୍ୱୟଂସହାୟିକା ମହିଳା ଗୋଷ୍ଠୀରେ ବାଦବିବାଦ ଲାଗି ରହିଥିବାବେଳେ ଏବେ ଡେରାବିଶ ଥାନାରେ ଦୁଇଟି ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ଦିନ ବାବା ଅରକ୍ଷିତ ଦାସ ଗୋଷ୍ଠୀର ସଦସ୍ୟ ଗୁରୁ ମଲିକ ଓ ଅନ୍ୟ ସଦସ୍ୟ ସେକ୍ରେଟାରୀ ମାନସୀ ମଲିକଙ୍କ ଘରକୁ ଗୋଷ୍ଠୀର ଟଙ୍କା ହିସାବ ପତ୍ର କରିବାକୁ ଯାଇଥିଲେ। ସେ ସମୟରେ ସେକ୍ରେଟାରୀ ମାନସୀଙ୍କ ସ୍ୱାମୀ ବିଜୟ ମଲିକ ହଠାତ୍ ଉତ୍କ୍ଷିପ୍ତ ହୋଇ ଗାଳିଗୁଲଜ୍ କରିବା ସହ ଫାଉଣ୍ଡା ବେଣ୍ଟ ସାହାଯ୍ୟରେ ଗୁରୁ ମଲିକଙ୍କ ମୁଣ୍ଡକୁ ପିଟିଥିବା ଅଭିଯୋଗ ହୋଇଛି। ତାଙ୍କ ସାଙ୍ଗରେ ଯାଇଥିବା ସଦସ୍ୟା ଜୟନ୍ତୀ, ଶଶିରେଖା ଓ ଗୀତା ମଲିକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ମହିଳା ଗ୍ରୁପ୍‌ରେ ଟଙ୍କା କାରବାରକୁ ନେଇ ଆଗରୁ ଥାନାରେ ଅଭିଯୋଗ ହୋଇଥିଲା। ବ୍ଲକ୍‌ରେ ଥିବା ପଦାଧିକାରୀ ଦୁଇ ପକ୍ଷଙ୍କୁ ବସାଇ ସମାଧାନ କରିଥିଲେ। ଏବେ ପୁଣି ଟଙ୍କା କାରବାରକୁ ନେଇ ମାର୍‌ପିଟ୍ ହୋଇଛି।

## ସମାଜସେବୀ ଭିକାରୀ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ

**ପଟ୍ଟାମୁଣ୍ଡାଇ,୧୧।୪(ସମିସ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବିକାଶରେ ସମାଜସେବୀ ଭିକାରୀ ଚରଣ ବିଶ୍ୱାଳଙ୍କ ସଂଗ୍ରାମ ଚିରକାଳ ଅବିସ୍ମରଣୀୟ ହୋଇ ରହିବ ବୋଲି ତାଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ଇଂ ସରୋଜ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫେସର ଅଖିଳ ବିଶ୍ୱାଳ, ପ୍ରାଧ୍ୟାପକ ରବିରଞ୍ଜନ ଶର୍ମା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ମାନସ ସାମଲ, ଯୁବ ନେତା ରଶ୍ମିରଞ୍ଜନ ସ୍ୱାଇଁ, ସମାଜସେବୀ ଅକ୍ଷୟ ମହାନ୍ତି, ଶିକ୍ଷକନେତା ଅରୂପାନନ୍ଦ ବିଶ୍ୱାଳ, ନିରଞ୍ଜନ ମହାନ୍ତି, ଚନ୍ଦ୍ରଭାନୁ ନାୟକ,



ନିରଞ୍ଜନ ସୁନ୍ଦରରାୟ, ସଚ୍ଚିଦାନନ୍ଦ ବିଶ୍ୱାଳ, ଦିଗମ୍ବର ବିଶ୍ୱାଳ, ତ୍ରିଲୋଚନ ରାଉତ, ଶ୍ରୀକାନ୍ତ ସାମଲ, ବସନ୍ତ ବିଶ୍ୱାଳ, ସବ୍ୟସାଚି ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବଂଗତ ସମାଜସେବୀ ଭିକାରୀ ବିଶ୍ୱାଳଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟବ୍ୟସ୍ତତା ଯୋଗୁଁ ଯୋଗ ଦେଇପାରି ନ ଥିବା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ କଟକ-ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଅଜିତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଦୀପ୍ତି ବିଶ୍ୱାଳ, ଶାନ୍ତି ମହାନ୍ତି, ବାସନ୍ତୀ ନାୟକ, ଦୀପ୍ତିମୟୀ ବିଶ୍ୱାଳ, ଉର୍ମିଳା ରାଉତ, ଲତିକା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍‌ଏନ୍ ସଂସ୍କୃତ ବିଦ୍ୟାଳୟରେ ଓଡ଼ିଆ ପକ୍ଷ

**ରାଜନଗର,୧୧।୪(ସମିସ):** ସ୍ଥାନୀୟ ସର୍ବପୁରାତନ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ ହୋଇଛି। ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ର ଉଦଘାଟନ କରିଥଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାକୁ ଉଜ୍ଜୀବିତ ରଖିଥିବା ଉତ୍କଳମଣି ଗୋପବନ୍ଧୁ ଦାସ,ଳ ଉତ୍କଳ ଗୌରବ ମଧୁସୂଦନ ଦାସ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

## ବୀଣାପାଣି ବିଦ୍ୟାଳୟର ବାର୍ଷିକ ଉତ୍ସବ



**ରାଜନଗର, ୧୧।୪(ସମିସ):** ସାନବଡ ଗୋପାଳପୁରସ୍ଥ ବୀଣାପାଣି ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜନଗର ବ୍ଲକ୍ ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ସହିତ ନୃତ୍ୟ, ସଙ୍ଗୀତ, ନାଟକ ଓ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଦୟାନିଧି ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ମନୋଜ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଖିଳ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସତ୍ୟପ୍ରକାଶ

**ରାଜକନିକା, ୧୧।୪(ସମିସ):** ରାଜକନିକା ବ୍ଲକ ବାଙ୍ଗରକୁଆଁ ଗ୍ରାମର ସୁରେଶ ରାଉତ ଓ ସପ୍ନାରାଣୀ ରାଉତଙ୍କ ପୁଅ ସତ୍ୟପ୍ରକାଶ ଅସାଧାରଣ ପ୍ରତିଭା ଦେଖାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ ବାଙ୍ଗାଲୋରର ସ୍ୱାମୀ ବିବେକାନନ୍ଦ ଇଂରାଜୀ ହାଇସ୍କୁଲରେ ପଞ୍ଚମ ଶ୍ରେଣୀର ଛାତ୍ର। ୨୦୨୫ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ଆଇବିଆର ଆଚିଭର ଭାବେ ସମ୍ମାନିତ ହୋଇଥିଲେ। ସେ ପୁନର୍ବାର ନିଜ ପ୍ରତିଭାର ପରିଚୟ ଦେଇ ୨୦୨୫ ଡିସେମ୍ବର ୮ ତାରିଖରେ ୧୦ ବର୍ଷ ୧୦ ମାସ ୨୧ ଦିନ ବୟସରେ ଶୀଘ୍ର ୫୦ଟି ସ୍ୱୟଂ ରଚିତ ଇଂରାଜୀ କବିତା ୧ ଘଣ୍ଟା ୧୮ ମିନିଟ୍ ୭ ସେକେଣ୍ଡ ମଧ୍ୟରେ ଲେଖି ରେକର୍ଡ ସ୍ଥାପନ କରିଛନ୍ତି। ଏହି ସାଧନାକୁ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ ଦ୍ୱାରା ସ୍ୱୀକୃତି ମିଳିଛି। ସତ୍ୟ ପ୍ରକାଶ ଛୋଟବେଳୁ ପାଠପଢ଼ା ସହ କବିତା ଲେଖା ଓ ବିଭିନ୍ନ ବିଷୟରେ ଜ୍ଞାନ ସଂଗ୍ରହରେ ରୁଚି ରଖିଆସୁଛନ୍ତି।



## ସାମାଜିକ କର୍ମୀ ସୀତାନାଥ ଦାସଙ୍କ ସ୍ମୃତିସଭା

**ରାଜକନିକା,୧୧।୪(ସମିସ):** ଓଲାଭର ଅଞ୍ଚଳର ସାମାଜିକ କର୍ମୀ ସୀତାନାଥ ଦାସଙ୍କ ଏକାଦଶାହରେ ତାଙ୍କ ବାସଭବନ ଦେଉଳସାହିରେ ରାଜକନିକା ବ୍ଲକ ଯାଦବ ମହାସଭା ଆନୁକୂଲ୍ୟରେ ଇଂ. ପଞ୍ଚାନନ ଦାସଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଦାସଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଦାସ ଜଣେ ସଚ୍ଚୋଟ, ନିଷ୍କପଟ, ଉଦାରବାଦୀ ମଣିଷ ଓ ଜଣେ ଅନୁଷ୍ଠାନ ବୋଲି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ତାଙ୍କ ଆଦର୍ଶଗତ ଚିନ୍ତା ଚେତନା ଯୁବପିଢ଼ିଙ୍କ ଲାଗି ପ୍ରେରଣାର ଉତ୍ସ ହେଉ ବୋଲି ମତବ୍ୟକ୍ତ କରିଥିଲେ।

### ଆଳିରେ ଧାନମଣ୍ଡିର ବିକଳ ଚିତ୍ର

# କାଳବୈଶାଖୀ ବର୍ଷାରେ ଭିଜୁଛି ଧାନ

ଆଳି,୧୧।୪(ସମିସ)



ବର୍ଷାରେ ଭିଜିଲା, ଗଜା ମାରିଲା ଶତାଧିକ ବସ୍ତା ଧାନ। ଜିଲ୍ଲାରେ ମଣ୍ଡି ଋତୁ ସରିଲା, ଚାଷୀଙ୍କ ଆଖି ସ୍ଥାନ କରାଯାଇ ଖାତାକୁ ଟଙ୍କା ଗଲା। କିନ୍ତୁ ସରକାରୀ ଗୋଦାମକୁ ଧାନ ଯାଇ ନ ପାରିବାରୁ ଏବେ ଗଜା ମାରି ଶତାଧିକ ବସ୍ତା ଧାନ ନଷ୍ଟ ହେବାକୁ ବସିଛି। ଏଥିସହ ଚାଷୀଙ୍କ ଧାନ ମଧ ବର୍ଷାରେ ଭିଜୁଛି। ଏହା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସମବାୟ ସମିତି ଅଧୀନରେ ଖୋଲିଥିବା ଧାନମଣ୍ଡିର ଦୃଶ୍ୟ। ଖୋଲା ଆକାଶ ତଳେ ପଡ଼ିରହିଛି ଶତାଧିକ ଗଜା ଧାନ ବସ୍ତା। ଆଳି ବ୍ଲକର ସିଙ୍ଗିରି, ନୂଆଗାଁ ଓ ନିଆଳ ଆଦି ସମବାୟ ସମିତିରେ ଧାନ ବସ୍ତା ବାହାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ନିକଟରେ ହେଉଥିବା କାଳବୈଶାଖୀ ବର୍ଷା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବାବେଳେ ଧାନ ବିକ୍ରି କରିବାକୁ ଧାନ ଆଣିଥିବା ଚାଷୀ ହତାଶ ହୋଇପଡିଛନ୍ତି। ଚଳିତବର୍ଷ ମଣ୍ଡି ପୂର୍ବରୁ ଧାନର ସୁରକ୍ଷିତ ଜମା ପାଇଁ ପ୍ରତି ସୋସାଇଟିରେ ମଣ୍ଡି ଗୃହ ନିର୍ମାଣ କରାଯାଇଥିଲେ ସୁଦ୍ଧା କିଛି ସୋସାଇଟିରେ ମଣ୍ଡି ଗୃହ ନିର୍ମାଣ ହୋଇ ନ ଥିବାରୁ ଧାନ ଏବେ ନଷ୍ଟ ହେବାକୁ ବସିଛି।

ଆଳି ବ୍ଲକରେ ୧୩ଟି ମଣ୍ଡି ଖୋଲାଯାଇଥିବାବେଳେ ୨ଟି ମଣ୍ଡି ମହୁ ଓ ଦେମାଳର ସ୍ଥାୟୀ ଗୃହ ନିର୍ମାଣ କରାଯାଇଛି। ୧୧ଟି ଧାନ ମଣ୍ଡିର ଏଯାବତ ସ୍ଥାୟୀ ଗୃହ ନାହିଁ। ଫଳରେ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ଏପରିକି ଅନେକ ଚାଷୀ ଧାନ ଦେବା ସମୟରେ ବର୍ଷା ହେବାରୁ ସେହି ଓଦା ଧାନକୁ ମିଲର ନେଉ ନ ଥିବା ମଧ ଦେଖିବାକୁ ମିଳୁଛି। ଯାହାକୁ ନେଇ ଚାଷୀଙ୍କ ମନରେ କ୍ଷୋଭ ଦେଖାଦେଇଛି। ସରକାର କିଣିଥିବା ଧାନ ଗଜା ହୋଇସାରିଥିବାବେଳେ ତାହାର ମୂଲ୍ୟ କିଏ ଦେବ। କିହିଁକି ନିର୍ଦ୍ଧାରିତ ସମୟ ସୁଦ୍ଧା ମଣ୍ଡି ଗୃହ ନିର୍ମାଣ କାର୍ଯ୍ୟ ସରିଲା ନାହିଁ। ଏଥିପାଇଁ କିଏ ଦାୟୀ। ନଷ୍ଟ ହୋଇଥିବା ଧାନର ମୂଲ୍ୟ କିଏ ଦେବ। ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଔପଦା ମହିମା ଆଶ୍ରମର ବାର୍ଷିକ ଉତ୍ସବ



**ପଟ୍ଟାମୁଣ୍ଡାଇ,୧୧।୪(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତଗତ ଔପଦା ପଞ୍ଚାୟତ ଔପଦା ମହିମା ଆଶ୍ରମର ୧୦ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦିବାକର ବାବାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସାଧୁ ଅଭୟ ବାବା, ସୁବ୍ରତ ବାବା, ଦୁଷ୍ମନ୍ତ ବାବା, ଶ୍ରୀକାନ୍ତ ବାବା, ଅନ୍ତର୍ଯ୍ୟାମୀ ବାବା, କାଳନ୍ଦୀ ବାବାଙ୍କ ସମେତ ଶହ ଶହ ମହିମା ଧର୍ମାବଲମ୍ବି ସାମିଲ ହୋଇ ସମଗ୍ର ଅଞ୍ଚଳକୁ ଆଧାତ୍ମିକମୟ କରିଥିଲେ। ଏଥିରେ ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦ ସଭାପତି ନଳିନୀ କାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ମାନଗୋବିନ୍ଦ ସ୍ୱାଇଁ, କେଶବ ପ୍ରଧାନ, ସୁମନ ସାହୁ, ବିଜୟ ସାହୁ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ନିମାଇଁ କର, ପ୍ରଭାସ ରାଉତ, ହୃଷିକେଶ ଜେନା, ଅକ୍ଷୟ ସାମଲ, ନଳିନୀକାନ୍ତ ସ୍ୱାଇଁ, ରଞ୍ଜନ ସୂତାର, ଅନିରୁଦ୍ଧ ସାହୁ, ବିବେକ ସୂତାର, ସୁଶାନ୍ତ କର, ମଳୟ ନାଥ, ବିମଳ ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ରବୀନ୍ଦ୍ର ସାହୁ, ମହେଶ୍ୱର ଓଝା, ରାଧେଶ୍ୟାମ ବାରିକ, ଅଶ୍ୱିନୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ।

## ୧୦ଟି ପଥର ବୋଝେଇ ଟ୍ରକ୍ ଜବତ

**ପଟ୍ଟାମୁଣ୍ଡାଇ,୧୧।୪(ସମିସ):** କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ବେଆଇନ ପଥର ଚାଲାଣ ରୋକିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଗତକାଲି ରାତି ୨ଟା ସମୟରେ ବେଆଇନ ପଥର ନେଇ ରାଜନଗର ଯାଉଥିବା ୧୦ଟି ଟ୍ରକକୁ ନିମପୁର ନିକଟରେ ଅଟକାଇ କାଗଜପତ୍ର ଯାଞ୍ଚ ପରେ ଜବତ କରିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଓ ଜିଲ୍ଲା ମାଇନିଂ ଅଫିସର ଦିନେଶ ମହାପାତ୍ର ମିଳିତ ଭାବେ ଚଢ଼ଉ କରି ଟ୍ରକଗୁଡିକ ଜବତ କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଖୋଳତାଡ ଆରମ୍ଭ ହୋଇଛି।

# ଜଳେଶ୍ୱରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ରୋଗୀ ହନ୍ତସନ୍ତ

ଜଳେଶ୍ୱର, ୧୧।୪ (ସମିସ)



ଜଳେଶ୍ୱରରେ ଡାକ୍ତରଙ୍କ ମରୁଡି ଚାଲିଥିବା ବେଳେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ପରିସ୍ଥିତି ଦେଇ ଗତି କରୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡେପୁଟେସନ ନାମରେ ଆସି ନର୍ସିଂହୋମରେ ଅର୍ଥ ରୋଜଗାର କରୁଥିବା ବେଳେ ହସପିଟାଲରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଜଳେଶ୍ୱର ଜି. କେ. ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ମାତ୍ର ଡାକ୍ତରଙ୍କ ଅଭାବରୁ ଚିକିତ୍ସା ପାଇପାରୁ ନାହାନ୍ତି। ବାକି ଉପସ୍ଥିତ ଥିବା ଡାକ୍ତରମାନେ ରୋଗୀଙ୍କ କ'ଣ ହୋଇଛି ଦେଖିବା ପରିବର୍ତ୍ତେ ସବୁବେଳେ ବାହାରକୁ ରେଫର କରିବାରେ ଅଭ୍ୟସ୍ତ ହୋଇ ଯାଇଛନ୍ତି। ରୋଗୀ ଚିକିତ୍ସା ନ ପାଇ ହନ୍ତସନ୍ତ ହେଉଥିବା ବେଳେ ବାକି ଉପସ୍ଥିତ ଡାକ୍ତରଙ୍କ ପାଦୁର୍ଭାବ କାହିଁରେ କେତେ। ଡାକ୍ତରଙ୍କ ବ୍ୟବହାର ଦେଖି ଅନ୍ୟ କର୍ମଚାରୀଙ୍କ ବ୍ୟବହାର ତାଠୁ ଅଧିକ ହେଉଛି। ଡାକ୍ତରଙ୍କ ଅଭାବ ଲାଗି ରହିଥିବାରୁ ଜଳେଶ୍ୱର ଜି.କେ. ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ସପ୍ତାହରେ ଦିନେ ଦୁଇଦିନ ପାଇଁ ଡେପୁଟେସନରେ କିଛି ଡାକ୍ତର ବାଲେଶ୍ୱର ସଦର ହସପିଟାଲରୁ ଆସୁଛନ୍ତି। ସେମାନଙ୍କ ନାମ ଅନୁସନ୍ଧାନ ବୋର୍ଡରେ ଲେଖା ହୋଇଥିଲେ ମଧ୍ୟ ତାଙ୍କର ଦେଖା ପାଇବା ମୁସ୍କିଲ। କାରଣ ଜଳେଶ୍ୱର ହସପିଟାଲ ଡେପୁଟେସନ ଆସିବା ନାମରେ ଜଳେଶ୍ୱର ଓ କମର୍ଦ୍ଦା ଅଞ୍ଚଳରେ ଥିବା ନର୍ସିଂହୋମରେ ରୋଗୀ ଦେଖି ଅର୍ଥ ଉପାର୍ଜନର ଏକ ରାସ୍ତା ମିଳିଯାଇଛି। ଏହି କାର୍ଯ୍ୟ ପାଇଁ ଡେପୁଟେସନରେ ଡାକ୍ତର ଯୋଗାଇ ଦେଇଛି ବୋଲି ଭାଷଣ ମାରୁଥିବା ରାଜନେତାଙ୍କ ଦ୍ୱାରା ସମ୍ଭବ ହେଉଛି। ଯାହା ଫଳରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ନେତା ମାଲେମାଲ ହେଉଥିବା ବେଳେ ସାଧାରଣ ରୋଗୀ ଓ ରୋଗୀର ପରିବାର ଲୋକେ ଅକଥନୀୟ ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି। ଜଳେଶ୍ୱର ଜି.କେ.ଭଟ୍ଟର ହସପିଟାଲରେ ଜଣେ ସର୍ଜରୀ ବିଭାଗ ଡାକ୍ତର ସପ୍ତାହରେ ଗୋଟିଏ ଦିନ ପାଇଁ ଡେପୁଟେସନରେ ଆସନ୍ତି। ବହୁତ କମ ଜଳେଶ୍ୱରବାସୀ ଏବିଷୟରେ ଜାଣିଥିବେ। କିନ୍ତୁ ଉକ୍ତ ଡାକ୍ତରଙ୍କ ଦ୍ୱାରା ଜଳେଶ୍ୱର ହସପିଟାଲରେ ଆଜିଯାଏ କେତେଜଣ ଅପରେସନ ହୋଇଛନ୍ତି ତାର ହିସାବ କେହି ରଖିଛନ୍ତି। ଉକ୍ତ ଡାକ୍ତର ହସପିଟାଲରେ କେତେ ସମୟ ରହୁଛନ୍ତି ଓ ପ୍ରାଇଭେଟ ନର୍ସିଂ ହୋମରେ କେତେ ସମୟ ରହୁଛନ୍ତି। ହସପିଟାଲ ରୋଗୀଙ୍କୁ ନର୍ସିଂ ହୋମକୁ ପଠାଇ ଅର୍ଥ ରୋଜଗାର କରିବା ପାଇଁ ଏହା ଏକ ଅଭିନବ ଉପାୟ। ଅପରେସନ ପାଇଁ ଜଳେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ନାମରେ ଆସୁଛନ୍ତି। ଏ ବିଷୟରେ ନେତାମାନେ ବା ହସପିଟାଲ କମିଟି କଣ ଜ୍ଞାତ ଅଛନ୍ତି। କାହା ସ୍ୱାର୍ଥରେ ଏହି ଡାକ୍ତର ମାନେ ଡେପୁଟେସନ ନାମରେ ବାଲେଶ୍ୱର ହସପିଟାଲ ଛାଡି ଜଳେଶ୍ୱର ଆସୁଛନ୍ତି। ଗତ କିଛିଦିନ ଧରି ଜଳେଶ୍ୱର ହସପିଟାଲର ମୁଖ୍ୟ ଡାକ୍ତରଙ୍କ ବ୍ୟବହାରର ଏକ ଭିଡିଓ ମିଡିଆରେ ଭାଇରାଲ ହେଉଛି। ନିଜର ନର୍ସିଂହୋମରେ ଭଲ ବ୍ୟବହାର କରୁଥିବା ଓ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ ଜୀବନ ବୋଲି ଭାଷଣ ଦେଉଥିବା ବେଳେ ହସପିଟାଲ ଡ୍ୟୁଟି ସମୟରେ ତାଙ୍କର ଅସଲ ମୁଖା ଖୋଲିଯାଉଛି। ହସପିଟାଲ ଜଗିବା ପାଇଁ ନାଇଟ ୱାଚ ମ୍ୟାନ ରହିଛନ୍ତି ଡାକ୍ତର କାହିଁକି ହସପିଟାଲରେ ଶୋଇବେ ଘରେ ଶୁଅନ୍ତୁ ବୋଲି ଲୋକେ ଅଭିଯୋଗ କରୁଥିବାର ଦେଖିବାକୁ ମିଳିଛି। ଦିନରେ ନର୍ସିଂ ହୋମରେ କାର୍ଯ୍ୟକରି ଅର୍ଥ ଉପାଜନ କରୁଛନ୍ତି ରାତ୍ରୀରେ ଡିଉଟି ନାମରେ ଏସି ରୁମରେ ଶୋଉଛନ୍ତି। ଜଳେଶ୍ୱରରେ ଏମିତି କିଛି ଡାକ୍ତର ଅଛନ୍ତି ଲୋକଙ୍କୁ ସେବା ଯୋଗାଇବା ନାମରେ ନିଜସ୍ୱ ନର୍ସିଂ ହୋମ ଖୋଲି ରୋଗୀଙ୍କ ତଣ୍ଟି ଚିପି ଅର୍ଥ ଅଦାୟ କରୁଛନ୍ତି। ରୋଗର ସଠିକ ଚିହ୍ନଟ କରି ନ ପାରି ଅର୍ଥ ଲୋଭରେ ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲିବାକୁ ପଛାଉ ନାହାନ୍ତି।

## ପାଣି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଫେରାଦ




ବାଲେଶ୍ୱର,୧୧।୪(ସମିସ): ଖରାଦିନ ଆସିଲେ ସବୁ ଆଡେ ପାଣି ସମସ୍ୟା ଅଧିକ ଦେଖାଦେଇଥାଏ। ସଦର ବ୍ଲକ ଅର୍ନ୍ତଗତ ହିଡିଗାଁ ପଂଚାୟତର ମୁଲଣାନଗର ଗ୍ରାମରେ ଏବେ ପାଣି ସମସ୍ୟା ଉତ୍କଟ ହୋଇଛି। ଏହାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମରେ ଦୁଇବର୍ଷ ହେବ ସରକାରୀ ପାଇପ ଲାଇନ ବିଛାଯାଇଛି ହେଲେ ପାଣି ପ୍ରଦାନ କାର୍ଯ୍ୟ ହୋଇପାରୁ ନାହିଁ। ଗତବର୍ଷ ମଧ୍ୟ ଏ ନେଇ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଭେଟିଥିଲେ ହେଲେ କେବଳ ପ୍ରତିଶ୍ରୁତି ମିଳିଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏଣୁ ଗ୍ରାମର ଏହି ପାଣି ସମସ୍ୟାକୁ ଦୂର କରିବା ପାଇଁ ଜିଲ୍ଲାପାଳଙ୍କଠାରେ ସେମାନେ ଅନୁରୋଧ କରିଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ବାଲେଶ୍ୱର,୧୧।୪(ସମିସ): ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲିକାର୍ଜୁନ ଖଡଗେଙ୍କୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅତ୍ୟନ୍ତ ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଏହାକୁ ବିରୋଧ କରି ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଷ୍ଟେସନ ଛକଠାରେ ଏକ ପ୍ରତିବାଦ ସଭା କରାଯିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା ଏବଂ ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭ ସମାବେଶରେ ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୀବ ଗିରି, ମହିଳା ସଭାନେତ୍ରୀ ଅର୍ଚ୍ଚନା ନନ୍ଦୀ, ଶ୍ରୀକାନ୍ତ ବୁଗୁଡାଇ, ଅନୁପ ସ୍ୱାଇଁ, ଯୋଗେଶ୍ୱର ବେହେରା, କହ୍ନେଇ ବେହେରା, ବିଦ୍ୟାଧର ମହାନ୍ତି, କେଶବ ନାୟକ, ତୁଷାରକାନ୍ତ ତପସ୍ୱୀ, ବାସନ୍ତୀ ନାୟକ, ଜ୍ୟୋତ୍ସ୍ନା ସେନାପତି ଉପସ୍ଥିତ ଥିଲେ।

## ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



ଲଙ୍ଗଳେଶ୍ୱର, ୧୧।୪ (ସମିସ) : ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରତିଷ୍ଠାନର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ସଞ୍ଜୟ କୁମାର ଦେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଧୁନିକ ସମାଜରେ ମାଆ ମାନେ ଶିକ୍ଷିତ ହେଲେ ସମାଜ ଆଲୋକିତ ହେବାସହିତ ସଂସ୍କୃତି ଓ ଭାଷା ସାହିତ୍ୟ ସୁରକ୍ଷା ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଜାମଶୂଳୀ କଲେଜ ଅଧ୍ୟକ୍ଷ ଦିବ୍ୟେନ୍ଦୁ କୁମାର ଗିରି, ସମ୍ମାନିତ ଅତିଥି ଭାବେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅରୁଣ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଘଡ଼ାଇ ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ପ୍ରଶିକ୍ଷକ ଅଜୟ କୁମାର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ଗ୍ରନ୍ଥଗାରିକା ଅନୁପମା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଦଳଗୋବିନ୍ଦ ବେହେରା, ରାମଚନ୍ଦ୍ର ହୁଇ, ରାଜେନ୍ଦ୍ର ବେହେରା, ରବିନ୍ଦ୍ର ମୁଖି, ଗୁରୁ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

## ବେଳାଭୂମିରେ ମଦ କୁଡ଼ିଆ ଖୋଲିବା ପ୍ରସ୍ତାବକୁ ବିରୋଧ

ବାଲେଶ୍ୱର,୧୧।୪ (ସମିସ): ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ଚଳିତବର୍ଷ ସହର ଓ ଗ୍ରାମାଞ୍ଚଳରେ ନୂତନ ମଦ ଦୋକାନ ଖୋଲିବାର ପ୍ରସ୍ତାବ ରହିଛି। କିନ୍ତୁ ରାଜ୍ୟ ସରକାରଙ୍କ ପରିଚାଳିତ ପର୍ଯ୍ୟଟନ ନିଗମ ଜରିଆରେ ସମୁଦ୍ର ବେଳାଭୂମିରେ ମଦ କୁଡ଼ିଆ ଆଳରେ ନୂତନ ମଦ ଦୋକାନ ଖୋଲିବାକୁ ଦୃଢ଼ ବିରୋଧ କରାଯାଇଛି। ମିଳିତ ନିଶା ନିବାରଣ ଅଭିଯାନ କମିଟିର ଅନୁଷ୍ଠିତ ବୈଠକରେ ଏହାକୁ ବିରୋଧ କରାଯାଇଛି। ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ବୈଠକରେ ଦାବି କରାଯାଇଛି। ଏଥିସହିତ ବାଲେଶ୍ୱର ଉପକୂଳରେ କୌଣସି ମଦ ଦୋକାନ ଖୋଲାଇ ଦିଆଯିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ସଂଗଠନ ଆସନ୍ତା ସମ୍ମିଳନୀର ସାଧାରଣ ସଭାରେ ଏ ସଂପର୍କରେ ଆଗାମୀ ପ୍ରତିବାଦ ଆନ୍ଦୋଳନ ନିମିତ୍ତ ନିଷ୍ପତ୍ତି ନିଆଯିବ ବୋଲି ସାଧାରଣ ସଂପାଦିକା ମମତା ମହାପାତ୍ର ମତ ଦେବାପରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। "ମନା' ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୦ମ ବାର୍ଷିକ ସମ୍ମିଳନୀ ପୂର୍ବନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୧୯ ତାରିଖ ଦିନ ଏ.ସି.ପି.ଏଲ୍. ସଭାଗୃହରେ ଅନୁଷ୍ଠିତ ହେବ। ଏହି ଅବସରରେ ସଂଗଠନର ମୁଖପତ୍ର ଉଦ୍‌ଘାଟନ ହେବ। ବୈଠକରେ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ହିସାବ ଆଗତ କରିଥିଲେ। ଏହି ବୈଠକରେ ବରିଷ୍ଠ ଉପଦେଷ୍ଟା ସୁବ୍ରତ କରଙ୍କ ସମେତ କୁମୁଦ ରଂଜନ ଗିରି, ତ୍ରିଦିପ ନାୟକ, ରମେଶ ଚନ୍ଦ୍ର ଜେନା, ଡ. କେଶବ ଚରଣ ପଣ୍ଡା, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାରତୀ ପଣ୍ଡା, ଦୟାନିଧି ମହାପାତ୍ର, ଲକ୍ଷ୍ମଣ ବିଶ୍ୱାଳ, ରବିନାରାୟଣ ଭୋଳ, ଗୀତାଞ୍ଜଳି ସିଂହ, ବସନ୍ତ ପ୍ରଧାନ, କବି ପ୍ରଭାକର ସାହୁ, ସନାତନ ଦାସ, ସୁନାମଣି ଜେନା, କବିତା ଜେନା, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦୀ, ସଂଜୟ ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ଅକ୍ଷୟ ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ଜଗନ୍ନାଥ ସାହୁ, ଡ. କ୍ଷିତୀଶ୍ୱର ଦାଶ, ଅବନ୍ତୀ ପ୍ରଧାନ ଓ ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଛେନାପୋଡ଼ ଦିବସ ପାଳିତ

ବାଲେଶ୍ୱର,୧୧।୪ (ସମିସ): ଷ୍ଟେସନ କ୍ଲବରେ ନିଆରା ଭାବେ ବିଶ୍ୱ ଛେନାପୋଡ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସୁକାନ୍ତ ନାୟକ, ସୁଧାଂଶୁ ଶେଖର ପରିଡା, ସ୍ୱରୂପ କୁମାର ଦାସ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ବରିଷ୍ଠ ନେତା ରଂଜନ ବାଗ, ବସନ୍ତ ପଣ୍ଡା, ଧିରେନ ନାୟକ, କାଉନସିଲର ମୀନା ମହାନ୍ତି, ମୀତା ପଟ୍ଟନାୟକ, କବିତା ମୁର୍ମୁ, ମିରାଜ ବାନୋ,ସଂଧ୍ୟାରାଣୀ ଜେନା, ସବିତାରାଣୀ ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶଶିରେଖା ମହାନ୍ତି,ସେକ ଆୟୁବ, କାର୍ତ୍ତିକ ସାହୁ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସାକିର ଖାନ, ସଂଜୟବେହେରା, ରମେଶ ମାଝି, ନଳିନୀକାନ୍ତ ଦାସ, ଅସଲମ ଖାନ, ରିତିକ ଜୀ, ଦେବାଶିଷ ଦାଶ, ସେକ ଆଲାମ, ଅଶୋକ ଆଢ୍ୟ, ଅତୁଲ ଶତପଥୀ, ଅଶୋକ ଦାସ,ଭରତ ଭୂଷଣ ଦାସ, ଉମାଶଙ୍କର ତିଆଡି ପ୍ରମୁଖ ଉପସ୍ଥିତ ଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଛାତ୍ର ନେତା ବିଭୁଦତ୍ତ ପରିଡା, ହରେକୃଷ୍ଣ ପ୍ରଧାନ, ସୌଭାଗ୍ୟ ଖୁଣ୍ଟିଆ, ହରସ ଖଣ୍ଡେଲୱାଲ, ବିକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୩୫ କି.ଗ୍ରାର ଛେନାପୋଡ ବଣ୍ଟନ ସହ ୧୨ ପ୍ରକାର ଛେନାପୋଡ ପ୍ରଦର୍ଶିତ କରାଯାଇଥିଲା।




## କାଦରାବାଦରେ ବସନ୍ତ ଉତ୍ସବର ରୌପ୍ୟ ଜୟନ୍ତୀ



ବାଲେଶ୍ୱର,୧୧।୪(ସମିସ): କଦାରାବାଦଠାରେ ବସନ୍ତ ଉତ୍ସବର ରୌପ୍ୟ ଜୟନ୍ତୀ ଶିକ୍ଷାବିତ ଦେବେନ୍ଦ୍ରନାଥ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହାକୁ ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ ଉଦଘାଟନ କରିଥିଲେ। ସମ୍ପାଦକ ଦେବାଶିଷ ଦାଶ ବସନ୍ତ ଉତ୍ସବର ବର୍ଷର ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅର୍ବାନ କୋ ଅପରେଟିଭର ଡାଇରେକ୍ଟର ରମାକାନ୍ତ ମହାପାତ୍ର ଯୋଗଦେଇ ଓଡ଼ିଶା ସଂସ୍କୃତି ଓ ପରମ୍ପରାକୁ ବସନ୍ତ ଉତ୍ସବ ମାଧ୍ୟମରେ ବଜାୟ ରଖିଥିବାରୁ କମିଟିର ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସୁନାମଧନ୍ୟ ସଙ୍ଗିତକାର ବିଭୁ କିଶୋର ଏବଂ ତାଙ୍କ ଦଳ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ଧୀରେନ୍ଦ୍ର ନାଥ ଚୌଧୁରୀ, ନୀଳମାଧବ ବିଶ୍ୱାଳ, ସୁକୁମାର ପାଣିଗ୍ରାହୀ, ତ୍ରିଲୋଚନ ବାରିକ, ଶ୍ରୀକୃଷ୍ଣ ଦାସ, ଶଙ୍କର୍ଷଣ ପୃଷ୍ଟି, ସୁଶାନ୍ତ ଶତପଥି, ବୀରେନ୍ଦ୍ର ଖିଲାର, ମାନସ କୁମାର ଦାସ, ନଳିନୀ କାନ୍ତ ଦାଶା, ସୁମନ୍ତ ବେହେରା, ଲକ୍ଷ୍ମୀଧର ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶଙ୍କର୍ଷଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ

ବାଲେଶ୍ୱର,୧୧।୪(ସମିସ): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଗଳ୍ପ, କବିତା, ପ୍ରବନ୍ଧ ପ୍ରତିଯୋଗିତା, ସଫେଇ କାର୍ଯ୍ୟକ୍ରମ ଓ ପାରମ୍ପରିକ ପୋଷକ ପରିଧାନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଭଳି ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ୱାଇଆରସି ଓ ରୋଟ୍ରାକ୍ଟ କ୍ଲବ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ ଓ ତାଙ୍କ ଟିମ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଓ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ରୋଟାରୀ କ୍ଲବ ସଭାପତି ଦେବାଶିଷ ଦାସ, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସୁବ୍ରତ କର, ବିଷ୍ଣୁଦାସ କୁଣ୍ଡୁ ଏବଂ ଇନର ହୁଇଲ କ୍ଲବ ସଦସ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକୁ ପରିଚାଳନା କରିଥିଲେ। ରୋଟାରୀ ଚକ୍ଷୁ ଓ ଦନ୍ତ ଚିକିତ୍ସାଳୟ କର୍ମଚାରୀ କଲେଜର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରୀଙ୍କ ଆଖି, ଦାନ୍ତ, ମଧୁମେହ, ରକ୍ତଚାପ, ହିମଗ୍ଲୋବିନ ଆଦି ପରୀକ୍ଷା କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡ. ଶୁଭସ୍ମିତା ମିଶ୍ର ଓ ସୁଶ୍ରୀଶୋଭା ବାରିକ, ୱାଇଆରସି ସଦସ୍ୟ




ଅଧ୍ୟାପିକା ପୂର୍ବାଶା କର, ରାଜଶ୍ରୀ ରାଉଳ, ଅଧ୍ୟାପକ ଅଜୟ ଗୋପାଲ, ପ୍ରଫୁଲ୍ଲ ବେହେରା ଏବଂ ରୋଟ୍ରାକ୍ଟ କ୍ଲବ ଅଧିକାରୀ ଅଧ୍ୟାପକ ନବୀନ ଧାରୁଆ ଓ ଓଡ଼ିଆ ପକ୍ଷର ସଂଯୋଜକ ଅଧ୍ୟାପକ ରାଜକିଶୋର ପଣ୍ଡିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓମଫେଡ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ; ହେଲପର ମୃତ, ଚାଳକ ଗୁରୁତର

ଜଳେଶ୍ୱର,୧୧।୪(ସମିସ): ୬୦ ନଂ ଜାତୀୟ ରାଜପଥ ବିଳମ୍ବିତ ରାତିରେ ଏକତାଳି ଠାରେ ଓମଫେଡ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ହେଲ୍ପର ଅକାଳ ମୃତ୍ୟୁ ଘଟିଛି। ବାଲେଶ୍ୱରରୁ ଓମଫେଡ ଡାଏରି ଭ୍ୟାନ ଜଳେଶ୍ୱରରେ ଡେଲିଭରୀ ଦେଇ ଫେରୁଥିଲା। ଶୁକ୍ରବାର ରାତି ପ୍ରାୟ ୩ଟା ବେଳେ ଏକତାଳି ନିକଟରେ କୁହୁଡି ଯୋଗୁଁ ଏକ ଅଜଣା ଗାଡିକୁ ଡ୍ରାଇଭର ସପନ ସାହୁ ପଛରୁ ଧକ୍କା ଦେଇଥିଲେ। ଭ୍ୟାନର ସମ୍ମୁଖ ଭାଗ ସମ୍ପୂର୍ଣ ନଷ୍ଟ ହୋଇ ହେଲ୍ପର ଗୁରୁତର ହୋଇଥିଲା ବେଳେ ଚାଳକ ଆହତ ହୋଇଛି। ରାଜପଥ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଜିକେ ଭଟ୍ଟର ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ହେଲପରକୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଜଣକ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଖଣ୍ଡଦେଉଳିଆ ଗ୍ରାମର ପ୍ରଦୀପ ପରିଡାଙ୍କ ପୁଅ ଅଜିତ୍ କୁମାର ପରିଡ଼ା ବୋଲି ଜଣାପଡ଼ିଛି। ଜଳେଶ୍ୱର ପୁଲିସ ଗାଡ଼ି ଜବତ୍ କରି ମାମଲା ରୁଜୁ କରି ତଦନ୍ତ କରୁଛି।

## ୨୭ରୁ ହରଗଙ୍ଗା ଚନ୍ଦନଯାତ୍ରା

ବାଲେଶ୍ୱର,୧୧।୪(ସମିସ): ବାଲେଶ୍ୱର ସହର ମଠସାହି ହରଗଙ୍ଗା ଚନ୍ଦନ ଉତ୍ସବ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସଭାପତି ରମାକାନ୍ତ ମହାନ୍ତି ଓ ସଂପାଦକ ମନୋଜ କୁମାର ରାଉତଙ୍କ ନେତୃତ୍ୱରେ ହରଭଙ୍ଗା ଚନ୍ଦନ ଉତ୍ସବ ପାଳନ ନିମନ୍ତେ କମିଟିର ଉପ ସଭାପତି ଆସିତା ନନ୍ଦ ଗୋସ୍ୱାମୀ, ଉପ ସଭାପତି ଜୟଦେବ ଦାସ ଚୌଧୁରୀ, କୋଷାଧ୍ୟକ୍ଷ ଭବେନ୍ଦ୍ର ନାରାୟଣ ରାୟ, ରବି ନାରାୟଣ ରାୟ ଅଭିଜିତ ସେଠୀ, ସତ୍ୟବ୍ରତ ଦାସ, ସଞ୍ଜୟପାଢ଼ୀ, ବିରଜ ମହାନ୍ତି, ଲେଲିନ ସେଠୀ, ସଞ୍ଜୟ ଦାସ, ଶୁଭେନ୍ଦୁ ରାଜ, ସୁମନ୍ତ ବେହେରା, ସୁମନ୍ତ ନାୟକ, ପଦ୍ମଲୋଚନ ବେହେରା, ବିଶ୍ୱମ୍ବର ଦାସ ଓ ଶାନ୍ତନୁ ଦାସ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ହରଗଙ୍ଗା ଚନ୍ଦନ କମିଟି ପକ୍ଷରୁ ପ୍ରସିଦ୍ଧ ଚନ୍ଦନ ପୂର୍ଣ୍ଣମା ଅବସରରେ ଚନ୍ଦନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିବ ହେବ। ଚଳିତ ମାସ ୨୭ ତାରିଖରୁ ମେ ୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବା ନେଇ କମିଟି ପକ୍ଷରୁ ଘୋଷଣା କରାଯାଇଛି।

## ସଦାନନ୍ଦ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚର୍ଚ୍ଚା



ବାଲେଶ୍ୱର,୧୧।୪ (ସମିସ): ଗାଳ୍ପିକ ଓ ଏକାଡେମୀ ପୁରସ୍କାର ପ୍ରାପ୍ତ କଥାକାର ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ସହରର ଏଡିଏମ୍ ଛକ ନିକଟସ୍ଥ ଶ୍ରୀକକ୍ଷରେ ଫକୀରମୋହନ ଗୋଲେଇ ସାହିତ୍ୟ ଆସର ତରଫରୁ ଏକ ଶୋକସଭା କବି ଉତ୍ପଳ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକଙ୍କ ସ୍ମୃତି ଚର୍ଚ୍ଚା କରି ପ୍ରଶାନ୍ତ ଦାସ, ଶ୍ରୀଦେବ, ଗଙ୍ଗାଧର ବିଶ୍ୱାଳ, ନିବାରଣ ଜେନା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ତାଙ୍କ ସହ ସଂପର୍କ କିପରି ଗଢ଼ିଉଠିଥିଲା ସେ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ବକ୍ତା ସଦାନନ୍ଦ ତ୍ରିପାଠୀଙ୍କ ଅତ୍ୟନ୍ତ ଘନିଷ୍ଠ ହୋଇଥିବା ଯୋଗୁଁ ତାଙ୍କ ସହ ସଂପର୍କ କିପରି ଆରମ୍ଭ ହୋଇଥିଲା ଓ ସେହି ସଂପର୍କ କିପରି ଏଯାବତ୍ ନିରବଚ୍ଛିନ୍ନ ଭାବରେ ବିତିଥିଲା ସେ ସଂପର୍କରେ ଆଲୋଚନା କରିଥିଲେ। ଅଞ୍ଜନ ଚାନ୍ଦ, ସଞ୍ଜୟ ପଣ୍ଡା, ଶଶିରଞ୍ଜନ ମଲ୍ଲିକ, ସ୍ମୃତି ଦାସ ପ୍ରମୁଖ ସଦାନନ୍ଦଙ୍କ ଜୀବନୀ ଓ ସାହିତ୍ୟ ସଂପର୍କରେ ଆଲୋକପାତ କରି ତାଙ୍କୁ ଦିଆଯାଇଥିବା ପୁରସ୍କାର ବିଳମ୍ବ କରା ନ ଯାଇ ପୂର୍ବରୁ ଦିଆଯିବା ଉଚିତ ଥିଲା ବୋଲି ମତ ରଖିଥିଲେ। ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନବାଡ଼ି ପିଣ୍ଡା ମାଡ଼ି ନାହାନ୍ତି ଶୋକଯୋଡ଼ି ଓ ଆମ୍ବିଶୋଳ ଗାଁ ପିଲା

ଜଳେଶ୍ୱର ବ୍ଲକ, ୧୧।୪ (ସମିସ)



ରାଜ୍ୟ ଓ କେନ୍ଦ୍ର ସରକାର ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ଠାରୁ ଆରମ୍ଭ କରି ଜନ୍ମରୁ ୩ ବର୍ଷର ଶିଶୁ ଓ ୩ରୁ ୬ ବର୍ଷ ପର୍ଯ୍ୟନ୍ତ କୋମଳମତି ଶିଶୁ ମାନଙ୍କର ପୁଷ୍ଟିକର ଖାଦ୍ୟ ସାଙ୍ଗକୁ ପୋଷଣ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଓଲଟା।

ବାଲେଶ୍ୱର ପରି ଶିକ୍ଷିତ ଓ ଅଗ୍ରଣୀ ଜିଲ୍ଲାରେ ମଧ୍ୟ କୋମଳମତି ଶିଶୁ ଆଜିବି ମାଡ଼ିନାହାଁନ୍ତି ଅଙ୍ଗନବାଡ଼ି କେନ୍ଦ୍ର। କେବଳ କାଗଜ କଲମରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ମହିଳା ଶିଶୁ ବିକାଶ ଅଧିନ ଶ୍ୟାମନଗର ଗ୍ରାମ ପଞ୍ଚାୟତର ବାଉଁଶବଣୀ ଅଙ୍ଗନବାଡ଼ି କେନ୍ଦ୍ରରେ। ଏଠାରେ ୧୭ ଜଣ ନାମ ଥିବା କୋମଳମତି ଶିଶୁ ମାନଙ୍କ ମଧ୍ୟରୁ ଶୋକଯୋଡ ଓ ଆମ୍ବିଶୋଳ ଓ ବାରଡିହି ଗ୍ରାମର ଶିଶୁ ଅଙ୍ଗନବାଡ଼ି କେନ୍ଦ୍ର ଯିବାକୁ ହେଲେ ଦୀର୍ଘ ୪ କିଲୋମିଟର ଦୂର ଘଞ୍ଚ ଜଙ୍ଗଲ ପାର ହୋଇ ବାଉଁଶବଣୀ ଗାଁକୁ ଯିବାକୁ ପଡ଼ିଥାଏ। ଏ ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ ଭରାଓ ହାତୀ ଉପଦ୍ରବ ଇଲାକାରେ ହୋଇଥିବାରୁ ପିଲାମାନେ ଏକାକୀ ଅଙ୍ଗନବାଡ଼ି ଯିବା ସମ୍ଭବପର ହୋଇ ପାରୁନାହିଁ। ଅଭିଭାବକମାନେ ଦିନ ମଜୁରୀଆ ଶ୍ରେଣୀର ହୋଇଥିବାରୁ ରାତି ପାହିଲେ ରୋଜକରପାଇଁ ବଣ ଜଙ୍ଗଲରୁ କାଠପତ୍ର ଗୋଟାଇବା ସହିତ ଦାଦନ ଖଟିବାକୁ ସକାଳରୁ ସଞ୍ଜ ପର୍ଯ୍ୟନ୍ତ ଚାଲି ଯାଆନ୍ତି। ସେଥିପାଇଁ ପିଲାଙ୍କୁ ଅଙ୍ଗନବାଡ଼ି ନେବା ତାଙ୍କ ପକ୍ଷେ ସମ୍ଭବପର ହୋଇନଥାଏ। ସେଥିପାଇଁ ପିଲାଙ୍କୁ ନାଁ ମିଳୁଛି ସୁଷମ ପୋଷଣ ଖାଦ୍ୟ ଯାହା ଫଳରେ ଅପପୁଷ୍ଟିର ଶିକାର ହେବାକୁ ପଡୁଛି। ତେଣୁ ଅମ୍ବିଶୋଳ ଗ୍ରାମରେ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ଗ୍ରାମର

### ପୋଷଣ ଅଭାବରୁ ଅପପୁଷ୍ଟିର ଶିକାର ହେଉଛନ୍ତି କୋମଳମତି ଶିଶୁ

ଚାନ୍ଦରାୟ ଟୁଡୁ, ଉଦୟ ମୁର୍ମୁ, ଗୋପାଳ ଟୁଡୁ, ମୁଚିରାମ୍ ମୁର୍ମୁ, ରାହୁଲ ମାରାଣ୍ଡି, ରାମଚନ୍ଦ୍ର ମାରାଣ୍ଡି ଲକ୍ଷ୍ମଣ ବାସ୍କେ, ସୁକୁଲାଲ ବାସ୍କେ, ରାଜେଶ୍ ସୋରେନ, ରେବତୀ ଟୁଡୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବାଉଁଶବଣୀ ଅଙ୍ଗନବାଡ଼ି କର୍ମୀ ପ୍ରିୟା କାସ୍କୁଙ୍କୁ ପଚାରିବାରୁ ଦୂର ଓ ଜଙ୍ଗଲ ଘେରା ମଧ୍ୟରେ ଗାଁଟି ରହିଥିବାରୁ ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ର ଆସିବା ସମ୍ଭବପର ହୋଇ ପାରୁ ନାହିଁ।

**'ରୋଗୀ କଲ୍ୟାଣ ସମିତି'ର ଗଭର୍ଣ୍ଣିଂ ବଡି ବୈଠକ**

# ମେଡିକାଲରେ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ପାଇଁ ନିର୍ଦ୍ଦେଶ

ଭଦ୍ରକ, ୧୧।୪(ସମିସ)



ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଶନିବାର 'ରୋଗୀ କଲ୍ୟାଣ ସମିତି' (ଆର୍‌କେଏସ୍)ର ଗଭର୍ଣ୍ଣିଂ ବଡି ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲାୱାଜି ହବିବ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଡିପିଏଚ୍‌ଓ ଡା. ସୁଧୀରଞ୍ଜନ ନାୟକ ଓ ଜିଲ୍ଲା ମେଡିକାଲ ଅଫିସର ଡା. ମୀନତି ଦାସଙ୍କ ସମେତ ଅନ୍ୟ ସଭ୍ୟ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ସର୍ବୋତ୍ତମ ଓ ସୁଗମ ସ୍ୱାସ୍ଥ୍ୟ ସେବା ପ୍ରଦାନ, ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ସେବାର ଗୁଣମାନ ବୃଦ୍ଧି ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସମିତି ଅଧ୍ୟକ୍ଷ ସାଂସଦ ଶ୍ରୀ ସେଠୀ ଭଦ୍ରକ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସ୍‌ରେ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଲାଗି ପ୍ରସ୍ତାବ ଆଗତ କରିବା ସହ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏହାର ତୁରନ୍ତ ସମାଧାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ମଲ୍ଲିକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ପବ୍ଲିକ୍ କ୍ୟାଣ୍ଟିନ୍ ଓ ଆହାର କେନ୍ଦ୍ର ସ୍ଥାପନା ପାଇଁ ପ୍ରସ୍ତାବ ଦେଇଥିଲେ। ଭଦ୍ରକ ବିଧାୟକ ଶ୍ରୀ ମହାପାତ୍ର ଜିଲ୍ଲାରେ ପାରାମେଡିକ୍ ଷ୍ଟାଫ୍‌ଙ୍କ ଅଭାବ ସମ୍ପର୍କିତ ତଥ୍ୟ ଓ ସରକାରଙ୍କୁ କରାଯାଇଥିବା ପତ୍ର ତାଙ୍କୁ ପ୍ରଦାନ କଲେ ସେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ବୈଠକରେ ଉପସ୍ଥିତ ଚାନ୍ଦବାଲି ବିଧାୟକ ଡ. ରାୟ ରକ୍ତ ଭଣ୍ଡାରକୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସ୍‌କୁ ସ୍ଥାନାନ୍ତର ଲାଗି ଦାବି କରିଥିଲେ। ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲାୱାଜି ହବିବ ଡିଏଚ୍‌ଏଚ୍‌ରେ ରାତ୍ରିକାଳୀନ ଡ୍ୟୁଟିରେ ଜଣେ ବରିଷ୍ଠ ଚିକିତ୍ସକଙ୍କୁ ନିୟୋଜିତ କରିବାକୁ ଦାବି ରଖିଥିଲେ। ଏହି ବୈଠକରେ ଏକ୍ସରେ ଓ ଇସିଜି ରିପୋର୍ଟ ନେଉଥିବା ରୋଗୀଙ୍କ ଲାଗି ଆର୍‌କେଏସ୍‌ରୁ ଏନ୍‌ଭଲପ୍ ଓ ବ୍ୟାଗ୍ ବ୍ୟବସ୍ଥାକୁ ଶୁଭାରମ୍ଭ କରାଯାଇଥିଲା। ଏହି ବୈଠକକୁ ପରିଚାଳନା କରୁଥିବା ଡିପିଏମ୍ ଏନ୍‌ଏଚ୍‌ଏମ୍ ବନବିହାରୀ ମିଶ୍ର ଓ ହସ୍ପିଟାଲ ମ୍ୟାନେଜର ଡା. ସମୀର ରଞ୍ଜନ ମହାପାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ଏକ୍ସରେ ସେବା ପ୍ରଚଳନ ଓ ଏମ୍‌ଆର୍‌ଆଇ ସେବା ଆରମ୍ଭ ନେଇ ସୂଚନା ପ୍ରଦାନ କରିବା ସହ ଆଇସିୟୁ ରୁମ୍ ଓ ଯନ୍ତ୍ରାଂଶ ମହଜୁଦ ଥିଲେ ବି ତାଲିମପ୍ରାପ୍ତ ଡାକ୍ତର ନ ଥିବାରୁ ଏହି ସେବା ଆରମ୍ଭ ହୋଇପାରୁ ନ ଥିବା ସୂଚନା ଦେଇଥିଲେ।

## କୁଣ୍ଠି କଟକର ବାଇମୁଣ୍ଡିଙ୍କୁ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି



**ତିହିଡ଼ି, ୧୧।୪(ସମିସ):** କୁଣ୍ଠି କଟକର ବାଇମୁଣ୍ଡି ବିଶିଷ୍ଟ ସମାଜସେବୀ, କ୍ରୀଡ଼ାବିତ୍ ଓ ଐତିହାସିକ ବସନ୍ତ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିଆବିନ୍ଧା ପଞ୍ଚାୟତ ଅଧୀନ ପାଳିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବସନ୍ତ କୁମାର ନାୟକ କଳା ସଂସ୍କୃତି ଓ ସ୍ମୃତିନ୍ୟାସ ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟ ଓ ପାଳିଆବିନ୍ଧା କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ବିଶ୍ୱରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉପସ୍ଥିତ ଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ନିରଞ୍ଜନ ପାଢ଼ୀ, କଥାକାର ପବିତ୍ର ପାଣିଗ୍ରାହୀ, କବି ହୃଦାନନ୍ଦ ପାଣିଗ୍ରାହୀ, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ ଯୋଗଦେଇ କେବଳ ପାଳିଆବିନ୍ଧା ପଞ୍ଚାୟତ ନୁହେଁ, ସମଗ୍ର ଭଦ୍ରକ ଜିଲ୍ଲାରେ ସମାଜସେବା ପାଇଁ ସେ ପରିଚିତ ଥିଲେ ବୋଲି କହିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ, ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ, ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଡା. ସଞ୍ଜୟ ଦାସ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ନାୟକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦକ ରାମନାରାୟଣ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସହସମ୍ପାଦକ ଅମର ନାୟକ ଧନ୍ୟବାଦ ଦେଇଥିଲେ। ଶାନ୍ତନୁ ନାୟକ, ଗୌତମ ନାୟକ, ଅର୍ଚ୍ଚନା ନାୟକ ଓ ସୁଧନ୍ୱା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ ଓ ୪ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବରିଷ୍ଠ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରୁଛନ୍ତି କନିଷ୍ଠ!

**ବାରିକପୁର, ୧୧।୪(ସମିସ):** ଭଣ୍ଡାରିପୋଖରୀ ଶିକ୍ଷା ବିଭାଗରେ ଅଜବ ନୀତି ପ୍ରଚଳନ ହୋଇଛି। ବରିଷ୍ଠ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରୁଛନ୍ତି କନିଷ୍ଠ ଶିକ୍ଷକ। ଯାଞ୍ଚର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଥିବାବେଳେ ଏନେଇ ବରିଷ୍ଠ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ପଦୋନ୍ନତି ସକାଶେ ୩, ୪, ୫ 'କ' ଓ 'ଖ' ବର୍ଗ ଶିକ୍ଷକମାନଙ୍କର ସମସ୍ତ କାଗଜପତ୍ର ଯାଞ୍ଚ ହେଉଛି। କେତେକ କ୍ଷେତ୍ରରେ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନରେ ଯାଇଥିବା ଜନୈକ ଶିକ୍ଷକ କାର୍ଯ୍ୟରେ ଯୋଗ ନ ଦେଇ ଯାଞ୍ଚ ପ୍ରକ୍ରିୟାରେ ସାମିଲ୍ ହୋଇଛନ୍ତି। ଶିକ୍ଷକ ଜଣକ ନିଜ ସାର୍ଟିଫିକେଟ ମଧ୍ୟ ଯାଞ୍ଚ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଇଓ ଏବଂ ଏବିଇଓ ତଥା କାର୍ଯ୍ୟାଳୟର ଅଧିକାରୀମାନେ ସାର୍ଟିଫିକେଟ ଯାଞ୍ଚ କରିବା କଥା। ଏଠି କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କର କୌଣସି ମତାମତ ମିଳିପାରିନାହିଁ। ଏଭଳି ଅବ୍ୟବସ୍ଥା ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଗଳିପଡ଼ିଲା ସ୍କୁଲ ରୋଷେଇ ଘର ଛାତ; ମଧ୍ୟାହ୍ନଭୋଜନ ବନ୍ଦ

**ଭଦ୍ରକ, ୧୧।୪(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହ ଆମ୍ବଲ କମଳପୁର ଗାଁର ୟୁପି ସ୍କୁଲରେ ଦୟନୀୟ ଅବସ୍ଥାରେ ଥିବା ରୋଷେଇ ଘରର ଛାତ ଶନିବାର ହଠାତ୍ ଗଳିପଡ଼ିଥିଲା। ଫଳରେ



ପିଲାଙ୍କ ପାଇଁ ରୋଷେଇ ହୋଇପାରି ନ ଥିଲା।

ସୂଚନାନୁଯାୟୀ, ସ୍କୁଲ ଖୋଲିବା ପରେ ଶିକ୍ଷକ ଦିବାକର ସାହୁ ରୋଷେଇ ଘର ପରିଦର୍ଶନ କରିବା ସମୟରେ ଘରର ଛାତ ଗଳିପଡ଼ିଥିବା ଦେଖିଥିଲେ। ଏହା ଫଳରେ ବର୍ତ୍ତମାନ ସ୍କୁଲରେ ପିଲାମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରୋଷେଇ ଘର ଅସୁରକ୍ଷିତ ହୋଇପଡ଼ିଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ଚିନ୍ତାବ୍ୟକ୍ତ ହେଉଛି। ଗ୍ରାମବାସୀ ଓ ଅଭିଭାବକମାନେ ଏହାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ମରାମତି କରିବା ସହ ମଧ୍ୟାହ୍ନଭୋଜନ ପ୍ରଦାନ ପାଇଁ ପ୍ରଶାସନକୁ ଦାବି କରିଛନ୍ତି। ଏହା ସମ୍ବନ୍ଧରେ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଜୋର୍‌ଦାର୍ ଦାବି ହୋଇଛି।

# କାଳବୈଶାଖୀ ଉଜାଡ଼ିଲା ପରିବା ଚାଷ



ବାରିକପୁର, ୧୧।୪(ସମିସ): ଏବେ ଦୈନିକ କାଳବୈଶାଖୀକୁ ନେଇ ରବି ଚାଷୀମାନେ ଘୋର୍ ଚିନ୍ତା ପ୍ରକଟ କରିଛନ୍ତି। ସମ୍ପ୍ରତି ବିରି, ମୁଗ ଓ ବିଭିନ୍ନ ପନିପରିବା ଚାଷ ହୋଇଥିବାବେଳେ ଅଦିନିଆ ଝଡ଼ ବର୍ଷା ଯୋଗୁଁ ଚାଷୀମାନେ ଅନେକ କ୍ଷତି ସହୁଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ପ୍ରତ୍ୟେକ ଦିନ କାଳବୈଶାଖୀ ଜନିତ ଝଡ଼ ବର୍ଷା ଲାଗି ରହୁଥିବାରୁ ରବି ଫସଲ ଅନେକାଂଶରେ ନଷ୍ଟ ହେଉଛି।

ସୂଚନା ମୁତାବକ, ସପ୍ତାହେ ପୂର୍ବରୁ ବ୍ଲକର ମାଳଦା ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ଏଥିଯୋଗୁଁ ଚତୁର୍ଭୁଜପୁର, ରଘୁନାଥପୁର, ବରାହନୂଆପଡ଼ା, ଷୋଳମପୁର, କୁମ୍ଭାରିଆ, କୋରକରା ପ୍ରମୁଖ ସ୍ଥାନରେ ଚାଷ ହୋଇଥିବା ପନିପରିବା ପ୍ରଭାବିତ ହୋଇଥିଲା। ସପ୍ତାହେ ପୂର୍ବରୁ ଅନ୍ୟାନ୍ୟ ସ୍ଥାନରେ ଝଡ଼ବର୍ଷା ହୋଇଥିବାବେଳେ ଏବେ ମଞ୍ଜୁରୀରୋଡ୍ ଅଞ୍ଚଳରେ ଭୟଙ୍କର ଝଡ଼ ଦେଖିବାକୁ ମିଳିଥିଲା। ଅଞ୍ଚଳରେ କୁଆପଥର ବର୍ଷା ପ୍ରବଳ ହୋଇଥିବାବେଳେ ପବନର ବେଗ ମଧ୍ୟ ତୀବ୍ର ହୋଇଥିଲା। ଚାଷ ଜମିରେ ପାଣି ଜମା ହୋଇଯାଇଥିବା ବେଳେ ଡାଲି ଜାତୀୟ ଶସ୍ୟ ଓ ପନିପରିବା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। କାଳବୈଶାଖୀ ଯୋଗୁଁ ରାଜେନ୍ଦ୍ରପୁର, ନାଆମୀ, ବନ୍ଧାକୋ-ମଡ଼ିଆଳୀ, ତେସିଙ୍ଗା ପଞ୍ଚାୟତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। କୁଆପଥର ମାଡ଼ରେ ପୋଟଳ, ଜହ୍ନି, ଭେଣ୍ଡି, ବାଇଗଣ, କଖାରୁ ଆଦି ପନିପରିବା ବିଶେଷ ଭାବେ ନଷ୍ଟ ହୋଇଛି। ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷର କ୍ଷୟକ୍ଷତି ଆକଳନ ସକାଶେ ଦାବି କରାଯାଇଛି।

## ଜିଲ୍ଲାପାଳଙ୍କ ଦ୍ୱାରା ସାମ୍ବାଦିକ ଜାଫର ଅଲ୍ଲୀ ସମ୍ବର୍ଦ୍ଧିତ

**ଧାମନଗର, ୧୧।୪(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ପଞ୍ଚାୟତ ଅଧୀନସ୍ଥ ମେଳଣ ପଡ଼ିଆଠାରେ ଘରୋଇ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚୁଡ଼ାକୁଟିର ନବମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଥିବାବେଳେ ପ୍ରତିଷ୍ଠିତ ବ୍ୟକ୍ତି, ସାମ୍ବାଦିକ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଶିକ୍ଷା ହେଉଛି ଜୀବନ ଗଢ଼ିବାର ମୂଳ ଆଧାର ବୋଲି କହିଥିଲେ। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଦୀର୍ଘ ଦିନ ଧରି ନିଷ୍ଠା, ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରି ଚର୍ଚ୍ଚାରେ ଥିବା ଦୈନିକ 'ସକାଳ'ର ଧାମନଗର ବ୍ଲକ ପ୍ରତିନିଧି ସାମ୍ବାଦିକ ସେକ୍ ଜାଫର ଅଲ୍ଲୀଙ୍କୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଦ୍ୱାରା ଶିଶୁ ବିଦ୍ୟାମନ୍ଦିର ଚୁଡ଼ାକୁଟି ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ପ୍ରତିଭା ସେକ୍



ଜାଫର ଅଲ୍ଲୀ ନିଜକୁ ଧନ୍ୟ ମନେକରିବା ସହ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ବିବେକାନନ୍ଦ ପଣ୍ଡାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟ ଅତିଥିଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇବା ସହିତ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ସିଏମ୍ ଟ୍ରଫି ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ତିହିଡ଼ି, ୧୧।୪(ସମିସ):** ତିହିଡ଼ି କାଳିପଡ଼ିଆଠାରେ ସିଏମ୍ ଟ୍ରଫି ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍କୁଲର ୧୩ଟି ଟିମ୍ ଭାଗ ନେଇଥିଲେ। ବାଳିକା ବିଭାଗରେ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ, ଭଦ୍ରକ ସରକାରୀ ହାଇସ୍କୁଲ, ବାପୁଜୀ ନୋଡାଲ, ଛେଡ଼ାକ ମହଲା, ହେଲ୍ଥଲାଇନ୍ କ୍ଲବ୍ ଓ ଖାଙ୍କିହାଟ ସ୍କୁଲ ଭାଗ ନେଇଥିବାବେଳେ ବାଳକ ବିଭାଗରେ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ, ଭଦ୍ରକ ସରକାରୀ ହାଇସ୍କୁଲ, ବାପୁଜୀ ନୋଡାଲ ସ୍କୁଲ, ମଡେଲ ପବ୍ଲିକ ସ୍କୁଲ, ଓଳଙ୍ଗ ଆଦର୍ଶ ବିଦ୍ୟାଳୟ, ଏସ୍‌ବିଡି ସ୍ପୋର୍ଟସ ଏକାଡେମୀ ଭଦ୍ରକ ଓ ଖାଙ୍କିହାଟ ୟୁଜିଏମ୍‌ଇ ସ୍କୁଲ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ଜେନା, ରଞ୍ଜନ ବେହେରା, ରାଜକିଶୋର ମଲ୍ଲିକ, ପ୍ରଦର୍ଶନୀ ଧଡ଼ା, ସୁଶାନ୍ତ କୁମାର ଯତି, ତନ୍ମୟ ବେହେରା, ବାବାଜୀ ଚରଣ ମହାକୁଡ଼ ରେଫରି ଭାବେ କାର୍ଯ୍ୟ କରିଥିବାବେଳେ ଟୁର୍ଣ୍ଣାମେଣ୍ଟକୁ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗିରିଜା ରମଣ ଜେନା ଓ ଅଭିଲିପ୍‌ସା ପାଢ଼ୀ ପରିଚାଳନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶ୍ୟାମା କ୍ଲବର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ସୋମନାଥ ପାଢ଼ୀ, ତିହିଡ଼ି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟାପକ ଚନ୍ଦ୍ରକାନ୍ତ ମହାନ୍ତି, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଯୋଗଦେଇଥିଲେ। ରବିବାର ଖେଳର ସେମି ଫାଇନାଲ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## 'ଅନ୍ୟକୁ ସାହାଯ୍ୟ କରି ଆନନ୍ଦ ପାଉଥିଲେ ଉମାକାନ୍ତ'



**ଭଣ୍ଡାରିପୋଖରୀ, ୧୧।୪(ସମିସ):** ନପଙ୍ଗ ପଞ୍ଚାୟତର ମୁରବି ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ଉମାକାନ୍ତ ନାୟକ ଥିଲେ ଜଣେ ପରୋପକାରୀ, ବନ୍ଧୁବତ୍ସଳ ବ୍ୟକ୍ତି। ଅନ୍ୟକୁ ସାହାଯ୍ୟ କରି ସେ ବହୁତ ଆନନ୍ଦ ପାଉଥିଲେ ବୋଲି ନପଙ୍ଗ ଗ୍ରାମର ସମାଜସେବୀ ଉମାକାନ୍ତ ନାୟକଙ୍କ ଏକାଦଶାହ ଉପଲକ୍ଷେ ଶୁକ୍ରବାର ଆୟୋଜିତ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଛନ୍ତି। ଉମାକାନ୍ତ ବାବୁ ଜଣେ ଦୃଢ଼ ସଂଗଠକ ଥିଲେ ଓ ତାଙ୍କ ନେତୃତ୍ୱରେ ପଞ୍ଚାୟତର ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି ବୋଲି ଅନ୍ୟତମ ଅତିଥି ବଦ୍ରିନାରାୟଣ ଧଳ କହିଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୋଲୋକ ଚନ୍ଦ୍ର ବେହେରା, ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ, ୨୪ ନଂ ଜିଲ୍ଲା ପରିଷଦ ଜୋନ୍ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଶିକ୍ଷକ ପ୍ରୀତିକାନ୍ତ ରାଉତ, ନବକିଶୋର ପରିଡ଼ା, ନୃସିଂହଚନ୍ଦ୍ର ସାମଲ, ପ୍ରଫୁଲ୍ଲ ନାୟକ, ଅଶୋକ ନାୟକ, ଜଳଧର ଜେନା, ରାଜେନ୍ଦ୍ର ଶତପଥୀ, ରଶ୍ମିକାନ୍ତ ସାହୁ ଏବଂ ବରିଷ୍ଠ ସାମ୍ବାଦିକ ସଞ୍ଜୀବ ବିଶ୍ୱାଳ ପ୍ରମୁଖ ଉମାକାନ୍ତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ରାମଚନ୍ଦ୍ର ମହାନ୍ତି ସଭାପରିଚାଳନା କରିଥିଲାବେଳେ ଇଂ ବିକାଶ ରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜ୍ୟେଷ୍ଠପୁତ୍ର ଉଦୟକାନ୍ତ ନାୟକଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

## ଅଗ୍ନିଶମ ବାହିନୀର ସଚେତନା ଅଭିଯାନ



**ବାସୁଦେବପୁର, ୧୧।୪(ସମିସ):** ବାସୁଦେବପୁର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆୟୋଜିତ ସଭାରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବିଡିଓ ତନ୍ମିତା କର, ପୌରପାଳିକାର ଉପାଧ୍ୟକ୍ଷ ଉତମ କୁମାର ବାରିକ, ଅତିରିକ୍ତ ତହସିଲ୍‌ଦାର ଜୟନ୍ତ ରାଉତରାୟ, ଫାୟାର ଅଫିସର ସଞ୍ଜୀବ ପ୍ରଧାନ ଯୋଗଦେଇଥିଲେ। ନିକଟସ୍ଥ ବିଦ୍ୟାଳୟର କୁନିକୁନି ଶିଶୁମାନଙ୍କୁ ଅଗ୍ନି ନିରାପତ୍ତା ଓ ତା'ର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ନିଆଁ ଲାଗିଲେ ସତର୍କତାର ସହିତ ଲିଭାଇବା ସମ୍ପର୍କରେ ଡେମୋ ଦେଖାଇଥିଲେ। ଦମକଳ କେନ୍ଦ୍ରରେ ଥିବା ସମସ୍ତ ସାମଗ୍ରୀ ପ୍ରଦର୍ଶନ କରିବା ସହିତ ବିପର୍ଯ୍ୟୟ ସମୟରେ ଯନ୍ତ୍ରାଂଶର କାମ ସମ୍ପର୍କରେ ଆଲୋଚନା କରିଥିଲେ।

## ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ସ୍ୱନକ୍ଷତ୍ର ଉତ୍ସବ ପାଇଁ ପ୍ରସ୍ତୁତି

**ଭଦ୍ରକ, ୧୧।୪(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିର ନିତ୍ୟ ଆରାଧ୍ୟା ଦେବୀ ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ୩୯ତମ ସ୍ୱନକ୍ଷତ୍ର ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ମନ୍ଦିର ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା ସମିତି ସଭାପତି ଦ୍ୱିଜବର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ନିତ୍ୟାନନ୍ଦ ବିଶ୍ୱାଳ, ବରିଷ୍ଠ ସଦସ୍ୟ ନରେଶ ଚନ୍ଦ୍ର ମାଝୀ, ଶରତ ଚନ୍ଦ୍ର ସାହୁ, ସୁଧୀର ମହାନ୍ତି, ଅମୂଲ୍ୟ ରାଉତ, ନରେନ୍ଦ୍ର ନାଥ ଯତି, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ମେ' ୧୧ ତାରିଖରେ ମା'ଙ୍କର ପାଷାଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଆସନ୍ତା ଡିସେମ୍ବର ମାସରେ ମା' କାଳୀଙ୍କର ଶତବାର୍ଷିକୀ ମହୋତ୍ସବ ହେବ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶିତ ହେବ। ଇଚ୍ଛୁକ ଲେଖକ, ଲେଖିକା ଲେଖା ଦେବାକୁ ଚାହୁଁଛନ୍ତି ସମ୍ପାଦକଙ୍କ ନିକଟକୁ ପଠାଇପାରିବେ।

**ଗୋଚର ଜମିରେ ପୋଖରୀ କାଟିବା ନେଇ ଥାନାରେ ଅଭିଯୋଗ**

## ଘଟଣାସ୍ଥଳରେ ପୁଲିସର ତଦନ୍ତ; କାର୍ଯ୍ୟାନୁଷ୍ଠାନ ବିଳମ୍ବ



**ବନ୍ତ/ଆଗରପଡ଼ା, ୧୧।୪(ସମିସ):** ସର୍ବସାଧାରଣ ଗୋଚର ଜମିରେ ପୋଖରୀ କାଟିବା ଓ ପୋଖରୀ ଅଡ଼ିକୁ ଜବରଦଖଲ କରିବା ସମ୍ବନ୍ଧରେ ତହସିଲ୍‌ଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ଏହା ଉପରେ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ତହସିଲ୍‌ଦାର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ୧୨ ଦିନ ବିତିଯିବା ପରେ ମଧ୍ୟ ଆର୍‌ଆଇ ଉକ୍ତ ନିର୍ଦ୍ଦେଶକୁ ପାଳନ ନ କରିବା ତାଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବାବେଳେ ଶନିବାର ପୁନର୍ବାର ଅଭିଯୋଗ ହୋଇଥିବା ସ୍ଥାନକୁ ଜେସିବି ସାହାଯ୍ୟରେ ଖୋଳାଯାଉଥିବାକୁ ନେଇ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ତହସିଲ୍ ଅଧୀନ ଅଣିଜୋ ରାଜସ୍ୱ ନିରୀକ୍ଷକଙ୍କ ଅନ୍ତର୍ଗତ ଆପ୍ତିରାଷଡ଼ଙ୍ଗୀ ଗ୍ରାମରେ। ଆପ୍ତିରାଷଡ଼ଙ୍ଗୀ ମୌଜାରେ ଥିବା ୪୪୮ ଓ ୪୪୭ ଖାତାରେ ଥିବା ରକ୍ଷିତ, ଅନାବାଦି, ଗୋଚର ଆଦି ସଂରକ୍ଷିତ ପ୍ଲଟ୍‌କୁ ଗ୍ରାମର କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରି ଘେରାବନ୍ଦୀ ରଖି ବ୍ୟକ୍ତିଗତ କାର୍ଯ୍ୟରେ ବିନିଯୋଗ କରୁଛନ୍ତି। ତହସିଲ୍‌ଦାରଙ୍କ ନିର୍ଦ୍ଦେଶାନୁସାରେ ଆର୍‌ଆଇ ଉକ୍ତ ସ୍ଥାନକୁ ଆସିବା ଆଗରୁ ଗ୍ରାମର ଜନୈକ ବ୍ୟକ୍ତି ଛୁଟି ଦିନର ସୁଯୋଗ ନେଇ ତାଙ୍କ ଜମି ଖାତା ନମ୍ବର ୪୪୩/୯୫, ପ୍ଲଟ୍ ନମ୍ବର ୫୯ ଏରିଆ ୭୫ ଡେସିମିଲକୁ ଲାଗିରହିଥିବା ସରକାରୀ ଗୋଦଣ୍ଡା ଜାଗା ଖାତା ୪୪୩, ପ୍ଲଟ୍ ୫୮, ଏରିଆ ୧ ଏକର ୬୧ ଡେସିମିଲ ଜାଗାରୁ କିଛି ଅଂଶକୁ ଏକ ଜେସିବି ସାହାଯ୍ୟରେ ପୋଖରୀ ଖୋଳି ବାହାର ଗ୍ରାମର ଲୋକଙ୍କୁ ମାଟି ବିକ୍ରି କରୁଛନ୍ତି। ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ଜେସିବି ମେସିନକୁ ଲିଜ୍‌ରେ ଆଣି ସରକାରୀ ନିୟମର ଖୋଲା ଉଲ୍ଲଂଘନ କରି ମାଟି ଖୋଳିବା କାର୍ଯ୍ୟରେ ଲଗାଇଥିବାରୁ ଗ୍ରାମବାସୀ ବିରୋଧ କରିବାରୁ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଗ୍ରାମର କିଛି ଖରାପ ଲୋକଙ୍କୁ ମତେଇ ଗଣ୍ଡଗୋଳ କରୁଛନ୍ତି। ଉକ୍ତ ସ୍ଥାନକୁ ଗଲେ ମାରିଦେବାକୁ ଧମକ ଦେଇଥିବା ନେଇ ସେମାନେ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପାଇ ଥାନା କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅଭିଯୋଗ ଉପରେ ତଦନ୍ତ କରୁଥିବା ଜଣାପଡ଼ିଛି। ଦିନକୁ ଦିନ ଉକ୍ତ ଘଟଣାକୁ ନେଇ ତିକ୍ତତା ବଢୁଥିବାରୁ ଆର୍‌ଆଇ ତହସିଲ୍‌ଦାରଙ୍କ ନିର୍ଦ୍ଦେଶକୁ ପାଳନ ପୂର୍ବକ ଉକ୍ତ ସ୍ଥାନକୁ ଯଥାଶୀଘ୍ର ଜବରଦଖଲ ମୁକ୍ତ କରିବା ସହ ଅନିୟମିତତା କରୁଥିବା ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଚୁଲିକୁ ଫେରିଲା ଘଷି, ଜାଳେଣି କାଠ ଓ କୋଇଲା ଆଞ୍ଚ

ଧାମନଗର, ୧୧।୪(ସମିସ)

ଧାମନଗର ବ୍ଲକ ଓ ସହରାଞ୍ଚଳରେ ବହୁ ବର୍ଷ ହେଲା ଘଷି ପାରିବା ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ଜାଳେଣୀ କାଠ ଓ କୋଇଲା ଆଞ୍ଚ ବ୍ୟବହାର ବି ବହୁ ପରିମାଣରେ କମିଯାଇଥିଲା। ବଡ଼ ପରିବାରରେ ଭାତ ହାଣ୍ଡି ଚୁଲିରେ ବସୁଥିଲା ସିନା, ତରକାରୀ କଢ଼େଇ ଗ୍ୟାସ୍ ଚୁଲିରେ ଆଡ୍ଡା ଜମାଇଥିଲା। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ପୁଣି ପୁରୁଣା ସମୟକୁ ଡାକିଆଣିଛି। ଚୁଲି ମୁହଁକୁ ଘଷି ଫେରିଛି ଓ ଜାଳେଣି କାଠର ଆଦର ଅଚାନକ ବଢ଼ି ଯାଇଛି। ସ୍ଥିତି ଏମିତି ହୋଇଛି ଯେ ଯେଉଁ ଚାକୁଣ୍ଡା କାଠକୁ କେହି ପଚାରୁ ନ ଥିଲେ, ତାହା ଆଜି ବଜାରରେ ଅମୂଲ୍ୟ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବହୁ ଲୋକଙ୍କ ଘରେ ଚୁଲି ଥିଲେ ହେଁ ଅଲୋଡ଼ା ହୋଇପଡ଼ିଥିଲା। କିନ୍ତୁ ଏବେ ସବୁଦିନ ସକାଳୁ ଚୁଲି ଲିପାପୋଛା ହେଉଥିବା ଦେଖିବାକୁ ମିଳୁଛି।



ବଡ଼କଥା ହେଉଛି ଏବେ ଖରାଦିନ ହୋଇଥିବାରୁ ଗୋବର ଘଷି ପାରିବା ଓ ଶୁଖାଇବା ସହଜ ହେଉଛି। ଗୋଟିଏ ଦିନରେ ଘଷି ଶୁଖିଯାଉଛି ଏବଂ ଚୁଲିରେ ଜଳିବା ପାଇଁ ଠିକ୍ ହୋଇଯାଉଛି। ତେଣୁ ଗାଁ ଗଣ୍ଡାରେ ଏବେ ଦାଣ୍ଡରୁ ବାରିପଟ ପର୍ଯ୍ୟନ୍ତ ମହିଳା ଓ ପୁରୁଷମାନେ ଘଷି ପାରିବା ଦେଖିବାକୁ ମିଳିଲାଣି। ୧୦୦ ଟଙ୍କାରେ ସହରାଞ୍ଚଳରେ ୪୦ ଏବଂ ଗ୍ରାମାଞ୍ଚଳରେ ୬୦ ଫଡ଼ା ଘଷି ବିକ୍ରି ହେଉଛି। ଏଥିସହିତ କୋଇଲା ଓ ଜାଳେଣି କାଠର ବଜାର ଦର ବଢ଼ିବାରେ ଲାଗିଛି। ଯେଉଁ ଚାକୁଣ୍ଡା ଡାଳିକୁ କେହି ପଚାରୁ ନ ଥିଲେ ତାହା ଆଜି କ୍ୱିଣ୍ଟାଲ ୬୦୦ ଥିଲା। ଏବେ ୧୦୦୦ ଟଙ୍କାକୁ ଟପିବାକୁ ବସିଲାଣି। ଅନେକ ହୁଏତ ଜାଣିନାହାନ୍ତି ଗୋମାତାଙ୍କ ଏହି ଗୋବର ଆମ ଜୀବନ ପ୍ରଣାଳୀ ପାଇଁ ଅନେକ ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଗାଁ ଗଣ୍ଡାରେ ଏବେ ବି ଅନେକ ପରିବାର ରହିଛନ୍ତି ଯେଉଁମାନେ ଘଷିକୁ ସେମାନଙ୍କ ଅର୍ଥ ଉପାର୍ଜନର ବଡ଼ ମାଧ୍ୟମ କରିଥା'ନ୍ତି। ଗୋବର ଘଷିକୁ ରୂପାନ୍ତର ହେବା ପୂର୍ବରୁ ଏଥିରୁ ଗ୍ୟାସ୍ ସଂଗ୍ରହ କରାଯାଉଛି। ଏହି ଗୋବର ଗ୍ୟାସ୍ ପାଇଁ ମଧ୍ୟ ସରକାରୀ ଭାବେ ବିଭିନ୍ନ ପ୍ରୋତ୍ସାହନ ରହିଛି। ଗୋବର ଘଷିର ଖାଦ୍ୟ ପ୍ରସ୍ତୁତିର ସ୍ୱାଦ ମଧ୍ୟ ସମ୍ପୂର୍ଣ୍ଣ ଅଲଗା ଓ ଭିନ୍ନ। ପୂର୍ବରୁ ଶୁଖୁଲା ଝାଉଁ କାଠର ଚାହିଦା ଥିଲା। ବାହାଘର ଭୋଜିଭାତରେ ଝାଉଁ କାଠ ଲୋଡ଼ା ପଡୁଥିଲା। କିନ୍ତୁ ଏବେ ଚାକୁଣ୍ଡା ବି ଝାଉଁ ଦରକୁ ଛୁଇଁଲାଣି। ଯାହା ବାଡ଼ିରେ ଗଛ ଅଛି, ତା ପାଇଁ ସମସ୍ୟା ନାହିଁ। କିନ୍ତୁ କିଣିବା ଲୋକଙ୍କୁ ବେଶ୍ ବାଧୁଛି। ଏବେ କିଛି ଦିନ ହେଲା ଦୈନିକ ୨୦ରୁ ୨୫ ଚୁଲି ବିକ୍ରି ହେଉଛି। ଅନେକ ଗୃହିଣୀଙ୍କ ମତ ବର୍ତ୍ତମାନର ସମୟ ଯାହା କଳାବଜାରରୁ ୨୨୦୦ରୁ ୨୫୦୦ ଟଙ୍କା ଦେଇ ଗ୍ୟାସ୍ ସିଲିଣ୍ଡର କିଣିବା ସମ୍ଭବ ନୁହେଁ। ତେଣୁ ଚୁଲିମୁଣ୍ଡକୁ ଫେରିବାକୁ ବାଧ୍ୟ। ଏପଟେ ଗ୍ୟାସ ଅଭାବ କଳାବଜାରୀରୁ ଅନେକ ଉଠା ଦୋକାନୀ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପରିଣାମ ସ୍ୱରୂପ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ଏବେ ବିକଳ୍ପ ଭାବେ ଚୁଲିକୁ ଅପଣାଇଲେଣି। ସରକାର ଯଦି କଳାବକାର ରୋକିବା ଦିଗରେ ନିଷ୍ଠାର ସହ କାମ କରନ୍ତେ, ତାହେଲେ ଲୋକେ ଅସୁବିଧାରେ ପଡ଼ନ୍ତେ ନାହିଁ ବୋଲି ଗ୍ୟାସ୍ ହିତାଧିକାରୀ କହିଛନ୍ତି।



# ସମ୍ପତ୍ତି ଲୋଭରେ ଭାଇକୁ ହାଣିଲା ଭାଇ

ଭୁବନେଶ୍ୱର, ୧୧।୪ (ସମିସ): ପୁଣି ରକ୍ତରଞ୍ଜିତ ହୋଇଛି ରାଜଧାନୀ। ସମ୍ପତ୍ତି ଆଗରେ ତୁଚ୍ଛ ପାଲଟିଛି ସମ୍ପର୍କ। ରାତି ଅଧରେ ସାନଭାଇକୁ ଗୋଡ଼ାଇ ଗୋଡ଼ାଇ ହାଣିଛି ବଡ଼ ଭାଇ। ଜୀବନ ବଞ୍ଚାଇବାକୁ ଲିଫ୍ଟ ମାଗି ନୂଆପଲ୍ଲୀ ଥାନାରେ ପଶି ଯାଇଛନ୍ତି ପୀଡ଼ିତ। ଶୁକ୍ରବାର ବିଳମ୍ବିତ

■ ପେଟରେ ଛୁରି ଭୁସିଲା, ହେଲମେଟ୍ ପାଇଁ ବଞ୍ଚିଗଲା ଜୀବନ
■ ଲିଫ୍ଟ ମାଗି ଥାନା ଭିତରେ ପଶିଗଲେ ପୀଡ଼ିତ



ରାତିରେ ସାଲିଆ ସାହିରେ ଏଭଳି ଘଟଣା ଘଟିଛି। ମହାବୀର ନଗରର ନିରଞ୍ଜନ ସାମନ୍ତରାୟ ଓରଫ୍ ଦୀପୁ ଗୁରୁତର ହୋଇଛନ୍ତି। ତାଙ୍କ ଶରୀରର ସାରା ଗଭୀର ଆଘାତ ଲାଗିଛି। ସେପଟେ ଅଭିଯୁକ୍ତ ବଡ଼ ଭାଇ ଚିତ୍ତରଞ୍ଜନ ସାମନ୍ତରାୟଙ୍କୁ ଅଟକ ରଖିଛି ମୈତ୍ରୀ ବିହାର ଥାନା ପୁଲିସ।

ଅଭିଯୋଗ ଅନୁସାରେ, ମହାବୀର ନଗରର ଜୟଦେବ ସାମନ୍ତରାୟଙ୍କ ବଡ଼ ପୁଅ ଚିତ୍ତରଞ୍ଜନ ଅଟୋ ଚଳାଉଥିବା ବେଳେ ନିରଞ୍ଜନ କଣ୍ଟନାରେ ଲୁଗା ଦୋକାନ ଓ କୁକୁଡ଼ା ଫାର୍ମ ବ୍ୟବସାୟ କରୁଛନ୍ତି। ବିବାହ କରିଥିବା ଚିତ୍ତରଞ୍ଜନ କିଛିମାସ ହେବ ରୋଜଗାର ଛାଡ଼ି ନିଶା ସେବନ କରିବା ସହ ବାପା ଜୟଦେବଙ୍କ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଉନଥିଲା। ଫଳରେ ବାପା ସାନପୁଅ ନିରଞ୍ଜନଙ୍କ ପାଖରେ ରହି ଆସୁଛନ୍ତି। ଏହାରି ଭିତରେ ନିରଞ୍ଜନଙ୍କ ବ୍ୟକ୍ତିଗତ ସମ୍ପତ୍ତି ଉପରେ ନଜର ପକାଇଥିଲା ଚିତ୍ତରଞ୍ଜନ। ବାପାଙ୍କୁ ରଖିବା ଓ ସମ୍ପତ୍ତି ବିଷୟକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ନିରଞ୍ଜନ ବିବାହ କରିନଥିବାରୁ ସମ୍ପତ୍ତି ହାତେଇବାକୁ ଚିତ୍ତରଞ୍ଜନ ସୁଚିନ୍ତିତ ଷଡ଼ଯନ୍ତ୍ର ରଚିଥିଲା।

ଶୁକ୍ରବାର ରାତି ପ୍ରାୟ ସାଢେ ୧୧ଟା ସମୟରେ ନିରଞ୍ଜନ ଘରକୁ ଫେରୁଥିବା ବେଳେ ଚିତ୍ତରଞ୍ଜନ ପୂର୍ବ ଯୋଜନା ମୁତାବକ ନିକଟସ୍ଥ ଅନ୍ଧାରିଆ ସ୍ଥାନରେ ଲୁଚି ରହିଥିଲା। ନିରଞ୍ଜନ ପହଞ୍ଚିବା କ୍ଷଣି ଚିତ୍ତରଞ୍ଜନ ଚାପଡ଼ରେ ଚୋଟ ପକାଇଥିଲା। ଚିତ୍ତରଞ୍ଜନ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ବଡ଼ ଭାଇ ଗୋଟିଏ ପରେ ଗୋଟିଏ ଚୋଟ ପକାଇ ଚାଲିଥିଲା। ଅଣ୍ଟା ଠାରୁ ନେଇ ବେକ ପର୍ଯ୍ୟନ୍ତ ଚାପଡ଼ରେ ହାଣି ଚାଲିଥିଲା। ନିରଞ୍ଜନ ତଳେ ପଡ଼ିଯିବା ପରେ ଚିତ୍ତରଞ୍ଜନ ତାଙ୍କ ପେଟକୁ ଛୁରା ମାଡ଼ କରିଥିଲା। ସୌଭାଗ୍ୟବଶତ ସେ ହେଲମେଟ ପିନ୍ଧିଥିବାରୁ ମୁଣ୍ଡରେ କୌଣସି ଆଘାତ ଲାଗି ନ ଥିଲା।

ଚିତ୍କାର ଶୁଣି ଲୋକମାନେ ଧାଇଁ ଆସୁଥିବା ବେଳେ ନିରଞ୍ଜନ ଜୀବନ ବଞ୍ଚାଇବାକୁ ଦୌଡ଼ି ଥିଲେ। ସେହି ରାସ୍ତା ଦେଇ ଯାଉଥିବା ଜଣେ ବାଇକ୍ ଆରୋହୀଙ୍କୁ ଲିଫ୍ଟ ମାଗି ନୂଆପଲ୍ଲୀ ଥାନା ଭିତରେ ପଶି ଯାଇଥିଲେ। ନୂଆପଲ୍ଲୀ ଥାନା ଅଧିକାରୀ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ସେପଟେ ଖବରପାଇ ମୈତ୍ରୀ ବିହାର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ସାଲିଆ ସାହିରେ ଚଢ଼ଉ କରି ବଡ଼ଭାଇ ଚିତ୍ତରଞ୍ଜନକୁ ଥାନାକୁ ଉଠାଇ ଆଣିଛି।

## ଗାଁ ପରିବେଶ ସହରରେ ସ୍ୱପ୍ନ



ସୁନ୍ଦର ପରିବେଶରେ ପରିପୂର୍ଣ୍ଣ ମୋ ଗାଁ। ବିଲ ବାଡ଼ି, ବଡ ବରଗଛ, ପୋଖରୀ, ମନ୍ଦିର ଆଦିକୁ ନେଇ ଆମ ଗାଁ ବେଶ ମନୋରମ ଦିଶେ। ଯେତେ ଦେଖିଲେ ବି ମନ ଭରେନି। ସେଇ ମାଟିରେ ଗଢି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି।

ଏପରି ଜଣେ ଗାଁ ପ୍ରେମୀ ହେଲେ ରାମଚନ୍ଦ୍ର ସାହୁ। ତାଙ୍କ ଗାଁ ହେଉଛି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୋବିନ୍ଦପୁରଠାରେ ବୋଲି ସେ କୁହନ୍ତି। ଦୀର୍ଘ ୪୦ ବର୍ଷ ହେଲାଣି ଭୁବନେଶ୍ୱରରେ ରହୁଛନ୍ତି। ବର୍ତ୍ତମାନ ତାଙ୍କର ଠିକଣା ହେଉଛି ଖଣ୍ଡଗିରିର ଧର୍ମବିହାର ଅଞ୍ଚଳ। ବୟସ ତାଙ୍କର ୭୦ ଛୁଇଁଲାଣି। ରାସ୍ତା କଡରେ ଏକ ଛୋଟିଆ ସଉଦା ଦୋକାନରେ ତାଙ୍କ ଘର ଚଳେ।

**ଆମେ ଗାଁରୁ ଆସିଛୁ**

ସମୟ ସହ ଗାଁ ଓ ସହର ଭିତରେ ଗଢି ଉଠିଥିବା ସେ ତଫାତ୍‌କୁ ନେଇ କୁହନ୍ତି, ସେ ସମୟରେ ଗାଁ ବହୁତ ସୁନ୍ଦର ଥିଲା ହେଲେ ବର୍ତ୍ତମାନ ଯେପରି ସହରୀକରଣ ଗାଁର ସଜ୍ଞା ବଦଳାଇ ଦେଉଛି। ତଥାପି ଗାଁ ମୋର ସବୁବେଳେ ନିଆରା। ପିଲାବେଳ ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ, ବାଡି ତୋଟା ବୁଲିବା ସାଙ୍ଗକୁ ବିରି ମୁଗ ତୋଳିବା ଏସବୁ ଏବେ ଯେମିତି ସ୍ୱପ୍ନ। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ଗାଁର ଦୋଳ, ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳ, ରଜରେ ଉତ୍ସବ ମୁଖର ଗାଁ ମନରେ ଖୁସି ଆଣିଦିଏ। ସବୁଜ କିଆରି, ଗାଁ ନଇନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ଆଜି ବି ସେଠାକୁ ଗଲେ ସବୁକିଛି ଫେରି ପାଇଲା ଭଳି ଲାଗେ। ସେ ସମୟରେ ଓଡିଆ ପରମ୍ପରା, ପର୍ବପର୍ବାଣୀକୁ ବେଶ ମାନନ୍ତି ସମସ୍ତେ। ପୂଜା ଏବଂ ଆଧ୍ୟାତ୍ମିକ ଆଲୋଚନା ହିଁ ସନ୍ଧ୍ୟା ହେଲେ ମନ୍ଦିର ପ୍ରାଙ୍ଗଣରେ ଶୁଣିବାକୁ ମିଳେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଁରେ ସମସ୍ତେ ଏକଜୁଟ ହୋଇଥାନ୍ତି। କାହାର କିଛି ଅସୁବିଧା ହେଲେ ସାଙ୍ଗରେ ଠିଆ ହୁଅନ୍ତି ଭାଇ, ବନ୍ଧୁ, କୁଟୁମ୍ବ ଏବଂ ପଡୋଶୀ। ହେଲେ ଏଠି ପଡ଼ିଶା ଘର ଲୋକଙ୍କ ସହ ସେ ସମ୍ପର୍କ ନାହିଁ। ଭଲରେ ମନ୍ଦରେ କେହି କାହାରିକୁ ପଚାରନ୍ତି ନାହିଁ। ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଛୋଟ ପିଲାମାନେ ଘରର ବୟଜ୍ୟେଷ୍ଠଙ୍କ ସହ ବସି କାହାଣୀ ଶୁଣିବାକୁ ବି ସମୟ ପାଉନାହାନ୍ତି ହାତରେ ଫୋନ ବହେଲେ ପାଠପଢ଼ାରେ ବ୍ୟସ୍ତ। ଏ ଆଖି ହଳକ ଆଜି ସହରୀକରଣ ଭିତରେ ଯେମିତି ଧସି ପଶିଛି। ଗାଁ ପରିବେଶ ପଛରେ ଛାଡି ତାକୁ ହିଁ ଝୁରି ହେଉଛି। ଗାଁର ଯେଉଁ ଆପଣାପଣର ବାସ୍ନା, ସବୁଦିନ ପାଇଁ ମନ ସହରରେ ଖୋଜି ଝୁରି ହେଉଥିବ।

## ଛୁରି ଦେଖାଇ ଲୁଟ୍; ଜଣେ ଗିରଫ



ଭୁବନେଶ୍ୱର, ୧୧।୪ (ସମିସ): ଛୁରି ଦେଖାଇ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ତାରିଣୀ ନଗରରେ ରହୁଥିବା ସୁରେନ୍ଦ୍ର ଡାଲୁଆ ଓରଫ୍ ବବୁଲ (୨୩)।

ପୁଲିସ ସୂଚନାନୁଯାୟୀ, ଗତମାସ ୨୭ ତାରିଖ ରାତିରେ ସାଲିଆ ସାହିର ସୁମନ ବେହେରା ଇଡକୋ ପଡ଼ିଆରେ ପାର୍କିଂ ହୋଇଥିବା ଏକ ଅଟୋରେ ବସିଥିଲେ। ସେହି ସମୟରେ ବବୁଲ୍ ସେଠାକୁ ଆସି ଗାଳିଗୁଲଜ କରିବା ସହ ଏକ ଧାରୁଆ ଛୁରି ଦେଖାଇ ପାଖରେ ଥିବା ସବୁତକ ଟଙ୍କା ଦେବାକୁ ଧମକ ଦେଇଥିଲା। ସେ ଟଙ୍କା ଦେବାକୁ ମନା କରିବାରୁ ବବୁଲ୍ ତାଙ୍କୁ ଏକ ଶକ୍ତ ଧକା ପକାଇଥିଲା। ସୁମନ ଅଟୋରୁ ତଳକୁ ଖସି ପଡ଼ିବାରୁ ବବୁଲ୍ ତାଙ୍କ ପକେଟରୁ ୫ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଛଡ଼ାଇ ଫେରାର ହୋଇଯାଇଥିଲା। ଯିବା ବେଳେ ଥାନାରେ ଅଭିଯୋଗ କଲେ ତାଙ୍କୁ ଓ ପରିବାର ବର୍ଗଙ୍କୁ ସେ ଜୀବନରୁ ମାରିବାର ଧମକଦେଇ ଯାଇଥିଲା। ସୁମନ ଏନେଇ ଅଭିଯୋଗ କରିବା ପରେ ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ମଇଳା ଟାଙ୍କି ନିକଟରୁ ବବୁଲୁକୁ ଗିରଫ କରିବା ସହ ଲୁଟ୍ ମୋବାଇଲ ଫୋନକୁ ଜବତ କରିଥିଲା ପୁଲିସ।

## ଟ୍ୟୁରିଷ୍ଟ ବସ୍ କର୍ମଚାରୀଙ୍କୁ ଆକ୍ରମଣ କରି ଦୁଇ ଗିରଫ

ଭୁବନେଶ୍ୱର, ୧୧।୪(ସମିସ): ଲିଫ୍ଟ ନ ଦେବାରୁ ଟ୍ୟୁରିଷ୍ଟ ବସ୍ କର୍ମଚାରୀଙ୍କୁ ଆକ୍ରମଣ। ଏହି ଅଭିଯୋଗରେ ସହିଦ ନଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀକାନ୍ତ ଦାସ ଏବଂ ଝୁମୁରୁ ସ୍ୱାଇଁ। ଅପରାଧରେ ବ୍ୟବହୃତ ମାରଣାଅସ୍ତ୍ର ତାଙ୍କ ଠାରୁ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ସକାଳ ପ୍ରାୟ ୯ ଟା ସମୟରେ ଅଭିଯୋଗକାରୀ ଓ ଅନ୍ୟାନ୍ୟ ପର୍ଯ୍ୟଟକମାନେ ଏକ ସଂରକ୍ଷିତ ବସ୍‌ରେ ନନ୍ଦନକାନନ ଅଭିମୁଖେ ଯାଉଥିଲେ। ଯେତେବେଳେ ବସ୍‌ଟି ଜୟଦେବ ବିହାର ଛକ ନିକଟରେ ପହଞ୍ଚିଲା ସେତେବେଳେ ଦୁଇଜଣ ଅଜଣା ବ୍ୟକ୍ତି ପରବର୍ତ୍ତୀ ଷ୍ଟପେଜ ପର୍ଯ୍ୟନ୍ତ ଲିଫ୍ଟ ଦେବାକୁ ଅନୁରୋଧ କରିଥିଲେ। ବସ୍‌ଟି ପର୍ଯ୍ୟଟକ ମାନଙ୍କ ପାଇଁ ସଂରକ୍ଷିତ ଥିବାରୁ ଡ୍ରାଇଭର ଗାଡ଼ିକୁ ଅଟକାଇ ନଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେହି ଦୁଇଜଣ ବ୍ୟକ୍ତି ଜୋରଜବରଦସ୍ତ ବସ୍‌ଟିକୁ ଅଟକାଇ ଦେଇଥିଲେ। ଅଭିଯୋଗକାରୀ ଓ ଡ୍ରାଇଭରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସେମାନେ ହଠାତ୍ ବାଉଁଶ ଲାଠି ସାହାଯ୍ୟରେ ଆକ୍ରମଣ କରିଥିବାରୁ ଅଭିଯୋଗକାରୀ ଓ ଡ୍ରାଇଭର ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ପିସିଆର୍ କର୍ମଚାରୀମାନେ ତୁରନ୍ତ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ତଦନ୍ତ ସମୟରେ ଅଭିଯୋଗକାରୀ ଆକ୍ରମଣକାରୀ ମାନଙ୍କୁ ଭୁବନେଶ୍ୱର ସାଇନ୍ସ ପାର୍କ ବସ୍ତିର ଝୁମୁର ସ୍ୱାଇଁ ଓ ବାବୁଲ ଲକ୍ଷ୍ମୀକାନ୍ତ ଦାସ ବୋଲି ଚିହ୍ନଟ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ଝୁମୁର ସ୍ୱାଇଁ ଓ ବବୁଲ ଲକ୍ଷ୍ମୀକାନ୍ତ ଦାସଙ୍କୁ ଗିରଫ କରାଯାଇଥିଲା। ନିରନ୍ତର ପଚରାଉଚରା ପରେ ସେମାନେ ଉକ୍ତ ଅପରାଧରେ ସେମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ।

## ମେଳନ ବେଳେ ଆକ୍ରମଣ; ୩ ଗୁରୁତର

ଯାଁଳା, ୧୧।୪(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଇନଫୋସିଭ୍ୟାଲି ଥାନା ଗ୍ରାମଣ୍ଡିହ ଗ୍ରାମର ମେଳନ ଯାତ୍ରା ସମୟରେ ଗୋଟିଏ ପରିବାରର ଭଉଣୀ ସମେତ ଦୁଇ ଭାଇଙ୍କୁ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଦୁଇ ଭାଇ ହେଲେ ସୌମ୍ୟରଞ୍ଜନ ମହାପାତ୍ର, ଜ୍ଞାନ ରଞ୍ଜନ ମହାପାତ୍ର ଓ ଭଉଣୀ ସନ୍ଧ୍ୟାରାଣୀ ମହାପାତ୍ର। ମିଳିଥିବା ସୂଚନା ଅନୁସାରେ ଗତ ଦୁଇ ଦିନ ହେବ ଗ୍ରାମଣ୍ଡିହ ଗ୍ରାମର ମେଳନ ଉତ୍ସବ ଚାଲୁଥିଲା। ଗତକାଲି ବିଳମ୍ବିତ ରାତିରେ ସୌମ୍ୟ ଓ ଜ୍ଞାନ ଯାତ୍ରା ଦେଖିବାକୁ ଯାଇଥିଲେ। କୌଣସି କାରଣରୁ ସେହି ଗ୍ରାମର କିଛି ଯୁବକଙ୍କ ସହ ସୌମ୍ୟର ବଚସା ହୋଇଥିଲା। ଫଳରେ ଗ୍ରାମଣ୍ଡିହ ଗ୍ରାମର ଚନ୍ଦନ ଓ ତାର କିଛି ସହଯୋଗୀ ସୌମ୍ୟକୁ ଯାତ୍ରାରୁ ଘୋଷାରି ଆଣି ଆକ୍ରମଣ କରିଥିଲେ। ଭାଇକୁ ଆକ୍ରମଣ ଦେଖି ସାନ ଭାଇ ଜ୍ଞାନ ଘଟଣା ସ୍ଥଳକୁ ଦୌଡ଼ି ଆସିଥିଲେ। ମୋ ଭାଇକୁ କାହିଁକି ଆକ୍ରମଣ କଲ ବୋଲି ପଚାରିବାରୁ ଚନ୍ଦନ ଓ ତାର ସହଯୋଗୀମାନେ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ଫଳରେ ଦୁଇ ଭାଇଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ତଳେ ପଡ଼ି ଯାଇଥିଲେ। ସେହି ସମୟରେ ଭଉଣୀ ସନ୍ଧ୍ୟା ସେମାନଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କଲାବେଳେ ଦୁର୍ବୃତ୍ତମାନେ ଭଉଣୀକୁ ମଧ୍ୟ ଛାଡି ନ ଥିଲେ। ସନ୍ଧ୍ୟାଙ୍କୁ ମଧ୍ୟ ଆକ୍ରମଣ କରି ତାଙ୍କ ବେକରୁ ଏକ ସୁନା ଚେନ ଝାମ୍ପିନେଇଥିଲେ ଦୁର୍ବୃତ୍ତ। ଏନେଇ ଶନିବାର ଇନଫୋସିଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



## ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ; ଦୁଇ ପକ୍ଷରୁ ୬ ଗିରଫ

ଭୁବନେଶ୍ୱର, ୧୧।୪(ସମିସ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ପଡ଼ୋଶୀଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଥିଲା। ମାରପିଟ୍, ହତ୍ୟା ଉଦ୍ୟମ ଏବଂ ମହିଳାଙ୍କୁ ଦୁଷ୍କର୍ମ ଧମକ ଦିଆଯାଇଥିଲା। ପୁଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଦୁଇଟି ମାମଲା ରୁଜୁ କରିଥିଲା। ଏହି ଦୁଇଟି ମାମଲାରେ ୬ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସନ୍ତୋଷ ନାୟକ (୩୪), ଗଣେଶ ନାୟକ (୩୨), ଶ୍ରୀକାନ୍ତ ନାୟକ (୩୦) ଓ ସୁରେଶ ନାୟକ (୩୬) ଏବଂ ପ୍ରତିପକ୍ଷର ତପନ ନାୟମ ଏବଂ ମଙ୍ଗୁ ନାୟକ। ସମସ୍ତଙ୍କ ଘର ଝାରପଡ଼ା ହରିଜନ ସାହିରେ।

ତପନ ନାୟକଙ୍କ ଅଭିଯୋଗ ଅନୁଯାୟୀ, ରାଜେନ୍ଦ୍ର ନାୟକ ଏବଂ ତାଙ୍କ ପୁଅ ସନ୍ତୋଷ ନାୟକ ଶୌଚାଳୟ ଟାଙ୍କି ନିର୍ମାଣ ପାଇଁ ଅଭିଯୋଗକାରୀଙ୍କ ଜମିରେ ଜୋରଜବରଦସ୍ତ ବାଲି ଏବଂ ଇଟା ଗଦା କରିଥିଲେ। ଏହାକୁ ନେଇ ବିବାଦ ହୋଇଥିଲା। ଅଭିଯୁକ୍ତମାନେ ହତ୍ୟା କରିବା ଉଦ୍ଦେଶ୍ୟରେ ଅଭିଯୋଗକାରୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ତପନଙ୍କ ମା ଓ ଭଉଣୀଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଯାହା ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୪ଜଣଙ୍କୁ ଗିରଫ କରିଥିଲା।

ଅନ୍ୟପକ୍ଷରେ ଏହି ଘଟଣାରେ ପ୍ରତିପକ୍ଷଙ୍କ ଏତଲା ଆଧାରରେ ପୁଲିସ ଆଉ ଏକ ମାମଲା ରୁଜୁ କରିଛି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତପନ ନାୟମ ଏବଂ ମଙ୍ଗୁ ନାୟକ। ପ୍ରତିପକ୍ଷଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ସାମ୍ନାରେ ରାସ୍ତା ନିର୍ମାଣ କାମ ଚାଲିଥିଲା ଅଭିଯୋଗକାରୀଙ୍କୁ ଭୁଲ ଭାବରେ ଅଟକାଇ ଆକ୍ରମଣ କରିଥିଲେ। ଏହାର ଫଳସ୍ୱରୂପ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅଭିଯୁକ୍ତମାନେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ତପନ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ସହ ବଳାତ୍କାର କରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। -ହୋଟିମିନ୍

## ଓମ୍‌ଫେଡ୍ ପକ୍ଷରୁ 'ବିଶ୍ୱ ଛେନାପୋଡ଼ ଦିବସ'



ଭୁବନେଶ୍ୱର, ୧୧।୪(ସମିସ): ଓମ୍‌ଫେଡ୍ ପକ୍ଷରୁ ବିଶ୍ୱ ଛେନାପୋଡ ଦିବସ ପାଳନ କରାଯାଇଛି। ଓମ୍‌ଫେଡ୍‌ର ସହିଦ ନଗରସ୍ଥିତ ମୁଖ୍ୟାଳୟରେ ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓମ୍‌ଫେଡ୍ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଛେନାପୋଡ଼ କାଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ହାଡିବନ୍ଧୁ ଭୋଇ, ଅତିରିକ୍ତ ନିର୍ଦ୍ଦେଶକ ଡା. ଗିରିଧାରୀ ଭୋଇ, ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଆଲୋକ ନାୟକ, ଡେପୁଟି ନିର୍ଦ୍ଦେଶକ ଡାକ୍ତର ମଦନମୋହନ ମହାପାତ୍ର, ଓମ୍‌ଫେଡ୍ ମ୍ୟାନେଜର (ପ୍ଲାଣ୍ଟ) ସୌମେନ୍ଦ୍ର ଭୌମିକ, ମ୍ୟାନେଜର (ଡେରୀ ଅପରେସନ) ମୃତ୍ୟୁଞ୍ଜୟ କୁମାର, ଡେପୁଟି ମ୍ୟାନେଜର (ସୂଚନା ଓ ଲୋକ ସମ୍ପର୍କ ବିଭାଗ) ଡାକ୍ତର ବିଶ୍ୱରଞ୍ଜନ ତ୍ରିପାଠୀ, ଡେପୁଟି ମ୍ୟାନେଜର (ବିତ୍ତ) ତାପସ ରଞ୍ଜନ ମିଶ୍ର, ସହକାରୀ ମ୍ୟାନେଜର (ଆଟି) ଜିତେନ୍ଦ୍ର ବରାଡ, ମାର୍କେଟିଂ ମୁଖ୍ୟ ଆଲୋକ ଅଗ୍ନିବେଶ, ମାନବ ସମ୍ବଳ ବିକାଶ ମୁଖ୍ୟ ନିତ୍ୟଦର୍ଶନ ମିଶ୍ରଙ୍କ ସହ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ ଓମ୍‌ଫେଡର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ରାଜଧାନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ୧୩ରେ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର, ୧୧।୪(ସମିସ): ଚଳିତ ବର୍ଷ ରାଜଧାନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ମଶାଲ ୱାରିଅର୍ସ ଓଡ଼ିଶା ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ଏହି ମଶାଲ ଶୋଭାଯାତ୍ରା ଏପ୍ରିଲ ୧୩ ତାରିଖ ସକାଳ ୫ ଟାରେ ଶ୍ରୀ ଲିଙ୍ଗରାଜ ମନ୍ଦିରରୁ ଆରମ୍ଭ ହୋଇ ବଡ଼େଇବାଙ୍କ ଛକ, ଶିଶୁଭବନ ଛକ, ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ ଛକ, ଲୋୟର ପିଏମ୍‌ଜି ଛକ ଦେଇ ରାଜଧାନୀ ପ୍ରତିଷ୍ଠା ଉତ୍ସବ ମଞ୍ଚରେ ପହଞ୍ଚିବ। ଏହି ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଯୁବବର୍ଗ ଓ ସମାଜର ବିଭିନ୍ନ ଶ୍ରେଣୀର ନାଗରିକମାନେ ଭାଗ ନେବେ।

## ତଞ୍ଚକତା କରି ସିଲେଇ ମେସିନ୍ ବିକ୍ରି; କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୧।୪ (ସମିସ): ତଞ୍ଚକତା କରି ସିଲାଇ ମେସିନ୍ ବିକ୍ରି କରିଥିବା ଅଭିଯୋଗରେ କର୍ମଚାରୀକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିଅନ୍ତା ଥାନା ବଇଁଚୁଆର କାହ୍ନୁଚରଣ ପ୍ରଧାନ ଓରଫ୍ ରଘୁ (୨୨)।



ପୁଲିସ ସୂଚନା ଅନୁଯାୟୀ, ପ୍ରତାପ କୁମାର ସାହୁ ବାପୁଜୀନଗରରେ ସିଲାଇ ମେସିନ୍ ବିତରଣ ବ୍ୟବସାୟ କରୁଥିବା ବେଳେ ବଇଁଚୁଆର କାହ୍ନୁ ଓ ପ୍ରଶାନ୍ତ ସେଠାରେ ସେଲ୍ସମ୍ୟାନ୍ ଭାବେ କାମ କରୁଥିଲେ। ମାଲିକ କାହ୍ନୁ ଓ ପ୍ରଶାନ୍ତ ଉପରେ ଭରସା କରିବା ସହ ସେମାନଙ୍କ ଉପରେ ଗୋଦାମରେ ଥିବା ସାମଗ୍ରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରିଥିଲେ। ଦୁଇ ଜଣ ମିଶି ଗତମାସ ୨୬ ତାରିଖ ଦିନ ୩ଟାରୁ ୫ଟା ମଧ୍ୟରେ ମାଲିକଙ୍କ ଅଜାଣତରେ ଗୋଦାମରୁ ସାମଗ୍ରୀ ସବୁକୁ ନେଇ ପଳାଇଥିଲେ। ଏହି ଠକେଇ ଫଳରେ ମାଲିକଙ୍କ ବ୍ୟବସାୟରେ ଘୋର କ୍ଷତି ହୋଇଥିଲା ଓ ଅଢେଇ ଲକ୍ଷ ଟଙ୍କା ଠକେଇ ହୋଇଥିବା ଷ୍ଟକ୍ ଯାଞ୍ଚ ପରେ ଜଣାପଡ଼ିଥିଲା। ପ୍ରତାପ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି କାହ୍ନୁ ଓ ପ୍ରଶାନ୍ତ ଚୋରି କରିଥିବାର ପ୍ରମାଣ ମିଳିଥିଲା। ଶନିବାର ବଇଁଚୁଆରେ ଚଢ଼ଉ କରି କାହ୍ନୁକୁ ଗିରଫ କରିଥିଲା ପୁଲିସ। ତା' ଠାରୁ ଏକ ନୂଆ ସିଲାଇ ମେସିନ ଓ ୭ ହଜାର ଟଙ୍କା ଜବତ କରିଥିଲା।

## ଜମି ଠକେଇ: ୩ ଭାଇଙ୍କୁ ୩୨ ଲକ୍ଷର ଚୂନ; ଦାଦାପୁଅ ଗିରଫ

ଭୁବନେଶ୍ୱର, ୧୧।୪ (ସମିସ): ଜମି ବିକ୍ରି ଆଳରେ ୩ ଭାଇଙ୍କ ଠାରୁ ୩୨ ଲକ୍ଷ ଟଙ୍କା ଠକି ନେଇଛି ସମ୍ପର୍କୀୟ ଭାଇ। ଅଭିଯୋଗ ପାଇବା ପରେ ଦାଦା ପୁଅକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସତ୍ୟନଗରରେ ରହୁଥିବା ରଶ୍ମିନ ରଞ୍ଜନ ପତି (୫୭)।



ପୁଲିସ ସୂଚନା ଅନୁସାରେ, ଶିବପ୍ରସାଦ ପତି ଜମି କିଣିବାକୁ ଯୋଜନା କରୁଥିବା ବେଳେ ତାଙ୍କ ଦାଦା ପୁଅ ଭାଇ ରଶ୍ମିନ ମାଧିପୁର ମୌଜାରେ ଆବାସିକ ଜମି କିଣାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରଶ୍ମିନ କଥାରେ ବିଶ୍ୱାସ କରି, ଶିବ ଦୁଇଟି ପର୍ଯ୍ୟାୟରେ ୧୦ଲକ୍ଷ ନଗଦ ଟଙ୍କା ଦେଇଥିଲେ। ସେହି ଟଙ୍କା ଦେବାଶିଷ ରିଅଲ୍ ଇଷ୍ଟେଟ୍ କମ୍ପାନୀକୁ ଅଗ୍ରୀମ ଭାବେ ଦିଆଯିବ ବୋଲି ରଶ୍ମିନ କହିଥିବା ବେଳେ ରସିଦ ମଧ୍ୟ ଦେଇଥିଲେ। କେବଳ ଶିବ ନୁହନ୍ତି, ତାଙ୍କ ବାକି ଦୁଇ ଭାଇ ମଧ୍ୟ ଜମି କିଣିବାକୁ ଟଙ୍କା ଦେଇଥିଲେ। ବଡ଼ଭାଇ ଆଦିତ୍ୟ ପ୍ରସାଦ ପତି ଙ୍କଠାରୁ ୧୫ ଲକ୍ଷ ୫୦ ହଜାର ଟଙ୍କା ଓ ସାନ ଭାଇ ହିମାଂଶୁ ପ୍ରସାଦ ପତି ୭ ଲକ୍ଷ ଟଙ୍କା ଦେଇ ରସିଦ ପାଇଥିଲେ। ଏହାର କିଛିଦିନ ପରେ ଦେବାଶିଷ ରିଅଲ୍ ଇଷ୍ଟେଟର ଅଧିକୃତ ପ୍ରତିନିଧିଙ୍କୁ ପଚାରିବାରୁ, କମ୍ପାନୀ କୌଣସି ଟଙ୍କା ପାଇନଥିଲା କି ରସିଦ୍ ମଧ୍ୟ ଦେଇନାହିଁ ବୋଲି ୩ ଭାଇ ଜାଣିବାକୁ ପାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, କମ୍ପାନୀ ଏପରି କାରବାର କରିବାକୁ କାହାରିକୁ ଅନୁମୋଦନ କରିନଥିଲା। ପୁଲିସ କାର୍ଯ୍ୟାନୁଷ୍ଠାନର ଧମକ ଦେବାରୁ ରଶ୍ମିନ ୩ ଲକ୍ଷ ୫୦ ହଜାର ଟଙ୍କା ଫେରସ୍ତ ଦେଇଥିଲେ ମଧ୍ୟ ବାକି ଟଙ୍କା ଫେରାଇ ନଥିଲେ। ଓଲଟି ୩ ଭାଇଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ମଧ୍ୟ ଦେଇଥିଲେ। ୩ ଭାଇ ୩୨ ଲକ୍ଷ ୫୦ ହଜାର ଟଙ୍କା ଠକେଇର ଶିକାର ହୋଇଥିବା ଜାଣିବା ପରେ ଶିବପ୍ରସାଦ ଏନେଇ ଏୟାରଫିଲ୍ଡ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ରଶ୍ମିନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ୧୨ ଲକ୍ଷର ଚୂନ

# ଦୁଇ ନକଲି ଫ୍ଲାଟ୍ ମାଲିକ ଗିରଫ

ଭୁବନେଶ୍ୱର, ୧୧।୪ (ସମିସ): ଫ୍ଲାଟ୍ କିଣିବାକୁ ଯାଇ ଫସିଛନ୍ତି ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଦୁଇ ଜଣ ଠକ ତାଙ୍କ ଠାରୁ ୧୨ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଅଭିଯୋଗ ପାଇବା ପରେ ଦୁଇ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୂର୍ଯ୍ୟନଗରରେ ରହୁଥିବା ପିପିଲି ଦାନଗହିରୀର ମହମ୍ମଦ ଅଲ୍ଲୀ (୬୦) ଓ ନୂଆପଲ୍ଲୀ ରେଣ୍ଟାଲ କଲୋନୀରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକାର ମିର୍ଜା ମେହରାଜ ବେଗ୍ (୪୫)।





ପୁଲିସ ସୂଚନା ଅନୁସାରେ, ଆଇଏମ୍ଏମଟିର ଅବସରପ୍ରାପ୍ତ କର୍ମଚାରୀ ଶ୍ୟାମଳେନ୍ଦୁ ଦିଗାଲ ଗତବର୍ଷ ଏପ୍ରିଲ ମାସରେ ମହମ୍ମଦ ଓ ମିର୍ଜା ସଂସ୍ପର୍ଶରେ ଆସିଥିଲେ। ସେମାନେ ଭାଗିଦାରିରେ ଆଇଆରସି ଭିଲେଜରେ ଏକ ବିଲଡର୍ ଅଫିସ୍ ଚଳାଉଥିବା ବେଳେ ଘର କିଣାବିକା କରୁଥିବା ସମ୍ପତ୍ତି ଡିଲର ଭାବରେ ପରିଚୟ ଦେଇଥିଲେ। ଗୋଠପାଟଣାରେ ଅବସ୍ଥିତ ଥିବା ଆଦିତ୍ୟ ପ୍ରାଇଡ୍ ଆପାର୍ଟମେଣ୍ଟରେ ଫ୍ଲାଟ୍ ବିକ୍ରି ପାଇଁ ଶ୍ୟାମଳେନ୍ଦୁଙ୍କୁ ପ୍ରସ୍ତାବ ଦେଇଥିଲେ। ଶ୍ୟାମଳେନ୍ଦୁ ସେମାନଙ୍କ କଥାକୁ ବିଶ୍ୱାସ କରି ଫ୍ଲାଟ୍ କିଣିବାପାଇଁ ଚେକ୍ ମାଧ୍ୟମରେ ମହମ୍ମଦଙ୍କୁ ୭ ଲକ୍ଷ ଓ ମିର୍ଜାଙ୍କୁ ୫ ଲକ୍ଷ ଟଙ୍କା ଦେଇଥିଲେ। ମୋଟ ୧୨ ଲକ୍ଷ ଟଙ୍କା ଦେଇ ବିକ୍ରୟ ଚୁକ୍ତିନାମା କରିବାକୁ କହିବାରୁ ଦୁଇ ଜଣ ଯାକ ଏହାକୁ ଏଡ଼ାଇ ଯାଇଥିଲେ। ଦୁଇ ଜଣଙ୍କ ମଧ୍ୟରେ କେହି ମଧ୍ୟ ସେହି ଫ୍ଲାଟର ମାଲିକ ନୁହନ୍ତି ବୋଲି ପରବର୍ତ୍ତୀ ସମୟରେ ଶ୍ୟାମଳେନ୍ଦୁ ଜାଣିବାକୁ ପାଇଥିଲେ। ସେହି ଫ୍ଲାଟର ପ୍ରକୃତ ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ, ଯାହା ତାଙ୍କ ଆର୍ଥିକ କ୍ଷମତାରୁ ବାହାରେ ଥିଲା।

ଗତବର୍ଷ ଅକ୍ଟୋବର ମାସରେ ଶ୍ୟାମଳେନ୍ଦୁ ଦିଆଯାଇଥିବା ଟଙ୍କା ଫେରସ୍ତ ପାଇଁ ଦାବି କରିବାରୁ ସେମାନେ ଏକାଧିକ ବ୍ୟାଙ୍କ୍ ଚେକ୍ ଦେଇଥିଲେ। କିନ୍ତୁ ପର୍ଯ୍ୟାପ୍ତ ବାଲାନ୍ସ ନ ଥିବାରୁ ସେଗୁଡିକ ବାଉନ୍ସ ହୋଇଯାଇଥିଲା। ପରେ ନଗଦ ଟଙ୍କା ଫେରସ୍ତ ଦେବାକୁ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ କରିନଥିଲେ। ଏନେଇ ଶ୍ୟାମଳେନ୍ଦୁ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ମହମ୍ମଦ ଓ ମିର୍ଜାଙ୍କୁ ଗିରଫ କରିବା ସହ ଗୋଟିଏ କାର୍ ଜବତ କରିଛି।



## ପଣା ପୂର୍ବରୁ ଫଳ ଦର ଆକାଶଛୁଆଁ

# ବେଲ ଗୋଟାକ ୪୦, କଦଳୀ ଟପିଲା ୧୦୦

ଭୁବନେଶ୍ୱର, ୧୧।୪(ସମିସ): ମହାବିଷୁବ ପଣା ସଂକ୍ରାନ୍ତି ପାଇଁ ଚବତରଗଞ୍ଜରରାଜଧାନୀ ହାଟବଜାର। ଏହିପରି ଲକ୍ଷେ ଫଳ ଦର ଆକାଶ ଛୁଆଁ ହୋଇଛି। ବିଶେଷ କରି ବେଲ, ତରଭୁଜ, କଦଳୀ, ନଡ଼ିଆର ଦାମ୍ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ୧୪ ତାରିଖରେ ପଣାସଂକ୍ରାନ୍ତି ପାଇଁ ପ୍ରାୟ ୨ଦିନ ପୂର୍ବରୁ ଗ୍ରାହକଙ୍କ ଗହଳି ଜମିବା ସହ ଏବେଠାରୁ କିଣାକିଣି ଆରମ୍ଭ କରିଦେଇଛନ୍ତି ରାଜଧାନୀବାସୀ। ବିଭିନ୍ନ ପର୍ବର ଦର ବୃଦ୍ଧି କରାଯାଉଥିଲେ ବି ଓଡ଼ିଆ ଘରର ଏହି ପରମ୍ପରାକୁ ପାଳନ କରିବାକୁ ରାଜଧାନୀର ପ୍ରମୁଖ ମାର୍କେଟ୍ ଯଥା, ଏକାମ୍ର ମାର୍କେଟ୍, ଉତ୍କଳ ମାର୍କେଟ୍, ରସୁଲଗଡ଼ ମା' କୋଟିଳେର ହାଟ ଆଦିରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଥିଲା।

ମହାବିଷୁବ ପଣାସଂକ୍ରାନ୍ତି ଅର୍ଥାତ୍ ଶ୍ରୀ ହନୁମାନଙ୍କ ଜୟନ୍ତୀ ଅବସରରେ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ସହ ଘରେ ଘରେ ପଣା ପ୍ରସ୍ତୁତ କରାଯାଏ। ସେହିପରି ବିଭିନ୍ନ କର୍ପୋରେଟ୍ ସଂସ୍ଥା, ଶିକ୍ଷାନୁଷ୍ଠାନରେ ବି ପଣାର ଆସର ଜମେ। ଏଥିପାଇଁ ଆବଶ୍ୟକୀୟ ଉପକରଣ ପାଇଁ ୨ରୁ ୩ ଦିନ ପୂର୍ବଦିନ ବିଭିନ୍ନ ମାର୍କେଟରେ ଭିଡ଼ ଜମେ। ସାଧାରଣତଃ ପଣାରେ ବେଲ, ନଡ଼ିଆ, କଦଳୀ, ଛେନା, ଅଙ୍ଗୁର, ସେଓ, ଡାଳିମ୍ବ ଆଦି ବ୍ୟବହାର ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଫଳ ଦର ବୃଦ୍ଧି କରିଥିବା ଦେଖିବାକୁ ମିଳିଛି। ପଣା ସଂକ୍ରାନ୍ତିରେ ବେଲ ପଣାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ବେଲ ଦର ମଧ୍ୟ ବୃଦ୍ଧି ପାଇଛି। ପୂର୍ବରୁ ବେଲ ଗୋଟାକ ୧୫ରୁ ୨୦ଟଙ୍କାରେ ବିକ୍ରି ହେଉଥିବା ବେଳେ ପଣା ସଂକ୍ରାନ୍ତି ପାଇଁ ବେଲ ଗୋଟାକ ୩୫ରୁ ଆରମ୍ଭ ହୋଇ ୪୦ଟଙ୍କା ଯାଏ ରହିଛି। ସେହିପରି କଦଳୀ ଡଜନ୍ ୧୦୦ ଟପିଛି। ସାଧାରଣତଃ ଖରାଦିନେ ବେଲପଣାର ଚାହିଦା ରହିଥିବା ବେଳେ ପଣା ସଂକ୍ରାନ୍ତିରେ ଏହାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ବେଲ ଓଡ଼ିଶାର ମୟୂରଭଞ୍ଜ, ଆଠଗଡ଼, ଢେଙ୍କାନାଳ ଆଦି ସ୍ଥାନରୁ ବ୍ୟବସାୟୀମାନେ ଆମଦାନୀ କରିଥାନ୍ତି। ତେବେ ପଣା ସଂକ୍ରାନ୍ତିରେ ପ୍ରତିବର୍ଷ ଉଚ୍ଚା ଦରରେ ବେଲ ବିକ୍ରି ହୋଇଥାଏ ବୋଲି ଆଇଟି ମାର୍କେଟରେ ଫଳ ବ୍ୟବସାୟୀ ରତିକାନ୍ତ ପ୍ରଧାନ କହିଛନ୍ତି। ପଣାସଂକ୍ରାନ୍ତି ପରେ ଦର ପୂର୍ବଭଳି କମ୍ ରହିବ ବୋଲି ବ୍ୟବସାୟୀମାନେ କହିଛନ୍ତି। ପଣା ସଂକ୍ରାନ୍ତିକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଯଅ ଛତୁଆ, ଗହମ ଛତୁଆ, ଗୁଡ଼, କଞ୍ଚା ଆମ୍ବ ସହ ପଣାରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ପୁଡ଼ିଆ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଯାହାର ଦାମ୍ ୫୦ଟଙ୍କାରୁ ଆରମ୍ଭ ହୋଇଛି।



## ରାଜଧାନୀ କଲେଜରେ ଜାତୀୟ ବ୍ୟାଖ୍ୟାନମାଳା



ଭୁବନେଶ୍ୱର, ୧୧।୪(ସମିସ): ରାଜଧାନୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଓ ଓଡ଼ିଆ ବିଭାଗର ମିଳିତ ଆନୁକୂଲ୍ୟରେ 'ସଂସ୍କୃତ-ଓଡ଼ିଆ ଅନୁବାଦ : ପରମ୍ପରା, ପରିବର୍ତ୍ତନ ଓ ସମ୍ଭାବନା' ବିଷୟକ ଏକଦିବସୀୟ ଅନ୍ତରାଷ୍ଟ୍ରୀୟ ଜାତୀୟ ବ୍ୟାଖ୍ୟାନମାଳା ମହାବିଦ୍ୟାଳୟର ଅଡିଟୋରିୟମ୍ ହଲ୍‌ରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମଟି ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ ଡ. ସୁରେଶ୍ୱର ମେହେର ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ମମତା ମଞ୍ଜରୀ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରାଚାର୍ଯ୍ୟ ଡ. ସରୋଜକାନ୍ତ ଚୌଧୁରୀ କାର୍ଯ୍ୟକ୍ରମକୁ ଉଦଘାଟନକରି ଭାରତୀୟ ଭାଷାମାନଙ୍କ ଗୁରୁତ୍ୱ ଓ ଅନ୍ତରାଷ୍ଟ୍ରୀୟ ଅଧ୍ୟୟନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟଭାଷା ଗବେଷକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଜ୍ଞାନପରମ୍ପରା ଓ ଅନୁବାଦର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଅନୁବାଦ ସାହିତ୍ୟର ପରମ୍ପରା, ମହତ୍ତ୍ୱ ଓ ସାଂସ୍କୃତିକ ସମନ୍ୱୟରେ ତାର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଡ. ଇନ୍ଦ୍ରମଣି ସାହୁ ଓ ଡ. ରମେଶ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗର ଡ. ମନ୍ମଥନାଥ ପଡ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

## ଏଫ୍ଏଫ୍‌ସି ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




ଭୁବନେଶ୍ୱର, ୧୧।୪(ସମିସ): ୱାକର୍ସ ଇଣ୍ଟରନାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବ ଦ୍ୱାରା ଏନ୍-୩ ଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏଥିରେ ଓଡ଼ିଶା ସରକାରଙ୍କ ଚାରିଜଣ ଡାକ୍ତର ତଥା ଶିଶୁରୋଗ ବଶେଷଜ୍ଞ ଡ. ଶଶୀକାନ୍ତ ମିଶ୍ର, ସମ ହସ୍ପିଟାଲ ଭେଷଜ ବିଭାଗ ପ୍ରଫେସର ଡା. ସୁରେନ୍ଦ୍ର ନାଥ ସ୍ୱାଇଁ, ଶିଶୁମାନଙ୍କ ଟିକାକରଣ ଓ ଅନ୍ଧବିଶ୍ୱାସ ଦୂରୀକରଣ, ଚିକିତ୍ସା କ୍ଷେତ୍ରରେ ବିଜ୍ଞାନ ସମ୍ମତ ବୈପ୍ଲବିକ ପରିବର୍ତ୍ତନ ଉପରେ ଆଲୋକପାତ କରିଥିବା ବେଳେ ଡ. ମୁକ୍ତିକାନ୍ତ ଭୂୟାଁ ଗୃହପାଳିତ ପଶୁ ଯଥା ଗାଇ ଠାରୁ ଆନ୍ଥାକ୍ସ ଓ କୁକୁର ବିଲେଇଠାରୁ ଜଳାତ୍ମକ ରୋଗ ଓ ଯୁନୋଟିକ୍ ରୋଗ ମଣିଷ ସମାଜକୁ ସଂକ୍ରମଣ ଯୋଗୁଁ ସମସ୍ତେ ଏକାଠି ହୋଇ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟିକରିବା ହିଁ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ସୌଭାଗ୍ୟ ନାୟକ, ପୂର୍ବତନ ସଭାପତି ଆଶିଷ ପଟ୍ଟନାୟକ, କେଦାର ପଟ୍ଟନାୟକ, ଉପଦେଷ୍ଟା ପ୍ରେମାନନ୍ଦ ପୃଷ୍ଟି, କୋଷାଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ଉପସଭାପତି ଜୁବୁଲି କାନୁନଗୋ ପ୍ରମୁଖ କର୍ମକର୍ତ୍ତାମାନେ ପରିଚାଳନା କରିଛନ୍ତି ବୋଲି ସଭାପତି ସୁଧାକର ଷଡ଼ଙ୍ଗୀ କହିଥିଲେ।

## କର୍ମବୀର ଗୌରୀଶଙ୍କର ସଂକ୍ରାନ୍ତ ଆଲୋଚନାଚକ୍ର

ଭୁବନେଶ୍ୱର, ୧୧।୪(ସମିସ): ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ 'କର୍ମବୀର ଗୌରୀଶଙ୍କର ରାୟ- ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦଘାଟକ ଭାବେ ସଂସ୍କୃତି ବିଭାଗ ପୂର୍ବତନ ସଚିବ ତଥା ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ଡ. ମନୋରଞ୍ଜନ ପାଣିଗ୍ରାହୀ, ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନସଚିବ ଦେବପ୍ରସାଦ ଦାଶ, ଅନ୍ୟତମ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରାଧ୍ୟାପକ ଡ. ନିହାର ରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଲେଖକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ଉପସଭାପତି ଡ. ସଂଗ୍ରାମ ଜେନା, ସ୍ତମ୍ଭକାର ପ୍ରହଲାଦ ସିଂହ ପ୍ରମୁଖ ଯୋଗଦେଇ କର୍ମବୀର ଗୌରୀଶଙ୍କର କେବଳ ଓଡ଼ିଶା ଗଠନ ନୁହେଁ ବରଂ ଓଡ଼ିଆ ସାହିତ୍ୟକୁ ମଧ୍ୟ ତାଙ୍କ ଅବଦାନ ଅବିଶ୍ୱସନୀୟ ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ସଭା ପରିଚାଳନା କରିଥିଲେ।

## 'ଜଙ୍ଗଲକନ୍ୟା'କୁ ସର୍ବଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ପୁରସ୍କାର

ଭୁବନେଶ୍ୱର, ୧୧।୪(ସମିସ): ସନ୍ତୋଷ ପଣ୍ଡାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଜଙ୍ଗଲକନ୍ୟା'କୁ ମିଳିଛି ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ପୁରସ୍କାର। ଦ ପ୍ରିମିୟର ମିଡିଆ ବ୍ୟାନର୍‌ରେ ନିର୍ମିତ ୨୩ ମିନିଟ ଅବଧିର ଏହି ଚଳଚ୍ଚିତ୍ର ଚଣ୍ଡିଗଡ଼ଠାରେ ଚଳିତ ମାସ ୧୦ ତାରିଖରେ ଅନୁଷ୍ଠିତ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲରେ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କାର ଲାଭ କରିଛି। ରାଜା କିଶୋର ମହାରଣା ଏହାର ଚିତ୍ରତ୍ତୋଳନ କରିଥିବା ବେଳେ କରନ ଦୁବେ ଏହାର ସମ୍ପାଦନା କରିଛନ୍ତି। ସେହିପରି ଅଭିଷେକ ପାଣିଗ୍ରାହୀ ପ୍ରଚ୍ଛଦପଟ ସଙ୍ଗୀତ ଭାର ନିର୍ବାହ କରିଛନ୍ତି। ଏହି ପ୍ରାମାଣିକ ଚଳଚ୍ଚିତ୍ର କାନାଡାର ଟରୋଣ୍ଟ ଫିଲ୍ମ ଆୱାର୍ଡ, ବେଟର ଆର୍ଥ ଫିଲ୍ମ ଫେଷ୍ଟିଭାଲ, ଏସିଆନ ଫିଲ୍ମ ଫେଷ୍ଟିଭାଲକୁ ମନୋନୀତ ହୋଇ ପୁରସ୍କୃତ ହୋଇସାରିଛି।

## ଶିଳାଶ୍ରୀ ପତ୍ରିକାର ବିଷୁବ ସଂଖ୍ୟା ଲୋକାର୍ପିତ

ଭୁବନେଶ୍ୱର, ୧୧।୪(ସମିସ): ଶିଳାଶ୍ରୀ ପତ୍ରିକା ଓ ଅନୁଷ୍ଠାନର ଉନବିଂଶତମ ବାର୍ଷିକ ଉତ୍ସବ ବୁଦ୍ଧମନ୍ଦିରଠାରେ ସମ୍ପାଦିକା ବାସନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ସଭାପତି ଡ. ଶ୍ରୀକାନ୍ତ ମିଶ୍ର, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଭାବେ ଡ. ବିଜୟାନନ୍ଦ ସିଂହ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ରବିନାରାୟଣ ନନ୍ଦ, ରାଜ୍ୟ ସଂଗ୍ରହାଳୟ ଅଧ୍ୟକ୍ଷା ଡ. ଭାରତୀ ପାଲ ଯୋଗ ଦେଇଥିଲେ। ଶିଳାଶ୍ରୀ ପତ୍ରିକାର ବିଷୁବ ସଂଖ୍ୟା 'ଆମେ ଓ ଆମ ସଂମ୍ପର୍କ' ଅତିଥି ମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଚାରି ସାରସ୍ୱତ ପ୍ରତିଭାଧାରି ଯଥା କାମଦେବ ମହାପାତ୍ର, ଗୀତି କବିତା ପାଇଁ ବସନ୍ତ ଦାସ, ଶିଶୁ ସାହିତ୍ୟ ପାଇଁ ତନୟା ଦାସ ଗୋସ୍ୱାମୀ ଓ କବିତା ପାଇଁ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କୁ ଶିଳାଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ବିଶ୍ୱମିତ୍ରା ମିଶ୍ର, ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ସମ୍ପାଦିକା ବାସନ୍ତୀ ଦାସ।

## ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଯାପିତ




ଭୁବନେଶ୍ୱର, ୧୧।୪(ସମିସ): 'ଭୁବନେଶ୍ୱର ଭଞ୍ଜଭାରତୀ'ପକ୍ଷରୁ ଗୀତଗୋବିନ୍ଦ ସଦନରେ ତ୍ରିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର 'ରଙ୍ଗାଜୀବ ଗଙ୍ଗାଧର' ଶୀର୍ଷକ ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସୂଚନା ଆୟୁକ୍ତ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ପ୍ରାକ୍ତନ ପ୍ରଶାସକ ସରୋଜ କୁମାର ସାମଲ ସ୍ୱଭାବକବିଙ୍କ କୃତି ଓ ସାରସ୍ୱତ ସ୍ୱୀକୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମେହେର ସାହିତ୍ୟ ଗବେଷକ ଡ. ସୁଶୀଲ କୁମାର ବାଗ୍ ମେହେର କବିଙ୍କ କାବ୍ୟକବିତାରେ ଥିବା ସୂକ୍ଷ୍ମଦାର୍ଶନିକ ତତ୍ତ୍ୱର ଆଲୋଚନା ସହ ବିଭିନ୍ନ ସର୍ବଭାରତୀୟ କବିଙ୍କ ରଚନାର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ସ୍ୱଭାବକବି ଗଙ୍ଗାଧରଙ୍କ ରଚନାରେ ଭରି ରହିଥିବା ମାନବୀୟ ଦର୍ଶନ ଓ ଆବେଦନକୁ ପ୍ରକାଶ କରିଥିଲେ। ପ୍ରାରମ୍ଭରେ 'ନାଦବ୍ରହ୍ମ'ପକ୍ଷରୁ ଗଙ୍ଗାଧରସଙ୍ଗୀତ ପରିବେଷିତ ହୋଇଥିଲା। ଭଞ୍ଜଭାରତୀର ସମ୍ପାଦିକା ଶୁଭଶ୍ରୀ ମିଶ୍ର ଓ କୋଷାଧ୍ୟକ୍ଷା କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଗିରିଜାପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁସଂଖ୍ୟାରେ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

## 'ମୁରବୀ'ର ସ୍ପେଶାଲ ସ୍କ୍ରିନିଂ




ଭୁବନେଶ୍ୱର, ୧୧।୪(ସମିସ): ମେଣ୍ଟିସ୍ ଫିଲ୍ମସ୍ ନିବେଦିତ ଓଡ଼ିଆ ଫିଚର୍ ଫିଲ୍ମ 'ମୁରବୀ' ଚଳିତ ଏପ୍ରିଲ ୧୪ ତାରିଖରେ ରାଜ୍ୟର ପ୍ରାୟ ୪୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। ମୁକ୍ତିଲାଭ ପୂର୍ବରୁ ସ୍ଥାନୀୟ ସ୍ମୃତି ହଲ୍‌ରେ ଫିଲ୍ମର ଏକ ସ୍ପେଶାଲ ସ୍କ୍ରିନିଂ ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ରରେ ଦୁଇଟି ପରିବାର ମୁଖ୍ୟଙ୍କ ବିପରୀତ ଚିନ୍ତାଧାରାକୁ ଦର୍ଶାଯାଇଛି। ଜାତୀୟ ପୁରସ୍କାର ବିଜେତା ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କାଙ୍କ ପ୍ରଯୋଜନାରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂହ ଏବଂ ଶିଶିର କୁମାର ସାହୁ। ସହପ୍ରଯୋଜକ ଭାବେ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର ବେହେରା। ସଂଳାପ ଓ ଚିତ୍ରନାଟ୍ୟ ପି. ସନ୍ତୋଷ କୁମାରଙ୍କ ଦ୍ୱାରା ରଚିତ ହୋଇଥିବାବେଳେ ସଙ୍ଗୀତ ଦେଇଛନ୍ତି ଅଗ୍ନିମିତ୍ର ବେହେରା। ଏଥିରେ କୁନା ତ୍ରିପାଠୀ, ଜୟପ୍ରକାଶ ଦାସ, ବିଜୟନୀ ମିଶ୍ର, ଅଙ୍କିତା ମହାନ୍ତି, ବି ଏମ୍ ବୈଶାଳୀ, ଉଦିତ ଗୁରୁ, ପ୍ରସେନଜିତ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

## ଘରୋଇ ହୋମିଓପାଥିକ ଚିକିତ୍ସକ ସଙ୍ଘର ବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର, ୧୧।୪(ସମିସ): ଘରୋଇ ହୋମିଓପାଥିକ ଚିକିତ୍ସକ ସଙ୍ଘର ଏକାଦଶ ବାର୍ଷିକ ସମିଳନୀ ଓ ସାମୁଏଲ ହାନିମ୍ୟାନଙ୍କ ଜୟନ୍ତୀ ଉତ୍ସବ ଭଞ୍ଜକଳାମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ଼. ସୁଧାଂଶୁ ଶେଖର ସିଂ, ବକ୍ତା ଭାବେ ଡ଼. ଲକ୍ଷ୍ମଣ ପଣ୍ଡା ଓ ଅତିଥି ଭାବେ ଡ଼. ପ୍ରଭାସ ଆଚାର୍ଯ୍ୟ, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ଯୋଗ ଦେଇଥିବା ବେଳେ ସଂଘର ଉପସଭାପତି ଡ଼. ଜଗନାଥ ଦାସ, ସାଧାରଣ ସମ୍ପାଦକ ଡ଼. ପ୍ରଫୁଲ ବାରିକ, ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ ଯୋଗଦେଇ ହୋମିଓପାଥି ମନୁଷ୍ୟମାନଙ୍କ ଚିକିତ୍ସା କ୍ଷେତ୍ରରେ କିଭଳି ଭାବେ ବିଭିନ୍ନ ପୁରାତନ ରୋଗର ଚିକିତ୍ସା ସହିତ ଭୂମିକା ରହୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ସ୍ମରଣିକା ଓ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ଏହି ସଭାରେ ଉନ୍ନତ ସେବା ପାଇଁ ଏକଲବ୍ୟ ଓ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଡ଼. ରଞ୍ଜିତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିବା ସହିତ ସଭାସଙ୍ଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଉତ୍ସବ

ନନ୍ଦନକାନନ, ୧୧।୪(ସମିସ): ଗଣ୍ଡରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ବିବୁଧେନ୍ଦୁ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗୋପୀନାଥ ଦାଶ ଯୋଗ ଦେଇଥିଲେ। ଜମ୍ବେଶ୍ୱର ରଥଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ସଞ୍ଚାଳନ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ରଙ୍କନିଧି ରାଉତ ସହଯୋଗ କରିଥିଲେ।

## ବଡ଼ରଘୁନାଥପୁରରେ ରାମନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଚାହୁଁ ଚାହୁଁ ସ୍ୱର୍ଣ୍ଣଲଙ୍କା ପୋଡ଼ି ହେଲା ଛାରଖାର



ବଡ଼ରଘୁନାଥପୁର, ୧୧।୪(ସମିସ): ରାଜଧାନୀ ଉପକଣ୍ଠସ୍ଥ ବଡ଼ରଘୁନାଥପୁର ଗ୍ରାମରେ ଚାଲିଥିବା ୪ର୍ଥ ରାମ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷଣ ହେବାକୁ ଯାଉଛି ଲଙ୍କା ଦହନ। ଉଦ୍‌ଘାଟନୀ ସନ୍ଧ୍ୟାରେ ରାମ ବନବାସ ପରିବେଷଣ କରାଯାଇଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ଲଙ୍କା ଦହନ ବାସ୍ତବିକ ଚିତାକର୍ଷକ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକେ ଲଙ୍କା ଦହନ ଦେଖିବା ପାଇଁ ନୀଳକଣ୍ଠେଶ୍ୱରଙ୍କ ପୀଠରେ ଏକାଠି ହୋଇଥିଲେ। ମଞ୍ଚରେ ଲଙ୍କାପୁରୀ ଏବଂ ଅଶୋକବନର ଦୃଶ୍ୟ ଦେଖିବାକୁ ମିଳିଥିଲା। ଯେଉଁଠାରେ ହନୁମାନ ଫଳମୂଳ ଖାଇବା ସହ ରାବଣଙ୍କୁ ବିବ୍ରତ କରି ପକାଇଥିଲେ। ଶେଷରେ ରାବଣ ସେନା ହାବୁଡ଼ରେ ହନୁମାନ ପଡ଼ିବା ପରେ ହନୁମାନଙ୍କ ଲାଙ୍ଗୁଡ଼ରେ କପଡ଼ା ବନ୍ଧା ଯାଇଥିଲା ଏବଂ ଅଗ୍ନିସଂଯୋଗ କରାଯାଇଥିଲା। ହନୁମାନ ଘରକୁ ଘର ଡେଇଁ ସମଗ୍ର ଲଙ୍କାପୁରୀ ଧ୍ୱଂସ କରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବଡ଼ରଘୁନାଥପୁର ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଖେଲେଶ୍ୱର ଦେବ ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଏହି ନାଟକ ଦେଖିବା ପାଇଁ ବଡ଼ରଘୁନାଥପୁର, ମଦନପୁର, ତମାଣ୍ଡୋ, କାଶୀପୁର, ଯାଁଳା, ମୁଣ୍ଡମୁହାଁଣ, କାଇମାଟିଆ, ଜାଗସରା, ଛତାବର, ଅରିସଲ ଗ୍ରାମର ହଜାର ହଜାର ସଂସ୍କୃତିପ୍ରେମୀ ଏକଜୁଟ୍ ହୋଇଥିଲେ। ଆସନ୍ତା କାଲି ଶେଷ ସନ୍ଧ୍ୟାରେ ରାମ ଅଭିଶେଷ ବିଷୟ ପରିବେଷଣ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତା ଆରମ୍ଭ



ଭୁବନେଶ୍ୱର, ୧୧।୪(ସମିସ): ବିଦ୍ୟାଳୟସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଏହି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ଖୋର୍ଦ୍ଧା ଜିଲ୍ଲା ସ୍ତରରେ ଭୁବନେଶ୍ୱର ଅଧୀନରେ ଫୁଟବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଖୋର୍ଦ୍ଧା ଅଞ୍ଚଳରେ କବାଡି, ଖୋ-ଖୋ, ଭଲିବଲ୍ ଓ ଫୁଟବଲ୍ ମ୍ୟାଚ୍‌ର ପ୍ରତିଯୋଗିତାଗୁଡିକ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଫୁଟବଲ ପ୍ରତିଯୋଗିତାରେ ଚାରିଟି ଗ୍ରୁପ୍‌ରେ ଉଭୟ ବାଳକ ଓ ବାଳିକା ସ୍ତରରେ ୧୮ ଟି ଦଳ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାର ଖେଳଗୁଡିକ ଅପରାହ୍ନ ୪ଟା ପରେ ଆରମ୍ଭ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୪ ତାରିଖରେ ଶେଷ ହେବ। ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଅନ୍‌ବେଷଣପୂର୍ବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଛି। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମ୍ୟାଚ୍ ଅଫିସିଆଲ୍‌ମାନେ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗିତାକୁ ତଦାରଖ କରୁଛନ୍ତି। ଏହି ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଅଲମ୍ପିକ୍ ଆସୋସିଲସନ୍‌ର ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥ୍ଲେଟିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

## ସୋଆ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଫେସର ସୁରେଶ୍ୱରଙ୍କ ପାଇଁ ଶୋକସଭା

ଭୁବନେଶ୍ୱର, ୧୧।୪(ସମିସ): ନ୍ୟୁରୋସର୍ଜନ ପ୍ରଫେସର ଡ. ସୁରେଶ୍ୱର ମହାନ୍ତିଙ୍କର ପରଲୋକରେ ସୋଆ ପକ୍ଷରୁ ଶନିବାର ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକ ସଭାରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ ନନ୍ଦ, ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଜଏଣ୍ଟ ରେଜିଷ୍ଟ୍ରାର ଭୀଷ୍ମ ଚରଣ ଦାସ, ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ପ୍ରତିଶ୍ରୁତି ପରେ ପ୍ରସ୍ତାବିତ କଳାପତାକା ଅଭିଯାନ ସ୍ଥଗିତ



ଭୁବନେଶ୍ୱର, ୧୧।୪(ସମିସ): ଭାଷା ଆନ୍ଦୋଳନ, ଓଡ଼ିଶା ପକ୍ଷରୁ ଆଗାମୀ ୧୪ ତାରିଖ ଓଡ଼ିଆ ନବବର୍ଷଠାରୁ ପୁନର୍ବାର କଳାପତାକା ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ, ପର୍ଯ୍ୟାପ୍ତ ନ ଥିବାରୁ ଓଡ଼ିଆ ଭର୍ଚୁଆଲ ଏକାଡେମୀ ମାଧ୍ୟମରେ ବ୍ୟାପକ ପ୍ରଶିକ୍ଷଣ ଦିଆଯିବା, ପ୍ରାଶାସନିକ ଶବ୍ଦକୋଷ, କାର୍ଯ୍ୟାଳୟ ନ ଥିବା, କଥିତ ଓଡ଼ିଆ ଶବ୍ଦକୋଷ ଏବଂ ପ୍ରଶିକ୍ଷଣ ପୁସ୍ତିକାକୁ ସମସ୍ତ କାର୍ଯ୍ୟାଳୟରେ ଉପଲବ୍ଧ କରିବା ଆଦି ବିଭିନ୍ନ ଦାବୀକୁ ପ୍ରସଙ୍ଗ କରି ଭାଷା ଆନ୍ଦୋଳନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଥିଲା ଏବଂ ଗତ ଉତ୍କଳ ଦିବସରେ ଚରମ ପତ୍ର ଦିଆ ଯାଇଥିଲା। ଏହି ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ସଂଗଠନର ୧୦ ତାରିଖ ଦିନ ଏକ ମିଳିତ ବୈଠକ ଆୟୋଜିତ ହୋଇଥିଲା। ଯେଉଁଥିରେ ସମ୍ପର୍କିତ ବିଭାଗୀୟ ସଚିବ ଏବଂ ଭାଷା ଆନ୍ଦୋଳନ କର୍ମକର୍ତ୍ତା ଯୋଗଦେଇଥିଲେ। ଭାଷା ଆନ୍ଦୋଳନ ତରଫରୁ ଜାନକୀଶ ବଡ଼ପଣ୍ଡା, ବିଭୁତି ଭୂଷଣ କର, ଶ୍ରୁତକୀର୍ତ୍ତି ତ୍ରିପାଠୀ ଏବଂ ପବିତ୍ର ମହାରଥା ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ ପ୍ରସଙ୍ଗର ଗୁରୁତ୍ୱ ଅନୁଭବ କରି ବିରୋଧ କରାଯାଇଥିବା ସରକାରୀ ନିର୍ଦ୍ଦେଶନାମା ଏବଂ ନିଯୁକ୍ତି ବିଜ୍ଞାପନ ତୁରନ୍ତ ସଂଶୋଧନ କରାଯିବ ଏବଂ ଅନ୍ୟାନ୍ୟ ବିଷୟରେ ଯଥାଶୀଘ୍ର ସମାଧାନ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ କଳା ପତାକା ଆନ୍ଦୋଳନ ନକରିବାକୁ ଅନୁରୋଧକୁ ରକ୍ଷାକରି ଭାଷା ଆନ୍ଦୋଳନ କଳାପତାକା ଅଭିଯାନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯିବା ନିଷ୍ପତ୍ତି ନେଇଛନ୍ତି।

## କାନନକ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ

ନନ୍ଦନକାନନ, ୧୧।୪(ସମିସ): ନନ୍ଦନକାନସ୍ଥିତ କାନନ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିରରେ ସେବକ ଓ ଭକ୍ତ, କାର୍ଯ୍ୟ କର୍ତ୍ତାଙ୍କୁ ନେଇ ଆଗାମୀ ରଥ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ଗ୍ରାମ୍ୟ କମିଟି ସଭାପତି ନବଘନ ପାତ୍ରଙ୍କ ପୌରୋହିତରେ ମନ୍ଦିର ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପାତ୍ର, ସମ୍ପାଦକ ବିଜୟ କୁମାର ପାତ୍ର, ଉପଦେଷ୍ଟା ପ୍ରମୋଦ ଜେନା, ଚକ୍ରଧର ବେହେରା, ବିଜୟ ରାଉତରାୟ, ଗାଲେଖ ପଣ୍ଡା, କୋଷାଧ୍ୟକ୍ଷ ମିହିର ପଡ଼ିହାରୀ, ଭଣ୍ଡାର ରକ୍ଷକ ସୁରେନ୍ଦ୍ର ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଏହି ବୈଠକରେ ଯୋଗ ଦେଇଥିଲେ। ଆଲୋଚନାରେ ମନ୍ଦିର କମିଟିର ବରିଷ୍ଠ ସଭ୍ୟ ଅଶୋକ ରାଉତ, ପ୍ରାଣକୃଷ୍ଣ ପଡ଼ିହାରୀ, ସୁକାନ୍ତ ପରିଡ଼ା, ସୁରେଶ ରାଉତ ମନ୍ଦିର ନୀତି କାନ୍ତି ଚଞ୍ଚଳ କରିବା ସହ ଏହି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପ୍ରସ୍ତାବ ଦେଇଥିଲେ। ଶେଷରେ ଶ୍ରୀନିବାସ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# କଟକ ସିଟି





## କାଳବୈଶାଖୀ ଭୟ

# ବିପଦ ପାଲଟିଛି ସହର ରୁଫ୍‌ଟପ୍ ହୋର୍ଡିଂ

କଟକ,୧୧।୪(ସମିସ):

କଟକ ମହାନଗର ନିଗମ ଅଞ୍ଚଳରେ ଏବେ ବିପଦ ପାଲଟିଛି ରୁଫ୍ ଟପ ହୋର୍ଡିଂ। କାଳବୈଶାଖୀ ବର୍ଷା ଭୟ ଗତ କିଛିଦିନ ଧରି କଟକବାସୀଙ୍କୁ ଚିନ୍ତାରେ ପକାଇଛି। ସହରରେ ଥିବା ବୃହତ୍ତକାୟ ବିଜ୍ଞାପନ ହୋର୍ଡିଂଗୁଡିକ ଜନଜୀବନ ଲାଗି ଏବେ ବିପଦ ହୋଇ ଠିଆ ହୋଇଛି। ଏନେଇ କଟକ ମହାନଗର ନିଗମ ତତ୍ପରତା ପ୍ରକାଶ ନ କରିବା ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ମାଳ ମାଳ ରୁଫଟପ୍ ହୋର୍ଡିଂ ମାନ ଶୋଭାପାଉଥିବା ବେଳେ ସାମାନ୍ୟ ବର୍ଷା ପବନରେ ଏଗୁଡିକ ଭାଙ୍ଗିଥିବାର ନଜିର ରହିଛି। ସହରର ଜନଗହଳି ସ୍ଥାନରେ ରହିଥିବା ବିଜ୍ଞାପନ ହୋର୍ଡିଂଗୁଡିକ ହଟାଇବାକୁ କଟକ ପ୍ରଶାସନ ସଫଳ ହୋଇପାରି ନଥିବାର ଜଣାଯାଇଛି। ବିଭିନ୍ନ ସ୍ଥାନରେ ବେଆଇନ ଭାବେ ହୋର୍ଡିଂ ଲଗାଯାଇଥିବାରୁ ସିଏମସି କୋଟି କୋଟି ଟଙ୍କାର କ୍ଷତି ସହୁଛି। ବେଆଇନ ହୋର୍ଡିଂ ସବୁ ହଟାଇବା ଲାଗି ଅତୀତରେ ଅନେକ ଥର ଅଭିଯାନ ଆରମ୍ଭ ହୋଇଥିଲେ ମଧ୍ୟ ଏହା ଫଳପ୍ରଦ ହୋଇପାରିନି। ସିଏମସି ସହରରୁ ବେଆଇନ ହୋର୍ଡିଂ ସବୁ ହଟାଇବା ଲାଗି ପୁଣି ଅଭିଯାନ ଆରମ୍ଭ କରିବ ବୋଲି କହିଛି। ବିଶେଷକରି ସହରରେ କାଳବୈଶାଖିର ପ୍ରଭାବରେ ହେଉଥିବା ଝଡ଼ବର୍ଷାରେ ଏହି ରୁଫଟପ ହୋର୍ଡିଂଗୁଡିକ ଭାଙ୍ଗି ରାସ୍ତା ଉପରେ ପଡୁଥିଲା ବେଳେ ଏଥିରେ ଧନଜୀବନ ହାନି ହେବାର ସମ୍ଭାବନା ରହିଛି। ଏଣୁ ଏଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ଅପସାରଣ କରାଯିବା ଲାଗି ସିଏମସି ପକ୍ଷରୁ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହୋଇଛି। ବାଦାମବାଡ଼ିଠାରୁ ମଧୁପାଟଣା ରାସ୍ତାରେ ବେଆଇନ ରୁଫ ଟପ୍ ହୋର୍ଡିଂ ବହୁ ସଂଖ୍ୟାରେ ରହିଥିବା ପରିଲକ୍ଷିତ ହୋଇଛି। ମହାନଗର ନିଗମ ଅଧୀନରେ ଥିବା ବିଭିନ୍ନ ବେସରକାରୀ ପ୍ରତିଷ୍ଠାନ ହେଉ ଅବା ବ୍ୟକ୍ତିବିଶେଷଙ୍କ ଘର ଛାତ ଉପରେ ବେଆଇନ ଭାବେ ସହସ୍ରାଧିକ ହୋର୍ଡିଂ ଲଗାଯାଇଛି। ଏ ବାବଦରେ କିନ୍ତୁ ମହାନଗର ନିଗମ ଟଙ୍କାଟିଏ ରାଜସ୍ୱ ପାଉ ନଥିବାର ଜଣାଯାଇଛି।




## କଟକ ନଗର କଂଗ୍ରେସ କର୍ମକର୍ତ୍ତାଙ୍କ ବୈଠକ



କଟକ, ୧୧।୪(ସମିସ): କଟକ ନଗର କଂଗ୍ରେସର ନବନିଯୁକ୍ତ ସଭାପତି ସାନ୍ତାୟନ ମିଶ୍ରଙ୍କ ଆଜି ପଞ୍ଚମୁଖୀ ହନୁମାନ ମନ୍ଦିରରେ ଏକ ବନ୍ଧୁ ମିଳନ ତଥା କର୍ମକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ୫୯ଟି ୱାର୍ଡ ଓ ୯ଟି ବ୍ଲକ୍‌ର ୱାର୍ଡ କର୍ମକର୍ତ୍ତା, ବ୍ଲକ୍ କର୍ମକର୍ତ୍ତା ସହ ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରାକ୍ତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଆଇଏନଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀ, ପୂର୍ବତନ ବିଧାୟକ ରବି ମଲ୍ଲିକ, ପିସିସି ସୋସିଆଲ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତିଙ୍କ ସମେତ କର୍ପୋରେଟର ଜେ.କାମେଶ୍ୱର ରାଓ, ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡ଼ା, ବିଶ୍ୱଜିତ୍ ଦାସ, ମାନସ ପରିଡ଼ା, ଜଗନ୍ନାଥ ସାହୁ, ଅମ୍ରିତା ଦାସ, ରାମଚନ୍ଦ୍ର ଗୋଚ୍ଛାୟତ, ହରିହର ପରିଡ଼ା, ସୁବାସ ସୁବୁଦ୍ଧିରାୟ, ଫେଲୁ ପଟ୍ଟନାୟକ, ବିପ୍ଳବ ଶିଳାଦିତ୍ୟ, ହରିଶଙ୍କର ରାଉତ୍, ରାଜେଶ୍ ସ୍ୱାଇଁ, ରାଜେନ୍ଦ୍ର ପଟ୍ଟନାୟକ, ଶିଶିର ରଥ, ତୃପ୍ତି ଦାସ, ଦିଲ୍ଲୀପ ଦଳାଇ, ଅଲେଖଚନ୍ଦ୍ର ବେହେରା, ନିର୍ମଳ ସ୍ୱାଇଁ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ବରଦା ସାହୁ, ପ୍ରଦୀପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ମହିଳାଙ୍କୁ ଆକ୍ରମଣ; ଯୁବକ ଗିରଫ

କଟକ,୧୧।୪(ସମିସ): ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ଯୁବକକୁ ମଧୁପାଟଣା ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ଭଗତପୁର ଅଞ୍ଚଳର ରଶ୍ମିରଞ୍ଜନ ନାୟକ(୨୬)। ତାକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ସ୍ଥାନୀୟ ନୂଆପଡା ବାଲିସାହିରେ ପ୍ରିୟମ୍ବଦା ଓଝା ନିଜ ପରିବାର ସହିତ ରୁହନ୍ତି। ଗତ ୨୦୨୪ ଜୁନ ୧୪ ତାରିଖ ଅପରାହ୍ନରେ ପ୍ରିୟମ୍ବଦା ନିଜ ଘର ସମ୍ମୁଖରେ ଛିଡା ହୋଇଥିଲେ। ଏତିକିବେଳେ ଗୋଟିଏ ବାଇକରେ ରଶ୍ମିରଞ୍ଜନ ଓ ତାଙ୍କର ଦୁଇ ଜଣ ସାଙ୍ଗ ଆସି ପ୍ରିୟମ୍ବଦାଙ୍କ ଘର ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କୌଣସି ଏକ କଥାକୁ ନେଇ ତିନି ଜଣ ପରସ୍ପରକୁ ଖରାପ ଭାଷାରେ ଗାଳିଗୁଲଜ କରୁଥିଲେ। ଏଥିରେ ବିରକ୍ତ ହୋଇ ପ୍ରିୟମ୍ବଦା ସେମାନଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ। ଏତିକି କଥାରେ ଉକ୍ତ ଯୁବକମାନେ ପାଲଟା ତାଙ୍କୁ ଗାଳିମନ୍ଦ କରିଥିଲେ। ଏହାକୁ କେନ୍ଦ୍ରକରି ଯୁକ୍ତିତର୍କ ବଢିବାରୁ ରଶ୍ମିରଞ୍ଜନ ଓ ଅନ୍ୟ ଦୁଇ ସାଙ୍ଗ ମିଶି ପ୍ରିୟମ୍ବଦାଙ୍କୁ ମାରପିଟ କରିଥିଲେ। ଏକ ପ୍ଲାଷ୍ଟିକ ପାଇପରେ ମାଡ ମାରିବାରୁ ତାଙ୍କର ଗୋଡରେ ଗଭୀର ଆଘାତ ଲାଗିଥିଲା। ଘଟଣା ନେଇ ଥାନାରେ ଏତଲା ହେବା ପରେ ପୁଲିସ କିଛି ଦିନ ଭିତରେ ଜଣେ ଅଭିଯୁକ୍ତକୁ ଗିରଫ କରି ଜେଲ ପଠାଇଥିଲା। ମାତ୍ର ରଶ୍ମିରଞ୍ଜନ ଓ ଅନ୍ୟ ଜଣେ ସେବେଠାରୁ ଫେରାର ରହିଥିଲେ। ତଦନ୍ତକ୍ରମେ ପୁଲିସ ରଶ୍ମିରଞ୍ଜନକୁ ଗିରଫ କରିବାରେ ସଫଳ ହୋଇଛି।

## ଅଭୟ ସାମନ୍ତରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା



କଟକ,୧୧।୪(ସମିସ): ବିଶିଷ୍ଟ ଲେଖକ, ସାମ୍ବାଦିକ ଓ ସୁସଂଗଠକ ଅଭୟ ସାମନ୍ତରାୟଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଜି ସନ୍ଧ୍ୟାରେ ଶତାବ୍ଦୀ ଭବନଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ପ୍ରମଥ କୁମାର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି ସ୍ୱର୍ଗତ ସାମନ୍ତରାୟଙ୍କ ବଳିଷ୍ଠ ନେତୃତ୍ୱ ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଖ୍ୟାତ ସାରସ୍ୱତ ସାଧିକା ପଦ୍ମଭୂଷଣ ଡ଼ଃ ପ୍ରତିଭା ରାୟ ଏଥିରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ କହିଲେ ଯେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ସମୃଦ୍ଧି ପାଇଁ ଅଭୟ ବାବୁଙ୍କ ସମଗ୍ର ଜୀବନ ସମର୍ପିତ ଥିଲା। ତାଙ୍କର ସଂଗଠନିକ ଦକ୍ଷତା, ସମୟାନୁବର୍ତ୍ତିତା ଓ ମହାନୁଭବତାର ପଟାନ୍ତର ନାହିଁ ବୋଲି ଡ଼ଃ ରାୟ ପ୍ରକାଶ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମକର୍ତ୍ତା ଡ଼ଃ ସତ୍ୟ ରାୟଙ୍କୁ ପ୍ରଥମ ଅଭୟ ସାମନ୍ତରାୟ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ମୃତି କମିଟିର ସଭାପତି ଡାକ୍ତର ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସୁଲେଖକ ଡ଼ଃ ଗୌରହରି ଦାସ, ବିଶିଷ୍ଟ ସାହିତ୍ୟିକ ଡ଼ଃ ବିଜୟାନନ୍ଦ ସିଂହ, ଡ଼ଃ ବୈଜୟନ୍ତୀ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟାପିକା ଅରୁଣା ସାମନ୍ତରାୟ ଓ ଅବନୀ ସାମନ୍ତରାୟ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ବାରବାଟୀ ଫୁଡ୍ କୋର୍ଟ କାର୍ଯ୍ୟର ସମୀକ୍ଷା କଲେ ମେୟର ଓ କମିସନର

# ମେ ୩୧ ଭିତରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

କଟକ,୧୧।୪(ସମିସ): ଷ୍ଟାଡିୟମ ସମ୍ମୁଖସ୍ଥ ବାରବାଟୀ ଫୁଡ୍ କୋର୍ଟର ସମୀକ୍ଷା କରାଯାଇଛି। ମେୟର ସୁବାସ ସିଂ ଓ କମିସନର ସୁଶ୍ରୀ କିରଣଦୀପ କୌର ସହୋତା ଫୁଡ୍‌କୋର୍ଟ ପରିଦର୍ଶନ କରି ୨ ବର୍ଷ ତଳେ ମହାନଗର ନିଗମ ପକ୍ଷରୁ ୬କୋଟି ୬୬ଲକ୍ଷ ଟଙ୍କା ବିନିଯୋଗରେ ହେଉଥିବା କାର୍ଯ୍ୟର ତଦାରଖ କରିଥିଲେ। ଯାହା ୫୦୦୦ ବର୍ଗ ମିଟର ଜମି ଭିତରେ ଏକ ବଡ଼ ପରିକଳ୍ପନା କରାଯାଇ ବାରବାଟୀ ଫୁଡ୍ କୋର୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ୮୮ଟି ଦୋକାନ ଘର ରହିଛି। ପ୍ରଥମ ପର୍ଯ୍ୟାୟରେ ୪୫ଟି ଦୋକାନ ଘର ଲଟେରୀ ଯୋଗେ ବଣ୍ଟନ କରାଯାଇଛି।

ଏପ୍ରିଲ ୪ତାରିଖରୁ ଏପ୍ରିଲ ୨୪ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଚାଲିଛି। ଯେଉଁଥିରେ ଦୋକାନୀମାନେ ଆବେଦନ କଲାପରେ ସର୍ତ୍ତ ପୂରଣ କରିଥିବା ଆବେଦନକାରୀଙ୍କୁ ୩୮ଟି ଘର ପ୍ରଦାନ କରାଯିବ। ଏହି କାର୍ଯ୍ୟ ମେ ୩୧ ଶୁଦ୍ଧା ଶେଷ ହେବ ବୋଲି ମେୟର ଶ୍ରୀ ସିଂ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରକଳ୍ପଟିର ଚାରିପଟ ଲୁହାବାଡ଼ ଦିଆଯିବା ସହ ଗୋଟିଏ ପ୍ରବେଶ ପଥ ରଖାଯାଇଛି। ଦୋକାନୀମାନେ ତାଙ୍କ ଜିନିଷପତ୍ର କିପରି ସହଜରେ ନେବା ଆଣିବା କରିପାରିବେ ଏହାର ବ୍ୟବସ୍ଥା କରାଯାଇଛି। ସୌନ୍ଦର୍ଯ୍ୟକରଣ ନିମନ୍ତେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି। ଏଠାରେ ୨ଟି ଆଧୁନିକ ଶୌଚାଳୟ ସହିତ ହାତ ଧୋଇବା ପାଇଁ ସ୍ଥାନ, ପାନୀୟଜଳର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଠାରେ ଏକାଥରେ ୨୦୦ଜଣ ଲୋକ ବସି ଖାଦ୍ୟ ଖାଇପାରିବେ ଏବଂ ଏଠାରେ ଥିବା ପାର୍କିଂ ଜାଗାରେ ୫୦ରୁ ଅଧିକ କାର୍ ଏବଂ ବାଇକ୍ ରହିପାରିବାର ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଆଗାମୀ ଦିନରେ ମହାନଦୀ ରିଭର୍ ଫ୍ରଣ୍ଟ ନାମରେ ୨୧୦ କୋଟି ଟଙ୍କାର ଏକ ବଡ଼ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେଇଛି; ଯାହା ପୂର୍ଣ୍ଣାଙ୍ଗ ହେଲେ ପ୍ରତିଦିନ କଟକ ବାହାରୁ ଶହ ଶହ ପର୍ଯ୍ୟଟକ ଏହି ଜାଗାକୁ ପରିଦର୍ଶନ ପାଇଁ ଆସିବେ। ଏହି ବାରବାଟୀ ଫୁଡ଼ କୋର୍ଟରେ ଲୋକଙ୍କ ଆଗମନ ବଢ଼ିବ। ଏହି ଫୁଡ୍ କୋର୍ଟରେ ବିଭିନ୍ନ ପ୍ରକାର ଖାଦ୍ୟପେୟକୁ ପରସାଯିବ। ଏହା ପୂର୍ଣ୍ଣାଙ୍ଗ ହେଲେ ପାଖାପାଖି ୮କୋଟି ଟଙ୍କାର ବ୍ୟୟବରାଦ ରହିବ। ସମୀକ୍ଷା ବୈଠକରେ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଳୟା ବେହେରା, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ବସନ୍ତ ବେହେରା, ସ୍ଥାନୀୟ ଶେଖବଜାର ପୂଜା କମିଟିର ସମ୍ପାଦକ କିଶୋର ବେହେରା, ଡେପୁଟି କମିସନର ସୁଶ୍ରୀ ସ୍ୱାତି ମିଶ୍ର, ବିଭାଗୀୟ ଇଂଜିନିୟର ସୁବାସ ବେହେରା, ଦିଲ୍ଲୀପ ସ୍ୱାଇଁ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।



## ପଣା ସଂକ୍ରାନ୍ତି ପାଇଁ ସହରରେ ଫ୍ଲାଗ୍‌ମାର୍ଚ୍ଚ



କଟକ,୧୧।୪(ସମିସ): ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତିରେ ଏକାଧିକ ଧାର୍ମିକ ସଂଗଠନ ପକ୍ଷରୁ ସହରରେ ବାଇକ୍ ରାଲି ଓ ପଦଯାତ୍ରା ବାହାରିଥାଏ। ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥାନ୍ତି। କାଳେ ଏହି ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିବ ବା ସାମ୍ପ୍ରଦାୟିକ ସଦ୍‌ଭାବନ ବିଗିଡ଼ିବ, ତେଣୁ ପୁଲିସ ଏଥିପାଇଁ ସଜାଗ୍ ହୋଇ ରହିଛି। ଏହିକ୍ରମରେ କଟକରେ ଏକ କମ୍ପାନି କେନ୍ଦ୍ରୀୟ ବଳ ବା ବିଏସ୍‌ଏଫ୍ ଆସି ପହଞ୍ଚିଛି। ଏହି ବିଏସ୍‌ଏଫ୍ ଓ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ସହାୟତାରେ ଆଜି ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

ବାରବାଟୀ ଷ୍ଟାଡିୟମ୍ ପାଖରୁ ଏହି ଫ୍ଲାଗ୍‌ମାର୍ଚ୍ଚ ବାହାରିଥିଲା। ଚଣ୍ଡୀଛକ, ବକ୍ସିବଜାର, ଜେଲ୍‌ରୋଡ୍, ସେମନାରୀ ଛକ, ଦୋଳମୁଣ୍ଡାଇ, ରାଣୀହାଟ୍, ମଙ୍ଗଳାବାଗ ଓ ହାୱଡାମୋର୍ଚ୍ଚର ଛକ ହୋଇ ପୁଣି ବାରବାଟୀ ଷ୍ଟାଡିୟମ୍ ପାଖରେ ପହଞ୍ଚିଥିଲା। ଏଥିରେ ଏଡିସିପି ଅମରେନ୍ଦ୍ର ପଣ୍ଡା, ଏସପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଇନ୍ସପେକ୍ଟର ବିଶ୍ୱରଂଜନ ନାୟକ, ରାକେଶ ବେହେରା, ମାତିଲାଲ ମାରାଣ୍ଡି, ଉମାଶଙ୍କର ସାହୁ, ସତ୍ୟଜିତ ଭୁତିଆ, ରିଜର୍ଭ ଇନ୍ସପେକ୍ଟର ବିଭୁ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ବେଳେ କଟକର ଆଇନଶୃଙ୍ଖଳା ପରିସ୍ଥିତି ଯେପରି ନିୟନ୍ତ୍ରଣରେ ରୁହେ ସେଥିପାଇଁ କଟକ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି। କୌଣସି ପ୍ରକାର ବିଶୃଙ୍ଖଳାକୁ ଏଡାଇବା ପାଇଁ କଟକ ପୁଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କିଛି ପ୍ରମୁଖ ରାସ୍ତା ଓ ଛକରେ ଏହି ଫ୍ଲାଗ୍‌ମାର୍ଚ୍ଚ ଅତିକ୍ରମ କରିଛି। ଆସନ୍ତା ୨ ଦିନରେ ସହରର ବିଭିନ୍ନ ଥାନା ଅଞ୍ଚଳରେ ମଧ୍ୟ ଏଭଳି ଫ୍ଲାଗ୍‌ମାର୍ଚ୍ଚ କରାଯିବ।

## ଗୋଷ୍ଠୀଗୃହର ଶିଳାନ୍ୟାସ



କଟକ,୧୧।୪(ସମିସ): ବିଡାନାସୀସ୍ଥିତ କୁମ୍ଭାର ସାହିଠାରେ ଏକ ବହୁ ପ୍ରତୀକ୍ଷିତ ଗୋଷ୍ଠୀ ଗୃହର ଶିଳାନ୍ୟାସ ସମ୍ପନ୍ନ ହୋଇଯାଇଛି। ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବିଧାୟକ ଉନ୍ନୟନ ପାଣ୍ଠିରୁ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ ଉପସ୍ଥିତ ଥିଲେ। ସ୍ଥାନୀୟ କର୍ପୋରେଟର ଭାନୁ ସେନାପତି, ସାହି ସଂପାଦକ ସିବେନ୍ଦ୍ର ବେହେରା, ଟୁକୁନା ସେନାପତି, ଅଜୟ ସେନାପତି, ସୁବାସଚନ୍ଦ୍ର ସାହୁ, ଭଗବାନ ଚାନ୍ଦ, କେଦାର ମୁଦୁଲି, ସତ୍ୟଶ୍ରୀ ବେହେରା, ରଞ୍ଜନ କୁମାର ବେହେରା, ରାମଚନ୍ଦ୍ର ସାମନ୍ତ, ଜଟାଧାରୀ ସାମଲ, ବୋନିଦ ମିଶ୍ର, ବିଜୟ ମହତାବ, ଶିବାଶିଷ ନାୟକ, ସଞ୍ଜୟ ଜେନା, ଗୋପାଳ ମୁଦୁଲି, ସଞ୍ଜୟ ସେନାପତି, ଯୋଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ● ୭ ଦିନରେ ସତ୍ୟବ୍ରତ ଷ୍ଟାଡିୟମ ଫୁଟ୍‌ପାଥରୁ ହଟିବ କଂକ୍ରିଟ୍ ପେଭର୍ ବ୍ଲକ୍

# କ୍ରୀଡ଼ା ବିଭାଗକୁ ଜିଲ୍ଲା ପ୍ରଶାସନ ଦେଇଛି ସଂଶୋଧିତ ଡିପିଆର୍

କଟକ,୧୧।୪(ସମିସ): ସତ୍ୟବ୍ରତ ଷ୍ଟାଡିୟମ ଫୁଟପାଥରୁ କଂକ୍ରିଟ ପେଭର ବ୍ଲକ ହଟାଇବା ପାଇଁ ଓଡ଼ିଶା ଉଚ୍ଚନ୍ୟାୟାଳୟ ପୂର୍ବରୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନି। ତେବେ ଆସନ୍ତା ୭ ଦିନ ଭିତରେ ଏହାର ଚାଲିବା ରାସ୍ତାକୁ ପୂର୍ବପରି "ଅଣ-କଂକ୍ରିଟ" ଅବସ୍ଥାକୁ ଫେରାଇ ଅଣାଯିବ ବୋଲି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଛି। କଟକ ସହର ସମସ୍ୟା ଶୁଣାଣି ବେଳେ ହାଇକୋର୍ଟ ସତ୍ୟବ୍ରତ ଷ୍ଟାଡିୟମରେ ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ କହିଛନ୍ତି। ସତ୍ୟବ୍ରତ ଷ୍ଟାଡିୟମର ଚାଲିବା ରାସ୍ତାରେ କଂକ୍ରିଟ ପେଭର ବ୍ଲକ ବିଛାଯିବା ଘଟଣାକୁ ନେଇ ଓଡ଼ିଶା ହାଇକୋର୍ଟ ଉଦବେଗ ପ୍ରକାଶ କରି ଏହି କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ସହ ପୂର୍ବରୁ ବିଛାଯାଇଥିବା ବ୍ଲକଗୁଡ଼ିକୁ ହଟାଇବା ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥଲେ। ହାଇକୋର୍ଟ ବାର୍ ଆସୋସିଏସନର ସଦସ୍ୟମାନେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଯେ କଂକ୍ରିଟ ପେଭର ବ୍ଲକ ଯୋଗୁଁ ଚାଲୁଥିବା ବ୍ୟକ୍ତିଙ୍କ ଗଣ୍ଠି ଏବଂ ପାଦରେ ସମସ୍ୟା ଦେଖାଦେଇପାରେ। କଠିନ ପୃଷ୍ଠଭୂମି ଯୋଗୁଁ ଗଣ୍ଠି ଯନ୍ତ୍ରଣା ଏବଂ ଖସି ପଡ଼ିବାର ଭୟ ରହିଛି, ଯାହା ବିଶେଷ କରି ବୃଦ୍ଧ ଓ ପିଲାମାନଙ୍କ ପାଇଁ ବିପଜ୍ଜନକ। ଷ୍ଟାଡିୟମର ସାମଗ୍ରିକ ବିକାଶ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂଶୋଧିତ ଡିପିଆ ଦାଖଲ କରାଯାଇଛି। ଅନ୍ୟପକ୍ଷରେ ଏଏସଆଇ ପକ୍ଷରୁ ପୂର୍ବ ନିର୍ଦ୍ଦେଶ ପାଳନ ପାଇଁ ଅଧିକ ୭ ଦିନ ସମୟ ମଗାଯାଇଛି। ହାଇକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୩କୁ ଧାର୍ଯ୍ୟ କରିଛନ୍ତି। ଷ୍ଟାଡିୟମ ପରିସରରେ ସଫା ଏବଂ ନୂତନ ବାୟୋ-ଟଏଲେଟ ସ୍ଥାପନ ପାଇଁ କଟକ ମହାନଗର ନିଗମକୁ ଏଏସଆଇ ଅନୁମତି ପ୍ରଦାନ କରିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ୱାଟକୋ ପକ୍ଷରୁ ଷ୍ଟାଡିୟମରେ ପାନୀୟ ଜଳଯୋଗାଣ ପାଇଁ ସର୍ଭେ କରାଯିବା ପର୍ଯ୍ୟନ୍ତ ସିଏମସି ଅସ୍ଥାୟୀ ଭାବେ ଜଳଯୋଗାଣ ବ୍ୟବସ୍ଥା କରିବ। ଏହି ଘଟଣା ସହ ଜଡ଼ିତ ସମସ୍ତ ପକ୍ଷଙ୍କୁ ଆସନ୍ତା ଶୁଣାଣି ପୂର୍ବରୁ ସତ୍ୟପାଠ ମାଧ୍ୟମରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

## କଲେଜ ଓ ବିଶ୍ୱବିଦ୍ୟାଳୟରେ ଅଗଣତାନ୍ତ୍ରିକ

# ଆଦର୍ଶ ଆଚରଣ ସଂହିତା ଲାଗୁକୁ ବିରୋଧ

## ରେଭେନ୍ସା ସମ୍ମୁଖରେ ଛାତ୍ର ବିକ୍ଷୋଭ

କଟକ,୧୧।୪(ସମିସ):

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର-ଶିକ୍ଷକ ବିରୋଧୀ ଆଦର୍ଶ ଆଚରଣ ସଂହିତା ଲାଗୁ କରାଯାଇଛି। ଏହି ସଂହିତା ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ କୌଣସି ସଭା, ସମିତି, ସମାବେଶ, ଆନ୍ଦୋଳନ କିମ୍ବା ହରତାଳ କରିବାକୁ ହେଲେ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବାକୁ ହେବ। ଏହି ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷାନୁଷ୍ଠାନ ମଧ୍ୟରେ ଗଣତାନ୍ତ୍ରିକ ଓ ଶୈକ୍ଷିକ ବାତାବରଣକୁ ସୁରକ୍ଷା ଦେବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା କରିବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗନାଇଜେସନ (ଏଆଇଡିଏସଓ) ଜିଲ୍ଲା କମିଟି ପକ୍ଷରୁ ରେଭେନସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଉଚ୍ଚଶିକ୍ଷା ବ୍ୟବସ୍ଥା ଚରମ ଦୁର୍ଦ୍ଦଶା ଦେଇ ଗତି କରୁଛି। ପାଠ ପଢ଼ାଠାରୁ ଆରମ୍ଭ କରି ପରୀକ୍ଷା ଫଳ ପ୍ରକାଶନରେ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦ ଖାଲି ପଡ଼ିଛି ବୋଲି ଅଭିଯୋଗ କରାଯାଇଛି। ଏହି ବିକ୍ଷୋଭରେ ଏଆଇଡିଏସଓ ରାଜ୍ୟ ଉପସଭାପତି ଭାଗ୍ୟରବି ଦାସ, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ସଂଗଠନର ଜିଲ୍ଲା ସଭାପତି ଇଶା ଧର, ତରୁଣସେନ ନାୟକ, ଶିବାନୀ ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂହ ପ୍ରମୁଖ ସାମିଲ ଥିଲେ।




# ଓଡ଼ିଆ ପକ୍ଷରେ ଅମୃତପିଢ଼ି ସାରସ୍ୱତ ସମାରୋହ

କଟକ,୧୧।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅମୃତପିଢି ସାରସ୍ୱତ ସମାରୋହ ଓ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ସ୍ୱରାଜ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ, କଟକ ଏକ ଐତିହାସିକ ସହର ଓ ଏହାର ସଂସ୍କୃତି, ପରମ୍ପରା, ଇତିହାସକୁ ଉଜ୍ଜୀବିତ କରିବାପାଇଁ ଓଡିଆ ପକ୍ଷ ଏକ ସୁନ୍ଦର ଅବସର। ଉପସ୍ଥିତ ସାହିତ୍ୟିକ ଓ ଅତିଥିମାନେ ଓଡ଼ିଆ ସାହିତ୍ୟର ଆହୁରି ଅଧିକ ଉନ୍ନତି ନିମନ୍ତେ ପରାମର୍ଶ ଦେବାକୁ କହିଥିଲେ। ସାହିତ୍ୟ ଇତିହାସର ବ୍ୟାସକବି ଫକୀରମୋହନ ସେନାପତି, ଗୋପୀନାଥ ମହାନ୍ତି ଓ ପ୍ରତିଭା ରାୟଙ୍କ ଭଳି ଅନେକ ସାରସ୍ୱତ ସାଧକଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନକୁ ସ୍ମରଣ କରିବା ସହିତ ସାହିତ୍ୟ ମଧ୍ୟ ଜୀବିକା ହୋଇପାରିବ କହି ଉପସ୍ଥିତ ସାହିତ୍ୟପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ରହି ନିଜକୁ ଗର୍ବିତ ଅନୁଭବ କରୁଥିବା ଜିଲ୍ଲାପାଳ ଶ୍ରୀ ଶିନ୍ଦେ ମତ ପ୍ରକାଶ କରିଛନ୍ତି। ଏହି ସମାରୋହରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ବିଶିଷ୍ଟ ସାହିତ୍ୟିକ ଅମରେଶ ପଟ୍ଟନାୟକ, ବିଶିଷ୍ଟ କବି ଓ ମୁଖ୍ୟଅତିଥି ଧନଞ୍ଜୟ ସ୍ୱାଇଁ, ବିଶିଷ୍ଟ କବି ଓ ସାହିତ୍ୟିକ ସୁରେଶ ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସମାରୋହରେ ପ୍ରାୟ ୫୦ରୁ ଅଧିକ ସାହିତ୍ୟିକ ଯୋଗ ଦେଇ କବିତା ପାଠ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ ଓ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡଙ୍ଗୀ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୀପ୍ତି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



● ଏମ୍‌କେସିଜି ମେଡିକାଲର ଅବ୍ୟବସ୍ଥା ନେଇ ବର୍ଷିଲା କଂଗ୍ରେସ

## 'ଘରୋଇ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା'

ବ୍ରହ୍ମପୁର,୧୧।୪(ସମିସ): ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ୍ ହେଉଛି ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ। ଚିକିତ୍ସା ପାଇଁ ଲୋକେ ଏହା ଉପରେ ନିର୍ଭର କରୁଥିବା ବେଳେ ଏଠାରେ କିନ୍ତୁ ବିଭିନ୍ନ ଆଳରେ ରୋଗୀଙ୍କୁ ଚିକିତ୍ସା କରାନଯାଇ ବାହାରକୁ ପଠାଯାଉଛି। ଏମ୍‌କେସିଜି ମେଡିକାଲରୁ ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ ନେଇ ନିୟମିତ ବ୍ୟବଧାନରେ ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ପୁଣି ଏକ ଘଟଣାକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ମଧ୍ୟାହ୍ନରେ ଜଣେ ରୋଗୀ ଗୁରୁତର ଅବସ୍ଥାରେ ଆଶୁ ଚିକିତ୍ସା ବିଭାଗକୁ ଆମ୍ବୁଲାନ୍ସ ଯୋଗେ ଆସିଥିବା ବେଳେ ଡାକ୍ତର ଓ ଡାକ୍ତରଖାନା କର୍ତ୍ତୃପକ୍ଷ ହସ୍ପିଟାଲରେ ଆଗାମୀ ୪ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ଦର୍ଶାଇ ଅନ୍ୟତ୍ର ପଠାଇ ଦେଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ରୋଗୀଙ୍କ ସମ୍ପର୍କୀୟ ଅନ୍ୟ ଉପାୟ ନପାଇ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିବା ଜଣାପଡ଼ିଛି। ତେବେ ଡାକ୍ତରଖାନାରେ ବିଦ୍ୟୁତ୍ ବିଭ୍ରାଟ ହେଲେ ପ୍ରତିକାର ସ୍ୱରୂପ କୋଟି କୋଟି ଟଙ୍କା ବ୍ୟୟରେ ଡିଜି ସେଟ୍ ବା ଜେନେରେଟର ପ୍ରତିଷ୍ଠା କରାଯାଇଥିବା ବେଳେ ତାହା କାହା ପାଇଁ ଓ କେତେବେଳେ ବ୍ୟବହାର କରାଯିବ ବୋଲି ଜିଲ୍ଲା କଂଗ୍ରେସ (ପୂର୍ବ) ରଶ୍ମି ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ସେପଟେ ଡାକ୍ତରଖାନାର ଜେନେରେଟର ଓ ଡିଜି ସେଟର ବାର୍ଷିକ ପରିଚାଳନା ପାଇଁ ନିୟମିତ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସମ୍ପୃକ୍ତ ଘରୋଇ ସଂସ୍ଥା ସହିତ ଡାକ୍ତରଖାନା କର୍ତ୍ତୃପକ୍ଷ କମିସନି କାରବାର କରି ଉଭୟଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରିଛନ୍ତି ଜିଲ୍ଲା କଂଗ୍ରେସ (ପୂର୍ବ) ସଭାପତି ରଶ୍ମି ପଟ୍ଟନାୟକ। ଏଭଳି କାରନାମାରୁ କର୍ତ୍ତୃପକ୍ଷ ତୁରନ୍ତ ନିବୃତ୍ତ ନରହିଲେ ଆଗାମୀ ଦିନରେ ଦଳ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି।

● କିସ୍ତି ବାନ୍ଧି ବି ଛଡ଼ାଇନେଲେ ବାଇକ୍

## ୩ ରିକଭରୀ ଏଜେଣ୍ଟ ଗିରଫ

ବ୍ରହ୍ମପୁର,୧୧।୪(ସମିସ): ରିକଭରି ଏଜେଣ୍ଟଙ୍କୁ ମହଙ୍ଗା ପଡ଼ିଲା ରାସ୍ତାରେ ଅଟକାଇ ବାଇକ୍ ଛଡ଼ାଇନେବା। ବଡ଼ବଜାର ଥାନା ପୁଲିସ ୩ ରିକଭରି ଏଜେଣ୍ଟଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ଗଣପତି ନଗରର ପାପୁଲ ପାତ୍ର(୪୦), ଆଇନାବନ୍ଧ ସାହିର ଶ୍ରୀରାମ ଚରଣ ବେହେରା(୨୪) ଏବଂ ଡୁଡୁମା କଲୋନୀର ଚିନ୍ମୟ ଡାକୁଆ(୨୮)। ପୁଲିସ ଅଭିଯୁକ୍ତଙ୍କ ଠାରୁ ଲୁଟ୍ କରାଯାଇଥିବା ବାଇକ୍‌କୁ ଜବତ କରିଛି। ସୂଚନାପ୍ରକାରେ, ଗତ ୧୦ତାରିଖ ସକାଳ ପ୍ରାୟ ୭ଟାରେ ନିମଖଣ୍ଡି ଅଞ୍ଚଳର ମହେନ୍ଦ୍ର ପାଣିଗ୍ରାହୀ ନିଜ ବନ୍ଧୁଙ୍କ ସହ ବଜାଜ୍ ପଲସର ବାଇକ୍‌ରେ ଯାଉଥିବାବେଳେ ଉପରୋକ୍ତ ୩ ରିକଭରି ଏଜେଣ୍ଟ ତାଙ୍କୁ ଆସିକା ରୋଡ଼ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଅଟକାଇ ନିଜକୁ ରିକଭରି ଏଜେଣ୍ଟ ତଥା ରେପୋ ଏଜେଣ୍ଟ ବୋଲି ପରିଚୟ ଦେଇ ଧକ୍କା ମାରି ବାଇକ୍‌ଟିକୁ ଛଡ଼ାଇ ନେଇଥିଲେ। ତେବେ ଏହି ବାଇକର ମାଲିକ ତଥା ମହେନ୍ଦ୍ରଙ୍କ ଭଉଣୀ ନିୟମିତ ଭାବେ କିସ୍ତି ପରିଶୋଧ କରୁଥିଲେ ମଧ୍ୟ ଅଭିଯୁକ୍ତମାନେ ତାଙ୍କ ଠାରୁ ଜୋରଜବରଦସ୍ତ ବାଇକ ଛଡ଼ାଇ ନେଇଥିବାରୁ ମହେନ୍ଦ୍ର ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଫାଷ୍ଟଗେଟ୍ ନିକଟରୁ ୩ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ବାଇକ୍ ଜବତ କରିଥିଲା। ଅଭିଯୁକ୍ତମାନେ ଭୁବନେଶ୍ୱରର ମହାବୀର କନସଲଟାନ୍ସି ଅଧୀନରେ ଫାଇନାନ୍ସ କମ୍ପାନୀ ପାଇଁ ଗାଡ଼ି ରିକଭରି କାମ କରୁଥିବା ତଦନ୍ତରୁ ଜଣାପଡିଛି।

## କାର୍ ଧକ୍କାରେ ଯବାନ ମୃତ

ବ୍ରହ୍ମପୁର,୧୧।୪(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଗତ ରାତିରେ ଏକ କାର୍ ଧକ୍କାରେ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ମୃତ ଯବାନ ଜଣକ ସତ୍ୟ ସାଧନ କରନ ଏବଂ ସେ ଗୋଲାବନ୍ଧ ଆର୍ମି ଏଡ଼ି କଲେଜରେ ହାବିଲଦାର ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ଘର ପଶ୍ଚିମବଙ୍ଗରେ ବୋଲି ପୁଲିସ କହିଛି। ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଗୋଲାବନ୍ଧ ଆର୍ମି ଏଡ଼ି କଲେଜରେ କାର୍ଯ୍ୟରତ ୫ଜଣ ଯବାନ କୌଣସି କାମରେ ଯାଇ ଜାତୀୟ ରାଜପଥରେ ରହିଥିଲେ। କୌଣସି କାରଣରୁ ଯବାନ ସତ୍ୟ ଡିଭାଇଡର କ୍ରସ କରି ଆସୁଥିବା ବେଳେ ଛତ୍ରପୁର ପଟୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅନ୍ୟ ବନ୍ଧୁମାନେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ପରେ ଅତ୍ୟଧିକ ଚିକିତ୍ସା ନିମନ୍ତେ ଗୋଲାବନ୍ଧ ଆର୍ମି ଏଡ଼ି କଲେଜରେ ଥିବା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମୃତ ଯବାନଙ୍କ ପତ୍ନୀ ମମତା କରନ ବେଜ ପହଞ୍ଚି ଖବର ଜାଣିବା ପରେ ଏହାର ଉଚିତ ତଦନ୍ତ କରିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କାର୍ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ମୃତଦେହକୁ ବଡ଼ ମେଡିକାଲ ସଂରକ୍ଷଣ ଗୃହରେ ରଖାଯାଇଛି।

## ଅଖିଳ ଭାରତ କୃଷକ ସଭାର ଆଲୋଚନାଚକ୍ର

ବ୍ରହ୍ମପୁର,୧୧।୪(ସମିସ): ଅଖିଳ ଭାରତ କୃଷକ ସଭାର ୯୦ବର୍ଷ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କମ୍ରେଡ ପି. ହରିକୃଷ୍ଣ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଜିଲ୍ଲା କୃଷକ ନେତା କୈଳାଶ ଷଡ଼ଙ୍ଗୀ ଯୋଗଦେଇ ଲାଲ ପତକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବକ୍ତାଭାବେ ବରିଷ୍ଠ ମାର୍କ୍ସବାଦୀ ନେତା ତଥା କେନ୍ଦ୍ର ଟ୍ରେଡ୍ ୟୁନିଅନ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ଅଳିକିଶୋର ପଟ୍ଟନାୟକ, ପୂର୍ବତନ କେନ୍ଦ୍ର କମିଟି ସଭ୍ୟ ସିପିଆଇ(ଏମ), ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ଓ କେନ୍ଦ୍ର କମିଟି ସଭ୍ୟ ସିପିଆଇ(ଏମ) ଯୁଧିଷ୍ଠିର ବେହେରା, ସିପିଆଇମର ବଦ୍ରି ନାରାୟଣ ଦାସ, ଗୋପାଳକୃଷ୍ଣ ପାଣିଗ୍ରାହୀ, କୃଷକ ନେତା ଉର୍ମିଳା ଜେନା ପ୍ରମୁଖ ଯୋଗଦେଇ ଥିଲେ। ସାମ୍ରାଜ୍ୟବାଦୀ ମଧ୍ୟପ୍ରାଚ୍ୟ ଯୁଦ୍ଧ ଆକ୍ରମଣରେ ଦେଶ ଉପରେ କୃଷକ ଓ କୃଷି ଉପରେ ପଡିଥିବା ସିଧାସଳଖ ପ୍ରଭାବକୁ ନେଇ ବକ୍ତାମାନେ ଆଲୋଚନା କରି ନିଜନିଜର ମତ ରଖିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ପି. ଶିବ ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ ଚନ୍ଦ୍ର ସାହୁ, ରାମଚନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ ଓ କୃଷଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

ଦଣ୍ଡନାଚରେ ୨୦୦ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ

# ଆଧ୍ୟାତ୍ମିକତା କମୁଛି; ଧାର୍ମିକ ବେପାର ବଢୁଛି



● ଭିଏତନାମ୍‌ରୁ ଝୁଣା, କର୍ଣ୍ଣାଟକ ଓ କେରଳରୁ ଆସୁଛି ମୟୂର ପୁଚ୍ଛ
● ଦଣ୍ଡବିଧାନର ଦଣ୍ଡ କମୁଛି, ଲୋକଙ୍କ ଉପଭୋଗ ବଢୁଛି
● ପରମ୍ପରା ନାଁରେ ଶ୍ରମଦିବସ କମିଛି, ବାହାରୁ ଶ୍ରମିକ ଫେରୁଛି
● କଳାକାର ପେଟପାଟଣା ନାଁରେ ବ୍ୟଭିଚାର, ଅଶ୍ଳୀଳତା ଥମୁନି
● ୟୁନେସ୍କୋ ମାନ୍ୟତା ପାଇଁ ଗବେଷଣା ଜାରି

ବ୍ରହ୍ମପୁର,୧୧।୪(ସମିସ): ଲୋକନାଟକ ଭିତରେ ସର୍ବୋତ୍କୃଷ୍ଟ ଭାବରେ ପରିଗଣିତ ହଟଯୋଗର ସମାହାର ହେଉଛି ଶିବଶକ୍ତି ଉପାସନାର ପ୍ରତୀକ ଗଞ୍ଜାମର ପାରମ୍ପରିକ ଦଣ୍ଡନାଟ। ଚୈତ୍ରମାସରେ ୨୧ ଦିନ ସମଗ୍ର ଗଞ୍ଜାମ ଜିଲ୍ଲାର ଉପାସକ, ମାନସିକଧାରୀ, ଭୁକ୍ତା, ପାଟଭୁକ୍ତାଙ୍କ ସହ ଗଞ୍ଜାମବାସୀ ହୋଇଯାନ୍ତି ଏକାକାର। ଜିଲ୍ଲାବ୍ୟାପୀ ଅଧିକାଂଶ ପରିବାର ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ମାଁ ଦଣ୍ଡକାଳୀଙ୍କ ଆରାଧାନାରେ ରହିଥାନ୍ତି। ଲୋକନାଟର ବଳିଷ୍ଠ ଏହି ପରମ୍ପରା କାହିଁ କେଉଁ ଆଦିମ ଯୁଗରୁ ପ୍ରଚଳିତ ଥିବା ବେଳେ ଧିରେ ଧିରେ ଏଥିରେ ଯୁଗୋପଯୋଗୀ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଛି। ମାନସିକଧାରୀମାନେ ସେମାନଙ୍କ ପରିବାରର କଲ୍ୟାଣ ସାଙ୍ଗକୁ ବିଶ୍ୱକଲ୍ୟାଣ ପାଇଁ ଏହି ଦଣ୍ଡଭୋଗ କରୁଥିବାରୁ ଏହାକୁ ସାମ୍ବତ୍ସରିକ ଗଣମହାପର୍ବ ବୋଲି ମଧ୍ୟ କୁହାଯାଇଥାଏ। ଏହାର ଇତିହାସ ଅତୀ ପ୍ରାଚୀନ। ମହାଦେବ ଓ ମହାଶକ୍ତି ମହାକାଳୀଙ୍କୁ ଆରାଧନା କରି ଦଣ୍ଡୁଆମାନେ ଏହି ଅବସରରେ ମାନସିକଧାରୀ ତଥା ସମଗ୍ର ଜଗତର କଲ୍ୟାଣ କାମନା କରିଥାନ୍ତି।

କିନ୍ତୁ ସମୟକ୍ରମେ ଦଣ୍ଡନାଟ ତାର ମୂଳ ପରମ୍ପରା ହରାଉଛି। ଏନେଇ ଗବେଷକମାନେ ଉଦବେଗ ପ୍ରକାଶ କରିଛନ୍ତି। ଲୋକଧାରା, ଲୋକଧାରଣା, ପରମ୍ପରା, ଆଧ୍ୟାତ୍ମିକତା ଓ ସଂସ୍କୃତିକୁ ନେଇ ଗଞ୍ଜାମରୁ ଉତ୍ପତ୍ତି ହୋଇଥିବା ଏହି ମହାନ ସାମ୍ବତ୍ସରିକ ଉତ୍ସବ ତଥା ଗଣପର୍ବ ମୂଳ ପରମ୍ପରାରୁ ଉଭେଇ ଯାଉଥିବା ଗବେଷକମାନେ କହିଛନ୍ତି। ଏନେଇ ବରିଷ୍ଠ ଗବେଷକ ଡ଼ ଅନନ୍ତରାମ କର (କୈଣ୍ଡିନ୍ୟ) କହିଛନ୍ତି ଯେ, ସାମ୍ପ୍ରତିକ ସ୍ଥିତିରେ ଜଣେ ସାଧାରଣ ଜନତା ଦଣ୍ଡନାଟ କରାଇବା କଷ୍ଟକର ହୋଇପଡ଼ିଛି। ଦଣ୍ଡଦଳ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି ପାଇଛି। ଦଣ୍ଡନାଟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଅଯଥା ଖର୍ଚ୍ଚ ସାଧାରଣ ଲୋକଙ୍କ ଲାଗି ଚିନ୍ତାର କାରଣ ହୋଇଛି। କହିବାକୁ ଗଲେ ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ଦଣ୍ଡନାଟ ପାଇଁ ପ୍ରାୟ ୨୦୦କୋଟି ଖର୍ଚ୍ଚ ହୋଇଛି। ଜିଲ୍ଲାରେ ୨୦୦ରୁ ଉର୍ଦ୍ଧ୍ୱ ଦଣ୍ଡପୁଞ୍ଜା ରହିଥିବା ବେଳେ ଗୋଟିଏ ଦଳ ଗୋଟିଏ ଦିନ ଦଣ୍ଡନାଟ ପରିବେଷଣ କରିବାକୁ ପାଖାପାଖି ୩ଲକ୍ଷ ଖର୍ଚ୍ଚ ହୋଇଥାଏ। ଏଭଳି ଭାବେ ୩ରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ଖର୍ଚ୍ଚ ହେବାର ନଜିର ରହିଛି। ଫଳରେ ଦିନକୁ ଦିନ ଦଣ୍ଡ ଖର୍ଚ୍ଚବହୁଳ ହେବାରେ ଲାଗିଛି। ଯାହା ଆଗାମୀ ପିଢି ଲାଗି ଚିନ୍ତାଜନକ ବିଷୟ। ଅପରପକ୍ଷେ ଦଣ୍ଡନାଟ ଏକ ଆଧ୍ୟାତ୍ମିକତା ପର୍ବ। କିନ୍ତୁ ଏଥିରେ ଦଣ୍ଡ ମହାମିଳନ ଭଳି ଅନେକ ପରମ୍ପରା କାଳକ୍ରମେ ଯୋଡ଼ି ହୋଇଛି। ଯେଉଁଥିପାଇଁ ଗତ କିଛିଦିନ ପୂର୍ବେ ଧରାକୋଟ ବ୍ଲକର ସିନ୍ଦୁରାପଲ୍ଲୀ ଗ୍ରାମରେ ଦୁଇ ଦଣ୍ଡଦଳ ମଧ୍ୟରେ ଯୁଦ୍ଧ ଦେଖିବାକୁ ମିଳିଥିଲା। ସେହିଭଳି ବିଭିନ୍ନ ଦଣ୍ଡଦଳରେ ଭୁକ୍ତା ସଂଖ୍ୟା ବଢିଥିବା ବେଳେ ଦଣ୍ଡସୁଆଙ୍ଗ ପରିବେଷଣ ମଧ୍ୟ କମିବାରେ ଲାଗିଲା। ଏହାର ସ୍ଥାନ ନେଲା ଅପେରା ଓ ଥିଏଟର। ସାମ୍ପ୍ରତିକ ସ୍ଥିତିରେ ଦଣ୍ଡବିଧାନର ଦଣ୍ଡ ବଦଳରେ ସାଧାରଣ ଲୋକେ ଚାଟଗୀତ ଉପଭୋଗ କରିବା ବ୍ୟବସ୍ଥା ବଢିଛି। ଦଣ୍ଡନାଟ ସମୟରେ ଅନେକ ସ୍ଥାନରେ ଅଭଦ୍ରଭାଷ ପ୍ରୟୋଗ ଓ ଅଶ୍ଳିଳତା ବଢିଛି। ଗଞ୍ଜାମ ଜିଲ୍ଲା ପ୍ରଶାସନର ଉଦ୍ୟମକ୍ରମେ ଅଶ୍ଳିଳତା କମିଥିବା ବେଳେ କଳାକାରଙ୍କ ପେଟପାଟଣା ନାଁରେ ଏହା କିନ୍ତୁ ଥମିନାହିଁ। ଗବେଷକ ଶ୍ରୀ କର ଦୁଃଖର ସହିତ କହିଛନ୍ତି ଯେ, ଆଧ୍ୟାତ୍ମିକତାର ଏହି ପର୍ବ ସାଧାରଣରେ ଧାର୍ମିକ ବେପାର ଭାବେ ପରିଗଣିତ ହୋଇଛି। ୧୫ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ଲେବର ମିଳିବା କଷ୍ଟ ହେଉଛି। ଶ୍ରମିକମାନେ ବିଭିନ୍ନ ସ୍ଥାନରୁ ଫେରି ଆସୁଛନ୍ତି। ସେହିଭଳି ଭିଏତନାମରୁ ଝୁଣା ଆସୁଥିବା ବେଳେ କେରଳ ଓ କର୍ଣ୍ଣାଟକରୁ ମୟୁରପିଞ୍ଛ ଆସୁଛି। ଫଳରେ ବେପାରୀ ମାଲାମାଲ୍ ହେଉଛନ୍ତି। ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ମାନେ ଦୁଇପଇସା ରୋଜଗାର କରୁଛନ୍ତି। ଧର୍ମ ନାମରେ ସାଧାରଣ ଲୋକଙ୍କର ପାଇଁ ଆର୍ଥିକ ବୋଝ ବଢୁଥିବା ବେଳେ ଦଣ୍ଡନାଟର ମୂଳ ପରମ୍ପରା ସମ୍ପର୍କରେ ଜାଣିବା ଲାଗି ଏହି ସମୟରେ ଜିଲ୍ଲାର କୌଣସି ସ୍ଥାନରେ ଆଲୋଚନା ଚକ୍ର, ପାଠଚକ୍ର ଇତ୍ୟାଦି ନୋହିଲା। ଯାହା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ପ୍ରକାଶଯୋଗ୍ୟ ଯେ, ଜିଲ୍ଲା ପ୍ରଶାସନର ଉଦ୍ୟମକ୍ରମେ ଗଞ୍ଜାମର ଗଣପର୍ବ ଦଣ୍ଡନାଟକୁ ୟୁନେସ୍କ ମାନ୍ୟତା ପ୍ରଦାନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ପ୍ରଫେସର ଲମ୍ବୋଦର ପାଣିଗ୍ରାହୀଙ୍କ ସମେତ ଡ଼ ବାୟାମନୁ ଚର୍ଚ୍ଚି, ଡ଼ ଅନନ୍ତରାମ କର ଓ ସିଦ୍ଧାର୍ଥ ପାଢି ଗବେଷଣାରେ ସହଯୋଗ କରୁଛନ୍ତି। ଆଗାମୀ ଦିନରେ ଦଣ୍ଡନାଟ ବିଶ୍ୱବିଦିତ ହେବାକୁ ଥିବା ବେଳେ ମୂଳ ପରମ୍ପରା ବଜାୟ ରହିବା ଆଶଙ୍କା ବି ଜଟିଳ ହୋଇଛି



## ୨୬ ନମ୍ବର ୱାର୍ଡରେ ଅଷ୍ଟଦଣ୍ଡ ମହାମିଳନ ସମାରୋହ

ବ୍ରହ୍ମପୁର,୧୧।୪(ସମିସ): ସମଗ୍ର ଗଞ୍ଜାମ ଜିଲ୍ଲାରେ ମହାଆଡମ୍ବର ସହକାରେ ପାଳିତ ହେଉଛି ଗଣପର୍ବ ଦଣ୍ଡନାଚ। ଏହି ଅବସରରେ ସ୍ଥାନୀୟ ୨୬ନଂ. ୱାର୍ଡ ଅନ୍ତର୍ଗତ କେସି ହାଇସ୍କୁଲ ଖେଳ ପଡ଼ିଆରେ ଅଷ୍ଟଦଣ୍ଡ ମହାମିଳନ ସମାରୋହ ଆୟୋଜିତ ହୋଇଯାଇଛି। ସିନ୍ଦୁରପୁର, ଖଣ୍ଡଦେଉଳି, ହୁମ୍ମା (ମହୁରୀପଦା), ଶାବୁଳିଆ, ପୁରୁଣାଗଡ, ଦିଗପହଣ୍ଡି ନିକଟ କଇଁଠଖଣ୍ଡି, ଗଗନପୁର, ବାସନାପଲ୍ଲୀ ଆଦି ଗ୍ରାମର ଦଣ୍ଡନାଚର ମହାମିଳନ ହୋଇଥିଲା। ସକାଳେ ବାଟବରଣ, ଧୂଳିଦଣ୍ଡ, ପାଣିଦଣ୍ଡ, ମହାମିଳନ ଓ ସନ୍ଧ୍ୟା ଆଳତୀ ପରେ ପ୍ରସାଦ ସେବନ ପରେ ମଧ୍ୟରାତ୍ରୀରେ ଅଗ୍ନିଦଣ୍ଡ କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ଧୀରେଶ ସାବତଙ୍କ ସଂଯୋଜନାରେ ତଥା ସ୍ଥାନୀୟ ଯୁବକ ସଂଘ ଓ ଜନସାଧାରଣଙ୍କ ସହଯୋଗରେ ଆୟୋଜିତ ମା' ଦକ୍ଷିଣ ରୁଦ୍ରକାଳୀଙ୍କ ଅଷ୍ଟଦଣ୍ଡ ମହାମେଳନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏଥିରେ ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ଚନ୍ଦ୍ରଶେଖର ସାହୁଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର ଉପସ୍ଥିତ ଥିଲେ। ରାତ୍ରି ସମୟରେ ୱାର୍ଡର ବିଭିନ୍ନ ସାହିରେ ପୃଥକ ପୃଥକ ଭାବେ ମନୋରଞ୍ଜନ ଭିତ୍ତିକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାହାକୁ ଅଞ୍ଚଳବାସୀ ମନଭରି ଉପଭୋଗ କରିଥିଲେ।

ଜିଲ୍ଲାସ୍ତରୀୟ ସିଏମ୍ କପ୍-୨୦୨୬

## ଗଞ୍ଜାମ ଜିଲ୍ଲା ଦ୍ୱିତୀୟ ଦିନରେ ପଦାର୍ପିତ

ବ୍ରହ୍ମପୁର,୧୧।୪(ସମିସ): ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସିଏମ୍ କପ-୨୦୨୬ ଦ୍ୱିତୀୟ ଦିନରେ ପହଞ୍ଚିଛି। ଫୁଟବଲ ଖେଳର ପ୍ରଥମ ମ୍ୟାଚ ସେଣ୍ଟ ଜାଭିୟର ହାଇସ୍କୁଲ ଆମ୍ବପୁଆ ବାଳିକା ଦଳ ଓ ଖେମୁଣ୍ଡି ଏଫ୍‌ସି ମଧ୍ୟରେ ଖେଳାଯାଇଥିଲା।



ଏଥିରେ ଖେମୁଣ୍ଡି ଏଫ୍‌ସି ୩-୦ ଗୋଲରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ୟୁଜିଏଚ୍ ଏସ୍ ଭାଲିଆଗଡ଼ ବାଳିକା ଦଳ ଡ଼ିଏଭି ବାଳିକା ଦଳକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥିସହ କବାଡ଼ିର ବାଳକ ବର୍ଗରେ ଛତ୍ରପୁର ଦଳ ୩୭ ପଏଣ୍ଟ ସ୍କୋର କରି ଚାମ୍ପିଅନ ହୋଇଥିବା ବେଳେ ଓ ଧରାକୋଟ ୩୩ ପଏଣ୍ଟ ସ୍କୋର କରି ରନର୍ସ ଅପ ହୋଇଥିଲା। ବାଳିକା ବର୍ଗ କବାଡ଼ିରେ ପୁରଷୋତ୍ତମପୁର ଦଳ ୩୭ପଏଣ୍ଟ ସ୍କୋର କରି ଚାମ୍ପିଅନ୍ ହୋଇଥିବା ବେଳେ ଓ ସାମନ୍ତିଆପଲ୍ଲୀ ଦଳ ୬ ପଏଣ୍ଟ ସ୍କୋର କରି ଟୁର୍ଣ୍ଣାମେଣ୍ଟରେ ରନର୍ସଅପ୍ ହୋଇଛନ୍ତି। ଦ୍ୱିତୀୟ ଦିନ ଖେଳରେ ଅତିଥି ଭାବେ ପୂର୍ବତନ ବରିଷ୍ଠ ଫୁଟବଲ ଖେଳାଳି ଭି. ଭଗବତୀ ରାଓ ଏବଂ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସଦସ୍ୟ ତଥା ବରିଷ୍ଠ ଖେଳାଳି ଏଲ୍. କେ. ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ, ସୀତାରାମ ଦ୍ୱୈବ୍ରତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ମଧ୍ୟ ଉପସ୍ଥିତ ଥିଲେ। ଶୃଙ୍ଖଳାର ସହିତ ପ୍ରତିଯୋଗିତା ଆୟୋଜିତ ହେଉଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ କରିଛନ୍ତି।

■ ୧୯ ବର୍ଷରୁ କମ୍ ଯୁବ ବକ୍ସିଂ ଦଳର ଗୌହାଟୀ ଯାତ୍ରା

## ଓଡିଶା ଦଳରେ ଗଞ୍ଜାମରୁ ୪ ଖେଳାଳି

ବ୍ରହ୍ମପୁର,୧୧।୪(ସମିସ): ଚଳିତ ଏପ୍ରିଲ ୧୩ରୁ ୧୯ ପର୍ଯ୍ୟନ୍ତ ୧୯ବର୍ଷରୁ କମ୍ ଜାତୀୟ ୮ମ ଯୁବ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ୧୦ଜଣ ପୁରୁଷ ଓ ୭ଜଣ ମହିଳା ଖେଳାଳି ଦଳରେ ସ୍ଥାନ ପାଇଛନ୍ତି। ଏଥିସହ



ଦଳରେ ୨ଜଣ କୋଚ୍ ମ୍ୟାନେଜର, ଜଣେ ରେଫରୀ ଜଜ୍ ଓ ଜଣେ ଡ଼ିଟିଡ଼ିଙ୍କ ସମେତ ବକ୍ସିଂ ଦଳ ଆସାମର ଗୌହାଟୀ ଅଭିମୁଖେ ଯାତ୍ରା କରିଥିବା ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନିଲ ବହିଦାର ସୂଚନା ଦେଇଛନ୍ତି। ଫେଡରେସନ ଅଫ ଇଣ୍ଡିଆ ଓ ଆସାମ ଅମେଚୁର ବକ୍ସିଂ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଖେଳାଳିଙ୍କ ମଧ୍ୟରୁ ପୁରୁଷ ବକ୍ସିଂରେ ଗଞ୍ଜାମ ଜିଲ୍ଲାର ଅଖିଳେଶ ବେହେରା ଓ ମହିଳା ବକ୍ସରଙ୍କ ମଧ୍ୟରେ ଏ. ପୂଜା ବେହେରା, ଯାଜ୍ଞସେନୀ ମହାରଣା ଓ ଦିପ୍ତିରାଣୀ ଗୌଡ଼ ରହିଛନ୍ତି। କୋଚ୍ ମ୍ୟାନେଜର ଭାବେ ଜି. ଯୋଗୀ ନନ୍ଦ, ମାନସ ଜେନା ଆନ୍ତର୍ଜାତୀୟ ବକ୍ସିଂ ଜଜ ଓ ରେଫରୀ ଶିଶିର କୁମାର ପାଣିଗ୍ରାହୀଙ୍କ ସମେତ ଓଡ଼ିଶା ଆମେଚୁର ବକ୍ସିଂ ଆସୋସିଏସନର ସମ୍ପାଦନ ଅନିଲ ବହିଦାର୍ ଯାତ୍ରା କରିଛନ୍ତି। ଦଳ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ଆଶୀର୍ବାଦ ବେହେରା, ଅଭିଜିତ ପାଲ, ଅଶୋକ କୁମାର ସାହୁ, ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରବିଶଙ୍କର ପ୍ରତିହାରି, କେ. ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ୍ କେ ନାୟକ ଓ ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାବିତ ଆଶାପ୍ରକଟ କରିଛନ୍ତି।

# ଦକ୍ଷିଣ ଓଡ଼ିଶା ପ୍ରତି ରେଳ ବିଭାଗର ଅବହେଳା; ଦିଲ୍ଲୀରେ ବିକ୍ଷୋଭ

ବ୍ରହ୍ମପୁର,୧୧।୪(ସମିସ): ଦକ୍ଷିଣ ଓଡ଼ିଶାର ଗଣ ସଙ୍ଗଠନ ମିଳିତ ମଞ୍ଚ 'ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ରେଳ ବିଭାଗର କ୍ରମାଗତ ଅବହେଳାକୁ ବିକ୍ଷୋଭ କରାଯାଇଛି। ଏନେଇ ମଞ୍ଚ ପକ୍ଷରୁ ନୂଆଦିଲ୍ଲୀ ରେଳ ଭବନ ଓ ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହାସହ ଦିଲ୍ଲୀ ସ୍ଥିତ ରେଳୱେ ବୋର୍ଡ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।




ଗୋପାଳପୁର (ବ୍ରହ୍ମପୁର)-ରେଢ଼ାଖୋଲ (ସମ୍ବଲପୁର), ଗୋପାଳପୁର-ସିଙ୍ଗାପୁର ରୋଡ (ରାୟଗଡା), ଗୋପାଳପୁର-ତାଳଚେର ରେଳପଥ ଭାୟା ତାରା ତାରିଣୀ ଶକ୍ତିପୀଠ ନିର୍ମାଣକୁ ଜାଣିଶୁଣି ଅବହେଳା କରାଯାଉଛି। ବାରମ୍ବାର ସର୍ଭେ କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ ତଥା ଆର୍ଥିକ ଅନୁମୋଦନ କରାଯାଉନାହିଁ ବୋଲି ମଞ୍ଚ ଦାବି କରିଛି। ଫଳରେ ଦକ୍ଷିଣ ଓଡିଶା ସହ ପଶ୍ଚିମ ଓଡିଶା ସହ ସିଧାସଳଖ ଯୋଗାଯୋଗ ଓ ସାମାଜିକ ଅର୍ଥନୈତିକ ପ୍ରଗତି ବାଧାପ୍ରାପ୍ତ ହେଉଛି। ସେହିପରି ଗୁଣୁପୁର-ଥେରୁବାଲି ରେଳପଥ କାର୍ଯ୍ୟ, ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳପଥ କାର୍ଯ୍ୟ ଅତି କଚ୍ଛପ ଗତିରେ ଚାଲିଛି। ସେହିପରି ଜୁନାଗଡ଼-ଗୋପାଳପୁର ଭାୟା କନ୍ଧମାଳ ରେଳପଥ କାର୍ଯ୍ୟ କେବଳ ସର୍ଭେରେ ରହିଯାଇଛି। ଏହି ସବୁ କାର୍ଯ୍ୟକୁ ଗତିଶକ୍ତି ଅଧୀନରେ ଅନ୍ତର୍ଭୁକ୍ତ କରାଯାଇ ତ୍ୱରାନ୍ୱିତ କରାଯାଉ ବୋଲି ଦାବି କରାଯାଇଛି। ଏଥିସହ ରାଜ୍ୟର ସର୍ବପ୍ରଥମ ଓ ସର୍ବ ପୁରାତନ ତଥା ୧୩୦ବର୍ଷର ପୁରୁଣା ବ୍ରହ୍ମପୁର ରେଳ ଷ୍ଟେସନ, ଅମୃତ ଭାରତ ରେଳ ଷ୍ଟେସନ ମାନ୍ୟତା ପାଇଥିବା ଏବଂ ଓଡ଼ିଶାର ୩ଟି ଏନଏସଜି-୨ ଷ୍ଟେସନ ଭିତରେ ଭୁବନେଶ୍ୱର, ପୁରୀ ଏବଂ ବ୍ରହ୍ମପୁର ରହିଛି। ବ୍ରହ୍ମପୁରର ଆୟ ବାର୍ଷିକ ୧୦୦କୋଟିରୁ ଅଧିକ ରହିଥିବା ବେଳେ ଯାତ୍ରୀ ସଂଖ୍ୟା ବାର୍ଷିକ ହାରାହାରି ୭୨ଲକ୍ଷରୁ ଅଧିକା ରହିଛି। ରାଜ୍ୟର ଅନ୍ୟ ଷ୍ଟେସନର ଅନୁସାଙ୍ଗିକ ବିକାଶ ପାଇଁ ୩୦୦ଶହ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବ୍ରହ୍ମପୁର ରେଳ ଷ୍ଟେସନକୁ ମାତ୍ର ୯୩.୧୯ କୋଟି ଦିଆଯିବାକୁ ଦେଇ ଅସନ୍ତୋଷ ବୃଦ୍ଧି ପାଇଛି। ଏଭଳି ଦକ୍ଷଣ ଓଡ଼ିଶାର ସମେତ ବ୍ରହ୍ମପୁରର ରେଳପଥର ବିକାଶ ନେଇ ବିଭିନ୍ନ ବିଷୟକୁ ଆଲୋଚାନ କରାଯାଇଥିଲା।

ବିକ୍ଷୋଭରେ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ବରିଷ୍ଠ ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇଥିଲେ। ରେଳ ମନ୍ତ୍ରଣାଳୟ ନିକଟରେ ଦାବିପତ୍ର ଦିଆଯାଇଥିଲା। ଏଥିରେ ଓଡିଶା ଡେଭେଲପମେଣ୍ଟ ଫୋରମର ପ୍ରୀତିଶ ପାଣିଗ୍ରାହୀ, ତପେଶ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ବେଲଗୁଣ୍ଠା ବାଣିଜ୍ୟ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ନାଗେଶ୍ୱର ପାତ୍ର, ମିଟୁ ସିଂ ବହୁବ୍ୟକ୍ତି ଯୋଗ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ଦିବସ

ବ୍ରହ୍ମପୁର,୧୧।୪(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଜିଲ୍ଲା ବୋର୍ଡ ସଦସ୍ୟ ରାମଚନ୍ଦ୍ର ମିଶ୍ରଙ୍କ ୩୮ତମ ଶ୍ରାଦ୍ଧ ଦିବସ ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ଇଂ. ଗିରିଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପ୍ରଥମେ ଆଡ଼ଭୋକେଟ୍ ଶିବ ପ୍ରସାଦ ମିଶ୍ର ସ୍ୱର୍ଗତ ମିଶ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଅଧ୍ୟକ୍ଷ ରବି ରଥ ଯୋଗଦେଇ ଦେଶକୁ ସ୍ୱାଧୀନତା କରିବା ପାଇଁ ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ରାମଚନ୍ଦ୍ରଙ୍କ ଭଳି ବହୁ ଲଢୁଆ ବ୍ୟକ୍ତି ଯେଉଁ କଷ୍ଟ ସ୍ୱୀକାର କରି ସ୍ୱାଧୀନତା ଆଣିଥିଲେ ତାହା ଆଜି ଜନସାଧାରଣଙ୍କ ମଧ୍ୟରେ ଶିଥିଳତା ପଡ଼ିଯାଇଛି। ଦେଶର ସାମ୍ବିଧାନିକ ସଂକଟ ଉତ୍କଟ ଭାବରେ ଉଭା ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟୋଗପତି ପ୍ରୀତି ମୋହନ ମହାପାତ୍ର, ରାମପ୍ରସାଦ ଦାଶ, ଦୀଲିପ କୁମାର ମିଶ୍ର, ଇଂ. ଅନିଲ କୁମାର ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଲୋକନାଥ ପୂଜାରୀ, ଲକ୍ଷ୍ମୀ ଚରଣ ପଣ୍ଡା, ପାର୍ବତୀ ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



# ଶ୍ରୀକ୍ଷେତ୍ର ସିଟି

୧୧/୪/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୯୮,୧୧୨/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





# ବାହାର ରତ୍ନଭଣ୍ଡାର ଗଣତିମଣତି ଶେଷ



ପୁରୀ,୧୧।୪(ସମିସ): ଶେଷ ହୋଇଛି ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି। ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ଭଣ୍ଡାରର ସମସ୍ତ ଅଳଙ୍କାର ଗୋଟିଏ ଦିନରେ ଗଣତିମଣତି ସରିଥିବାବେଳେ ଗତ ବୁଧବାରଠାରୁ ଦ୍ୱିତୀୟ ପର୍ଯ୍ୟାୟରେ ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତି ଆରମ୍ଭ କରାଯାଇଥିଲା। ୪ ଦିନ ମଧ୍ୟରେ ସମସ୍ତ ଅଧିକୃତ ବ୍ୟକ୍ତି ଏବଂ ସେବାୟତଙ୍କ ସହଯୋଗରେ ଶନିବାର ଏହା ସମ୍ପୂର୍ଣ୍ଣ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଅନ୍ତିମ ଦିନରେ ପ୍ରାୟ ୭ ଘଣ୍ଟା ୧୦ ମିନିଟ୍ ଧରି ଏହି ଗଣତିମଣତି ଚାଲିଥିଲା। ତେବେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଛୁଟିଦିନ ଅର୍ଥାତ୍ ରବିବାର ଗଣତି କାର୍ଯ୍ୟ ବନ୍ଦ ରହିବ। ୧୩ ତାରିଖ ସୋମବାରଠାରୁ ତୃତୀୟ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରାଦି ଗଣତିମଣତି ଆରମ୍ଭ କରାଯିବ।

ଶନିବାର ପ୍ରାଧିକୃତ ବ୍ୟକ୍ତିମାନେ ପୂର୍ବାହ୍ଣ ୧୦ଟା ୪୧ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ପୂର୍ବାହ୍ଣ ୧୧ଟା ୩୦ରେ ବାହାର ରତ୍ନଭଣ୍ଡାର ଖୋଲାଯାଇ ବାକି ରହିଥିବା ଗଚ୍ଛିତ ଅଳଙ୍କାରଗୁଡ଼ିକ ଭଣ୍ଡାର ମେକାପ ଯୋଗାଇ ଦେଇଥିଲେ। ଗଣତି ପ୍ରକ୍ରିୟାରେ ସାମିଲ୍ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ମାପ ଓଜନ ଅଧିକାରୀ ସଦସ୍ୟମାନେ ଯାଞ୍ଚ ପୂର୍ବକ ସମସ୍ତ ପ୍ରକ୍ରିୟା ସମ୍ପାଦନ କରିଥିଲେ। ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରୀଡି ମ୍ୟାପିଙ୍ଗ୍ ସହ ଇ-କାଟ୍‌ଲଗ୍ କରାଯାଇଥିଲା। ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ସନ୍ଧ୍ୟା ୬ଟା ୩୫ରେ ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଏହି ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟଷ୍ଟ୍ରଙ୍ଗ୍ ରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଥିଲା।

ଶନିବାର ଗଣତିମଣତି ପ୍ରକ୍ରିୟା ସରିବା ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ ଯେ, ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, କଡ଼ା ସୁରକ୍ଷା ମଧ୍ୟରେ ବାହାର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ କରାଯାଇଛି। ଭଣ୍ଡାର ମେକାପ ଦେଇଥିବା ସ୍ୱର୍ଣ୍ଣ ଅଳଙ୍କାରକୁ ମିଶାଇଲେ ଏହା ୧୯୭୮ ମସିହା ତାଲିକାଠାରୁ ଅଧିକ ହେବ। ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ଶେଷ ହୋଇଥିବାବେଳେ ୧୩ ତାରିଖରେ ଜିଲ୍ଲା ଟ୍ରେଜେରୀରୁ ଚାବି ଆସି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଣତିମଣତି କରାଯିବ। ପ୍ରତ୍ୟେକ ଦିନ ଗଣତିମଣତି ଶେଷ ହେବା ପରେ ଜଉମୁଦ ଦିଆଯାଇ ଚାବି ପୁନଶ୍ଚ ଟ୍ରେଜେରୀକୁ ନିଆଯିବ। ତେବେ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଥିବାରୁ ଗଣତିମଣତି ବନ୍ଦ ରହିବ। ଏହାପରେ ୧୬ରୁ ୧୮ ତାରିଖ ଯାଏ ପୁଣିଥରେ ଗଣତିମଣତି କରାଯିବ ବୋଲି କହିଛନ୍ତି ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର। ବାହାର ରତ୍ନଭଣ୍ଡାରର କିଛି ଅଳଙ୍କାର ଜେମୋଲୋଜିଷ୍ଟ ବା ରତ୍ନ ବିଶାରଦମାନେ ଚିହ୍ନଟ କରିପାରିନାହାନ୍ତି। ବାହାର ରତ୍ନ ଭଣ୍ଡାରରେ ଆଉ ୧୮ ପ୍ରକାର ଅଳଙ୍କାର ବୃଦ୍ଧି ହୋଇଥିବା ଛତିଶା ନିଯୋଗ ମହାନାୟକ କହିଛନ୍ତି। ସେହିପରି ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ରତ୍ନ ଅଳଙ୍କାରଗୁଡ଼ିକ ନିର୍ଭୁଲ ଭାବେ ଗଣତିମଣତି କରାଯାଇଛି। ୧୯୭୮ ମସିହା ତାଲିକା ଅନୁସାରେ ବାହାର ରତ୍ନଭଣ୍ଡାରରେ ଦୁଇଟି ଅଳଙ୍କାର ମିଳୁନାହିଁ। ହୁଏତ ଏହା ଭିତର ରତ୍ନଭଣ୍ଡାରରେ ଥାଇପାରେ ବୋଲି କହିଛନ୍ତି।

**୧୩ରୁ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତି ଆରମ୍ଭ ହେବ**

**କିଛି ଅଳଙ୍କାର ରତ୍ନ ବିଶାରଦ ଚିହ୍ନଟ କରିପାରୁ ନାହାନ୍ତି**

**ବାହାର ଭଣ୍ଡାରର ୨ଟି ଅଳଙ୍କାର ମିଳୁନାହିଁ: ଜଷ୍ଟିସ୍ ରଥ**

## ଆସୁଛି ଚନ୍ଦନ ଯାତ୍ରା; ପ୍ରସ୍ତୁତ ହେଉଛି ନରେନ୍ଦ୍ର ପୁଷ୍କରିଣୀ

ପୁରୀ,୧୧।୪(ସମିସ): ଆସନ୍ତା ୨୦ ତାରିଖରେ ଅକ୍ଷୟ ତୃତୀୟା। ଏହି ଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ବାହାର ଚନ୍ଦନରେ ୨୧ ଦିନ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ଠାକୁର। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ସହିତ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଚାପ ଖେଳିବେ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆଗେଇ ଚାଲିଥିବା ବେଳେ ସଜେଇ ହେଉଛି ନରେନ୍ଦ୍ର ପୁଷ୍କରିଣୀ। ଗତ ଚୈତ୍ର ପୂର୍ଣ୍ଣିମାରେ ନରେନ୍ଦ୍ରରୁ ୫ଟି ଡଙ୍ଗା ଉଠାଯାଇଥିଲା। ଡଙ୍ଗାଗୁଡ଼ିକ ଶୁଖିଯିବା ପରେ ସେଥିରେ ପିତୁ, ରାଳ ଦିଆଯାଉଛି। ସେହିପରି ରଙ୍ଗ କାମ ମଧ୍ୟ ଚାଲିଛି। ଚନ୍ଦନ ଚକଡ଼ା ସମେତ ଠାକୁରଙ୍କ ଆସ୍ଥାନକୁ ପାରମ୍ପରିକ ଶୈଳୀରେ ରଙ୍ଗ ଦିଆଯାଉଛି।

● ସିଂହଦ୍ୱାରରେ ଭାବାବେଗର ଦୃଶ୍ୟ

## ହ୍ୱିଲ୍ ଚେୟାରରେ ବସିଥିବା ପତ୍ନୀଙ୍କ ଦୁଇହାତ ଟେକି ଦର୍ଶନ କରାଇଲେ ସ୍ୱାମୀ



ପୁରୀ,୧୧।୪(ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ଶନିବାର ଏକ ଭାବାବେଗର ଦୃଶ୍ୟ ଦେଖିବାକୁ ମିଳିଥିଲା। ହୁଇଲ୍ ଚେୟାର୍‌ରେ ବସିଥିବା ରୋଗାକ୍ରାନ୍ତ ସ୍ତ୍ରୀଙ୍କ ଦୁଇହାତ ଟେକି ପତିତପାବନଙ୍କୁ ଦର୍ଶନ କରାଇଥିଲେ ସ୍ୱାମୀ। ବ୍ରହ୍ମପୁରର କାଶୀନାଥ ପାଣିଗ୍ରାହୀଙ୍କ ସ୍ତ୍ରୀ ଝୁନୁ ପାଣିଗ୍ରାହୀ ୨୦୨୧ରୁ ପକ୍ଷାଘାତ ରୋଗରେ ଆକ୍ରାନ୍ତ। ଝୁନୁଙ୍କ ହାତଗୋଡ଼ କିଛି କାମ କରୁନାହିଁ। ମୁମ୍ବଇରେ ରହୁଥିବା ଝିଅ ସନ୍ତୋଷିନୀଙ୍କ ପାଖରେ ରହି ଚିକିତ୍ସିତ ହେଉଛନ୍ତି। ମୁମ୍ବଇର ବହୁ ସ୍ୱନାମଧନ୍ୟ ଡାକ୍ତର ଝୁନୁଙ୍କ ଚିକିତ୍ସା କରି ଫେଲ୍ ମାରିଛନ୍ତି। ସବୁଆଡୁ ନିରାଶ ହେବା ପରେ ଶେଷରେ ଜଗା ଦୁଆରେ ପହଞ୍ଚିଛନ୍ତି। ହୁଇଲ୍ ଚେୟାର ଯୋଗେ ପୁରୀ ଆସିଥିବା ଝୁନୁଙ୍କୁ ସ୍ୱାମୀ ଶ୍ରୀମନ୍ଦିର ସିଂହଦ୍ୱାରରେ ପତିତପାବନଙ୍କୁ ଦର୍ଶନ କରାଇଛନ୍ତି।

## ଶାରଦା ବିହାର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପୁରୀ,୧୧।୪(ସମିସ): ଶିକ୍ଷାର ବିକାଶ ସହ ଏକ ସମୃଦ୍ଧ ଭାରତବର୍ଷ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀ ସଂକଳ୍ପବଦ୍ଧ ହୁଅନ୍ତୁ ବୋଲି କହିଛନ୍ତି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାଳ୍ପିକ ତଥା ସମାଜସେବୀ ବଦ୍ରି ମିଶ୍ର କହିଥିଲେ ଯେ, ଏକ ବିକଶିତ ଓଡ଼ିଶା ଗଠନ ନିମନ୍ତେ ପିଲାଙ୍କୁ ନୈତିକ ଶିକ୍ଷା ସହ ଦେଶାତ୍ମବୋଧର ଶିକ୍ଷା ଦେବା ଏକ ଆବଶ୍ୟକତା। ସମ୍ମାନିତ ଅତିଥି କିଟ୍ ବିଶ୍ୱବିଦ୍ୟାଳୟ ଗଣମାଧ୍ୟମ ବିଭାଗର ସହକାରୀ ପ୍ରଫେସର ଡ. ପ୍ରଦ୍ୟୁମ୍ନ କୁମାର ସାଥୁଆ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଓ ଆଧ୍ୟାତ୍ମିକ ଚେତନା ପାଇଁ ସମସ୍ତ ଆର୍ଥିକ ସହଯୋଗ ଯୋଗାଇ ଦିଆଯିବ। କବି ତଥା ଶିକ୍ଷାବିତ୍ ଆଲୋକ କୁମାର ପ୍ରଧାନ, ବାଲିଗୁଆଳି ସରପଞ୍ଚ ସିଲୁ ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରପ୍ରସାଦ ଜେନା, ବାଲିଗୁଆଳି ଗ୍ରାମ୍ୟ କମିଟି ସଭାପତି ସମରେନ୍ଦ୍ର ମାଳ ଯୋଗଦେଇ ବିଦ୍ୟାଳୟର ଉନ୍ନତ ଶିକ୍ଷାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସମୂହ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ମେଳ ଓ ସମ୍ବଲପୁରୀ ନୃତ୍ୟ, ଦେଶାତ୍ମବୋଧ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଶିକ୍ଷକ ହରପ୍ରସାଦ ନାୟକ।

## ରଥଖଳା ନିର୍ମାଣ ଆରମ୍ଭ



ପୁରୀ,୧୧।୪(ସମିସ): ଆସନ୍ତା ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ରଥଖଳାରେ ନିର୍ମାଣ ହେବ ତିନିରଥ। ଏଥିପାଇଁ ରଥଖଳା ନିର୍ମାଣ ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ଶ୍ରୀନଅର ସମ୍ମୁଖରେ ରଥଖଳା ନିର୍ମାଣ କରୁଛନ୍ତି। ଶନିବାର ଗାତ ଖୋଳାଯାଇ ଲୁହା ପାଇପ୍ ପୋତାଯାଇଛି। ଆଉ ଦିନେ ଦୁଇଦିନ ମଧ୍ୟରେ ଖଳା ନିର୍ମାଣ ସମ୍ପୂର୍ଣ୍ଣ ହୋଇଯିବ। ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯିବ। ଏହାପରେ ବିଶ୍ୱକର୍ମା ଏବଂ ଭୋଇ ସେବକଙ୍କ ଉପସ୍ଥିତିରେ ରଥଖଳାରେ ଆରମ୍ଭ ହେବ ଗହଳିଚହଳି।

● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ଏକାଦଶ ଦିନରେ ସଚେତନତା ପଦଯାତ୍ରା



ପୁରୀ,୧୧।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ହେଲେ ଶୁଣୁନାହାନ୍ତି ସରକାର। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଚାଲିଥିବା ସଚେତନତା ପଦଯାତ୍ରା ଶନିବାର ଏକାଦଶ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ମହାନଗର ନିଗମ ଅନ୍ତର୍ଭୁକ୍ତ ୭ ନମ୍ବର ୱାର୍ଡର ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ସହ ସର୍ବଶ୍ରୀ ନୃସିଂହନାଥ ନାୟକ, ସୌମ୍ୟା ହୋତା, ସାବିତ୍ରୀ ଦାସ, ଅନିମା ମିଶ୍ର, କୁନିରାଣୀ ମହଲା, ପ୍ରିୟଦର୍ଶିନୀ ପତି, ସୁପ୍ରଭା ସାସମଲ, ପୂଜା ସୁବୁଦ୍ଧି, ଶାନ୍ତିଲତା ମହାରଣା ପ୍ରମୁଖ ସାମିଲ୍ ଥିଲେ।

**ଇସ୍କନକୁ ଗଜପତିଙ୍କ ଚେତାବନୀ**

## ଅମାନିଆ ହେଲେ ଆଇନର ଆଶ୍ରୟ ନିଆଯିବ

ପୁରୀ,୧୧।୪(ସମିସ): ବିଶ୍ୱର ବିଭିନ୍ନ ରାଷ୍ଟ୍ର ସମେତ ଭାରତର ବିଭିନ୍ନ ରାଜ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ରହିଛି। ସେଠାରେ ରଥଯାତ୍ରା ସହିତ ମହାପ୍ରଭୁଙ୍କ ଅନ୍ୟାନ୍ୟ ପର୍ବପର୍ବାଣି ପାଳନ କରାଯାଉଛି। କିନ୍ତୁ ମୂଳପୀଠ ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ କରାଯାଉଛି ଅଧିକାଂଶ ସ୍ଥାନରେ ବିଧି ମୁତାବକ ହେଉନାହିଁ। ଏମିତି କି ବର୍ଷର ବିଭିନ୍ନ ସମୟରେ ରଥଯାତ୍ରା କରାଯାଉଛି। ଏହା ମହାପ୍ରଭୁ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା।



■ ଅଦିନିଆ ରଥଯାତ୍ରା ରୋକିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି

■ ସମସ୍ତ ସନାତନପ୍ରେମୀ ସଚେତନ ହେବାକୁ ଗଜପତି ମହାରାଜାଙ୍କ ଅପିଲ

ଅଦିନିଆ ରଥଯାତ୍ରାକୁ କିପରି ବନ୍ଦ କରାଯିବ ସେ ନେଇ ବିଭିନ୍ନ ସମୟରେ ଉଦ୍ୟମ ହେଉଥିଲେ ହେଁ ସେଥିରେ ସମ୍ପୂର୍ଣ୍ଣ ଭାବେ ସଫଳତା ମିଳିନାହିଁ। ତେଣୁ ଦେଶରେ ଓ ଦେଶ ବାହାରେ ମହାପ୍ରଭୁଙ୍କ ପର୍ବପର୍ବାଣି ପାଳନ, ଇସ୍କନ ସଂସ୍ଥା ଦ୍ୱାରା ଅଦିନିଆ ରଥଯାତ୍ରା ପାଳନ ସଂକ୍ରାନ୍ତରେ ଆଲୋଚନା ପାଇଁ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ 'ଐକ୍ୟ ସ୍ଥାପନା ମଣ୍ଡଳୀ' ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକ ଶେଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ମହାରାଜା କହିଥିଲେ ଯେ, ଇସ୍କନ ସଂସ୍ଥା ଶ୍ରୀକ୍ଷେତ୍ର ବା ମୂଳପୀଠ ପରମ୍ପରାର ବ୍ୟତିକ୍ରମ କରୁଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ଇସ୍କନ୍ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ ଆଚାର୍ଯ୍ୟ ଶାସ୍ତ୍ରୀୟ ମତ ଆଧାରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ଗଜପତି ମହାରାଜା ମଧ୍ୟ ବ୍ୟକ୍ତିଗତ ଭାବେ ଦୁଇଦିନ ତଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ନେଇ ରାଜ୍ୟବ୍ୟାପୀ ଜନସଚେତନତା ସୃଷ୍ଟି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍କୃତି ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସହ ଆଲୋଚନା କରିବ। ଇସ୍କନ୍ ମାୟାପୁର କର୍ତ୍ତୃପକ୍ଷଙ୍କୁ ପୁନର୍ବାର ଚିଠି ଲେଖାଯିବ। ସବୁ ପ୍ରକାର ପଦକ୍ଷେପ ନେବା ସତ୍ତ୍ୱେ ଇସ୍କନ କର୍ତ୍ତୃପକ୍ଷ ଅଦିନିଆ ରଥଯାତ୍ରା କଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତି ଦିବ୍ୟସିଂହ ଦେବ କହିଛନ୍ତି। ଇସ୍କନ୍ ଭାରତ ଭିତରେ ଅଦିନିଆ ସ୍ନାନ ପୂର୍ଣ୍ଣିମୀ ଏବଂ ରଥଯାତ୍ରା ନ କରିବା ପାଇଁ ଲିଖିତ ଭାବେ ଜଣାଇଛି। ୨୦୨୫ ପରଠାରୁ ଇସ୍କନ ଭାରତ ଭିତରେ ଅଦିନିଆ ସ୍ନାନ ପୂର୍ଣ୍ଣିମୀ ଏବଂ ରଥଯାତ୍ରା କରିବା ଦୃଷ୍ଟିଗୋଚର ହୋଇନାହିଁ। କିନ୍ତୁ ଇଣ୍ଟରନେଟ୍ ତଥ୍ୟ ଅନୁଯାୟୀ, ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଓ ୧୦ଟି ସ୍ଥାନରେ ଅଦିନିଆ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହା ବିରୋଧରେ ସମସ୍ତ ସନାତନପ୍ରେମୀ ସଚେତନ ହେବାକୁ ଗଜପତି ଅପିଲ୍ କରିଛନ୍ତି। ଆସନ୍ତା ପଣାସଂକ୍ରାନ୍ତିରୁ ଶ୍ରୀମନ୍ଦିର କ୍ୟାଲେଣ୍ଡର ପ୍ରଚଳିତ ହେବାକୁ ଯାଉଛି। କ୍ୟାଲେଣ୍ଡରରେ ଉଲ୍ଲେଖ ହୋଇଥିବା ତାରା ଚିହ୍ନ ଅନୁସାରେ ଭାରତରେ ଥିବା ସବୁ ଜଗନ୍ନାଥ ମନ୍ଦିର ଏହା ପାଳନ କରିବା ବାଧ୍ୟତାମୂଳକ। ସେହିପରି ଭାରତ ଭିତରେ ସବୁ ଜଗନ୍ନାଥ ମନ୍ଦିର ମୂଳପୀଠ ବା ଶ୍ରୀମନ୍ଦିର କ୍ୟାଲେଣ୍ଡର ଅନୁସାରେ ପର୍ବପର୍ବାଣି ଓ ନୀତିକାନ୍ତି ପାଳନ କରିବାକୁ ଗଜପତି ପରାମର୍ଶ ଦେଇଛନ୍ତି। 'ଐକ୍ୟ ସ୍ଥାପନା ମଣ୍ଡଳୀ'ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ସବୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅବଗତ ହେବେ ଯୁବପିଢ଼ି



**ଓଡ଼ିଆ ପକ୍ଷ ପାଳନ**

ପୁରୀ,୧୧।୪(ସମିସ): ଜିଲ୍ଲା ପ୍ରଶାସନ(ଜିଲ୍ଲା ସଂସ୍କୃତି ପରିଷଦ), ପୁରୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ସହଭାଗିତାରେ ୟୁଥ୍ ହଷ୍ଟେଲ ପରିସରରେ ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସ ଅବସରରେ ଅମୃତପିଢ଼ି ସାରସ୍ୱତ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ଓଡ଼ିଆ ପକ୍ଷ ପାଳନ ଏକ ଚମତ୍କାର ପଦକ୍ଷେପ। ଏହାଦ୍ୱାରା ବର୍ତ୍ତମାନର ଯୁବପିଢ଼ି ଆମର ମହାନ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅବଗତ ହେବା ସହ ନିଜକୁ ଗର୍ବିତ ଅନୁଭବ କରିବେ। ଆମ ଅସ୍ମିତାର ପ୍ରଚାରପ୍ରସାର କ୍ଷେତ୍ରରେ ଏହି ଓଡ଼ିଆ ପକ୍ଷ ପାଳନ ଏକ ଉପଯୁକ୍ତ ମାର୍ଗଦର୍ଶିକା ହୋଇପାରିବ ବୋଲି ସେ କହିବା ସହ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଥିଲେ, ଓଡ଼ିଆ ପକ୍ଷ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ପୁରୀ ଜିଲ୍ଲାରେ ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ଦୈନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ଆଜିର ଏକାଦଶ ଦିବସର ବିଷୟ ଅନୁସାରେ ଅମୃତ ପିଢ଼ି ସାରସ୍ୱତ ସମାରୋହରେ ଯୁବପିଢ଼ିମାନଙ୍କୁ ଉତ୍ସାହିତ ଓ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ସଂଘଟିତ ହୋଇଛି। ଏହା ଏକ ବହୁତ ଭଲ ପଦକ୍ଷେପ ଓ ନୂତନ ସମ୍ଭାବନାକୁ ପ୍ରୋତ୍ସାହିତ କରିବ ବୋଲି କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଖକ ଲକ୍ଷ୍ମୀଧର ଜେନା, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, କଥାକାର ବଦ୍ରି ମିଶ୍ର, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସର୍ବାଣୀ ଦାସ। ଏହି ଅବସରରେ ସାହିତ୍ୟିକ ଲକ୍ଷ୍ମୀଧର ଜେନାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସନ୍ଦୀପ କର୍ମକାର।

# ଆଗକୁ ରଥଯାତ୍ରା; ଆଁ କରିଛି ଡ୍ରେନ୍



ପୁରୀ,୧୧।୪(ସମିସ): ଆଗକୁ ରଥଯାତ୍ରା। ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ହେଲେ ଏବେ ବି ସହରର ଅନେକ ଜାଗାରେ ମୁକୁଳା ଡ୍ରେନ୍ ରହିଛି। ବିଭିନ୍ନ ସମୟରେ ଏହି ଡ୍ରେନ୍‌ରେ ପଡ଼ି ଜୀବନ ଯିବାର ନଜିର ଅଛି। କେବଳ ମଣିଷ ନୁହନ୍ତି ଅନ୍ୟାନ୍ୟ ଜୀବଜନ୍ତୁଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଖୋଲା ଡ୍ରେନ୍ ପାଇଁ ବିଭିନ୍ନ ସମୟରେ ଅଘଟଣ ଘଟୁଥିଲେ ବି ପ୍ରଶାସନର ଚିନ୍ତା ପଶୁନି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ସହରର ଶିକ୍ଷାନୁଷ୍ଠାନ ନିକଟ, ଷ୍ଟେସନ ସମ୍ମୁଖରେ ମଧ୍ୟ ଆଁ କରିଛି ଡ୍ରେନ୍। କେତେବେଳେ ଯେ ଅଘଟଣ ଘଟିବ ତାହାକୁ ଏଡ଼ାଇ ଦେଇହେବନି। ଏଠି ପ୍ରଶ୍ନ ଉଠୁଛି ଅଘଟଣ ପରେ କ'ଣ ପ୍ରଶାସନର ନିଦ ଭାଙ୍ଗିବ?

ପୁରୀ ସହରରେ ଅନେକ ଡ୍ରେନ୍ ରହିଛି। ମୁଖ୍ୟ ଡ୍ରେନ୍ ସାଙ୍ଗକୁ ସାହିଗଳିରେ ଛୋଟ, ବଡ଼ ଡ୍ରେନ୍ ଅଛି। ଏଥିରେ ସହରର ବିଭିନ୍ନ ପ୍ରକାର ବର୍ଜ୍ୟଜଳ ଏବଂ ବର୍ଷା ପାଣି ପ୍ରବାହିତ ହୋଇ ବାଙ୍କୀ ମୁହାଣଠାରେ ଟ୍ରିଟ୍‌ମେଣ୍ଟ ପରେ ସମୁଦ୍ରରେ ମିଶୁଛି। କିନ୍ତୁ ସହରର ବିଭିନ୍ନ ଅଞ୍ଚଳରେ ଥିବା ଡ୍ରେନ୍ ମୁକୁଳା ରହିଛି। ଅନେକ ଜାଗାରେ ସ୍ଲାବ୍ ପଡ଼ିନାହିଁ। ପୁରୀ ସହରରେ ଡ୍ରେନ୍ କଥା କେବଳ ପ୍ରଶାସନର ବର୍ଷକୁ ଥରେ ମନେ ପଡ଼ିଥାଏ। ରଥଯାତ୍ରା ପୂର୍ବରୁ ଡ୍ରେନ୍ ସଫା କରାଯାଏ। ରଥ ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଡ୍ରେନ୍ ସଫେଇ ସାରିଦେଇଛନ୍ତି ବୋଲି କହି ବାହାବା ନିଅନ୍ତି। ହେଲେ ଏହା ପରେ ଡ୍ରେନ୍ କଥା ପ୍ରାୟ ସମସ୍ତେ ଭୁଲିଯାଆନ୍ତି। ଫଳରେ ବର୍ଷାଦିନେ ହନ୍ତସନ୍ତ ହୁଅନ୍ତି ସହରବାସୀ। କେଉଁଠି ଡ୍ରେନ୍ ଜାମ୍ ହୋଇ ପାଣି ରାସ୍ତାରେ ମାଡ଼େ ତ ଆଉ କେଉଁଠି ସ୍ଲାବ୍ ପଡ଼ି ନ ଥିବା ଯୋଗୁଁ ଜନସାଧାରଣ ଦୁର୍ଘଟଣାର ଶିକାର ହୋଇଥା'ନ୍ତି। ବର୍ଷା ସମୟରେ ନିଷ୍କାସନ ଠିକ୍ ଭାବେ ହେଉଥିବାରୁ ଡ୍ରେନ୍ ସମ୍ପୂର୍ଣ୍ଣ ବୁଡ଼ିଯାଏ। ଫଳରେ ସାଇକଲ ଆରୋହୀ ହୁଅନ୍ତୁ ବା ବାଇକ୍ ଆରୋହୀ ଯିବା ସମୟରେ ଡ୍ରେନ୍ ଦେଖିପାରନ୍ତି ନାହିଁ। ତେଣୁ ମୁକୁଳା ଥିବା ଡ୍ରେନ୍‌ରେ ପଡ଼ି ଦୁର୍ଘଟଣାର ଶିକାର ହୋଇଥା'ନ୍ତି। ସହରରେ ଅନେକ ସ୍ଥାନରେ ବଡ଼ ବଡ଼ ଖୋଲା ମେଲା ରହିଛି।

ସବୁଠୁ ଉଦ୍‌ବେଗର ବିଷୟ ହେଉଛି ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ବସ୍ତିକଡ଼ ଦେଇ ଯାଇଥିବା ଡ୍ରେନ୍ ଉପରେ ସ୍ଲାବ୍ ପକାଯାଇ ନାହିଁ। ରେଡ୍‌କ୍ରସ ରୋଡ୍‌ସ୍ଥିତ ପୁଲିସ ହାଇସ୍କୁଲ ଫାଟକ କଡ଼, ପୁରୀ ଷ୍ଟେସନ ନିକଟ ବସ୍ତି କଡ଼ରେ ଯାଇଥିବା ଡ୍ରେନ୍ ଉପରେ ଅନେକ ଜାଗାରେ ସ୍ଲାବ୍ ପକାଯାଇ ନାହିଁ। ତେଣୁ କେତେବେଳେ ଯେ ଅଘଟଣ ନ ଘଟିବ ତା'ର କିଛି ଗ୍ୟାରେଣ୍ଟି ନାହିଁ। ୨୦୨୨ରେ ମୁକୁଳା ଡ୍ରେନ୍‌ରେ ପଡ଼ି ଦୁଇଜଣଙ୍କ ଜୀବନ ଯାଇଥିବାବେଳେ ୨୦୨୪ ଡିସେମ୍ବର ୨୪ରେ ଜଣେ ବ୍ୟକ୍ତି ଡ୍ରେନ୍‌ରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ୯ ତାରିଖରେ ପୁଲିସ ଲାଇନ୍ ହାଇସ୍କୁଲ୍ ନିକଟ ଖୋଲା ଡ୍ରେନ୍‌ରୁ ଜଣେ ଅଜଣା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ଯଦିଓ ତାଙ୍କ ମୃତ୍ୟୁ ନେଇ କିଛି ସ୍ପଷ୍ଟ ଜଣାପଡ଼ି ନାହିଁ, କିନ୍ତୁ ମୁକୁଳା ଡ୍ରେନ୍‌ରେ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଗକୁ ରଥଯାତ୍ରା। ପୁରୀକୁ ଲକ୍ଷ ଲକ୍ଷ ଭକ୍ତ, ପର୍ଯ୍ୟଟକ ଆସିବେ। ଷ୍ଟେସନ ଅଞ୍ଚଳ ଜନଗହଳିପୂର୍ଣ୍ଣ ରହିବ। ହେଲେ ଷ୍ଟେସନ ସମ୍ମୁଖରେ ଥିବା ବଡ଼ ଡ୍ରେନ୍ ସମ୍ପୂର୍ଣ୍ଣ ଭାବେ ସ୍ଲାବ୍ ପଡ଼ିନାହିଁ। ଏହି ଡ୍ରେନ୍‌ରେ ବିଭିନ୍ନ ସମୟରେ ମଣିଷ, ଷଣ୍ଢ ପଡ଼ି ମୃତାହତ ହେବା ପରେ ପୌରସଂସ୍ଥା ପକ୍ଷରୁ ସ୍ଲାବ୍ ପକାଯାଇଛି। କିନ୍ତୁ ଅନେକ ଜାଗା ଏବେ ବି ମୁକୁଳା ରହିଛି। ତେଣୁ ରଥଯାତ୍ରା ପୂର୍ବରୁ ଏହି ବଡ଼ ଡ୍ରେନ୍ ଉପରେ ସମ୍ପୂର୍ଣ୍ଣ ଭାବେ ସ୍ଲାବ୍ ପକା ନ ଗଲେ କେତେବେଳେ ଯେ ଅଘଟଣ ନ ଘଟିବ କହିହେବ ନାହିଁ। ସେହିପରି ରେଡ୍‌କ୍ରସ ରୋଡ୍‌ରେ ଥିବା ଡ୍ରେନ୍‌ରେ କିଛି କିଛି ସ୍ଥାନ ମୁକୁଳା ରହିଛି। ତେଣୁ ସହରର ଯେଉଁସବୁ ବଡ଼ ବଡ଼ ଡ୍ରେନ୍ ମୁକୁଳା ରହିଛି ସେଥିରେ ତୁରନ୍ତ ଘୋଡ଼ଣି ପକାଇବା ଲାଗି ବୁଦ୍ଧିଜୀବୀ ଦାବି କରିଛନ୍ତି।

**ଅଘଟଣ ପରେ କ'ଣ ନିଦ ଭାଙ୍ଗିବ ?**

## ଆରମ୍ଭ ହେଲା ଚୈତ୍ର ପର୍ବ ଓ ପଲ୍ଲୀଶ୍ରୀ ମେଳା

# ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ସହର





ବାରିପଦା, ୧୧।୪(ସମିସ)

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବାରିପଦା ଛଉ ପଡ଼ିଆରେ ୫ଦିନ ବ୍ୟାପି ଚୈତ୍ର ପର୍ବ ଓ ପଲ୍ଲୀଶ୍ରୀ ମେଳା ଶନିବାରଠାରୁ ଆରମ୍ଭ ହୋଇଛି। ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟର ପ୍ରଚାର ପ୍ରସାର ଦିଗରେ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଆୟୋଜନ କରିଛି। ଅପରାହ୍ନରେ ବାଣ, ରୋଷଣୀ, ରଙ୍ଗୋଲି, ଡିଜେ ସାଉଣ୍ଡ ସହିତ ମୟୂରଭଞ୍ଜ ତଥା ଓଡ଼ିଶାର ଲୋକକଳା ସହ ଜଡିତ କଳସ ଯାତ୍ରା, ଘୋଡାନାଚ, ଝୁମର ନାଚ, ଆଦିବାସୀ ନୃତ୍ୟ, ଶାଳପତ୍ର ନୃତ୍ୟ, ମୁଣ୍ଡାରୀ ନୃତ୍ୟ ଆଦି ୧୧ଟି ଲୋକ ନୃତ୍ୟ ଦଳକୁ ନେଇ ସାଂସ୍କୃତିକ ଶୋଭାଯାତ୍ରା ମା’ ଅମ୍ବିକାଙ୍କ ମନ୍ଦିରରୁ ବାହାରି ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧମିକ ବିଦ୍ୟାଳୟ, ଭାରତୀୟ ଷ୍ଟେଟ ବ୍ୟାଙ୍କ (ମୁଖ୍ୟ ଶାଖା), ଟ୍ରାଫିକ ଛକ, ବାଣ୍ଟିଆ ଜଗନ୍ନାଥ ମନ୍ଦିର, ବିଜୁ ପଟ୍ଟନାୟକ ଛକ ମାର୍ଗ ମଧ୍ୟ ଦେଇ ସହର ପରିକ୍ରମା ପରେ ସନ୍ଧ୍ୟାରେ ଛଉ ପଡ଼ିଆଠାରେ ପହଞ୍ଚିଥିଲା।

ପରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେବ, ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନିତ ଅତିଥି ଭାବେ ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଉପସ୍ଥିତ ରହି ଏହାର ଶୁଭ ଉଦଘାଟନ କରିଛନ୍ତି। ପ୍ରସିଦ୍ଧ ପାରମ୍ପରିକ ଉତ୍ସବର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖି ଦର୍ଶକଙ୍କ ପାଇଁ ଏହାକୁ ଅଧିକ ଆକର୍ଷଣୀୟ କରିବା ତଥା ଜାତୀୟ ସ୍ତରରେ ଏହାକୁ ଜନାଦୃତ କରିବା ପାଇଁ ଉକ୍ତ ଉତ୍ସବରେ କିଛି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯୋଡ଼ାଯାଇଛି।

**ପ୍ରଥମ ସନ୍ଧ୍ୟାରେ ଗ୍ରାମାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତା**

ଏବର୍ଷ ଚୈତ୍ର ପର୍ବ ବାରିପଦାସ୍ଥ ଛଉ ପଡ଼ିଆଠାରେ ଏପ୍ରିଲ ୧୧ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଚୈତ୍ର ପର୍ବ ସହିତ ସମାନ୍ତରାଳ ଭାବେ ପଲ୍ଲିଶ୍ରୀ ମେଳାରେ ପାଖାପାଖି ୧୫୦ଟି ଷ୍ଟଲ ବସିଛି। ଏଥିରେ ୨୦ଟି ଜିଲାରୁ ଆସିଥିବା ଡିଆରଡିଏ, ଓରମାସ, ବୟନ ଓ ହସ୍ତତନ୍ତ ଶିଳ୍ପ, ଖଦୀ ଓ ଗ୍ରାମ୍ୟ ଉଦ୍ୟୋଗୀମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ସାମଗ୍ରୀ ଓ କୁଟୀର ଶିଳ୍ପ କାରୁକାର୍ଯ୍ୟ ସାମଗ୍ରୀ ଗୁଡିକ ମେଳାରେ ପ୍ରଦର୍ଶନ କରାଯାଇଛି। ମେଳାରେ ଆନୁସଙ୍ଗିକ ବ୍ୟବସ୍ଥା, ମେଳାସ୍ଥଳରେ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ପ୍ରାଥମିକ ଚିକିତ୍ସା ସେବା, ପୋଲିସ ନିରାପତ୍ତା, ଅଗ୍ନିଶମ ସେବା ବ୍ୟବସ୍ଥା, ଆବାସ ଓ ରହଣୀ ବ୍ୟବସ୍ଥା ଓ ଦର୍ଶକଙ୍କ ପାଇଁ ଆସନର ସୁବନ୍ଦୋବସ୍ତ କରାଯାଇଛି। ଯେଉଁଥିରେ ସ୍ଥାନୀୟ ଅଞ୍ଚଳ, ରାଜ୍ୟର ଅନ୍ୟାନ୍ୟ ଜିଲାର ଓ ରାଜ୍ୟ ବାହାରର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ହେଉଛି। ପ୍ରଥମ ସନ୍ଧ୍ୟାରେ ଗ୍ରାମାଞ୍ଚଳ ଛଉ ନୃତ୍ୟ ପରିବେଷଣ ହୋଇଥିବା ବେଳେ ମଧ ପ୍ରଦେଶର ମାଠିଆ ନୃତ୍ୟ ପରିବେଷଣ ହେବାର ରହିଛି।

## ଆସେକାରେ ଅର୍ଥ ଆତ୍ମସାତ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଶୂନ୍

**ରାଇରଙ୍ଗପୁର, ୧୧।୪(ସମିସ):** ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ୧୯୫୬ ଫେବୃଆରୀ ୧୫ ତାରିଖରେ ପ୍ରତିଷ୍ଠିତ ଆସେକାରେ ଅର୍ଥ ଆତ୍ମସାତ ନେଇ ଅଭିଯୋଗ ହୋଇଛି। ଏ ନେଇ ସଦସ୍ୟ ରାଇରଙ୍ଗପୁର କୋର୍ଟରେ ଅଭିଯୋଗ କରିଛନ୍ତି। ରାଇରଙ୍ଗପୁରଠାରେ ଏକ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ (ଆସେକା) ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଦିବାସୀଙ୍କ ଶିକ୍ଷା, ସାମାଜିକ ଓ ସାଂସ୍କୃତିକ ଉନ୍ନତି, ସଂରକ୍ଷଣ, ଆଦିବାସୀ ସମାଜର ସମସ୍ତ କାର୍ଯ୍ୟକୁ ଏକ ସୂତ୍ରରେ ବାନ୍ଧି ରଖିବା। ସଭାପତି ତଥା ଉପଜନବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ମୁର୍ମୁ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା, କୋଷାଧ୍ୟକ୍ଷ ଜିତରାଇ ମୁର୍ମୁ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ ସଦସ୍ୟଙ୍କ ନାମରେ ଆସେକାର ଆଜୀବନ ସଦସ୍ୟ ମୋତିରାମ ମାଝୀ, ଶ୍ୟାମ ଚରଣ ମାଝୀ ଓ ମଦନ ମୋହନ ସୋରେନ୍ ଅର୍ଥ ଆତ୍ମସାତ ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି। ଏ ନେଇ ଆସେକାର କର୍ମକର୍ତ୍ତାଙ୍କ ବିରୁଦ୍ଧରେ ମିସ୍ କେସ୍ ନମ୍ବର ୦୬/୨୦୨୪ ଦ୍ୱାରା ରାଇରଙ୍ଗପୁର କୋର୍ଟରେ ଏକ ମୋକଦ୍ଦମା ଦାୟର କରିଛନ୍ତି। ବିଚାରପତି ଏହାର ଗୁରୁତ୍ୱକୁ ବିଚାରକରି ଗତ ୨୬/୦୨/୨୦୨୪ ଆଦେଶରେ ରାୟରଙ୍ଗପୁର ଟାଉନ ଥାନା ଅଧିକାରୀଙ୍କୁ ଅଭିଯୋଗର ତଦନ୍ତ କରି ଏକ ମାସ ଭିତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଡ଼ମ୍ବନା ବିଷୟ, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଏ ଯାବତ କୌଣସି ଅନୁସନ୍ଧାନ ରିପୋର୍ଟ କୋର୍ଟକୁ ପ୍ରଦାନ କରିନାହାନ୍ତି। ଏହାସହିତ ଏକ ଜନ ଅଭିଯୋଗ ତଦନ୍ତ କରିବାକୁ ରାଇରଙ୍ଗପୁର ଉପ-ଜିଲ୍ଲାପାଳଙ୍କୁ ତାଙ୍କର ପତ୍ର ସଂଖ୍ୟା ୯୩୦୦/ ଅନୁସାରେ ତା ୨୪/୧୨/୨୦୨୫ ରିଖରେ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ପତ୍ରରୁ ଜଣାଯାଏ ଉପର ଲିଖିତ ଆସେକା କର୍ମକର୍ତ୍ତା କାର୍ଯ୍ୟାଳୟରେ କୌଣସି ଲିଖିତ ହିସାବ ରଖୁନାହାନ୍ତି ଓ ଉପଜିଲ୍ଲାପାଳଙ୍କ ତଦନ୍ତରେ ମଧ୍ୟ ସାହାଯ୍ୟ କରୁନାହାନ୍ତି। ଯାହାକି ଅର୍ଥ ଆତ୍ମସାତର ଏକ ସ୍ପଷ୍ଟ ଚିତ୍ର ଦେଖାଯାଉଛି। ଏହାବ୍ୟତୀତ ଉପରୋକ୍ତ କର୍ମକର୍ତ୍ତା ସରକାରୀ ଚାକିରି ନିୟମକୁ ମଧ୍ୟ ଉଲ୍ଲଙ୍ଘନ କରିଛନ୍ତି। ଏହା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତୁରନ୍ତ ସମ୍ପୃକ୍ତ କର୍ମକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ସେମାନଙ୍କୁ ସେମାନଙ୍କ ପଦବୀରୁ ବହିଷ୍କୃତ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

## ଶାଳଗଣ୍ଡି ବୋଝେଇ ପିକ୍ଅପ୍ ଜବତ

**ମହୁଲଡିହା/ଠାକୁରମୁଣ୍ଡା, ୧୧।୪(ସମିସ):** କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ଫରେଷ୍ଟ ରେଞ୍ଜର ସାତକୋଶିଆ ସାପ୍ତାହିକ ହାଟ ନିକଟରେ ଏକ ଶାଳଗଣ୍ଡି ବୋଝେଇ ପିକଅପ ଭ୍ୟାନକୁ ଜବତ କରିଛି ବନ ବିଭାଗ। ଆଜି ଭୋର ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନବିଭାଗ ଠାକୁରମୁଣ୍ଡା ଆନ୍ତୁ ଆନନ୍ଦପୁରକୁ ଯାଉଥିବା ପିକଅପକୁ ସାପ୍ତାହିକ ହାଟ କମ୍ପ୍ଲେକ୍ସ ନିକଟରେ ୫୩ ନମ୍ବର ରାଜ୍ୟ ରାଜପଥରେ ଅଟକାଇବା ସମୟରେ ଗାଡ଼ି ଛାଡି ମାଫିଆମାନେ ଦୌଡ଼ି ପଳାଇଥିଲେ। ଘଟଣାସ୍ଥଳରୁ ୫ଟି ଶାଳ କାଠଗଣ୍ଡି ସହିତ ପିକଅପ ଜବତ କରି ବନବିଭାଗ ତଦନ୍ତ ଆରମ୍ଭ କରିଛି। ଏହି ଚଢ଼ଉରେ ସାତକୋଶିଆ ରେଞ୍ଜର



ରବୀନ୍ଦ୍ର କୁମାର ମହାନ୍ତ, ବନପାଳ ଗୌତମ ମହାନ୍ତ, ବନରକ୍ଷୀ ସନତ କୁମାର ମହାନ୍ତ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଜବତ ହୋଇଥିବା ୪୪.୭୪ ସିଫ୍ଟର ୫ଟି ଶାଳ ଗଣ୍ଡିର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ମା’ କିଚକେଶ୍ୱରୀ କଳା ନିକେତନର ଚିତ୍ତାକର୍ଷକ ନୃତ୍ୟ



**ଖୁଣ୍ଟି, ୧୧।୪(ସମିସ):** ଶୁକୁଳିସ୍ଥ ମା’ କିଚକେଶ୍ୱରୀ କଳା ନିକେତନ ନୃତ୍ୟ, ସଙ୍ଗୀତ ଓ ଲଳିତ କଳାର ଏକ ଘରୋଇ ଶିକ୍ଷାନୁଷ୍ଠାନ। ଗତ ୧୫ ବର୍ଷରୁ ଅଧିକ ସମୟ ଧରି ଏହି ଅନୁଷ୍ଠାନର ନୃତ୍ୟ ଶିଳ୍ପୀ ଜିଲ୍ଲା ଓ ଜିଲ୍ଲା ବାହାରେ ଉତ୍କୃଷ୍ଟ ନୃତ୍ୟ ପ୍ରଦର୍ଶନ କରି ଅନୁଷ୍ଠାନର ସୁନାମ ଆଣିପାରିଛନ୍ତି। ତେବେ ଗତ ୧୦ ତାରିଖରେ ଯଶିପୁର ଶିମିଳିପାଳ ଖଇରୀ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଏହି କଳା ନିକେତନର ଶିଶୁ ନୃତ୍ୟ ଶିଳ୍ପୀ ଗୁରୁ କହ୍ନେଇ ଚରଣ ନାଏକଙ୍କ ପ୍ରଶିକ୍ଷଣରେ ଓଡିଶୀ ନୃତ୍ୟ ‘ଶ୍ରୀଗଣେଶ ତାଣ୍ଡବ’ ପରିବେଷଣ କରି ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସଭାପତି ଡ. ଜୀବନ କୁମାର ଗିରି ଓ ସମ୍ପାଦକ ପ୍ରଶାନ୍ତ ଘଣା ସହଯୋଗ କରିଥିଲେ।

## ବିଇଡି ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବାରିପଦା, ୧୧।୪(ସମିସ):** ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଖୋଲାମଞ୍ଚରେ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶେଷ ସମନ୍ୱିତ ବିଇଡି ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମେଜର ପ୍ରଫେସର କଳ୍ପନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ହିଁ ସମାଜର ମେରୁଦଣ୍ଡ। ତେଣୁ ନିଜକୁ ଜଣେ ଆଦର୍ଶ ଶିକ୍ଷକ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମନୋଜ କୁମାର କୁଅଁର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ଡ. ଦୀପକ ବେହେରା, ଡ ସରୋଜ ନାୟକ, ଡ ଆଶୁତୋଷ ପ୍ରୟାସ ଦାଶ, ଡ ପ୍ରିୟବ୍ରତ ବେହେରା ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଶିକ୍ଷକ ଶିକ୍ଷା ବିଭାଗ ମୁଖ୍ୟ କ୍ୟାପଟେନ ଡ ବିଦ୍ୟୁତପ୍ରଭା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ବର୍ଷ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେଜ ଓ ଛାତ୍ର ଧୀରଜ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗର ସମସ୍ତ ସହକାରୀ ପ୍ରଫେସର ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ମୟୂରଭଞ୍ଜ ପୁଲିସ୍ର ଗାଡ଼ି ଯାଞ୍ଚ

## ୩୩୬ ଗାଡ଼ି ଯାଞ୍ଚ, ୫.୫୯ ଲକ୍ଷ ଜରିମାନା ଆଦାୟ

**ବାରିପଦା, ୧୧।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ପୁଲିସ୍ ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ସମନ୍ୱିତ ନାକା ଚେକିଂ କରାଯାଇଥିଲା। ଟ୍ରାଫିକ୍ ନିୟମ ପାଳନ, ଗୋରୁ ଚୋରାଚାଲାଣ, ଖଣିଜ ପଦାର୍ଥ (ବାଲି ଆଦି) ଚୋରାଚାଲାଣ ପ୍ରତିରୋଧ, ଏକ୍ସାଇଜ୍/ ଏନ୍ଡିପିଏସ୍ ମାମଲା ଧରିବା, ଅପରାଧିକ ତତ୍ପରତା ନିୟନ୍ତ୍ରଣ ପାଇଁ ଏହି ଅଭିଯାନ ଚଳାଇଥିଲେ ପୁଲିସ। ଏହି ଗାଡ଼ି ଯାଞ୍ଚ ସମୟରେ ଜିଲ୍ଲାର ବିଭିନ୍ନ ଥାନାରେ ୩୩୬ ଗାଡ଼ି ଯାଞ୍ଚ କରାଯାଇଥିଲା। ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ପାଇଁ ମୋଟ ୫ ଲକ୍ଷ ୫୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହିତ ୧୪ ଜଣ ମଦ୍ୟପ ଚାଳକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ୧୦ଟି ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୮୧ ଲିଟର ଦେଶୀ ମଦ ଓ ୫.୯୪୦ ଲିଟର ବିଦେଶୀମଦ ଜବତ କରାଯାଇଛି। ସେହିପରି ଏକ ବାଲି ବୋଝେଇ ଟ୍ରାକ୍ଟର ଓ ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ ସହ ୭ଟି ଗୋରୁ ଉଦ୍ଧାର କରାଯାଇଛି ବୋଲି ବରୁଣ ଗୁଣ୍ଟୁପାଲ୍ଲୀ ସୂଚନା ଦେଇଛନ୍ତି। ସମସ୍ତ ଥାନା ଅଧିକାରୀ ଓ ପୁଲିସ୍ କର୍ମଚାରୀ ରାସ୍ତା ସୁରକ୍ଷା, ଅବୈଧ ଚୋରାଚାଲାନ ପ୍ରତିରୋଧ ପାଇଁ ଏପରି ନିୟମିତ ନାକା ଚେକିଂ ଜାରି ରଖିବେ ବୋଲି ସେ କହିଛନ୍ତି।

## ଏମ୍ସିଏମ୍ରେ ବିଦାୟ ଉତ୍ସବ

**ବାରିପଦା, ୧୧।୪(ସମିସ):** ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସୀ ଆଣ୍ଡ ମ୍ୟାନେଜମେଣ୍ଟର ଭୌତିକ ବିଜ୍ଞାନ ବିଭାଗ ପଦାର୍ଥ ବିଜ୍ଞାନ, ରସାୟନ ବିଭାଗ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଦେବାଶ୍ରିତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇ ବିଦାୟ ନେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ ଓ ଲକ୍ଷ୍ୟକୁ ଠିକ୍ ଭାବେ ସଂଯୋଗ କରିପାରିଲେ ନିଶ୍ଚୟ ସଫଳତା ମିଳିବ ବୋଲି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ରସାୟନ ବିଭାଗ ମୁଖ୍ୟ ପୂର୍ଣ୍ଣିମା ମହାନ୍ତି, ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧ୍ୟାପିକା ରୀତିକା ଦାସ, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପିକା ମିନାକ୍ଷୀ ସାହୁ ଓ ଅମିତ ଦାସ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପିକା ଦୀପ୍ତିଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ସରିଲା ବାରିପଦା ବ୍ଲକ୍ରେ ଶିକ୍ଷା ସଚେତନତା ରଥ ପରିକ୍ରମା

## ଗାଁ ଗାଁରେ ପହଞ୍ଚିଲା ‘ଆସ ସ୍କୁଲ ଯିବା’ ବାର୍ତ୍ତା

ବାରିପଦା, ୧୧।୪(ସମିସ)



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ବାରିପଦା ବ୍ଲକରେ ଆୟୋଜିତ ‘ଶିକ୍ଷା ସଚେତନତା ରଥ’ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ପିଲାମାନଙ୍କୁ ବିଦ୍ୟାଳୟମୁଖୀ କରିବା ଓ ଶିକ୍ଷା ପ୍ରତି ସମାଜରେ ବ୍ୟାପକ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ରଥ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ବ୍ଲକ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀଙ୍କ ତତ୍ତ୍ୱାବଧାନ, ଏବିଇଓ ତଥା ବିଆରସିସି ତପସ୍ୱିନୀ ଦାଶ, ଏବିଇଓ ବ୍ରଜମୋହନ ମୁର୍ମୁଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଚଳିତ ମାସ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ଦିନ ଧରି ଏହି ଶିକ୍ଷା ରଥ ବାରିପଦା ବ୍ଲକର ୧୩ଟି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ, ଗ୍ରାମ ଓ ହାଟ ଅଞ୍ଚଳରେ ବୁଲିଥିଲା ଓ ‘ଆସ ସ୍କୁଲ ଯିବା’ ବାର୍ତ୍ତାକୁ ଏହି ରଥ ପ୍ରତିଟି ଗଳିକନ୍ଦିରେ ପହଞ୍ଚାଇବାରେ ସଫଳ ହୋଇଛି ବୋଲି ବିଇଓ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି। ଏହି ଜନସଚେତନତାମୂଳକ କାର୍ଯ୍ୟକ୍ରମରେ ଡାଏଟ୍ର ଶିକ୍ଷକମାନେ ସାମିଲ ହୋଇ ରଥକୁ ଉତ୍ସାହର ସହ ସ୍ୱାଗତ କରିଥିଲେ। ଏହି ଅଭିଯାନରେ ୧୩ଟି କ୍ଲଷ୍ଟରର ସମସ୍ତ ସିଆରସିସି, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଅଞ୍ଚଳରେ ରଥକୁ ସାଧାରଣ ଜନତାଙ୍କ ନିକଟରୁ ବିପୁଳ ସମର୍ଥନ ଓ ସହଯୋଗ ମିଳିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିବାର, ଜନସାଧାରଣ ବେଶ୍ ଆଗ୍ରହ ଓ ଉଦ୍ଦୀପନାର ସହ ରଥକୁ ସ୍ୱାଗତ କରିଥିଲେ। ଶେଷ ଦିନ ୧ ନମ୍ବର ୱାର୍ଡର କାଉନସିଲର ସୁକେଶିନୀ ସେଠୀ ଓ ରେଡକ୍ରସର ଆଜୀବନ ସଦସ୍ୟ ତଥା ସମାଜସେବୀ ଅମର ସେଠୀ ବୁଢ଼ୀଖମାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ନିକଟରେ ଶିକ୍ଷା ରଥ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ରଥକୁ ଏକ ଭବ୍ୟ ସ୍ୱାଗତ ଜଣାଇଥିଲେ। ପ୍ରଶାସନ ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ନୂତନ ଶିକ୍ଷା ବିପ୍ଳବର ବାର୍ତ୍ତା ବହନ କରିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଏମ୍ପିସି ମହାବିଦ୍ୟାଳୟରେ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ



**ବାରିପଦା, ୧୧।୪(ସମିସ):** ବର୍ତ୍ତମାନ ସମାଜରେ ନାରୀ ପୁରୁଷଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହଁନ୍ତି। ଆଧୁନିକ ଜୀବନ ଶୈଳୀରେ ନାରୀ ବଞ୍ଚିଥିବା ସତ୍ତ୍ୱେ ମହିଳାଙ୍କ ଉନ୍ନତି ଓ ବିକାଶକୁ ଦୃଷ୍ଟିରେ ରଖି ସରକାରଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ବେହେରା ନାରୀମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ସମାଜରେ ସେମାନଙ୍କ ସ୍ଥାନ ନିରୂପଣ କରିବା ସହିତ ନାରୀମାନେ ସମାଜ, ବିଜ୍ଞାନ, ବାଣିଜ୍ୟ ଏପରିକି ସବୁ କ୍ଷେତ୍ରରେ କିପରି ଆଗକୁ ଯାଇଛନ୍ତି, ସେ ସମ୍ପର୍କରେ କହି ମହାବିଦ୍ୟାଳୟର ଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ ଆଶୁତୋଷ ପ୍ରୟାସ ଦାଶ କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ପିଲାଙ୍କୁ ଜଣାଇବା ସହ ମହିଳାଙ୍କୁ ସଶକ୍ତ କରିବା ନିମନ୍ତେ ସରକାରଙ୍କ ବିଭିନ୍ନ ପନ୍ଥା ଓ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଅଂଶଗ୍ରହଣ କରି ନିଜର ମତ ଉପସ୍ଥାପନ କରିବା ସହ ଭିଡିଓ ଓ ରିଲ୍ସ ଇତ୍ୟାଦି କରିଥିଲେ। ପିଜି ଛାତ୍ରୀ ପଦ୍ମାବତୀ ବିଶୋୟୀ ସରକାରଙ୍କ ଏହି ମୌଳିକ ପଦକ୍ଷେପ ତଥା ବିଧାନସଭା ଓ ସଂସଦ ନିମନ୍ତେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ସ୍ନାତକ ଛାତ୍ରୀ ମେହେରୁନ ଇଶା ଏହି ମତକୁ ସମର୍ଥନ ଜଣାଇଥିଲେ। ଶୈକ୍ଷିକ ମୁଖ୍ୟ ଡ. ବିଦ୍ୟୁତପ୍ରଭା ଦାସ ମହିଳାଙ୍କ ସଶକ୍ତୀକରଣ ନିମନ୍ତେ ଆତ୍ମରକ୍ଷା ପ୍ରଶିକ୍ଷଣ ସମ୍ପର୍କରେ କହିଥିଲେ। ରାଜନୀତି ବିଭାଗ ମୁଖ୍ୟ ଡ ଆଲବର୍ଟିନା ତିର୍କୀ ନାରୀଟିଏ କିପରି ସମାଜରେ ସ୍ୱାଧୀନ ରହିପାରିବ, ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଭୀମଚରଣ ମୁର୍ମୁ, ଜଗନ ଟୁଡୁ, ଦୟାନିଧି ପରିଡ଼ା, ଅଧ୍ୟାପିକା ଇତିଶ୍ରୀ ସେଠୀ, ରଶ୍ମିତା ନାଏକ, ସସ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶାସନିକ ମୁଖ୍ୟ ଡ. ପ୍ରିୟବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ଉଦଳା, ୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ରାଢ଼ୋସ୍ଥ ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମିଳିତ ଆନୁକୂଲ୍ୟରେ ଉକ୍ତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିବା ସହିତ ସ୍ୱେଚ୍ଛାସେବୀ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଗୌରାଙ୍ଗ ମହାପାତ୍ର ତାଙ୍କ ଅଭିଭାଷଣରେ ରକ୍ତଦାନର ମହତ୍ତ୍ୱ ଓ ସମାଜ ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ଏନସିସି ଅଫିସର ଲେଫ୍ଟନାଣ୍ଟ କୁମାର ଖୁଣ୍ଟିଆ, ଜାତୀୟ ସେବା ଯୋଜନା ଅଧିକାରୀ ସମୀର ନାୟକ ଓ ଶୁଭଶ୍ରୀ ବେହେରା, ଯୁବ ରେଡକ୍ରସ ଅଧିକାରୀ ସୁବାସ ନାୟକ, ବରିଷ୍ଠ ଅଧ୍ୟାପକ କାର୍ତ୍ତିକ ଆଚାର୍ଯ୍ୟ, ଦୀପ୍ତିମାନ ଦେ, ଭାରତୀ ଗିରି, ସୁଚେତା ମହାପାତ୍ର, ଦୀପକ ବେହେରା, ଅରବିନ୍ଦ ସେଠୀ, ବିପିନ ବିହାରୀ ସିଂ, ତପନ ସାହୁ, ସୁଚିତ୍ରା ମହାପାତ୍ର, ମଧୁସ୍ମିତା ପାତ୍ର ଓ ସମସ୍ତ ଶିକ୍ଷା ତଥା ଅଣଶିକ୍ଷା କର୍ମଚାରୀ ଏହି ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ରାଜେଶ ନନ୍ଦ, ଲାବ୍ରୋଟୋରୀ ବିଶେଷଜ୍ଞ ଶ୍ରବଣ ବେହେରା, ବିସ୍ମୟସେନ ନାଏକ, ଅଜିତ କୁମାର ସିଂ, ଅବିନାଶ କର ଓ ମାନସ ରଞ୍ଜନ ମହାନ୍ତି ଏହି ଶିବିରରେ ଉପସ୍ଥିତ ରହି ୩୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ଅଣଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ପାଣି, ଅମୁଲ କୂଲ ଓ ଫଳ ତଥା ଅଣ୍ଡା ରକ୍ତଦାତାଙ୍କୁ ବଣ୍ଟନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ସୁବାସ ନାୟକ ପ୍ରଥମେ ରକ୍ତଦାନ କରି ଏହି କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଥିଲେ। ପରେ ଡାକ୍ତର ନନ୍ଦ ଓ ଅଧ୍ୟକ୍ଷ ରକ୍ତଦାତାଙ୍କୁ ସାର୍ଟିଫିକେଟ ବଣ୍ଟନ କରିଥିଲେ। ଏହି ଶିବିରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଭକ୍ତାଙ୍କ କଣ୍ଟାପାଟ ନୀତି ଆରମ୍ଭ

# ଆଜି ନିଆଁପାଟ, ୧୪ରେ ଉଡ଼ାପର୍ବ

ବାରିପଦା, ୧୧।୪(ସମିସ)

ମୟୂରଭଞ୍ଜର ସର୍ବପୁରାତନ ଭକ୍ତାଙ୍କ ପାରମ୍ପରିକ ଉଡ଼ାପର୍ବ ନିମନ୍ତେ ନୀତିକ୍ରାନ୍ତି ଆରମ୍ଭ ହୋଇଥିବାବେଳେ ଶନିବାର କଣ୍ଟାପାଟ ନୀତି ଅନୁଷ୍ଠିତ ହୋଇଛି। ଉତ୍ତର ସାହି ଓ ଦକ୍ଷିଣ ସାହି ଭକ୍ତାଙ୍କ ଦ୍ୱାରା ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବାରିପଦା ଅଧିଷ୍ଠାତ୍ରୀ ଦେବୀ ମା’ ଅମ୍ବିକାଙ୍କ ମନ୍ଦିରରେ ହାକୁଣ୍ଡା ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ସମସ୍ତ ଭକ୍ତାଗଣଙ୍କ ୩ଦିନ ଧରି କ୍ରମାନ୍ୱୟରେ ବିଭିନ୍ନ ମନ୍ଦିର ଆଦି ପରିଭ୍ରମଣ କରି ପୂଜା ସମ୍ପନ୍ନ କରିଥିଲେ। ଶନିବାର ବନ୍ଦାପନା ପୂଜା ପରେ କଣ୍ଟାପାଟ ନୀତି ଅନୁଷ୍ଠିତ ହୋଇଛି। ଭକ୍ତାମାନଙ୍କ ଦ୍ୱାରା ବଡ଼ଦାଣ୍ଡର ପୁରୁଣା ରାଜପ୍ରାସାଦ ବର୍ତ୍ତମାନ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସିଂହେଶ୍ୱର ମହାଦେବ ମନ୍ଦିର ସମ୍ମୁଖ ବଡଦାଣ୍ଡ ପାର୍ଶ୍ୱରେ କଣ୍ଟାପାଟ ନୀତି ଅନୁଷ୍ଠିତ ହୋଇଛି। ଅପରାହ୍ନରେ ଭେଜି ବାଇଗଣ ଗଛର କଣ୍ଟା ବିଛାଇ ଭକ୍ତାମାନେ କଣ୍ଟାରେ ଚାଲି କଣ୍ଟାପାଟ ନୀତି ପାଳନ କରିଛନ୍ତି। ପରେ ରବିବାର ନିଆଁ ପାଟ, ସୋମବାର ଉଗ୍ରତପାଟ ନୀତି ଅନୁଷ୍ଠିତ ହେବା ପରେ ମଙ୍ଗଳବାର ଉଡ଼ା ପର୍ବ ଅନୁଷ୍ଠିତ ହେବ।



ପୂର୍ବ ବର୍ଷମାନଙ୍କ ଭଳି ଉତ୍ତର ସାହି ଓ ଦକ୍ଷିଣ ସାହି ପକ୍ଷରୁ ବାରିପଦା ଅଧିଷ୍ଠାତ୍ରୀ ଦେବୀ ମା’ ଅମ୍ବିକାଙ୍କ ମନ୍ଦିରରେ ହାକୁଣ୍ଡା ପୂଜା ଆରମ୍ଭ ହୋଇଥିଲା। ପରେ ୩ଦିନ ଧରି କ୍ରମାନ୍ୱୟରେ ମାଉସୀମା’ ମନ୍ଦିର, ମା’ ଶୀତଳା ମନ୍ଦିର, ସିଂହେଶ୍ୱର ମହାଦେବ ମନ୍ଦିର, ଶ୍ରୀଗୌରାଙ୍ଗ ମନ୍ଦିର, ଶ୍ରୀସତ୍ୟନାରାୟଣ ମନ୍ଦିର, କାଞ୍ଚ କାଞ୍ଚନ ଦେବୀ ପୀଠ, ବାବା ବଳଗଣ୍ଡେଶ୍ୱର ମନ୍ଦିର ଓ ଶୀତଳା ମନ୍ଦିରରେ ପରିଭ୍ରମଣ କରି ପୂଜା ସମ୍ପନ୍ନ କରିଥିଲେ। ଆରମ୍ଭ ହୋଇଥିବା ବନ୍ଦାପନା ପୂଜା ଶେଷ ହେବା ସହିତ ଗୁରୁବାର ପର୍ଯ୍ୟନ୍ତ ହବିଷାନ୍ନ କାର୍ଯ୍ୟକ୍ରମ ଚାଲିଥିଲା। ଭକ୍ତାଙ୍କ ଦ୍ୱାରା ଅପରାହ୍ନରେ କଣ୍ଟାପାଟ ନୀତି ଅନୁଷ୍ଠିତ ହେବ। ଭେଜି ବାଇଗଣ ଗଛର କଣ୍ଟା ବିଛାଇ ଭକ୍ତାମାନେ କଣ୍ଟାରେ ଚାଲି କଣ୍ଟାପାଟ ନୀତି ପାଳନ କରିଛନ୍ତି। ରବିବାର ସିଂହେଶ୍ୱର ମହାଦେବ ମନ୍ଦିର ଓ ମା’ ଶୀତଳା ମନ୍ଦିର ସଂଲଗ୍ନ ବାବା ବଳଗଣ୍ଡେଶ୍ୱର ମନ୍ଦିର ସମ୍ମୁଖରେ ନିଆଁରେ ଭକ୍ତାମାନେ ଚାଲି ନିଆଁ ପାଟ ନୀତି ଅନୁଷ୍ଠିତ ହେବ। ସୋମବାର ସିଂହେଶ୍ୱର ମହାଦେବ ମନ୍ଦିର ଓ ମା’ ଶୀତଳା ମନ୍ଦିର ସଂଲଗ୍ନ ବାବା ବଳଗଣ୍ଡେଶ୍ୱର ମନ୍ଦିର ସମ୍ମୁଖରେ ଉଗ୍ରତପାଟ (ନିଆଁଝୁଲା) ନୀତି ଅନୁଷ୍ଠିତ ହେବ। ନିଆଁ ଉପରେ ଭକ୍ତାମାନେ ଝୁଲି ନୀତିକ୍ରାନ୍ତି ପାଳନ କରିବେ। ରବିବାର ମଧ୍ୟରାତିରେ ନିଶାଘଟ ଓ ସୋମବାର ତାରିଖ ମଧ୍ୟରାତିରେ ଭକ୍ତାମାନେ ଯାତ୍ରାଘଟ ନେଇ ଛଉ ପଡ଼ିଆରେ ପହଞ୍ଚିବା ସହ ଛଉ ମଣ୍ଡପରେ ଭକ୍ତା ନୃତ୍ୟ ପରିବେଷଣ କରିବେ। ୧୪ ତାରିଖ ମଙ୍ଗଳବାର ଅପରାହ୍ନ ସାଢେ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସିଂହେଶ୍ୱର ମହାଦେବ ମନ୍ଦିର ସମ୍ମୁଖ ବଡଦାଣ୍ଡରେ ଭକ୍ତଙ୍କ ପକ୍ଷରୁ ଉଡ଼ା ପର୍ବ ହେବା ସହ ଚୈତ୍ର ଭକ୍ତ ପର୍ବର ସମାପ୍ତି ହେବ। ଏ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ସରିଲା ପ୍ରସିଦ୍ଧ ରାମେଶ୍ୱର ଭଗବତ ମେଳଣ



ନିରାକାରପୁର,୧୧।୪ (ସମିସ): ଭକ୍ତି, ଭାବ ଓ ପରମ୍ପରାର ଅପୂର୍ବ ସମନ୍ୱୟ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ମଲାଗୁଣୀ ନଦୀପଠାରେ ଅନୁଷ୍ଠିତ ହୋଇଯାଇଛି ଐତିହାସିକ ରାମେଶ୍ୱର ଭଗବତ ମେଳଣ। ତିନି ଦିନ ଧରି ଚାଲିଥିବା ଏହି ପ୍ରାଚୀନ ମେଳଣ ଶନିବାର ଆନନ୍ଦ ଉଲ୍ଲାସର ସହ ଉଦ୍‌ଯାପିତ ହୋଇଛି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅବିର ଖେଳ ଏବଂ ହରିବୋଲ, ହୁଳହୁଳି ଧ୍ୱନିରେ ସମଗ୍ର ପରିବେଶ ଏକ ଆଧ୍ୟାତ୍ମିକ ରୂପ ଧାରଣ କରିଥିଲା। ଏହି ପାରମ୍ପରିକ ଉତ୍ସବରେ ରାମେଶ୍ୱର ଖମାରସାହି ଓ ମଝିସାହିର ଭଗବତ ଦେବ ମେଳଣର 'ଆନପତି' (ମୁଖ୍ୟ ପରିଚାଳକ) ଭାବେ ବିରାଜମାନ କରିଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସ୍ଥାନୀୟ ଅଞ୍ଚଳର ତାଳପଦା, ରମାବିଲି, ମଧୁବନ, ସାମନ୍ତରାପୁର, ସତିପଦର, ପାଜପୁର ଓ ମିରିଗଲୟଣୀ ଆଦି ସ୍ଥାନରୁ ସୁସଜ୍ଜିତ ବିମାନରେ ଭଗବତ ଦେବଗଣ ମେଳଣ ପଡ଼ିଆକୁ ଆଗମନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତ ଦେବଗଣଙ୍କୁ 'ସୁତାରୁ' ରୂପେ ମେଲାଣି ଦିଆଯାଇଥିଲା। ମେଳଣ ପଡ଼ିଆରେ ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ଯାତ୍ରା ପାର୍ଟି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ମାତିଛନ୍ତି ଜମି ମାଫିଆ

# ଚାଲିଛି ସରକାରୀ ଜମି ଜବରଦଖଲ; ନିଦ୍ରାବିଷ୍ଟ ଜିଲ୍ଲା ପ୍ରଶାସନ

ଖୋର୍ଦ୍ଧା,୧୧।୪(ସମିସ)

ମାତିଛନ୍ତି ଜମି ମାଫିଆ। ବେଧଡକ ଭାବେ ଚାଲିଛି ସରକାରୀ ଜମି ଜବରଦଖଲ। ଗତ କିଛି ବର୍ଷ ହେଲା ଖୋର୍ଦ୍ଧାରେ ଜମି ମାଫିଆଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ଓ ଭୁବନେଶ୍ୱର ଦୁଇଟି ସବଡିଭିଜନକୁ ନେଇ ଗଠିତ। ଖୋର୍ଦ୍ଧା ସବଡିଭିଜନ ଅଧିନରେ ଖୋର୍ଦ୍ଧା, ବେଗୁନିଆ, ବୋଲଗଡ, ଟାଙ୍ଗୀ, ବାଣପୁର, ବାଲୁଗାଁ ତହସିଲ ରହିଥିବାବେଳେ ଏଠାରେ ଶହ ଶହ ଏକର ସରକାରୀ ଜମି ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇଛି। କେତେକ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ତଥା ଜମିମାଫିଆ ସରକାରୀ ଜମି ଜବରଦଖଲକୁ ନିଜ ମୁଖ୍ୟ ବ୍ୟବସାୟ ଭାବେ ଗ୍ରହଣ କରିନେଇଛନ୍ତି। ଏହି ପ୍ରଭାବଶାଳୀ ବ୍ୟକ୍ତିମାନେ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତେଇ ରାସ୍ତା କଡରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ଅକ୍ତିଆର କରି ତାହାକୁ ଚଢା ଦରରେ ବିକ୍ରି କରି ଚାଲିଛନ୍ତି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଜବରଦଖଲକାରୀଙ୍କ ପାଖରୁ ଛୋଟ ମୋଟ ଜରିମାନା କାଟି ଦେଇ ସେମାନଙ୍କ କାମ ସରିଗଲା ବୋଲି ଭାବି ନିରବ ରହୁଛନ୍ତି।

ସେହିପରି ଖୋର୍ଦ୍ଧା ପୌରାଞ୍ଚଳରେ ଥିବା ବହୁ ପରିମାଣର ସରକାରୀ ଜମି ବିଗତ କିଛି ବର୍ଷ ମଧ୍ୟରେ ଜବରଦଖଲକାରୀମାନେ ନିଜ ଅକ୍ତିଆରକୁ ନେଇ ସାରିଲେଣି। ଖୋର୍ଦ୍ଧା ଗାନ୍ଧିପଡିଆରେ ପ୍ରାୟ ୧୭ ଏକରରୁ ଊର୍ଦ୍ଧ୍ୱ ଜମି ଜବରଦଖଲ ରହିଥିବା ରାଜସ୍ୱ ବିଭାଗରୁ ମିଳିଥିବା ସୂଚନାରୁ ଜଣାଯାଇଛି। ଜବରଦଖଲ ଏମିତି ହେଲାଣି ଯେ, ସହରରେ ୨୨ବସ୍ତିରୁ ଏହା ଏବେ ବୃଦ୍ଧିପାଇ ପ୍ରାୟ ୨୫ରେ ପହଁଚିଲାଣି। ସହରର ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, ଗଡଖୋର୍ଦ୍ଧା ଏବଂ ସହର ତଳି ଅଂଚଳରେ ଥିବା ବହୁ ସରକାରୀ ଜମିକୁ କେତେକ ଜମି ମାଫିଆ ଜବରଦଖଲ କରି ପରେ ଅନ୍ୟମାନଙ୍କୁ କିଛି ଟଙ୍କା ନେଇ ଦଖଲ ଦେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏହି ଜବରଦଖଲକାରିଙ୍କୁ ଉଚ୍ଛେଦ କରିବା ପାଇଁ କୌଣସି ପଦକ୍ଷେପ ନେଉନଥିବା ଦେଖିବାକୁ ମିଳିଛି। ଫଳରେ ଜବରଦଖଲକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଡମ୍ବନାର ବିଷୟ ଏହି କି ଖୋର୍ଦ୍ଧା ଜିଲ୍ଲାରେ କେତେ ସରକାରୀ ଜମି ଜବରଦଖଲକାରୀଙ୍କ ଅକ୍ତିଆରରେ ଅଛି ତାହାର କୌଣସି ସଠିକ ତଥ୍ୟ ତହସିଲ କାର୍ଯ୍ୟାଳୟ କିମ୍ବା ଜିଲ୍ଲାପ୍ରଶାସନ ପାଖରେ ନାହିଁ। ଏହି ସରକାରୀ ଜମି ଜବରଦଖଲ ପ୍ରକ୍ରିୟା ଆଉ କେବଳ ସହର ଭିତରେ ସୀମିତ ନୁହେଁ ବରଂ ସାରା ଜିଲ୍ଲାରେ ଚାଲିଛି।

ସେହିପରି ଖୋର୍ଦ୍ଧା-ବ୍ରହ୍ମପୁର ୧୬ନଂ ଜାତୀୟ ରାଜପଥ ଓ ଖୋର୍ଦ୍ଧା ବଲାଙ୍ଗିର ଦେଇ ଯାଇଥିବା ୫୭ନଂ ଜାତୀୟ ରାଜପଥ କଡରେ ଥିବା ସରକାରୀ ଜମି ମଧ୍ୟ ଜବରଦଖଲକାରୀଙ୍କ କବଜାରେ ଥିବାବେଳେ କେତେକ ଜମିକୁ ଜବରଦଖଲକାରୀ ମାନେ କମ୍ ମୂଲ୍ୟରେ ଅନ୍ୟକୁ ଦଖଲ ଦେଉଥିବା ଅଭିଯୋଗ ହେଉଛି। ଏହି କିଣାବିକା ବେଆଇନ ଭାବେ ଲିଖିତ ତଥା ଚୁକ୍ତିନାମା ବଳରେ ହୋଇଥିଲେ ହେଁ ଜବରଦଖଲକାରୀ କିଛି ମୋଟା ଅଙ୍କର ଅର୍ଥ ନେଇ କ୍ରେତାଙ୍କୁ ଦଖଲ ଦେଉଥିବା ଅଭିଯୋଗ ହେଉଛି। କେବଳ ସେତିକି ନିହେଁ, କ୍ରେତା ଜମି କ୍ରୟ କରିବା ପରେ ଜବରଦଖଲକାରୀ ବିକ୍ରେତା ଠିଆ ହୋଇ ସେହି ଜମି ଉପରେ ପାଚେରୀ ବୁଲାଇ ଦଖଲ ଦେଉଥିବା ଜଣାଯାଇଛି। ମାତ୍ର ରାଜସ୍ୱ ବିଭାଗ ଏ ଦିଗରେ ନୀରବଦ୍ରଷ୍ଟା ସାଜିଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଓ ପାରଦର୍ଶିତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଧିକାଂଶ ସ୍ଥଳରେ ବିଭାଗୀୟ କର୍ମଚାରୀ ଜବରଦଖଲକାରୀଙ୍କ ପାଖରୁ କିଛି ହାତଗୁଞ୍ଜା ନେଇ ସେମାନଙ୍କୁ ସୁରକ୍ଷା ଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ସେହିପରି ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନରେ ଜବରଦଖଲକାରୀଙ୍କ ସଂଖ୍ୟା ଏତେ ଅଧିକ ଯେ, ଏମାନଙ୍କୁ ହଟାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନାକେଦମ ହେବାକୁ ପଡିଛି। ଯାହାଫଳରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଓ ପ୍ରଶାସନର ଆଉ କୌଣସି ନିୟନ୍ତ୍ରଣ ନ ଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି।

ଏ ସମ୍ପର୍କରେ ତହସିଲଦାର ବିଭାସ ପାଣିଗ୍ରାହୀଙ୍କ କହିବା କଥା ସହରର ସୌନ୍ଦର୍ଯ୍ୟକରଣ ଲାଗି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବହୁ ଯୋଜନା ହୋଇଛି। ଜବର ଦଖଲରେ ଥିବା ଜମିଗୁଡିକୁ ଉଚ୍ଛେଦ କରାଯିବ। ଏ ନେଇ ଖୁବଶୀଘ୍ର ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଗୋଦାବାରୀଶ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ବାଣପୁର,୧୧।୪(ସମିସ) : ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏପରିସ୍ଥଳେ ବାଣପୁର ଗୋଦାବାରୀଶ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମା ଏହି ଶିବିର ଉଦଘାଟନ କରିଥିବା ବେଳେ ଅଧ୍ୟକ୍ଷ ଡ. ବର୍ମା, ଅଧ୍ୟାପକ ସପିନ କୁମାର ପୃଷ୍ଟି, ଅଧ୍ୟାପକ ଡ. ଗୁରୁକିଶୋର ନାୟକ ଅଧ୍ୟାପିକା ଉକ୍ରଳିକା ପାଢ଼ୀ, କନିଷ୍ଠ କିରାଣୀ ମନୋଜ କୁମାର ପରିମାଣିକ ଓ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ରେଡ଼କ୍ରସ ବ୍ଲଡ଼ ବ୍ୟାଙ୍କ ଅରୁଣ କୁମାରଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଉକ୍ତ ଶିବିରରୁ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମତ୍ତା, ରେଡ଼କ୍ରସ କାଉନସିଲର ଡ଼ଃ ସତ୍ୟାନନ୍ଦ ମହାରଣା, ସୁଶ୍ରୀ ଅନିତା ସାହୁ, ଏନସିସି ଅଫିସର କ୍ୟାପଟେନ ଡ଼ଃ ଗୁରୁକିଶୋର ନାୟକ, ଏନ ସ ସ ଅଫିସର ଡ଼ଃ ଲକ୍ଷ୍ମୀପ୍ରିୟା ପଲାଇ, ଜୟନ୍ତ ବିହାରୀ, ରେଞ୍ଜର ଲିଡର ଉକ୍ରଳିକା ପାଢ଼ୀ ପ୍ରମୁଖ ଯୋଗଦେଇ ଥିଲେ।

## ମଦ ସହ ବାଇକ୍ ଜବତ, ଦୁଇ ଗିରଫ

ବାଲୁଗାଁ, ୧୧।୪(ସମିସ) : ବାଲୁଗାଁ ଅବକାରୀ ଅଧିକାରୀ ଦାୟୀତ୍ୱରେ ଥିବା ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ବାଣପୁର ଥାନା ଅନ୍ତର୍ଗତ ଶାଳିଆ କେନାଲ ରାସ୍ତାର ମୁକ୍ତାଦେଇପୁର ଗ୍ରାମ ନିକଟରେ ଚଢ଼ଉ କରିଥିଲେ। ସେହି ରାସ୍ତା ଦେଇ ଜଣେ ବ୍ୟକ୍ତି ଏକ ବାଇକ୍‌ରେ ଦ୍ରୁତ ଗତିରେ ଆସୁଥିବା ବେଳେ ତାକୁ ଅଟକାଇବାରେ ଅଭିଯୁକ୍ତ ଜଣକ ବାଇକ ଓ ମଦ ଛାଡି କୌଶଳ କ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ଅବକାରୀ ଟିମ ସେଠାରୁ ୬୦ ଲିଟର ଦେଶୀ ମଦ ସମେତ ଚୋରା ମଦ ଚାଲାଣରେ ବ୍ୟବହୃତ ଏକ ବାଇକ୍ ଜବତ କରିଥିଲେ। ପରେ ଟାଙ୍ଗୀ ଥାନା ଅଧିନସ୍ଥ ଜରିପଡା ଗ୍ରାମ ରାସ୍ତାର ରଘୁନାଥ ମଠ ନିକଟରେ ଚଢ଼ଉ କରି ଉକ୍ତ ଜରିପଡା ଗ୍ରାମର ସିଲୁ ପରିମାଣିକ (୨୯)କୁ ଗିରଫ କରି ତାଙ୍କ ନିକଟରୁ ୫.୪ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଉକ୍ତ ଜରିପଡା ଗ୍ରାମ ରାସ୍ତାର ପାଣି ଟାଙ୍କି ନିକଟରେ ଚଢାଉ କରି ଉକ୍ତ ଗ୍ରାମର ନଣ୍ଡା ବାରିକ (୪୦) ଙ୍କୁ ଗିରଫ କରି ତାଙ୍କ ତିକଟରୁ ୪.୮ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ଟିମ। ଅବକାରୀ ବିଭାଗ ୩ଟି ସ୍ଥାନରୁ ସମୁଦାୟ ୭୦.୨ଲିଟର ଦେଶୀ ମଦ ଜବତ କରି ଏସଂକ୍ରାନ୍ତରେ ଟାଙ୍ଗୀ ଅବକାରୀ ବିଭାଗ ପୃଥକ ତିନୋଟି ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ନଣ୍ଡାକୁ କୋର୍ଟ ଚାଲାଣ କରାଯାଇଥିବା ସୁଚନା ମିଳିଛି। ଉକ୍ତ ଚଢ଼ଉରେ ଟଙ୍ଗୀ ଅବକାରୀ ବିଭାଗର ରମେଶ ଚନ୍ଦ୍ର ବାରିକ, ଶମ୍ଭୁନାଥ ପାତ୍ର, ରାମଚନ୍ଦ୍ର ଜେନା, କନେଷ୍ଟବଳ ଅଶେଷ କୁମାର ପ୍ରଧାନ, ରଂଜିତ ପଟେଲ, ମନୋଜ ଜୟସିଂ ଓ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

## ଚାନ୍ଦପୁରରେ ତିନିଦଣ୍ଡ ମିଳନ



ଟାଙ୍ଗୀ,୧୧।୪(ସମିସ): ଶନିବାର ସନ୍ଧ୍ୟାରେ ଚାନ୍ଦପୁର ରାଧାମୋହନ ପୁର ଗୋଦାବରୀ ନାୟକଙ୍କ ବାସଭବନ ସମ୍ମୁଖରେ ଚାନ୍ଦପୁର ର ବଡଭାଇ ଐଶାନେଶ୍ୱର ଦେବ, ଜେମାଦେଇପୁର ର ମଝିଆ ଭାଇ ଓ କନ୍ଧନୟାଗଡର କନିଷ୍ଠ ଭ୍ରାତା ଐଶାନେଶ୍ୱର ଦେବ ଏକତ୍ରିତ ହୋଇ ତିନି ଠାକୁର ତିନି ଦଣ୍ଡ ମେଳଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଶତାଧିକ ଜନସମାଗମ ଭିତରେ ତିନିଗ୍ରାମର ଗାଁ ମୁଖିଆ ଗଣ ପାଟ ଦଣ୍ଡୁଆ, ପାଟ ଭଗତା, ଭଗତା ଗଣ ଢୋଲ,ଖୋଳ, ଘଣ୍ଟା ଘଣ୍ଟ ବାଦ୍ୟ ଯନ୍ତ୍ର ଡାକବାଜି ଯନ୍ତ୍ର ସହିତ ଚାନ୍ଦପୁର ରାଧାମୋହନପୁର ପୀଠ ସ୍ଥଳୀରେ ଏକତ୍ରିତ ହୋଇ ପରସ୍ପରକୁ ସମ୍ମାନ ଦେଇ ବଡଭାଇକୁ ସମ୍ମାନ ସହିତ କୋଠି ପ୍ରଦକ୍ଷିଣ କରି ଜେମାଦେଇପୁର, କନ୍ଧନୟାଗଡ ଦୁଇ ଠାକୁର ଚାନ୍ଦପୁର ଠାକୁରଙ୍କୁ ସାଙ୍ଗରେ ନେଇ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ରାମଚଣ୍ଡୀ ହାଇସ୍କୁଲ ସମ୍ମୁଖସ୍ଥ ଶ୍ରୀ ନାୟକଙ୍କ ଦ୍ୱାରଦେଶରେ ତିନିଠାକୁର ଅବତୀର୍ଣ୍ଣ ହୋଇଥିଲେ। ଭକ୍ତ ମାନଙ୍କ ହୁଳହୁଳି ହରିବୋଲରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ଉଠୁଥିବା ବେଳେ ଦଣ୍ଡଖେଳ ଅଗ୍ନିରେ ପ୍ରଭୁଙ୍କର ଅପୂର୍ବ ଦୃଶ୍ୟ ଅତି ମନୋହର ହୋଇଥିଲା। ପ୍ରବାଦ ରହିଛି ଚାନ୍ଦପୁର ଠାକୁରଙ୍କ ନେଇ ଜେମାଦେଇପୁର ମଝିଆ ଠାକୁର ଏବଂ କାନ୍ଧନୟାଗଡ ସାନଠାକୁର ଭାବରେ ବିରାଜ ମାନ ହୋଇ ପ୍ରତି କୋଠୀରେ ଦଣ୍ଡ ଯାତ ହୋଇଆସୁଅଛି।

## ବୋଡ଼ଙ୍ଗରାପାଟଣାରେ ଅଷ୍ଟଶମ୍ଭୁ ମିଳନ



ନିରାକାରପୁର,୧୧।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ପଞ୍ଚାୟତ ବୋଡ଼ଙ୍ଗରାପାଟଣାସ୍ଥିତ ମଙ୍ଗଳା ମନ୍ଦିର ନିକଟସ୍ଥ ପଡ଼ିଆଠାରେ ଆଜି ପବିତ୍ର "ଅଷ୍ଟଶମ୍ଭୁ ମିଳନ' ଉତ୍ସବ ସମ୍ପନ୍ନ ହୋଇଯାଇଛି। ଲୋକନାଥ ଦେବଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଆଜି ଅପରାହ୍ନ ୩ଟାରେ କେନ୍ଦୁଆ ପୁଷ୍କରିଣୀଠାରେ "ଦେବସ୍ନାନ ଯାତ୍ରା' ଅନୁଷ୍ଠିତ ହେବା ପରେ, ଅପରାହ୍ନ ୫ ଘଟିକାରେ ଦକ୍ଷିଣକାଳୀ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଘଣ୍ଟ, ଶଙ୍ଖ ଓ ହରିବୋଲ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସନ୍ଧ୍ୟା ୭ ଘଟିକାରେ କାମନେଶ୍ୱର ବେଢ଼ା ପରିକ୍ରମା ପରେ ମୁଖ୍ୟ ପୀଠରେ ଶମ୍ଭୁ ମିଳନ ଓ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଏହି ମିଳନ ପର୍ବରେ ଲୋକନାଥ ଦେବ (ବୋଡ଼ଙ୍ଗରାପାଟଣା), ତାରେଶ୍ୱର ଦେବ (ବଡ଼ପୋଖରିଆ), କପିଳେଶ୍ୱର ଦେବ (ପାଞ୍ଚୁପାଟଣା), କୁମୁଦେଶ୍ୱର ଦେବ (ବାଦୁରାବର), କପିଳେଶ୍ୱର ଦେବ (କପିଳେଶ୍ୱର), ଇଶାଣେଶ୍ୱର ଦେବ (ରୋଷଣା), ନୀଳକଣ୍ଠେଶ୍ୱର ଦେବ (ରମାବିଲି) ଓ ଅନନ୍ତଶ୍ୱର ଦେବ (ରତାମାଟି) ପ୍ରମୁଖ ଏକାଠି ହୋଇଥିଲେ। ବୋଡ଼ଙ୍ଗରାପାଟଣା ଗ୍ରାମବାସୀ ବୃନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା।

## ବରିଷ୍ଠ ପତ୍ରକାର ନୃସିଂହ ପ୍ରସାଦ ମିଶ୍ରଙ୍କ ଦେହାନ୍ତ



ବାଲୁଗାଁ,୧୧।୪(ସମିସ) : ବାଣପୁର ବାଲୁଗାଁ ଅଞ୍ଚଳର ବରିଷ୍ଠ ପତ୍ରକାର ତଥା ଚିଲିକା ପ୍ରେସ କ୍ଲବର ବରିଷ୍ଠ ଉପଦେଷ୍ଟା ନୃସିଂହ ପ୍ରସାଦ ମିଶ୍ରଙ୍କ ୭୯ ବର୍ଷ ବୟସରେ ଶୁକ୍ରବାର ରାତ୍ରିରେ କଲିକତାରେ ଦେହାନ୍ତ ଘଟିଛି। ସ୍ୱର୍ଗତ ମିଶ୍ରଙ୍କ ପୈତୃକ ବାସଭବନ ବାଣପୁରସ୍ଥିତ ଅଚ୍ୟୁତ ରାଜପୁର ଗ୍ରାମରେ ହୋଇ ଥିବା ବେଳେ ସେ କିଛି ମାସ ହେବ କିଡ୍‌ନୀ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ କଲିକତାରେ ରହୁଥିବା କନିଷ୍ଠ ପୁତ୍ର ପଦ୍ମଜା ପ୍ରସାଦ ମିଶ୍ରଙ୍କ ବାସଭବନରେ ରହି ଚିକିତ୍ସିତ ହେଉଥିଲେ। କିଛି ଦିନ ପୂର୍ବେ ସେ ଅଧିକ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ କଲିକତାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଶୁକ୍ରବାର ରାତି ପ୍ରାୟ ୮ ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଶନିବାର ସକାଳେ କଲିକତାର ହୁଗୁଳି ନଦୀ କୂଳ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଧର୍ମପତ୍ନୀ, ଦୁଇ ପୁଅ, ବୋହୂ, ଝିଅ, ଭାଇ, ନାତି ନାତୁଣୀ ପରିବାରବର୍ଗ ଉପସ୍ଥିତ ଥିବା ବେଳେ ଜ୍ୟେଷ୍ଠପୁତ୍ର ଶାରଦା ପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ। ବାଣପୁର ଅଞ୍ଚଳରେ ବରିଷ୍ଠ ପତ୍ରକାର ଭାବେ ବିଭିନ୍ନ ସାମାଜିକ, ଆଧ୍ୟାତ୍ମିକ, ସାହିତ୍ୟ ସଂସ୍କୃତି, କଳା ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ନିଜକୁ ସାମିଲ୍ କରାଇ ବାଣପୁର ଓ ବାଲୁଗାଁ ମାଟିରେ ସମସ୍ତଙ୍କ ପ୍ରିୟ ନୃସିଂହ ଭାଇନା ଭାବରେ ସେ ବେଶ ପରିଚିତ ହୋଇପାରି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାର ହେବାରେ ସମଗ୍ର ବାଣପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଅମୃତପିଢ଼ି ସାରସ୍ୱତ ସମାରୋହ



ନିରାକାରପୁର,୧୧।୪ (ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ପ୍ରକୃତି ବିହାର ପରିସରଭୁକ୍ତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ "ଓଡ଼ିଆ ପର୍ବ-୨୦୨୬' ଉପଲକ୍ଷେ "ଅମୃତପିଢ଼ି ସାରସ୍ୱତ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା, ରୋଭର/ରେଞ୍ଜର ବିଭାଗ ଏବଂ ଇକୋ କ୍ଲବର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ସାରସ୍ୱତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି ପୌରହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଜମ୍ବେଶ୍ୱର ଜୁଝାରସିଂହ ମଞ୍ଚ ସଞ୍ଚାଳନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷକ ନେତା ତଥା ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରବକ୍ତା ତଥା ପୂର୍ବତନ ଜିଲ୍ଲା ଖାଉଟି କମିଶନ ନାରାୟଣ ମହାପାତ୍ର, ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ ଯୋଗ ଦେଇଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ତଥା ସାମ୍ପ୍ରତିକ ପିଢ଼ି ମଧ୍ୟରେ ଏହାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସିମୋର-ବାଙ୍କୀ ରାସ୍ତା ପାଲଟିଛି ମରଣଯନ୍ତା



ବେଗୁନିଆ,୧୧।୪(ସମିସ)

ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତା ମଧ୍ୟରେ କଂକ୍ରିଟ ଓ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇ ଥିବାରୁ ମରଣଯନ୍ତା ସୃଷ୍ଟି ହୋଇଛି। ଏପରିକି ଦିବା ରାତ୍ର ସମୟରେ ମୋଟରଯାନ, ଯାତ୍ରୀବାହୀ ବସ୍, ଭାରୀଯାନ, ଲଘୁଯାନ ସାଇକେଲ ଆରୋହୀ ଓ ଅଦିନିଆ ଜନ ସାଧାରଣ ଯାତାୟାତ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଧନ ଜୀବନ ନଷ୍ଟ ହୋଇଥିବାର ଦେଖିବାକୁ ମିଳୁଛି। ପ୍ରଶାସନିକ ସ୍ତରରେ ଖାମଖିଆଲ ମନୋଭାବ ଓ କୁମ୍ଭକର୍ଣ୍ଣ ନିଦ୍ରା ଯୋଗୁଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏହି ରାସ୍ତାର ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିର ଠାରୁ ତୁଳସୀପୁର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା, ପୋଡ଼ାଡିହ ଠାରୁ-ଦିନିଆରୀ ପର୍ଯ୍ୟନ୍ତ ଓ ସିମୋର ଠାରୁ ଗଁପୁର ବାବା ସୋମନାଥ ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଫାଟି ଆଁ କରିଥିବା ବେଳେ କେବେ ମରାମତି ହେବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଙ୍ଗାରସିଂହ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ଜୟସିଂହ ଗତ ୨୪ ତାରିଖରେ ସ୍କୁଟି ଯୋଗେ ଭୋଗଡ଼ା ଗ୍ରାମକୁ ଯାଉଥିବା ବେଳେ ପୂର୍ତ୍ତ ଦିନିଆରି ଗ୍ରାମସ୍ଥିତ ନୂଆସାହି ସାହି ଠାରେ ପୂର୍ତ୍ତ ବିଭାଗ ରାସ୍ତାରୁ ପିଚୁ ଉଠିଯାଇ ଖାଲରେ ଅସାବଧାନତା ବଶତଃ ପଡ଼ିଯିବାରୁ ଗୋଡ ଭାଙ୍ଗି ଯାଇ ଚିକିତ୍ସାଧିନ ଅବସ୍ଥାରେ ରହିଛନ୍ତି ବୋଲି ଯୋଗାଯୋଗ କରିବାରୁ କହିଥିଲେ। ଏଥିରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଫକୀର ବେହେରାଙ୍କୁ ପଚାରିବାରୁ ମରାମତି ହେବ ବୋଲି କହିଥିବା ବେଳେ କେବେ କରାଯିବ ସ୍ପଷ୍ଟ ଭାବରେ ସୂଚନା ଦେଇ ନ ଥିଲେ। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ସୂର୍ଯ୍ୟ ନାରାୟଣ ମିଶ୍ର, ହରିବନ୍ଧୁ ମହାରଣା, ହରେକୃଷ୍ଣ ପଣ୍ଡା, ପ୍ରକାଶ ଚନ୍ଦ୍ର ସାହୁ, କବିରାଜ ସାହୁ, ନିରଞ୍ଜନ ଦାଶ, ସାମ୍ବାଦିକ ବାସୁଦେବ ବେହେରା ଓ ଗଣେଶ୍ୱର ମହାପାତ୍ର ପ୍ରମୁଖ ଦାବୀ କରିଛନ୍ତି।

## ନିଖୋଜର ଦୁଇ ଦିନ ପରେ ପୋଖରୀରୁ ମିଳିଲା ମୃତଦେହ

ଟାଙ୍ଗୀ/ଭୂଷଣ୍ଡପୁର, ୧୧।୪(ସମିସ): ଟାଙ୍ଗୀ ଥାନା ଭୂଷଣ୍ଡପୁର ଫାଣ୍ଡି ପରିସରଭୁକ୍ତ ଭୁଷଣ୍ଡପୁର ମଙ୍ଗଳାସାହି ର ଜଣେ ଯୁବକ ଗତ ୯ ତାରିଖ ରେ ନିଖୋଜ ପରେ ଆଜି ସଂପୃକ୍ତ ଯୁବକଙ୍କ ମୃତ ଶରୀର ବାଲିପୋଖରୀରୁ ଉଦ୍ଧାର କରାଯାଇଛି। କବିରାଜ ବେହେରାଙ୍କ ପୁଅ ପ୍ରତାପ(୪୦) ଚିଲିକାରୁ ଫେରିବା ପରେ ବିଳମ୍ବିତ ରାତିରେ ଏହି ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତାରୁ ପାଣି ରେ ଗୋଡ ଖସିଯାଇ ନିଖୋଜ ହୋଇଯାଇଥିଲେ। ଆଜି ଭୋର ସମୟରେ ସେହି ପୋଖରୀରେ ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦିଆଯାଇଥିଲା। ଶବ ଜବତ କରି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଯୁବକ ଜଣେ ମତ୍ସ୍ୟଜୀବୀ ଓ ଅତ୍ୟନ୍ତ ଗରିବ ତେଣୁ ସରକାର ଏହି ପରିବାରର ଥଇଥାନ ନିମନ୍ତେ ସହାୟତା ଯୋଗାଇ ଦେବାକୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ସଭାପତି ଶ୍ୟାମସୁନ୍ଦର ବେହେରା, ସଂପାଦକ କାଳନ୍ଦି ବେହେରା, ଦଣ୍ଡପାଣି ବେହେରା, ଫାଲଗୁନି ଜାଲି ପ୍ରମୁଖ ଦାବି କରିଛନ୍ତି।

## ରକ୍ତଦାନ ଶିବିର; ୧୮ ୟୁନିଟ୍ ସଂଗୃହୀତ



ଖୋର୍ଦ୍ଧା,୧୧।୪(ସମିସ): ଖୋର୍ଦ୍ଧା ଉପକଣ୍ଠ ହଳଦିଆ ମହାବିଦ୍ୟାଳୟ ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ଉଦଘାଟନ କରିଥିଲେ। ଶିବିରରେ ମୋଟ ୧୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଖୋର୍ଦ୍ଧା ବ୍ଲଡବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହିତ ହୋଇଥିବାବେଳେ ଯୁବ ରେଡକ୍ରସ୍‌ର କାଉନସିଲର ସନାତନ ସାହୁ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଜୟ କୁମାର ସାହୁ, ଅଧ୍ୟାପକ ପ୍ରସନ୍ନ ବିଶ୍ୱାଳ, ବିକ୍ରମ କିଶୋର ଛୋଟରାୟ, ନିରଞ୍ଜନ ବେହେରା, ଅରୁଣା ଭଞ୍ଜଦେଓ, ନିରଞ୍ଜନ ମହାପାତ୍ର ଓ ଶରତ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# କେସିଙ୍ଗାକୁ ଭୁଲିଗଲେ ଜିଲ୍ଲା ଯୋଜନା କମିଟିର ନୂତନ ଅଧ୍ୟକ୍ଷ

**କେସିଙ୍ଗା, ୧୧।୪ (ସମିସ):** କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀଙ୍କୁ କଳାହାଣ୍ଡି ଜିଲ୍ଲାର ଯୋଜନା କମିଟିର ଅଧ୍ୟକ୍ଷ ଭାବରେ ରାଜ୍ୟସରକାର ଚୟନ କରିଛନ୍ତି। ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଶ୍ରୀ ପାଟଯୋଶୀବିଧିବଦ୍ଧ ଭାବେ ଜିଲ୍ଲା କାର୍ଯ୍ୟାଳୟରେ ଦାୟିତ୍ୱ ବି ଗ୍ରହଣ କରିସାରିଲେଣି। ସେଥିପାଇଁ କେସିଙ୍ଗାବାସୀଙ୍କ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ। ଯୋଜନା କମିଟିର ଅଧ୍ୟକ୍ଷ ଘୋଷଣା ପରେ ବିଧାୟକ ମହୋଦୟ ଉର୍ଲାଦାନିରୁ ଆରମ୍ଭ କରି ମଦନପୁର ରାମପୁର, ନର୍ଲା ସମେତ ଜିଲ୍ଲାର ସମସ୍ତ ଅଞ୍ଚଳ ବୁଲି ସାରିଲେଣି। ସବୁସ୍ଥାନରେ ଅଧ୍ୟକ୍ଷଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଛି।ହେଲେ ଅଧ୍ୟକ୍ଷ ଶ୍ରୀ ପାଟଯୋଶୀ କେସିଙ୍ଗା ଆସିବାକୁ ଭୁଲିଗଲେ କି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଶ୍ରୀ ପାଟଯୋଶୀ ବିଧାୟକ ସିନା ଧର୍ମଗଡ଼ର ହେଲେ ଯୋଜନା କମିଟିର ଅଧ୍ୟକ୍ଷ ତ ସାରା ଜିଲ୍ଲାର ଜିଲ୍ଲାର ସମସ୍ତ ଅଞ୍ଚଳ ବୁଲି ବୁଲି ଅଞ୍ଚଳର ସମସ୍ୟା ବୁଝୁଛନ୍ତି ହେଲେ କେସିଙ୍ଗା ଓ କେସିଙ୍ଗା ଅଞ୍ଚଳକୁ ନଆସିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଯାଉଛି। ଜିଲ୍ଲାର ସମସ୍ତ ସମସ୍ୟା କେସିଙ୍ଗା ଭରି ରହିଛି ଜିଲ୍ଲାର ବଡ଼ ଷ୍ଟେସନ ଅଛି ହେଲେ ଭୁବନେଶ୍ୱର ପାଇଁ ଟ୍ରେନ ନାହିଁ, ସବୁଠୁ ଓସାରିଆ ଜାତୀୟ ରାଜପଥ ଅଛି ହେଲେ ଟ୍ରାଫିକ ସମସ୍ୟା ଲାଗି ରହିଛି। ବଡ଼ ମେଡିକାଲ ଅଛି ହେଲେ ଡାକ୍ତର ନାହାନ୍ତି, ପ୍ରାୟ ୩୫୦ କୋଟି ଟଙ୍କାରେ ରେଳ ଓଭର ବ୍ରିଜ ତିଆରି ହେଉଛି ହେଲେ ଅବସ୍ଥିତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ବସ୍‌ଷ୍ଟାଣ୍ଡ ଅଛି ହେଲେ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି, ଭେଣ୍ଡିଂ ଜୋନ, ଙ୍କସେଇ ଖାନା ଅଛି ହେଲେ କାମକୁ ଆସୁନି ଏମିତି ଅନେକ ସମସ୍ୟା କେସିଙ୍ଗାରେ ଥିଲେ ମଧ୍ୟ କେହି ସମସ୍ୟାର ସମାଧାନ କରୁନାହାନ୍ତି। ଅଞ୍ଚଳରେ ଏତେ ସମସ୍ୟା ଥିବା ସତ୍ତ୍ୱେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷଙ୍କ କେସିଙ୍ଗା ଗ୍ରସ୍ତ କାହିଁକି ଫାଇନାଲ ହୋଇ ପାରୁନାହିଁ ଜଣାପଡୁ ନାହିଁ।

# ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**ଧର୍ମଗଡ଼, ୧୧।୪(ସମିସ):** ଜନଗଣନା କାର୍ଯ୍ୟକୁ ସୁଚାରୁ ଓ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଧର୍ମଗଡ଼ ଅଞ୍ଚଳର ତାଲିମପ୍ରାପ୍ତ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଜନଗଣନା ଦେଶର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପ୍ରକ୍ରିୟା, ଯାହା ଉପରେ ଭବିଷ୍ୟତ ଯୋଜନା ଓ ନୀତି ନିର୍ମାଣ ନିର୍ଭର କରେ। ସେଥିପାଇଁ ସଠିକ୍ ଓ ପ୍ରମାଣିତ ତଥ୍ୟ ସଂଗ୍ରହ କରିବା ଗଣନାକାରୀଙ୍କ ମୁଖ୍ୟ ଦାୟିତ୍ୱ। ଏହା ପାଇଁ ଶିକ୍ଷକମାନଙ୍କୁ ପୂର୍ବରୁ ବିଶେଷ ତାଲିମ ଦିଆଯାଇଥିଲା, ଯାହା ତାଙ୍କୁ ଦାୟିତ୍ୱ ସଠିକ୍ ଭାବେ ପାଳନ କରିବାରେ ସହାୟତା କରିବ। ଜନଗଣନା ଅଧିକାରୀ ତଥା ଧର୍ମଗଡ଼ ତହସିଲଦାରକୀର୍ତ୍ତିଚନ୍ଦ୍ର ପ୍ରଧାନ ଧର୍ମଗଡ଼ ତହସିଲ କାର୍ଯ୍ୟାଳୟରେ ନିଯୁକ୍ତ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ ସହ ଦାୟିତ୍ୱ ପାଳନ ସମ୍ବନ୍ଧୀୟ ଦିଗରେ ମୂଲ୍ୟବାନ ମାର୍ଗଦର୍ଶନ ଦେଇଥିଲେ। ଏଥିସହ ନିଯୁକ୍ତ ଗଣନାକାରୀ ଆସନ୍ତା ୧୬, ୧୭, ୧୮ ତିନି ଦିନ ଧରି ଘରଗଣନା କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ରହିଛି। ପରେ ପର୍ଯ୍ୟାୟକ୍ରମେ ଜନସଂଖ୍ୟା ଗଣନା କାର୍ଯ୍ୟ କରାଯିବ। ନିଯୁକ୍ତି ପତ୍ର ପ୍ରଦାନ ସମୟରେ ଶ୍ରୀ ପ୍ରଧାନ ଶିକ୍ଷକମାନଙ୍କୁ ସମୟନିଷ୍ଠା, ସତ୍ୟନିଷ୍ଠା ଓ ନିଷ୍ଠାପୂର୍ଣ୍ଣ ସେବାଭାବ ସହ କାମ କରିବାକୁ ଆହ୍ୱାନ କରିଥିଲେ।



# ୨୪ ପ୍ରହର ଅଖଣ୍ଡନାମ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**କଲମପୁର, ୧୧।୪(ସମିସ):** ତ୍ରୀନାଥ ଦେବଙ୍କ ୧୫୭ତମ ମେଳା ପୂର୍ତ୍ତି ଉପଲକ୍ଷେ କଲମପୁର ତ୍ରୀନାଥ ମେଳା କମିଟି ପକ୍ଷରୁ ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ କଲମପୁର ସାପ୍ତାହିକ ବଜାର ପ୍ରାଙ୍ଗଣରେ ଆୟୋଜିତ ହୋଇ ଯାଇଛି। ଏଥିପାଇଁ ଶନିବାର ମହିଳାଙ୍କ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜା କମିଟିର ତତ୍ତ୍ୱାବଧାନରେ ମହିଳାମାନେ ବେଲପଡ଼ା ଗୋପୀ ସାଗର ପୁଷ୍କରିଣୀରୁ ଜଳଧାରଣ କରି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ରବିବାର ପ୍ରାତଃ ସମୟରୁ ନାମାରମ୍ଭ ଆରମ୍ଭ ହୋଇ ବୁଧବାର ଦିନ ଶେଷ ହେବାକୁ ସ୍ଥିର ହୋଇଛି।ଏଥିରେ ୧୦ଟି ସଂକିର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରୁଛନ୍ତି। ଗୋକୁଳ ଚନ୍ଦ୍ର ସାହୁ, ମହେନ୍ଦ୍ର ନାଥ ସାହୁ, ଅଶ୍ୱିନୀ ସେନାପତି, ପୀତବାସ ସାହୁ ସମେତ ଉମା ଶଙ୍କର ଶର୍ମା, ମୁକେଶ ଶର୍ମା ପ୍ରମୁଖ ଆୟୋଜନର ପୁରୋଧା ହୋଇଛନ୍ତି। ନୀହାର ରଞ୍ଜନ ସାହୁ, ଅବନୀ ଶଙ୍କର ଘି, ବୈଷ୍ଣବ ସାହୁ, ପବିତ୍ର ସାହୁ ପ୍ରମୁଖ ସହଯୋଗ କରିଛନ୍ତି। ବିପୁଳ ଜନ ସମାଗମକୁ ଦୃଷ୍ଟିରେ ରଖି କମିଟି ମୀନା ବଜାର ବ୍ୟବସ୍ଥା ମଧ୍ୟ କରିଛି।

### କାଳବୈଶାଖ ପରେ ବି କଲବଲ କରୁଛି ଗ୍ରୀଷ୍ମ ପ୍ରବାହ

# ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜୀବନ

**ଭବାନୀପାଟଣା, ୧୧।୪(ସମିସ)**

କଳାହାଣ୍ଡି ଜିଲ୍ଲାରେ ଗତ ସପ୍ତାହରେ କାଳବୈଶାଖୀର ତାଣ୍ଡବ ରଚି ଫେରିଛି। ଧାନ ଫସଲ ସହିତ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ବିଶେଷଭାବେ ଧର୍ମଗଡ଼, ଗୋଲାମୁଣ୍ଡା, କଲମପୁର, ଥୁଆମୂଳ ରାମପୁର ଏବଂ କୋକସରା ବ୍ଲକ ଅଧିକ ପ୍ରଭାବିତ ହୋଇଥିଲା। ତେବେ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ କାରଣରୁ ଗୁଳିଗୁଳି ସ୍ଥିତି ଅଧିକ ଅସ୍ତବ୍ୟସ୍ତ କରୁଛି। ଭବାନୀପାଟଣା ସହର ତାପମାତ୍ରା ଏବେ ୩୫ ଡିଗ୍ରୀରୁ ୪୦ ଛୁଇଁବାକୁ ବସିଲାଣି। ଜରୁରୀକାଳୀନ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହେଉଛି ଜିଲ୍ଲା ପ୍ରଶାସନ। ଏପ୍ରିଲ ମାସ ଆରମ୍ଭରୁ ଖରା ତାତିରୁ ରକ୍ଷା ପାଇବା ପାଇଁ କାହା ମୁଣ୍ଡରେ ଟୋପି, ଗାମୁଛା ତ କିଏ ବ୍ୟବହାର କରୁଛି କଳା ଚଷମା। ଗତ କିଛି ଦିନ ହେଲା ଭବାନୀପାଟଣା ସହରର ତାପମାତ୍ରା ଅତ୍ୟଧିକ ରହୁଛି। ତାପମାତ୍ରାର ଅହେତୁକ ବୃଦ୍ଧି ସହ ବିଜୁଳି କାଟ୍ ଜନଜୀବନକୁ ହନ୍ତସନ୍ତ କରି ପକାଉଛି। ସକାଳ ହେଲେ ଖରାକୁ ଦେଖି ଲୋକଙ୍କ ଚିନ୍ତା ବଢ଼ି ଯାଉଛି। ସେପଟେ ଲସି ଓ ଆମ୍ବରସ ଦୋକାନରେ ଭିଡ ଜମିଲାଣି। ଦିନରେ ରାସ୍ତା ଶୁନଶାନ ଲାଗୁଥିବାବେଳେ ସନ୍ଧ୍ୟା ହେଲେ ଲୋକ ଘରୁ ବାହାରକୁ ଆସୁଛନ୍ତି। ଯେଉଁମାନଙ୍କ କାମ ଅଛି ସେମାନେ ଛତା, ଟୋପି କିମ୍ବା ମୁଣ୍ଡରେ ଗାମୁଛା ପକାଇ ଖରାକୁ ବାହାରୁଛନ୍ତି। ଦିନ ୧୧ ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଧିକାଂଶ ଦୋକାନ ବଜାରରେ ବ୍ୟବସାୟ ମାନ୍ଦା ପଡୁଛି। ତେବେ ସବୁ ପ୍ରକାର ଜରୁରୀ ପରିସ୍ଥିତି ପାଇଁ ଭବାନୀପାଟଣା ପୌରନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଆରମ୍ଭରୁ ବହୁତ୍ ଖରା ହେଲାଣି। ପ୍ରବଳ ଖରା ସହ ବାରମ୍ବାର ବିଜୁଳି କାଟ୍ ହେଉଛି ତେଣୁ ଘରେ ମଧ୍ୟ ଶାନ୍ତିରେ ରହି ହେଉନାହିଁ।ଅନ୍ୟପକ୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ଜଳଛତ୍ର ଖୋଲା ଯାଇନାହିଁ।ଭବାନୀପାଟଣା ସହରକୁ ବିଭିନ୍ନ ସରକାରୀ କାର୍ଯ୍ୟ, ସ୍ୱାସ୍ଥ୍ୟ ଚିକିତ୍ସା ଓ ବ୍ୟବସାୟ ଦୃଷ୍ଟିରୁ ଅନ୍ୟ ବ୍ଲକରୁ ଦୈନିକ ହଜାର ହଜାର ଲୋକ ଆସନ୍ତି। ଜନଗହଳିପୂର୍ଣ୍ଣ ସହରରେ ଯାତ୍ରୀଙ୍କ ପାଇଁ କୌଣସି ବିଶେଷ ସୁବିଧା ନାହିଁ। ତାହାର ତୁରନ୍ତ ବ୍ୟବସ୍ଥା କରିବା କଥା। ଅନେକ ସମୟରେ ସହରକୁ ଯେଉଁମାନେ ଆସୁଛନ୍ତି ସେମାନେ ହଇରାଣ ହେଉଛନ୍ତି। ଭବାନୀପାଟଣା ପୌରାଞ୍ଚଳରେ ୧୩ରୁ ୧୪ଟି ଅମୃତଧାରା ମଧ୍ୟ କାମ କରୁଥିବା କୁହାଯାଉଛି।ସହରର ବିଭିନ୍ନ ସ୍ଥାନରେ ୫ ରୁ ୮ଟି ଜଳଛତ୍ର ଖୋଲିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଗୋରୁଗାଈ, ପଶୁପକ୍ଷୀମାନଙ୍କ ପାଇଁ ମଧ୍ୟ ୫୦ଟି ଜଳ କୁଣ୍ଡ କରାଯିବାର ପ୍ରସ୍ତାବ ରହିଛି। ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଦହଗଞ୍ଜ କଲାଣି ଆସନ୍ତା ଦୁଇମାସ ପରିସ୍ଥିତି କଣ ହେବ ତାହା ଆକଳନ କରିବା ମୁସ୍କିଲ।

**ଜଳଛତ୍ର କେବେ ଖୋଲିବ**

### ହତ୍ୟା ଅଭିଯୋଗ ଆଣିଲେ ବାପଘର

# ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

**ଥୁଆମୂଳରାମପୁର, ୧୧।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ଥାନା ବଡଛତ୍ରଙ୍ଗ ଗାଁରେ ଗୁରୁବାର ଜଣେ ବିବାହିତା ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟହୋଇଛି। ବଡଛତ୍ରଙ୍ଗ ଗାଁର ରଶ୍ମିରଞ୍ଜନ ନାଏକଙ୍କ ସ୍ତ୍ରୀମାଧୁରୀ ନାଏକ (୨୧) ବେକରେ ଓଢଣି ଲଗାଇ ଆତ୍ମହତ୍ୟା କରିଥିବା କଥା ସ୍ଥାନୀୟ ଭାବେ ଚର୍ଚ୍ଚା ହେଉଛି। କିନ୍ତୁ ଘଟଣାକୁ ସାଧାରଣ ଆତ୍ମହତ୍ୟା ଭାବରେ ନେବାକୁ ମାନିନାହାନ୍ତି ମୃତକାଙ୍କ ପରିବାର। ଏନେଇ ଶୁକ୍ରବାର ମୃତକାଙ୍କ ବାପା ରୁପାଧର ନାଏକ ଥୁଆମୂଳରାମପୁର ଥାନାରେ ଲିଖିତ ଅଭିଯୋଗ କରି କହିଛନ୍ତି ଯେ, ଏହା ଆତ୍ମହତ୍ୟା ନୁହେଁ, ବରଂ ତାଙ୍କ ଝିଅକୁ ହତ୍ୟା କରି ପରେ ଆତ୍ମହତ୍ୟାର ରୂପ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଗତ କିଛି ମାସ ଧରି ଜ୍ୱାଇଁ ରଶ୍ମିରଞ୍ଜନ ଓ ତାଙ୍କ ପରିବାର ପକ୍ଷରୁ ମାଧୁରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ଏଥିପାଇଁ ସେ ଆଗରୁ ପରିବାରକୁ ଜଣାଇଥିବା କଥା ମଧ୍ୟ ଉଲ୍ଲେଖ ରହିଛି। ସୂଚନା ପାଇ ଥୁଆମୂଳରାମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଜବତ କରି ତଦନ୍ତ ଆରମ୍ଭ କରିଛି। ପରେ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଷ୍ଟମର୍ଟମ କରାଯାଇ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଥୁଆମୂଳରାମପୁର ଥାନାରେ କେସ୍ ନଂ ୫୦/୨୬ ମାମଲା ରୁଜୁ କରାଯାଇଛି। ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଥିବା ବେଳେ ଅନ୍ୟପଟେ ନ୍ୟାୟସଙ୍ଗତ ତଦନ୍ତ ମାଧ୍ୟମରେ ସତ୍ୟ ପ୍ରକାଶ ପାଇବ ବୋଲି ମୃତକାଙ୍କ ପରିବାର ଭରସା ବ୍ୟକ୍ତ କରିଛନ୍ତି।

# ବିଜେଡିର ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ



**ଧର୍ମଗଡ଼, ୧୧।୪(ସମିସ):** ଧର୍ମଗଡ ବ୍ଲକ ବୋଡ଼େନରେ ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଡାକେ ଲହଜଲଙ୍କ ସଭାପତିତ୍ୱରେ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଉପ ସଭାପତି ଥବିର ପ୍ରସାଦ ସାହୁ ଯୋଗ ଦେଇଥିଲେ। ମହିଳା ସଭାନେତ୍ରୀ ମମତା ଗୋପାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ କିଶୋର ଭଏଁସାଲ ବୋଡ଼େନ ପଞ୍ଚାୟତ ସଭାପତି ସୁଶାନ୍ତ ଗୋପାଳ ମହିଳା ସଭାପତି ଖିତିସୂତା ବାଗ, ନିରଞ୍ଜନ ପଟେଲ, ହୃଷୀକେଶ ସାହୁ, ଲକ୍ଷ୍ମଣ ଗୋପାଳ, ନବ କିଶୋର ଭଏସାଲ ଓ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଆଗାମୀପଞ୍ଚାୟତସ୍ତରୀୟ ନିର୍ବାଚନ ରଣନୀତି ଉପରେ ଆଲୋଚନା କରିଥିଲେ। ବୈଠକରେ ଯୁବ ଓ ଛାତ୍ର କର୍ମୀମାନଙ୍କ ସଂଗଠନକୁ କିପରି ଆହୁରି ସୁସଂଗଠିତ ଓ ସକ୍ରିୟ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହାସହ ଆଗାମୀ ଦିନରେ ବିଜୁ ଜନତା ଦଳର କାର୍ଯ୍ୟଯୋଜନା ଓ ଗ୍ରାମସ୍ତରରେ ଦଳକୁ କିପରି ଆହୁରି ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ଥିଲା।

# ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି



**ସିନାପାଲି, ୧୧।୪ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ମେଗା ରକ୍ତଦାନ ଶିବିରର ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଇଓ ଯତୀନ୍ଦ୍ର କୁମାର ସେଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୯ ତାରିଖ ହେବାକୁ ଥିବା ରକ୍ତଦାନ ଶିବିର ବିଷୟରେ ଆଲୋଚନା କରାଯାଇ ଶିକ୍ଷକଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଶିକ୍ଷା ସମ୍ପର୍କିତ ଆଲୋଚନାଚକ୍ର, ସୃଜନଶୀଳତାର ବୃଦ୍ଧି ପାଇଁ କବିତା ପାଠ ଭଳି ଏକାଧିକ କାର୍ଯ୍ୟକ୍ରମର ଆୟୋଜନ ସହ ଏକ ପତ୍ରିକା ପ୍ରକାଶନ କରିବା ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ବିଦ୍ୟାଳୟ ଗୁଡିକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ କରିବାକୁ ମଧ୍ୟ ସ୍ଥିର କରାଯାଇ ଏଦିଗରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ବୈଠକରେ ରବୀନ୍ଦ୍ରନାଥ ଯୋଷୀ, ବୈଷ୍ଣବ ମେହେର, ତରୁଣ କୁମାର ମେହେର, ବଂଶୀଧର ଜଗତ, ଭୀମସେନ ମେହେର, ଉପେନ୍ଦ୍ର ସୁନାନୀ, ଖଗେଶ୍ୱର ବାଗ, ଗୌତମ ମେହେର, ହରେକୃଷ୍ଣ ମେହେର, ପ୍ରସନ୍ନ ସାହୁ, ସାନୁର୍ଯ୍ୟ ମେହେର ପ୍ରମୁଖ ଶିକ୍ଷକ ଓ ସିଆରସିସି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ମନୋରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ଶବର ସମାଜର ମେଳି

**ନୂଆପଡ଼ା, ୧୧।୪(ସମିସ):** ସରକାର ଆମକୁ ଭୁଆଁ ବୁଲାଇ ଚାଲିଛନ୍ତି। ଆମେ ଗତ ଉପନିର୍ବାଚନ ସମୟରେ ଶବର ସମାଜ ଅଣ୍ଟା ଭିଡି ସରକାରୀ ଦଳକୁ ସମର୍ଥନ କରିଥିଲୁ। ସରକାର ଆମ ସମାଜକୁ ଉପେକ୍ଷା କରୁଛନ୍ତି। ନିକଟରେ ହୋମ ସିଂ ମାଝୀଙ୍କୁ ସରକାର ଏସଡିସି (ସ୍ୱତନ୍ତ୍ର ଉନ୍ନୟନ ପରିଷଦ) ଅଧ୍ୟକ୍ଷ ଭାବରେ ମନୋନୀତ କରିଛନ୍ତି। ତେଲିଆ ମୁଣ୍ଡରେ ତେଲ ଦେଇଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ଜବାବ ଦିଆଯିବ ବୋଲି ଶବର ସମାଜ ମେଳି ବାନ୍ଧିଛନ୍ତି। ସ୍ଥାନୀୟ ଖୋକ୍ସାସ୍ଥିତ ଆମ୍ବ ବଗିଚାରେ ଆୟୋଜିତ ସଭାରେ ଏଭଳି ବିଷୋଦଗାର କରିଛନ୍ତି। ଜିଲ୍ଲା ଉପସଭାପତି ତେଜରାଜ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦେଓସିଂ ବିଶ୍ୱାଳ, ଲୋହିତରାମ ଶବର, ଫୁଲେଶ୍ୱର ଭୋଇ, ଈଶ୍ୱର ଚନ୍ଦ୍ର ଶବର, ଡିରେଶ୍ରାମ ଶବର, ଦୁର୍ଜନ ଶବର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମାଜର ସାଙ୍ଗଠନିକ ବ୍ୟବସ୍ଥା ଉପରେ ଟିକି ନିଖି ଆଲୋଚନା କରାଯାଇଥିଲା।

### ■ ମେ ୭ରେ ଅମାନାରା ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ

# ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଶାନ୍ତି କମିଟି ବୈଠକ

**ନୂଆପଡ଼ା, ୧୧।୪(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଅମାନାରାପଞ୍ଚାୟତ ସରପଞ୍ଚ ପଦ ପାଇଁ ଉପନିର୍ବାଚନକୁ ନଜରରେ ରଖି ନୂଆପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ସୁର୍ମି ସୋରେନଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆପଡ଼ା ଉପଖଣ୍ଡ ପୁଲିସ ଅଧିକାରୀ, ତହସିଲଦାର ପ୍ରଣବ ପ୍ରକାଶ ସାହୁ ସହ ବିଭିନ୍ନ ରାଜନୈତିକ ପ୍ରତିନିଧି ଓ ପ୍ରଶାସନିକ, ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଉପଜିଲ୍ଲାପାଳ ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ସହିତ ଶାନ୍ତିପୂର୍ଣ୍ଣ ମତଦାନ ସୁନିଶ୍ଚିତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।ଆଦର୍ଶ ଆଚରଣବିଧି ପାଳନ ଓ ଶାନ୍ତି-ଶୃଙ୍ଖଳା ବଜାୟ ରଖିବାକୁ ସମସ୍ତ ପକ୍ଷ ସମ୍ମତି ଜଣାଇଥିଲେ। ଆସନ୍ତା ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥା କଡା କରାଯିବା ସହ ଅନିୟମିତତାକୁ ସହ୍ୟ କରାଯିବ ନାହିଁ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଭୋଟରଙ୍କୁ ଭୟଭୀତ କରିବା କିମ୍ବା ପ୍ରଲୋଭନ ଦେବାକୁ ରୋକିବା ପାଇଁ ଆବକାରୀ ବିଭାଗ ପକ୍ଷରୁ ଛାପାମାରି ଜାରି ରହିବ। ପ୍ରଚାର କାର୍ଯ୍ୟକଳା ପରେ ନିୟମ ପାଳନ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ପ୍ରଚାର ବନ୍ଦ ଓ ରାତି ୮ଟା ପରେ ଲାଉଡସ୍ପିକର ବ୍ୟବହାର ନିଷେଧ କରାଯାଇଛି। ବୁଥ ଦଖଲ ଭଳି କାର୍ଯ୍ୟକଳାପକୁ କଡା ଭାବରେ ରୋକାଯିବ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି, ମତଦାନ କେନ୍ଦ୍ରରେ ପାଣି, ଛାୟା ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯିବା ସହ ମତଦାତାଙ୍କୁ ଶୀତଳ ସମୟରେ ଭୋଟ ଦେବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୧୧ତାରିଖରୁ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ପତ୍ର ନେଇ ପାରିବେ କିମ୍ବା ଦାଖଲ କରିବେ।୧୫ତାରିଖ ଯାଞ୍ଚ ହେବ ଏବଂ ୧୭ତାରିଖ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଦିନ ଧାର୍ଯ୍ୟ ହୋଇଛି। ଆସନ୍ତା ମେ ମାସ ୫ତାରିଖ ଦିନ ଭୋଟ ଗ୍ରହଣ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।



**ଓଡ଼ିଆ ପକ୍ଷ ପାଳନ**

# 'ଆସ ବହିଟିଏ କିଣିବା'ଓ ରକ୍ତଦାନ କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୧।୪(ସମିସ)**

ସ୍ଥାନୀୟଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଓଡିଆ ପକ୍ଷ ଅବସରରେ ଅନେକ କାର୍ଯ୍ୟକ୍ରମ ମହାବିଦ୍ୟାଳୟରେ ସମ୍ପାଦିତ ହେଉଥିବା ବେଳେ ଶନିବାର 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଅନେକ ଛାତ୍ରଛାତ୍ରୀ ବହିଟିଏ କିଣି ମହାବିଦ୍ୟାଳୟ ପ୍ରାଙ୍ଗଣରେ ନିଜର ପୁସ୍ତକକୁ ପ୍ରଦର୍ଶିତ କରିବା ସହ ଓଡିଆ ଅସ୍ମିତା ଆବେଗରେ ଅତି ଉଲ୍ଲସିତ ମନେ କରୁଥିଲେ। ଓଡିଆ ସାହିତ୍ୟର ବ୍ୟାକରଣ, ଇତିହାସ, ଅନେକ ଗ୍ରନ୍ଥାବଳୀ, କବି ଓ ସ୍ରଷ୍ଟାଙ୍କ ଲିଖିତ ପୁସ୍ତକ ଓ କବିତା, ମହାପୁରୁଷଙ୍କ ଜୀବନୀ ବାର୍ତ୍ତା, କ୍ଷୁଦ୍ର ଗଳ୍ପ, ନାଟକ, ପୁରାଣ, ଆରକଥା ତଥା ଆଞ୍ଚଳିକ ସାହିତ୍ୟ ଓ ସଂସ୍କୃତିର ଅନେକ ପୁସ୍ତକ ପ୍ରଦର୍ଶିତ ହେବା ସହ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିଥିଲା। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଓ ଅଧ୍ୟାପକ ପୁରୀତ ରଣା ଓଡିଆ ଭାଷା ଓ ସାହିତ୍ୟର ବିକାଶ ଓ ସଂରକ୍ଷଣ ଦିଗରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଓଡିଆ ପକ୍ଷ ପାଳନ-୨୦୨୬ ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାମାନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ରକ୍ତଦାନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ସମୁଦାୟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ରକ୍ତଦାନ କେନ୍ଦ୍ର କଳାହାଣ୍ଡି ଜିଲ୍ଲା ଶାଖାର ଡା. ରାମକୃଷ୍ଣ ବେହେରା, ଡୋଳାମଣୀ ମାଝୀ, ସଞ୍ଜୀବ ମହାଖୁଡ ଓ ଗୀରିଶ ନାୟକ ପ୍ରମୁଖ ରକ୍ତଦାନ କାର୍ଯ୍ୟକ୍ରମର ତଦାରଖ ଓ ସଞ୍ଚାଳନ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପଚନ୍ଦ୍ର ଦାଶ, ଏନ୍‌ସିସି ଅଧିକାରୀ ସୁଶାନ୍ତ କୁମାର ଦାଶ, ଫାଲଗୁନୀ ପ୍ରଧାନୀ, ମିନକେତନ ସାହୁ, ମିକୁମିକ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୂଳ ସାହାଣି ପ୍ରମୁଖ ସହଯୋଗ କରିଥିଲେ।

## ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**କୋକସରା, ୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ କୋକସରା ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ରକ୍ତଦାନ ଶିବିର ଆୟୋଜିତ ହୋଇଛି। କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରକ୍ତଦାନ ଶିବିରରେ କୋକସରା ଆଇଆଇସି ସୁଜ୍ଞାନ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋକସରା ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ଯୁବ ରେଡକ୍ରସ୍ ପରାମର୍ଶଦାତା ମୋହନ ଚରଣ ବିଷି, ଏସ୍‌ଆଇ ରଶ୍ମି ରଞ୍ଜନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଧର୍ମଗଡ଼ ରକ୍ତ କେନ୍ଦ୍ରର ଏଲଟି ରାକେଶ ସିଂ, ଭରତଚନ୍ଦ୍ର କାଣ୍ଡ, ଡମ୍ବରୁଧର ମେହେର, ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ସୁବ୍ରତ କୁମାର ବେହେରା, କ୍ୟାପଟେନ୍ ଅଶ୍ୱିନୀ ପଟ୍ଟନାୟକ, ଜଗନ ଚନ୍ଦାନୀ, କନକ ମଞ୍ଜରୀ ବେହେରା, ସ୍ୱାଧୀନ ପୁଜାରୀ, ଶୁଭଶ୍ରୀ ସାହୁ, ବେଦମୟୀ ବାରିକ, ଜିତେନ୍ଦ୍ର ପ୍ରଧାନୀ, ସୁନୀଲ ପ୍ରଧାନୀ, ପ୍ରତାପ ବିଷି, ଉଜାଗର ମାଝୀ, ଲାଲୁ ପ୍ରଧାନୀ, ତପନ ପ୍ରଧାନୀ, ତପନ ବିଷି, ପୀତବାସ ରାଉତ, ପୁଷ୍ପିତା ବିଷି, ବିଷ୍ଣୁ ଚରଣ ବିଷି, ମୋହନ ବିଷି, ପ୍ରମୁଖ ସହଯୋଗ କରିଥିଲେ।

# ଗୋପାଳପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆମୂଳରାମପୁର, ୧୧।୪(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ସ୍ଥିତ ଗୋପାଳପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏସ୍‌ଏସ୍‌ଡି ଉଚ୍ଚ ବାଳକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଗ୍ରାମ ବିକାଶ ଶିକ୍ଷାନିକେତନ କୁମୁଡାବାହାଲର ଅଧ୍ୟକ୍ଷ ଅରବିନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ। ଡୁମେରପଦର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁ, ନୋଡାଲ ସି.ଆର୍.ସି.ସି ସୁନାଧର ମାଝୀ, ସ୍ଥାନୀୟ ସରପଞ୍ଚ ବେଣୀ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗୀ ମାଝୀ ଓ ମାଣିଙ୍ଗ ପଦର ଏସ୍‌ଏସ୍‌ଡି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌଭାଗ୍ୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ବିଦ୍ୟାଦାତା ଗଣେଶ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଧୂପ ଦୀପ ପ୍ରଦାନ ଏବଂ ବିଶିଷ୍ଟ ଶିକ୍ଷାବିତ, ରାଜନେତା ତଥା ସମାଜସେବୀ ସ୍ୱର୍ଗତ ବନମାଳୀ ନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଚନ୍ଦନ ଆଚାର୍ଯ୍ୟ ସଞ୍ଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସମସ୍ତଙ୍କୁ ମନୋରଞ୍ଜନ ଯୋଗାଇଥିଲେ। ଶିକ୍ଷକ ରବୀନ୍ଦ୍ରନାଥ ସେଠୀ, ନିରାକାର ଶବର, ଶିକ୍ଷୟିତ୍ରୀ ରଞ୍ଜିତା ନାଗ, ପୁଷ୍ପାଞ୍ଜଳି ସାହୁ, ସୋନାଲି ପରିଡ଼ା, ରୁଦ୍ର ନାରାୟଣ ନାଏକ, ଗରିବ ବାଗ ଉପସ୍ଥିତ ଥିଲେ। ଅନନ୍ତ ମାଝୀ, ଧୀର ମାଝୀ, ହୁନା ମାଝୀ, କବିତା ପ୍ରଧାନ, ସୁଭାସିନୀ ସେଠୀ, ରଞ୍ଜିତା ନାୟକ ଓ ନକ୍ଷେତ୍ରମାଳା ଗଉଡ଼ ପ୍ରମୁଖ ସହଯୋଗ କରିଥିଲେ।



# ୨୧ରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ

ରାଉରକେଲା,୧୧।୪(ସମିସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏପ୍ରିଲ ୨୧ରେ ରାଉରକେଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାଷ୍ଟ୍ରପତି ରାଉରକେଲା ୱାନ୍ ପରିସରରେ ନବନିର୍ମିତ ଆଦିବାସୀ ସଂଗ୍ରହାଳୟର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ରାଷ୍ଟ୍ରପତି ରାଉରକେଲା ଇସ୍ପାତ କାରଖାନାରେ କିଛି କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ରାଷ୍ଟ୍ରପତିଙ୍କ ଗସ୍ତକୁ 'ଐତିହାସିକ' ବୋଲି ଅଭିହିତ କରି କହିଛନ୍ତି, ଏହା ରାଉରକେଲା ଏବଂ ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଗର୍ବ ଏବଂ ଆନନ୍ଦର ବିଷୟ ହେବ। ଏହି ଗସ୍ତକୁ ସ୍ମରଣୀୟ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରସ୍ତୁତି ଆଲୋଚନା ପୂର୍ବରୁ ଅନୁଷ୍ଠିତ ହୋଇସାରିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି।

# ବିଶ୍ୱ ହୋମିଓପାଥିକ ଦିବସ

ରାଉରକେଲା,୧୧।୪(ସମିସ): ସ୍ଥାନୀୟ ସେକ୍ଟର - ୨୧ ସ୍ଥିତ ଉତ୍କଳମଣି ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଶୁକ୍ରବାର 'ବିଶ୍ୱ ହୋମିଓପାଥିକ ଦିବସ' ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଶୁଭାଶିଷ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗ ଦେଇ ସାମ୍ପ୍ରତିକ ଯୁଗରେ ହୋମିଓପାଥିକ ମେଡିସିନ ଲୋକାଦୃତ ହେବାରେ ଲାଗିଛି ବୋଲି କହିବା ସହ ସେବାମୂଳକ ମନୋଭାବ ନେଇ କାର୍ଯ୍ୟ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡା. ଅଜୟ କୁମାର ବିଶ୍ୱାଳ ଯୋଗଦେଇ ହୋମିଓପାଥିକ ବିଜ୍ଞାନର ଜନକ ଡ. ସାମୁଏଲ ହାନିମାନଙ୍କ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡା. ମୋନାଲିସା ବେହେରା ସହଯୋଗ କରିଥିଲେ। ସମସ୍ତ ହାଉସ୍ ସର୍ଜନ୍, ଛାତ୍ର ମଙ୍ଗଳ ସମିତିର ସଦସ୍ୟ, ଛାତ୍ରଛାତ୍ରୀମାନେ ଲୋକମାନଙ୍କ ସେବାରେ ନିଜକୁ ସମର୍ପିତ କରିବା ପାଇଁ ଶପଥ ନେଇଥିଲେ।

# ତାତିଲେ ବିମଳାଗଡ଼-ତାଳଚେର ରେଳ ପ୍ରକଳ୍ପ ଜମିହରା

## ପ୍ରକଳ୍ପ ଅଧିକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ

ଲହୁଣୀପଡ଼ା,୧୧।୪(ସମିସ)



ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡର ବହୁ ପ୍ରତୀକ୍ଷିତ ବିମଳାଗଡ଼-ତାଳଚେର ରେଳ ପ୍ରକଳ୍ପର ଜମିହରା ତଥା କ୍ଷତିଗ୍ରସ୍ତ ପରିବାର ପ୍ରକଳ୍ପ ପରିଚାଳନା ଅଧିକାରୀ ମନୋଜ କୁମାର ବିଶିଙ୍କ ନାମରେ ଲହୁଣୀପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପକୁ ଚାରି ଦଶନ୍ଧି ପୁରି ଯାଇଥିଲେ ହେଁ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା ଅଭାବ ଯୋଗୁଁ କାମ ତ୍ୱରାନ୍ୱିତ ହେବାରେ ବିଳମ୍ବ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚାରି ଦଶନ୍ଧି ଧରି ପରିକଳ୍ପିତ ଏହି ବିମଳାଗଡ଼-ତାଳଚେର ରେଳ ପ୍ରକଳ୍ପ କାର୍ଯ୍ୟ ପାଇଁ ବଣାଇଁ ଉପଖଣ୍ଡର ତିନିଟି ବ୍ଲକ କୋଇଡ଼ା, ଲହୁଣିପଡ଼ା ଓ ବଣାଇଁର ୨୯ ଟି ଗ୍ରାମର ଲୋକ ଜମି ହରାଉଛନ୍ତି। ଏବେ ବିମଳାଗଡ଼-ତାଳଚେର ରେଳ ପ୍ରକଳ୍ପ ପ୍ରଭାବିତ ପ୍ରଜା ସଂଗଠନ କହିବା ମୁତାବକ ଅନ୍ୟାୟ ଭାବେ ଗରିବ ଆଦିବାସୀ ଓ ମୂଳବାସିନ୍ଦାଙ୍କ ଜମିକୁ ଜବରଦଖଲ କରି ବଳପୂର୍ବକ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ଚଳାଇବା ସହ ଜମି ଲୁଟି ନେବାକୁ ବସିଛନ୍ତି। କଲେଇପୋଷ ମୌଜା ସ୍ଥିତ ଖାତା ନମ୍ବର ୫୩/ପ୍ଲଟ ନଂ - ୭୨ ପାଇଁ ପ୍ରକଳ୍ପ ୧୦ ଡିସିମିଲ କ୍ଷତିଗ୍ରସ୍ତ ହେବା ନେଇ ନୋଟିସ ଜାରି କରାଯାଇଥିବା ବେଳେ ସେହି ପ୍ଲଟରେ ମୋଟ ୩୮ ଡିସିମିଲ ଜମି ରହିଛି। ପ୍ରକଳ୍ପ ଠିକା ସଂସ୍ଥା ସମ୍ପୂର୍ଣ୍ଣ ଜମି ଦଖଲ କରିନେଇଛନ୍ତି ବୋଲି ଏତଲାରେ ଦର୍ଶାଯାଇଛି। କମାରପୋଷ, କେନ୍ଦୁଡ଼ିହି, ଧମଣାଧର, କୁର୍ଡା, ଧୂଡି, ଗଦାପାଲି, କଣ୍ଟାକୁଦର ଇତ୍ୟାଦି ଗ୍ରାମରେ ଅନେକ ଜମି ବେଆଇନ ଭାବେ ନିଆଯାଇଛି। କମାରପୋଷ ଗ୍ରାମର ଖାତା ନଂ ୬ରେ ଥିବା ଜମିକୁ ରେଳପଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି, କିନ୍ତୁ ଜମି ଅଧିଗ୍ରହଣ ପାଇଁ ନା ନୋଟିସ ଜାରି କରିଛନ୍ତି ନା କ୍ଷତିପୂରଣ ଦେଇଛନ୍ତି।

ବିମଳାଗଡ଼-ତାଳଚେର ପ୍ରକଳ୍ପ ପ୍ରଜା ସଂଗଠନର ସମ୍ପାଦକ ରୋହିଣୀକାନ୍ତ ମହାନ୍ତ ଏଭଳି ଘଟଣାକୁ ନିନ୍ଦା କରି ବିନା ଗ୍ରାମସଭାରେ ଜମି ଅଧିଗ୍ରହଣ ଓ ଜବରଦଖଲକୁ ବିରୋଧ କରୁଥିବା ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଗତ ୨୨ ଜାନୁଆରୀ ଦିନ ଏହି ସମସ୍ୟା ପାଇଁ ଥିବା ଅଭିଯୋଗ ନିମନ୍ତେ ଦିଲ୍ଲୀ ଏନସିଏସଟି (ନେସନାଲ କମିସନ ଅଫ୍ ସିଡୁଲ ଟ୍ରାଇବ ) କମିସନଙ୍କ ଠାରେ ଶୁଣାଣି ହୋଇଥିଲା। କମିସନ ୩୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ୫୦ ଦିନ ପରେ ବି ରିପୋର୍ଟ ମିଳିନି। ଅପରପକ୍ଷରେ ପ୍ରକଳ୍ପର ସୁପରିଚାଳନା ପାଇଁ ଜିଲ୍ଲାପାଳ ଗସ୍ତ କରି ହସ୍ତକ୍ଷେପ କରିବା କେବଳ କାଗଜ କଲମରେ ସୀମିତ ଥିବାରୁ ଆଜି କ୍ଷତିଗ୍ରସ୍ତ ଦୁରାବସ୍ଥା ଭୋଗୁଛନ୍ତି ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ଘଟଣା ସମ୍ପର୍କରେ ତଦନ୍ତ ହେବ ବୋଲି ଲହୁଣିପଡ଼ା ଥାନା ଅଧିକାରୀ ରମେଶ୍ୱର ସିଂ ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଜମିହରାଙ୍କ ସମେତ ବିମଳାଗଡ଼-ତାଳଚେର ପ୍ରକଳ୍ପ ପ୍ରଭାବିତ ପ୍ରଜା ସଂଗଠନର ରାଜେଶ କୁଜୁରୁ, ସମ୍ବାରୁ ମାଝୀ, ମାର୍ଶାଲ ବାର୍ଲା, ପାତ୍ରାସ ଟେଟେ, ସୋମା ଓରାମ, ଜାବନ୍ତି କାଣ୍ଡୁଲନା, ଆରତି ନାଗ, ବିଷ୍ଣୁ ମହାନ୍ତ, ବିଜୟ ଚାଖି, ନୃପ କିଷାନ, ଭବାନୀ ମହାନ୍ତ, ହେମେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନିଶମ ସେବା ସପ୍ତାହ ଉପଲକ୍ଷେ ଆର୍‌ଏସ୍‌ପିରେ ବିବିଧ କାର୍ଯ୍ୟକ୍ରମ

ରାଉରକେଲା,୧୧।୪(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି ଅବସରରେ ଇସ୍ପାତ ଷ୍ଟାଡିୟମ୍‌ଠାରେ ଏକ ତିନି ଦିନିଆ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଯେଉଁଥିରେ ଅଗ୍ନିଶମ ସେବା ବିଭାଗର ବିଭିନ୍ନ ୟୁନିଟକୁ ପ୍ରତିନିଧିତ୍ୱ କରୁଥିବା ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ମାର୍ଚ୍ଚ ୩୦ ତାରିଖରେ ଉଦ୍‌ଘାଟିତ ହୋଇଥିଲା ବେଳେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର ଏହାର ଉଦଘାଟନୀ ସମାରୋହର ମୁଖ୍ୟଅତିଥି ଥିଲେ।



ଏହି ଅବସରରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ଅଗ୍ନିଶମ ସେବା ବିଭାଗର ଜିଏମପି ଏସ୍ ଠାକରେ ଏବଂ କାରଖାନାର ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଏପ୍ରିଲ ୨ ତାରିଖରେ ଶେଷ ହୋଇଥିବା ଏହି ସମାରୋହରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଏସଏସ ରାୟଚୌଧୁରୀ, ମେକାନିକାଲ୍ ବିଭାଗର ସିଜିଏମ୍ ଡିକେ ପାଲୋ ବିଶେଷ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମ୍ୟାଚ୍‌ରେ ରୋଲିଂ ମିଲ୍ ଅଗ୍ନିଶମ ଷ୍ଟେସନ୍ ଦଳ ବିଜେତା ହୋଇଥିଲାବେଳେ କେନ୍ଦ୍ରୀୟ ଅଗ୍ନିଶମ ଷ୍ଟେସନ୍ ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ସମାରୋହରେ ସମ୍ମାନିତ କରାଯିବ ବୋଲି ଜଣାପଡିଛି। ଉଭୟ କାର୍ଯ୍ୟକ୍ରମରେ ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶାହବାଜ ଠାକୁର ସ୍ୱାଗତ କରିଥିବା ବେଳେ ଅଗ୍ନିଶମ ସେବା ବିଭାଗର ଡିଜିଏମ୍ ଏମ୍‌ଆଇ ସୋନକୁସାରେ ଧନ୍ୟବାଦ ଅର୍ପଣ କରିଥିଲେ। ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଦୀପ ରେଓ୍ୱ, ଲିଡିଂ ଫାୟାର ଅପରେଟର ଡିଡି ଜେନା ସଂଯୋଜନା କରିଥିଲେ। ପରେ ଅଗ୍ନିଶମ ସେବା ବିଭାଗ ପକ୍ଷରୁ ଏପ୍ରିଲ ୨ ତାରିଖରେ ସେଲ୍, ଆରଏସପି ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ମିଳିତଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ପ୍ରାୟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର, ଅଗ୍ନିଶମ ସେବା ବିଭାଗର ଜିଏମ ପିଏସ୍ ଠାକରେ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ସେହିପରି ୬ ଏପ୍ରିଲରେ ରାଉରକେଲା କ୍ଲବରେ ଅଗ୍ନିଶମ ସେବା ବିଭାଗର କର୍ମଚାରୀଙ୍କ ପାଇଁ ଏକ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୪୦ ବର୍ଷରୁ କମ୍, ୪୦ ବର୍ଷରୁ ଅଧିକ ଏବଂ ପୂର୍ବତନ କର୍ମଚାରୀଙ୍କ ପାଇଁ ତିନୋଟି ଭିନ୍ନ ବର୍ଗରେ ଅଧିକାରୀଙ୍କ ସମେତ ୨୫ରୁ ଅଧିକ କର୍ମଚାରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ସିଜିଏମ୍ (ଟ୍ରାଫିକ୍) କୌଶିକ ସୁନୟାନି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଗ୍ନିଶମ ସେବାର ଆସିଷ୍ଟାଣ୍ଟ ମ୍ୟାନେଜର ସୁଦୀପ ରେଓ୍ୱ ସଂଯୋଜନା କରିଥିଲେ। ୯ ଏପ୍ରିଲରେ ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ଅନଲାଇନ୍ କୁଇଜ୍ ପ୍ରତିଯୋଗିତାରେ ପ୍ଲାଣ୍ଟର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୧୬୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସିଜିଏମ୍(ଏଚ୍‌ଆର୍-ଏଲ୍ ଆଣ୍ଡଡି) ପିକେ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସିଜିଏମ୍ (ସୁରକ୍ଷା ଏବଂ ଅଗ୍ନିଶମ ସେବା) ହୀରାଲାଲ ମହାପାତ୍ର ଏବଂ ଜିଏମ୍ (ଅଗ୍ନିଶମ ସେବା) ପିଏସ୍ ଠାକରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମଧ୍ୟ ସୁଦୀପ ରେଓ୍ୱ ସଂଯୋଜନା କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ଗ୍ରାହକ ଆଲୋଚନା ଅଧିବେଶନ



ରାଉରକେଲା, ୧୧।୪(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମାଗମ ସମ୍ମିଳନୀ କକ୍ଷରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜଙ୍କ କାର୍ଯ୍ୟାଳୟ ଦ୍ୱାରା ଏକ ଗ୍ରାହକ ଆଲୋଚନା ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ବିଭିନ୍ନ ସଂସ୍ଥାର ୨୦ ଜଣ ସ୍ଥାନୀୟ ଗ୍ରାହକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିମାସ ସଡ଼କ ମାଧ୍ୟମରେ ପ୍ରେରଣକୁ ସାଂପ୍ରତିକ ପ୍ରାୟ ୫୦ ହଜାର ଟନ୍‌ରୁ ବୃଦ୍ଧି କରି ଏକ ଲକ୍ଷ ଟନ୍ ଚାଲାଣ ନିୟମିତ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଅତିଶ ଚନ୍ଦ୍ର ସରକାର ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାରେ ରାଉରକେଲା ସ୍ଥିତ ସିଏମଓର ଏସଆରଏମ ଏସ୍ ବାନାର୍ଜୀ, ବିଏମ ଦିନେଶ ବାବୁ, ସେଲ୍, ଏନପିଏମ ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ ଆରକେ ମୁଦୁଲି, ପିଏମ ଏବଂ ଏସ୍ପିପି ବିଭାଗର ସିଜିଏମ ଏତୱା ଓରାମ, ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ବିଜୟ କୁମାର, ଡେପୁଟି କମାଣ୍ଡାଣ୍ଟ ଏମ୍‌କେ ପାଠକ ଏବଂ ମିଲ୍ସ, ଆରସିଏଲ, ପିପିସିର ବହୁ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପିପି ଏଣ୍ଡ ସି ବିଭାଗର ଏଜିଏମ ଗ୍ଲୋରିଆ ପଣ୍ଡା କାଷ୍ଟର ୪ର କମିଶନିଂ ଭଳି ସଦ୍ୟତମ ବିକାଶ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉପସ୍ଥାପନା କରିଥିଲେ। ଏହା ସହିତ ଶ୍ରୀ ସରକାର ଗ୍ରାହକମାନଙ୍କର ସମସ୍ୟା ଉପରେ ଆଲୋଚନା କରିବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଚଳିତ ଆର୍ଥିକ ବର୍ଷରେ ମାସିକ ୧ ଲକ୍ଷ ଟନ୍ ପ୍ରେରଣ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ରାଉରକେଲା ସ୍ଥିତ ସିଏମଓର ଏସଆରଏମ ଏସ୍. ବାନାର୍ଜୀ ଗ୍ରାହକମାନଙ୍କୁ ସିଏମ୍‌ଓ ପକ୍ଷରୁ ସମସ୍ତ ପ୍ରକାରର ଆବଶ୍ୟକୀୟ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆରସିଏଲର ମ୍ୟାନେଜର ବିକେ ଗିରି ସଂଯୋଜନା କରିଥିଲେ।

# ଓଡ଼ିଆ ପକ୍ଷ ଉପଲକ୍ଷେ ରକ୍ତଦାନ ଶିବିର

ଲହୁଣୀପଡ଼ା,୧୧।୪(ସମିସ): ଓଡିଆ ପକ୍ଷ ପାଳନ ଉପଲକ୍ଷେ ଲହୁଣୀପଡ଼ା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଚୂଡାମଣୀ ସାହୁଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ନିହାର ରଞ୍ଜନ ମାହାନ୍ତ, ମୃତ୍ୟୁଞ୍ଜୟ ମାହାନ୍ତ, ଲକ୍ଷ୍ମଣ ତନ୍ତୀ, ଖେଳ ଶିକ୍ଷକ ଦୁର୍ଯ୍ୟୋଧନ ମାହାନ୍ତ, କର୍ମଚାରୀ ସରତ କୁମାର ମାହାନ୍ତ ଓ ଯଶୋବନ୍ତ ମାହାନ୍ତଙ୍କ ପରିଚାଳନାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବଣାଇଁଗଡ଼ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ଭଣ୍ଡାରର ଦାୟିତ୍ୱରେ ଥିବା ଡା. ଅନିରୁଦ୍ଧ ବେହେରାଙ୍କ ତତ୍ୱବଧାନରେ ଅଞ୍ଜନା ମାହାନ୍ତ, ଇନ୍ଦ୍ରମଣି ପ୍ରଧାନ, ରମାକାନ୍ତ ପାତ୍ର, ଭ୍ରମର ପାତ୍ର, ଏସ ସାବା ପ୍ରମୁଖ ସହଯୋଗ କରିଥିଲେ। ରକ୍ତଦାତା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।



# ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ରାଉରକେଲା,୧୧।୪(ସମିସ): ଶନିବାର ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍, ଏନ୍‌ସିସି, ଜାତୀୟ ସେବା ଯୋଜନା ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ସାମଲଙ୍କ ପୌରହିତ୍ୟରେ ହୋଇଥିଲା। ଏଥିରେ




ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପୁଲିସ ଅଧିକାରୀ ସୁମନ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଦତ୍ତ ଓଡ଼ିଶା ରାଜ୍ୟ ଗଠନ ଦିଗରେ ମଧୁବାବୁଙ୍କ ସମେତ ଫକୀର ମୋହନ ଭଳି ବରପୁତ୍ରମାନଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଦତ୍ତଙ୍କୁ ବନ୍ଦନୀୟ ବରପୁତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପିକା ରଜନୀ କିସାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ସୁଷମା ମୋଦି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, ଯୁବ ରେଡ୍‌କ୍ରସ୍ ସଂଯୋଜିକା ଡ. ସ୍ମୃତି ସ୍ନିଗ୍ଧା ମିଶ୍ର, ଜାତୀୟସେବା ଯୋଜନାର ସଂଯୋଜିକା ଡ. ସୋନିଆ, କ୍ରୀଡ଼ା ପ୍ରଶିକ୍ଷିକା କ୍ୟାପ୍‌ଟେନ ମୀନା ଦାସଙ୍କ ସମେତ ବରିଷ୍ଠ ଅଧ୍ୟାପିକା ବାସନ୍ତୀ କୁଜୁର, ଓଡ଼ିଆ ବିଭାଗର ଅଧ୍ୟାପକ ଡ. ମାନସ ମୁଖାର୍ଜୀ ଓ ପ୍ରିୟଙ୍କା କଂସାରୀ, ଅନ୍ୟତମ ଅଧ୍ୟାପକ ଡ. ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଗୁରୁବାର "ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଓଡ଼ିଆ ପୁସ୍ତକର ପ୍ରଦର୍ଶନୀ ଓ ବିକ୍ରୟ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତାଭାବେ ଅଧ୍ୟାପିକା ତଥା ସୁଲେଖିକା ମାହାଶ୍ୱେତା ସାହୁ ଯୋଗଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



ଲହୁଣୀପଡା,୧୧।୪(ସମିସ): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିସନ ପକ୍ଷରୁ ଶୁକ୍ରବାର ଲହୁଣୀପଡା ବ୍ଲକ୍ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଲହୁଣିପଡା ବ୍ଲକର ଭାରପ୍ରାପ୍ତ ବିଡିଓ ଅନୁରାଗ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକ, ଏବିଡିଓ ବିନୋଦ ଲାକ୍ରା, ଏଇଇ ସତ୍ୟବ୍ରତ ପଟନାୟକ, ବିଏସଏ ଡୋଳାମଣି ମାହାନ୍ତ ମଞ୍ଚାସୀନ ଥିଲେ। ଏପିଓ ବିଷ୍ଣୁ ମୋହନ ନାୟକ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ସରକାରୀ କର୍ମଚାରୀ, ଭିଆରପିଙ୍କ ସହ ସମସ୍ତ ସରପଞ୍ଚ, ସମିତିସଭ୍ୟ ଏବଂ ମେଟ, ହିତାଧିକାରୀ, ଜଙ୍ଗଲ, ମୃତ୍ତିକା, ହର୍ଟିକଲଚର, ପିବିଡିଏ ଏବଂ ସେରି କଲଚର ଭଳି ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ସରକାରୀସ୍ତରରେ ମନରେଗା ଯୋଜନାର ନାମକୁ ପରିବର୍ତ୍ତନ କରାଯାଇ ଭିବିଜି ରାମ ଜି ଯୋଜନା ମାଧ୍ୟମରେ ଏବେ ଶ୍ରମିକମାନଙ୍କ ୧୨୫ ଦିନର ଗ୍ୟାରେଣ୍ଟି କର୍ମନିଯୁକ୍ତି କାର୍ଯ୍ୟ ଗୁଡ଼ିକର ସୁପରିଚାଳନା ସହ ଠିକଣା କାର୍ଯ୍ୟ କରିବା ପାଇଁ ଆଲୋଚନା ହେବା ସହ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ରହିବା ଜରୁରି ବୋଲି କହିଥିଲେ। ଲେବର ପେମେଣ୍ଟ, ବିଭିନ୍ନ ଜାଗା ଗୁଡ଼ିକରେ ବିନା ଫଳକରେ ସରକାରୀ କାର୍ଯ୍ୟ କରାଯାଉଥିବା ଭଳି ଅଭିଯୋଗ ଆସିଥିବା ବେଳେ ଏଭଳି କାର୍ଯ୍ୟକୁ ମଞ୍ଚାସୀନ ଅଧିକାରୀମାନେ ନାପସନ୍ଦ କରିଥିଲେ। ଯେଉଁ ଯେଉଁ ଜାଗାରେ ଫଳକ ଲାଗିନାହିଁ ତୁରନ୍ତ ୭ ଦିନ ମଧ୍ୟରେ ଫଳକ ଲଗାଯାଇ ବ୍ଲକ୍‌କୁ ଫଟୋ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।



ସେକ୍ଟର-୧୩ ମେଳଣ ପଡିଆରେ 'କାନଭାସ' ପକ୍ଷରୁ ରାଉରକେଲା ଦିବସ ପାଳନ ଅବସରରେ ବଲିଉଡ କଣ୍ଠଶିଳ୍ପୀ ଶ୍ରଦ୍ଧା ମିଶ୍ରଙ୍କ ସଙ୍ଗୀତ ପରିବେଷଣ

# ନୂଆଦିଲ୍ଲୀରୁ ରାଉରକେଲାକୁ ଖୁବ୍‌ଶୀଘ୍ର ଉଡ଼ିବ ବିମାନ

ରାଉରକେଲା,୧୧।୪(ସମିସ): ଖୁବ୍‌ଶୀଘ୍ର ନୂଆଦିଲ୍ଲୀରୁ ରାଉରକେଲାକୁ ଉଡ଼ିବ ବିମାନ। ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ବିମାନ ବନ୍ଦର ପାଇଁ ଜମି ଦେବାକୁ ରାଉରକେଲା ଇସ୍ପାତ କାରଖାନା ସମ୍ମତି ପ୍ରକାଶ କରି ସାରିଛନ୍ତି। ଖୁବ୍‌ଶୀଘ୍ର ଆରଏସପି ଜମି ରାଜ୍ୟ ସରକାରଙ୍କୁ ଫେରାଇବେ। ପରେ ଏହା ଏଏଆଇ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବେ। ଆଉ ଏଏଆଇ କର୍ତ୍ତୃପକ୍ଷ ଖୁବଶୀଘ୍ର ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ଶନିବାର ସଂଧ୍ୟାରେ ସ୍ଥାନୀୟ ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ 'କାନଭାସ' ପକ୍ଷରୁ ଆୟୋଜିତ ରାଉରକେଲା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଏହି ଘୋଷଣା କରିଛନ୍ତି। ସେ ଆହୁରି କହିଛନ୍ତି, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ଖୁବଶୀଘ୍ର ହେବ। ଜମି ଅଧିଗ୍ରହଣ ନେଇ ଯେଉଁ ବିବାଦ ରହିଥିଲା ସେ ନେଇ ଜମି ହରାଉଥିବା ବାସୀନ୍ଦାଙ୍କ ସହ ଆଲୋଚନା ଚାଲିଛି। ଜମି ହରାଉଥିବା ପରିବାରଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯିବ। ଏହାସହ ପରିବାରର ଜଣଙ୍କୁ ଆରଏସପିରେ ନିଯୁକ୍ତି ମିଳିବ। ଯେଉଁମାନେ ଚାକିରି କରିବେ ନାହିଁ ସେମାନଙ୍କୁ ମଧ୍ୟ ଆକର୍ଷଣୀୟ ଅର୍ଥରାଶି ମିଳିବ ବୋଲି ଶ୍ରୀ ଓରାମ କହିଥିଲେ।

# ଏନ୍‌ଆଇଟି ପକ୍ଷରୁ ଧାନବାଦ ଆଇଆଇଟିରେ ଗବେଷଣା ଓ ବିକାଶ ମେଳା

ରାଉରକେଲା, ୧୧।୪(ସମିସ): ସ୍ୱଦେଶୀ ଉଦ୍ଭାବନର ପ୍ରଦର୍ଶନ ଏବଂ ଗବେଷଣା ପ୍ରଯୁକ୍ତି ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଏନଆଇଟି ରାଉରକେଲା ପକ୍ଷରୁ ଧାନବାଦ ଆଇଆଇଟିରେ ଏକ ପ୍ରମୁଖ ବାର୍ଷିକ ଗବେଷଣା ଏବଂ ବିକାଶ ମେଳା (ଆଇଏଲଭିଇଏନ-୨୦୨୬) ଆୟୋଜିତ ହୋଇଯାଇଛି। ଆଇଆଇଟି ଧାନବାଦରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଗବେଷକ ଏବଂ ଅଧ୍ୟାପକଙ୍କ ଦ୍ୱାରା ବିକଶିତ ଅତ୍ୟାଧୁନିକ ଗବେଷଣା, ଶିଳ୍ପ ପ୍ରସ୍ତୁତ ପ୍ରଯୁକ୍ତିବିଦ୍ୟା ଏବଂ ଅଭିନବ ସମାଧାନ ପ୍ରଦର୍ଶନ କରିବା ପାଇଁ ଦେଶବ୍ୟାପୀ ଅଗ୍ରଣୀ ଆଇଆଇଟି, ଏନଆଇଟି ଏବଂ ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକୁ ଏକତ୍ରୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏନ୍‌ଆଇଟି ରାଉରକେଲା ଦଳଗୁଡ଼ିକ ବିବିଧ ବିଷୟବସ୍ତୁ କ୍ଷେତ୍ରରେ ତିନୋଟି ଅଭିନବ ପ୍ରଯୁକ୍ତିବିଦ୍ୟା ଉପସ୍ଥାପନ କରିଥିଲେ। ଏନଆଇଟି ରାଉରକେଲାର କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଅନୁପ ନନ୍ଦୀଙ୍କ ଦ୍ୱାରା 'କୃତ୍ରିମ ବୁଦ୍ଧିମତ୍ତା'ର ବିଷୟବସ୍ତୁ କ୍ଷେତ୍ର ଅଧୀନରେ 'ଅଟିଜିମ୍ ଥିବା ପିଲାମାନଙ୍କ ପାଇଁ ଏଆଇ-ପାୱାର୍ଡ ଆସିଷ୍ଟିଭ୍ ରୋବୋଟିକ୍ ସିଷ୍ଟମ୍', 'ସାମଗ୍ରୀ ବିଜ୍ଞାନ'ର ବିଷୟବସ୍ତୁ କ୍ଷେତ୍ର ଅଧୀନରେ 'ପରିଚାଳକ ସୃଷ୍ଟି: ଇଲେକ୍ଟ୍ରୋକେମିକାଲ୍ ପ୍ରୟୋଗ ପାଇଁ ୩ ଡି ପ୍ରିଣ୍ଟେବଲ୍ କଣ୍ଡକ୍ଟିଂ ମ୍ୟାଟେରିଆଲ୍ସ' ଶୀର୍ଷକ ପ୍ରତିନିଧିତ୍ୱ କରାଯାଇଥିବା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ପନ୍ଥଦୀପ ଭଟ୍ଟାଚାରଜୀଙ୍କ ଦ୍ୱାରା 'କୃତ୍ରିମ ବୁଦ୍ଧିମତ୍ତା' ର ବିଷୟବସ୍ତୁ କ୍ଷେତ୍ର ଅଧୀନରେ, 'ସୋ-କନେକ୍ଟ: ଏସଏନଏନ-ଡିବିଏସସିଏଏନ ବ୍ୟବହାର କରି ସାମାଜିକ ନେଟୱାର୍କରେ ସ୍ତର-ୱାଇଜ୍ ସଂଯୋଗର ସୁପାରିଶ' ଶୀର୍ଷକ ଏକ ନୂତନ ପଦ୍ଧତି ଉପସ୍ଥାପିତ ହୋଇଥିଲା। ଏପ୍ରିଲ ୬ ଓ ୭ ତାରିଖରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ପରିଦର୍ଶକ ଏବଂ ବିଶେଷଜ୍ଞଙ୍କ ଠାରୁ ଅଂଶଗ୍ରହଣକୁ ଭଲ ପ୍ରତିକ୍ରିୟା ମିଳିଥିଲା। କାର୍ଯ୍ୟକ୍ରମରେ ଏନଆଇଟି ରାଉରକେଲା ନବସୃଜନ, ଗବେଷଣା ଅନୁବାଦ ଏବଂ ଭାରତର ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଅବଦାନରେ ଏହାର ନେତୃତ୍ୱ ପ୍ରଦର୍ଶନ କରିଥିଲା। ଯାହାକି ବେଶ୍ ପ୍ରଶଂସନୀୟ ହୋଇଥିଲା।



# ମୋବାଇଲ ମରାମତି ଦୋକାନରୁ ଚୋରି

ରାଉରକେଲା,୧୧।୪(ସମିସ): ରଘୁନାଥପାଲି ଥାନା ବାଲୁଘାଟଠାରେ ଥିବା ଏକ ମୋବାଇଲ ମରାମତି ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ମୋବାଇଲ ଭିଲା ନାମକ ମୋବାଇଲ ମରାମତି ଓ ଆସେସୋରିଜ୍ ଦୋକାନ ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ଦୋକାନ ଆଜବେଷ୍ଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିଲେ। ଶନିବାର ସକାଳେ ଦୋକାନ ଖୋଲିବା ପରେ ଚୋରି ସମ୍ପର୍କରେ ମାଲିକ ଜାଣିପାରିଥିଲେ। ୯ଟି ମୋବାଇଲ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ସେ ରଘୁନାଥପାଲି ଥାନାରେ ଅଭିଯୋଗ କରିଥିଲେ।

## ବାଲି ଚୋରାଚାଲାଣ ବେଳେ ଚଢ଼ଉ, ୪ ଟ୍ରାକ୍ଟର ଜବତ



କାଲିମେଲା, ୧୧।୪(ସମିସ): ମାଲକାନଗିରି ଜିଲ୍ଲା ଏମଭି -୭୯ ଥାନା ଅଧୀନ କୁଟୁମପଲ୍ଲୀ ନଦୀର ବିଭିନ୍ନ ଘାଟରୁ ବେଲଗାମ ବେଆଇନ ବାଲି ଚାଲାଣ ଚାଲିଥିବାବେଳେ ଆକ୍ସନ ମୋଡ଼ରେ ପୁଲିସ। ଏକାଧିକ ସ୍ଥାନରେ ଆତର୍କିତ ଚଢ଼ଉ କରି ୪ ଟ୍ରାକ୍ଟର ସମେତ ବାଲି ଉଠାଣ ସାମଗ୍ରୀ ଜବତ କରିଛି ଏମଭି -୭୯ ପୁଲିସ।

ସୂଚନା ମୁତାବକ ରାତି ସମୟରେ ବାଲି ମାଫିଆମାନେ ବେଧଡ଼କ ବାଲି ଲୁଟ୍ କରୁଥିବାର ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଏହି ଚଢ଼ାଉ କରିଥିଲା। ବାଲି ମାଫିଆଙ୍କ ଦୌରାତ୍ମ୍ୟ ରୋକିବା ପାଇଁ ଏଭଳି ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ଏହି ବେଆଇନ ବାଲି ଚାଲାଣ ଦୀର୍ଘଦିନ ଧରି ଚାଲିଆସୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ପୁଲିସ ଏହି କଡ଼ା ପଦକ୍ଷେପ ନେଇଛି। ଜବତ ହୋଇଥିବା ଯାନଗୁଡ଼ିକୁ ଥାନାକୁ ଅଣାଯାଇ ଆଗାମୀ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

### ଆଦର୍ଶ ଅବକାରୀ ବିଭାଗର ତାଲିବାନ ଶାସନ

## ଖୋଲାମେଲାରେ ବେଆଇନ ମଦ ବିକୁଛି ବେପାରୀ

ବିଷମ କଟକ, ୧୧।୪(ସମିସ)

ରାୟଗଡ଼ା ଜିଲ୍ଲା ବିଷମ କଟକ ଆଦର୍ଶ ଅବକାରୀ ଥାନାରେ ଆଦର୍ଶ ନୀତି। ଖୁଲମଖୁଲା ଚୋରା ମଦ ବେପାର କରୁଥିବା ବ୍ୟବସାୟୀଙ୍କୁ ମାଫ୍। ନିରୀହ ଉପରେ ଅତ୍ୟାଚାର। ଏଥିରେ ପ୍ରମାଣିତ ହେଉଛି ଯେ ବିଷମ କଟକ ଆଦର୍ଶ ଅବକାରୀ ଥାନାରେ ତାଲିବାନୀ ଶାସନ ଚାଲିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ବିଷମ କଟକ ଆଦର୍ଶ ଅବକାରୀ ଥାନାରେ। ଗତ କିଛି ଦିନ ତଳେ ଅବକାରୀ ବିଭାଗ ତରଫରୁ ହାଟମୁନିଗୁଡା ଗ୍ରାମ ପଞ୍ଚାୟତର ବକ୍ସି ଶିରିପୁର ଗ୍ରାମରେ ଅବକାର ବିଭାଗ ତରଫରୁ ଚଢ଼ଉ ହୋଇଥିଲା। ଏହି ଚଢ଼ଉରେ ସେହ ଗ୍ରାମର ଚୋରା ମଦ ବ୍ୟବସାୟୀ ଘରେ ଚଢ଼ଉ କରି ଅଧିକାରୀ ମାନେ ବିପୁଳ ପରିମାଣର ମଦ ଜବତ କରି ବ୍ୟବସାୟୀଙ୍କୁ ଗରିଫ କରି

**ନିରୀହଙ୍କ ନାମରେ ମାମଲା ରୁଜୁ**



କୋର୍ଟ ଚାଲାଣ କରିଥିଲେ। ଗତ ୯ତାରିଖରେ ଅବକାରୀ ଅଧିକାରୀ ଛବିଲାଲ୍ ତାଣ୍ଡି ବକ୍ସି ଶିରିପୁର ଗାଁର ଦିନବନ୍ଧୁ ସାହୁଙ୍କୁ ଉକ୍ତ ମାମଲାରେ ସାକ୍ଷୀ ଦସ୍ତଖତ କରିବା ନିମନ୍ତେ ବିଷମ କଟକ ଅବକାରୀ କାର୍ଯ୍ୟାଳୟକୁ ଡାକି ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଦେଇଥିଲେ। ଶ୍ରୀ ସାହୁ କୋର୍ଟରୁ ବେଲ୍‌ରେ ଆସିବା ପରେ ଅବକାରୀ ଅଧିକାରୀ ଶ୍ରୀ ତାଣ୍ଡି ତାଙ୍କ ନାମରେ ମିଥ୍ୟ ମାମଲା ରୁଜୁ କରିଥିବା ଅଭିଯୋଗ କରିଛନ୍ତି। ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ସହ ଏ ନେଇ ଯୋଗାଯୋଗ କରାଯିବାରେ କୌଣସି ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିବା ପୂର୍ବରୁ ଚୋରା ମଦ ନିର୍ଦ୍ଧାରିତ ପରିମାଣର ଜବତ ହେବା ନିତ୍ୟାନ୍ତ ଜରୁରୀ ବୋଲି ପ୍ରକାଶ କରିଛନ୍ତି। ନିରୀହ ଲୋକଙ୍କ ନାମରେ ମିଥ୍ୟ ମାମଲା ରୁଜୁ କରିବା ଏକ ନିନ୍ଦନିୟ ଘଟଣା ସାଙ୍ଗକୁ ଅବକାରୀ ବିଭାଗ ଲୋକଙ୍କ ବିଶ୍ୱସନୀୟତା ହରାଉଛି ବୋଲି ସେ କହିଛନ୍ତି। ସେ ବ୍ୟକ୍ତିଗତ ଭାବେ ଏହି ମାମଲାର ଯାଞ୍ଚ କରିବେ। ଯଦି ଦିନବନ୍ଧୁ ନିରୀହ ପ୍ରମାଣିତ ହେବେ, ତେବେ ତାଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି। ଦିନବନ୍ଧୁ ସାହୁ ହାଟମୁନିଗୁଡା ଗ୍ରାମ ପଞ୍ଚାୟତରେ ପିଅନ ଭାବେ କାର୍ଯ୍ୟରତ ରହିଥିବା ବେଳେ ତାଙ୍କ ନାମରେ ଅବକାରୀ ବିଭାଗ ଏପରି ମିଥ୍ୟ ମାମାଲା ରୁଜୁ କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳର ନିଶାନ୍ତ ପନଙ୍କା, ଶୁକାନ୍ତ ସେଠୀ, ଆଶାରାମ ବାଘ, ବଳଭଦ୍ର ରଣା, କୁନ୍ଟୁ ବେହେରା, ପିତାମ୍ବର ରଣା ପ୍ରମୁଖ ନିନ୍ଦା କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ମାଥିଲି, ୧୧।୪ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନ କୁତାପାଲି ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏକ୍ସ କେଡର ଶିକ୍ଷକ ସଂଘ ତରଫରୁ ପୂଜାରୀଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀସମ୍ବର ଦାସଙ୍କୁ ଅବସରକାଳିନୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ସଭାପତି ସୁନିଲ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଓ ଆରୟସୁ ଦାସ, ଉପ ସଭାପତି ଗୋବର୍ଦ୍ଧନ କୋପେ, ସମ୍ପାଦକ ରଘୁନାଥ ପଟଲା, କୋଷାଧକ୍ଷ ରଞ୍ଜନ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅବସରର ପ୍ରାପ୍ତ ଶିକ୍ଷକ ବିସମ୍ବର ଦାସଙ୍କ ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ଥିବା ଭୂମିକାକୁ ପ୍ରଶଂସା କରା ଯାଇଥିଲା। ପରେ ତାଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରା ଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଏ ରାମୁଡୁ, ନୀଳକଣ୍ଠ ବିଶୋୟୀ, ସମ୍ବନ୍ଧ ଧାରୁଆ, ବି ଚନ୍ଦ୍ର ଶେଖର ଚୈଧୁରୀ, ଗଙ୍ଗାଧର ବରଜା, ସୁଶିଳ ତନ୍ତୀ, ଲୁକୁନାଥ ମାଦ୍ରୀ, ଇନ୍ଦ୍ର ନାୟକଙ୍କ ସମେତ ଏକ୍ସ କ୍ୟାଡର ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପିଚୁ ରାସ୍ତା କାମରେ ଦୁର୍ନୀତି ଅଭିଯୋଗ



କାଲିମେଲା, ୧୧।୪(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ପୁସୁଗୁଡା ପଞ୍ଚାୟତ ଅନ୍ତର୍ଗତ ଏମ.ପି.ଭି-୫୫ ଛକରୁ ମାଲାଭାରମ୍ ପଞ୍ଚାୟତ ଛକ ପର୍ଯ୍ୟନ୍ତ ପ୍ରାୟ ୧.୮ କିମି ରାସ୍ତା କାମରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ରାସ୍ତା ନିର୍ମାଣ କାମ ଠିକ୍ ଭାବରେ ହୋଇନଥିବାରୁ କିଛି ଦିନ ମଧ୍ୟରେ ରାସ୍ତାର ଅନେକ ସ୍ଥାନରେ ଚିପ୍ସ ଗୋଡି ଉଠି ଯାଉଛି। ରାସ୍ତାରୁ ସମ୍ପୂର୍ଣ୍ଣ ଚିପ୍ସ ଉଠି ଏକାଠି ଠୁଳ ହୋଇଯାଉଛି। ଏମ.ପି.ଭି-୫୫, ଏମ.ଭି-୧୨୮, ଏ ମ.ଭି-୮୮ ଏହି ସବୁ ଗ୍ରାମକୁ ସଂଯୋଗ କରୁଥିବା ଓ ମାଲାଭାରମ୍‌କୁ ସଂଯୋଗ କରୁଥିବା ଏହି ରାସ୍ତାର କାମ କେବଳ ୨୦ ଦିନ ପୂର୍ବରୁ

**ଲୋକଙ୍କ ମଧ୍ୟରେ ଅସନ୍ତୋଷ**

ସମାପ୍ତ ହୋଇଥିବା ସତ୍ତ୍ୱେ ଏହାର ଗୁଣମାନ ନେଇ ଏବେ ପ୍ରଶ୍ନ ଉଠିଛି। ନିମ୍ନମାନର ସାମଗ୍ରୀ ବ୍ୟବହାର ସହ ଠିକ୍ ନିୟମ ନମାନି କାମ ହୋଇଥିବା ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପିଚୁ ମାତ୍ରା ଅତି କମ ଥିବାରୁ ରାସ୍ତା ତମାମ ଚିପ୍ସ ଖେଳେଇ ଯାଇଛି ଯାହାକି ଦୁଇ ଚକିଆ ଯାନ ପାଇଁ ଦୁର୍ଘଟଣା ଗ୍ରସ୍ତ ହେବାର ସମ୍ଭାବନା ବଢ଼ାଉଛି ବୋଲି କୁହାଯାଉଛି। ବିନା କୌଣସି ନାମ ଫଳକରେ କାର୍ଯ୍ୟ କରାଯିବା ବିଭାଗର କାର୍ଯ୍ୟ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ କାମର ଗୁଣମାନ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଞ୍ଚଳବାସୀ କହିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇଛନ୍ତି।

## ଭାଟିଗୁଡା ସାହିରେ ଚାରାରୋପଣରେ ଦୁର୍ନୀତି ଅଭିଯୋଗ

**• ଲିଖିତ ଜବାବ ରଖିଲେ ବନାଞ୍ଚଳ ଅଧିକାରୀ**

ମାଥିଲି, ୧୧।୪ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବନାଞ୍ଚଳରେ କମ୍ପା ଯୋଜନା ମାଧ୍ୟମରେ କୁଲାବେଡା ଗ୍ରାମର ଭାଟିଗୁଡା ସାହିରେ ଚାରାରୋପଣ ହୋଇଛି। ବୃକ୍ଷରୋପଣ କାର୍ଯ୍ୟ କରୁଥିବା ମହିଳା ମାନଙ୍କୁ ୨୫୦ ଓ ପୁରୁଷ ମାନଙ୍କୁ ୩୦୦ ଟଙ୍କା ଲେଖାଏଁ ମଜୁରୀ ପ୍ରଦାନ ବନ ବିଭାଗର କର୍ମଚାରୀ କରିଛନ୍ତି। ଯାହାକୁ ନେଇ ସମ୍ପୃକ୍ତ ଶ୍ରମିକ ମାନେ କମ୍ ମଜୁରି ଦେଇଥିବା ଅଭିଯୋଗ କରିଥିଲେ। ତାହା ଗତ ୮ ତାରିଖରେ 'ସକାଳ' ଏ ନେଇ ରିପୋର୍ଟ ପ୍ରକାଶ ପାଇଥିଲା।

ଖବର ପ୍ରକାଶ ପାଇବା ପରେ ଆଜି ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ହ୍ୱାଟ୍ସଆପ୍ ମାଧ୍ୟମରେ ଲିଖିତ ରୂପେ ବିଭିନ୍ନ ତଥ୍ୟ ଦେଇ ପ୍ରକାଶ କରିଛନ୍ତି ଯେ, ମାଥିଲି ଭାଟିଗୁଡା ହେଉ ବା ଟେମରୁପଲ୍ଲୀ। କୌଣସି ସ୍ଥାନରେ ପ୍ଲାଣ୍ଟେସନରେ ବାଡ଼ କରିବା ପାଇଁ ସରକାର ଅର୍ଥ ମଞ୍ଜୁର କରିନାହାନ୍ତି। ଏପରି ସ୍ଥିତିରେ ବାଡ଼ ପଇସା ଖାଇବାର ପ୍ରଶ୍ନ ଉଠୁନୀ ବୋଲି ସେ ପ୍ରକାଶ କରିଛନ୍ତି। ସେଇପରି ଟେମ୍ବୁରୁପଲ୍ଲୀ ପ୍ଲାଣ୍ଟେସନ ୫୦.୦ ହେକ୍ଟର। କିନ୍ତୁ, ୫୦.୦ ହେକ୍ଟର ମଧ୍ୟରେ ସରକାରଙ୍କ ନିୟମ ଅନୁଯାଇ ୧୫.୬ ହେକ୍ଟର ଏରିଆରେ ଚାରା ରାପଣ କରିବା ନିୟମ ପ୍ରକାରେ ୨୫୦୦୦ ସଂଖ୍ୟାରେ ଗଛ ଲାଗିଛି। ସେହିପରି ଭାଟିଗୁଡା ମଧ୍ୟ ବାଡ଼ର କୌଣସି ନିୟମ ନାହିଁ। ଏବଂ ସେଠାରେ ମଧ୍ୟ ୩୦.୦ ହେକ୍ଟରରୁ ୯.୦ ହେକ୍ଟର ସ୍ଥାନରେ ୧୫୦୦୦ ସଂଖ୍ୟାରେ ଚାରା ରୋପଣ କରାଯାଇଛି। ତେବେ ସେ ଏହି ଗଛ ଲଗା ସ୍ଥାନରେ ଯାଇ ତଦନ୍ତ କରିବାକୁ ମଧ ପରାମର୍ଶ ଦେଇଛନ୍ତି। ସେହିପରି କମ୍ ମଜୁରୀ ସମ୍ବନ୍ଧରେ ସେ ପ୍ରକାଶ କରିଛନ୍ତି ଯେ, ଦାୟିତ୍ୱରେ ଥିବା ବନପାଳ କହିଛନ୍ତି କମ କାମ ପାଇଁ କମ ମଜୁରି ଦେବା ପାଇଁ ସରକାରଙ୍କ ନିୟମ ରହିଛି। ୮ ଘଣ୍ଟା କାମ ପାଇଁ ୪୬୨ ଟଙ୍କା ଦେବା ନିୟମ ରହିଛି। କିନ୍ତୁ ସେମାନଙ୍କୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଛି ୮ ଘଣ୍ଟା କାମରେ ଲଗାଇ ପଇସା ଦେବା ନିମନ୍ତେ। ଯଦି ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତଦନ୍ତ କରିବେ ତେବେ ସମସ୍ତ ଚିତ୍ର ସ୍ପଷ୍ଟ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗୁଣୁପୁରରେ ବିନୋବାଭୂଦାନ ସ୍ମୃତି ବିଚାର ଯାତ୍ରା

ଗୁଣୁପୁର, ୧୧।୪(ସମିସ): ବିଚାର ପ୍ରବାହ କମିଟି ଦ୍ୱାରା ଆୟୋଜିତ ଭୂଦାନ ସ୍ମୃତି ବିଚାର ଓ ସଦ୍ ଭାବନା ଯାତ୍ରା ମାର୍ଚ୍ଚ ୨୫ ଠାରୁ ଆରମ୍ଭ ହୋଇ ତାମିଲନାଡୁର ପୋଚମପଲ୍ଲି ଠାରେ ୧୮ ଏପ୍ରିଲ ଭୂକ୍ରାନ୍ତୀ ଦିବସରେ ସମାପନ ହେବାର ଅଛି। ଏହି ଯାତ୍ରା ସୁଦୂର ସହାଜାହାନପୁର ଉତ୍ତରପ୍ରଦେଶ ବିନୋବା ସେବାଶ୍ରମର ପ୍ରତିଷ୍ଠାତା ବିନୋବାଙ୍କ ପଟ୍ଟଶିଷ୍ୟ ଅନୁଗାମୀ ସମାଜସେବୀ ରମେଶ ଭାଇଜୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ତାଙ୍କ ସହ ସମାଜସେବୀ ରାକେଶ କୁମାର ପାଣ୍ଡେ, ସେବା ଗ୍ରାମର ସମାଜସେବୀ ଜଳନ୍ଦ୍ରନାଥ ଏବଂ ହରିୟାଣାର ରାଜେନ୍ଦ୍ର ଭାଇଜୀ ଆସି ଗୁଣପୁରରେ ପହଞ୍ଚିଥିଲେ। ସେବା ସମାଜ କାର୍ଯ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସେହି ସଭାରେ ବରିଷ୍ଠ ଆଇନଜୀବୀ ଫଣିଭୁଷଣ ପଟନାୟକ, ଆଇନଜୀବୀ ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ, ସେବା ସମାଜର ସଭାପତି ମାୟା ଶବର, ଏବଂ ଯାତ୍ରାରେ ଆସିଥିବା ଅତିଥି ମଞ୍ଚାସିନ ରହି ଆସିଥିବା ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାଟିକୁ ସମାଜସେବୀ ଉମାଶଙ୍କର ଦାଶ ପରିଚାଳନା କରିଥିଲେ। ରାକେଶ ଭାଇଜୀ ଯାତ୍ରାରେ ଆସିଥିବା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଜେଷ୍ଠ ରମେଶ ଭୂଦାନ ଏବଂ ସଦ୍‌ଭାବନା ଯାତ୍ରା ଠାରୁ ଆରମ୍ଭ କରି ଶିକ୍ଷା, ନାରୀ ଶିକ୍ଷା ଆଜିର ସମାଜରେ ରେ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଯୁବନେତା ରାମ ପଣ୍ଡା, ଆମର ସହୁ, ପି ରବି, ଚିନ୍ମୟ ପାଣିଗ୍ରାହୀ, ଶିକ୍ଷକ, ସୁସାହିତିକ ରମେଶ ମିଶ୍ର ସେବା ସମାଜର ସମସ୍ତ କର୍ମୀ ଯୋଗ ଦେଇଥିଲେ। ଶେଷରେ ଆଇନଜୀବୀ ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ରମେଶ ଭାଇଜୀ ଏବଂ ସାଥୀ ଆମ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ପୀଠ ବାଇରୁ ଗମାଙ୍ଗ ଆଶ୍ରମରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ସ୍ମୃତିସଭା ରଖିଥିଲେ। ସେହି ସଭାରେ ୧୯୫୫ରେ ବିନୋବାଙ୍କ ୧୧ ଦିନର ରହଣି ସମୟର ପୁରା ବୃତ୍ତାନ୍ତ।




## ଆମ୍ବେଦକର ଯୁଥ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ମୁନିଗୁଡା, ୧୧।୪(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଇନ୍ଦିରାପଡ଼ାରେ ଆମ୍ବେଦକର ଯୁଥ କ୍ଲବ ପକ୍ଷରୁ ଏକ ବିଶାଳ ଓ ଆକର୍ଷଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତା ୮ ଦିନ ଧରି ୧୬ଟି ଟିମ୍‌ଙ୍କୁ ନେଇ ଆୟୋଜିତ ହେଉଛି। ଅଞ୍ଚଳରେ ଖେଳ ପ୍ରତି ନୂତନ ଉତ୍ସାହ ସୃଷ୍ଟି କରିଛି। ଉଦଘାଟନୀ ଉତ୍ସବରେ ବେଦାନ୍ତ ଆଲୁମିନା ପ୍ରକଳ୍ପର ବହିର ବିଭାଗର ଡେପୁଟି ହେଡ୍ ଭଗବାନ ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ବେଦାନ୍ତ କମ୍ପାନୀର ବହିର ବିଭାଗ ଅଧିକାରୀ କିରଣ କିଶୋର ପଟନାୟକ ଓ ପ୍ରତଖ୍ୟା ଦେବୀ, ବି. ତ୍ରିପତି ପାତ୍ର, ଅମ୍ବାଦଳାର ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ଶ୍ରୀଧର ସାହୁ, ସୁବାସ ସେନାପତି, ବିନୋଦ ସାହୁ ଓ ଦେବୀ ପ୍ରସାଦ ମୁଖାର୍ଜୀ ଓ ଜୁଗୁନା ବାତ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଅତିଥି ପରିଚୟ ହୋଇଥିବା ସହ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ଆମ୍ବେଦକର ଯୁଥ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ବାବା ସାହେବ ଡ. ବି.ଆର୍. ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଉଦଘାଟନ କରାଯାଇଥିଲା। ମୁଖ୍ୟ ଅତିଥି ଭଗବାନ ହୋତାଙ୍କ ସମେତ ସାମ୍ମାନିତ ଅତିଥି ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ ଓ ଶ୍ରୀଧର ସାହୁଙ୍କ ଉପସ୍ଥିତିରେ ରିବନ କଟି ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ବିଶ୍ୱନାଥପୁର ଓ ଜାମକେହେଜୁ ମଧ୍ୟରେ ହୋଇଥିବା ରୋମାଞ୍ଚକ ମ୍ୟାଚ୍ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ବିଶ୍ୱନାଥପୁର ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତାରେ ଡ୍ରାଭିଡ କରକରିଆ ଓ ଜଗା କୋଶଲିଆ ଆମ୍ପାୟର ଭାବେ ଦାୟିତ୍ୱ ନିଭାଇ ମ୍ୟାଚ୍‌ଗୁଡ଼ିକୁ ସୁଚାରୁ ଭାବେ ପରିଚାଳନା କରିଥିଲେ।



**• ୮ ଦିନ ଧରି ୧୬ ଟିମ୍‌ଙ୍କ ମଧ୍ୟରେ ମୁକାବିଲା**
**• ପ୍ରଥମ ମ୍ୟାଚ୍‌ରେ ବିଶ୍ୱନାଥପୁର ବିଜୟୀ**

## ଗ୍ରାମାଞ୍ଚଳ ଲୋକଙ୍କୁ ମିଳିଛି ଉତ୍କଳ ହସପିଟାଲ୍‌ର ଉନ୍ନତ ଚିକିତ୍ସା

### ୪୭୦ ଗ୍ରାମର ୫୭ ହଜାର ଲୋକ ଉପକୃତ

ରାୟଗଡ଼ା, ୧୧।୪ (ସମିସ)

ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନସ୍ଥ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସ୍‌ନାଲ ଲିମିଟେଡ (ୟୁଏଆଇଏଲ୍) ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃସୁଦୃଢୀକରଣ କରି ରାୟଗଡ଼ା ଜିଲ୍ଲାର ଟିକିରି (ଓଷାପଡ଼ା) ଠାରେ ଉତ୍କଳ ହସ୍‌ପିଟାଲର ସଫଳ ପରିଚାଳନା ଜରିଆରେ ଦକ୍ଷିଣ ଓଡ଼ିଶାରେ ସ୍ୱାସ୍ଥ୍ୟସେବାକୁ ନିରନ୍ତର ସୁଦୃଢ କରିଛି। ଦୁର୍ଗମ ଅଞ୍ଚଳ ଓ ଗ୍ରାମାଞ୍ଚଳର ଜନସମୁଦାୟଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସ୍ଥଳରେ ପରିଣତ ହୋଇଛି। ୟୁଏଆଇଏଲ୍‌ର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରୟାସ 'ପ୍ରୋଜେକ୍ଟ ଆରୋଗ୍ୟମ୍ ୦୧'ର ଏକ ମାଇଲଖୁଣ୍ଟ ଭାବରେ ସେବା ଯୋଗାଉଥିବା ଉତ୍କଳ ହସପିଟାଲ ସମଗ୍ର ଓଷାପଡ଼ା, ଟିକିରି, କାଶୀପୁର, ରାୟଗଡ଼ ଏବଂ କୋରାପୁଟ ଜିଲ୍ଲାର କେତେକ ଭାଗରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଯୋଗାଇ ଦେଉଛି। ନୂଆପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ସହିତ ସମନ୍ୱୟ ରକ୍ଷାକରି ଏହି ହସ୍‌ପିଟାଲ ପ୍ରତିମାସରେ ପ୍ରାୟ ୭, ୫୦୦ ରୋଗୀଙ୍କର ଚିକିତ୍ସା କରୁଛି। ଆଉ ପ୍ରାୟ ୨, ୫୦୦ ରୋଗୀ କମ୍ପାନୀ ଦ୍ୱାରା ପରିଚାଳିତ ଫାଷ୍ଟ ଏଡ୍ ସେଣ୍ଟର ଜରିଆରେ ସ୍ୱାସ୍ଥ୍ୟସେବା ପାଉଛନ୍ତି।"୨୨ ଶଯ୍ୟା ବିଶିଷ୍ଟ ଉତ୍କଳ ହସପିଟାଲ ଚବିଶ ଘଣ୍ଟିଆ ସ୍ପେଶାଲିଷ୍ଟ ଯନ୍ତ୍ର ଯୋଗାଇ ଦେଉଛି ଏବଂ ଅବଷ୍ଟେଟ୍ରିକ୍ସ ଆଣ୍ଡ ଗାଏନାକୋଲୋଜି (ଓ ଆଣ୍ଡ ଜି), ମେଡିସିନ, ସର୍ଜରୀ, ଆନାସ୍ଥେସିଆ, ପେଡ଼ିଆଟ୍ରିକ୍ସ



ଆଦି ବିଭାଗର ଅଭିଜ୍ଞ ଡାକ୍ତରଗଣ ତଥା ଅର୍ଥୋପେଡ଼ିକ୍ସ ଓ ଜେନେରାଲ ଫିଜିସିଆନ୍ ସର୍ଭିସେସ୍ ଏହାକୁ ସମର୍ଥନ ଯୋଗାଇ ଦେଉଛନ୍ତି। ଇଏନ୍‌ଟି, ଡେଣ୍ଟାଲ, ଡର୍ମାଟୋଲୋଜି ଏବଂ ଅର୍ଥୋପେଡ଼ିକ୍ସରେ ଭିଜିଟିଂ ସ୍ପେଶାଲିଷ୍ଟଗଣ ବହୁଶୃଙ୍ଖଳା ଚିକିତ୍ସା ବିଦ୍ୱତା ରୋଗୀମାନଙ୍କ ନିମନ୍ତେ ଉପଲବ୍ଧ ହେବା ସମର୍ଥ କରାଉଛନ୍ତି। "ଏହି ପ୍ରୟାସସମୂହ ସମ୍ପର୍କରେ ମତ ଦେଇ ୟୁନିଟ୍ ହେଡ, ୟୁଏଆଇଏଲ୍ ରବି ମିଶ୍ର କହିଥିଲେ, "ସ୍ୱାସ୍ଥ୍ୟସେବା ହେଉଛି ଦୀର୍ଘସ୍ଥାୟୀ ଗୋଷ୍ଠୀ ବିକାଶର ଅନ୍ୟତମ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ପ୍ରୋଜେକ୍ଟ ଆରୋଗ୍ୟମ୍ ୦୧ ଜରିଆରେ ଉତ୍କଳ ହସପିଟାଲ ଦୁର୍ଗମ ଅଞ୍ଚଳଗୁଡିକରେ ବାସ କରୁଥିବା ଜନସାଧାରଣଙ୍କ ନିକଟରେ ଗୁଣାକେ ଚିକିତ୍ସା ସୁବିଧା ପହଞ୍ଚାଇବା ସୁନିଶ୍ଚିତ କରୁଛି। ୟୁଏଆଇଏଲ୍ ମୋବାଇଲ ହେଲ୍‌ଥ ୟୁନିଟ୍ (ଏମ୍‌ଏଚୟୁ) ଏବଂ ଦୁଇଟି ଆଡଭାନ୍ସଡ ଲାଇଫ ସପୋର୍ଟ ଆମ୍ବୁଲାନ୍ସ, ତିନିଟି ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଏବଂ ଗୋଟିଏ ହିଅରସେ ଭ୍ୟାନ ପରିଚାଳନା କରୁଛି। ଏଗୁଡିକ ଏକତ୍ରିତ ଭାବରେ ୪୭୦ରୁ ଅଧିକ ଗ୍ରାମରେ ଜରୁରୀକାଳୀନ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଉଛନ୍ତି। ଏହି ପ୍ରୟାସଗୁଡିକ ସମ୍ପ୍ରତି ରାୟଗଡ଼, କୋରାପୁଟ ଏବଂ କଳାହାଣ୍ଡି ଆଦି ଜିଲ୍ଲାଗୁଡିକରେ ପ୍ରାୟ ୫୭, ୦୦୦ ଲୋକଙ୍କୁ ସେବା ଯୋଗାଇ ଦେଉଛି। ଟିକିରିର ଜଣେ ଗ୍ରାମବାସୀ କୈଳାସ ମାଝୀ ନିକଟରେ ଉତ୍କଳ ହସପିଟାଲ ରହିଥିବାରୁ ହାତ ପାଆନ୍ତାରେ ଭଲ ଡାକ୍ତର, ରୋଗ ନିରୂପଣକାରୀ ସୁବିଧା ଏବଂ ଜରୁରୀକାଳୀନ ଆମ୍ବୁଲାନ୍ସ ସମର୍ଥନ ପାଇପାରୁଛୁ ବୋଲି କହିଛନ୍ତି।

## ବଂଶଧାରା ଉପର ମୁଣ୍ଡରେ ପ୍ରକଳ୍ପ ଦାବି

ଗୁଣୁପୁର, ୧୧।୪(ସମିସ): ଆନ୍ଧ୍ରର କାଟ୍ରାଗାଡ଼ା ଫେଜ -୨ ପ୍ରକଳ୍ପକୁ ସୁପ୍ରିମକୋର୍ଟ କୋର୍ଟ ଟ୍ରିବୁନାଲ ଟିମ୍ ସବୁଜ ସଂକେତ ଦେବା ପରେ ରାୟଗଡ଼ା ଜିଲ୍ଲା ଗୁଡାରୀ ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ ପାଇଁ ଦାବି ଜୋର୍ ଧରିଛି। ଏହି ଅବସରରେ ଆଜି ସିପିଆଇ (ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଆନ୍ଧ୍ରର ପ୍ରକଳ୍ପ ଅଞ୍ଚଳ ବୁଲି ଅନୁଧ୍ୟାନ କରିଛନ୍ତି। ଏହି ଟିମ୍‌ରେ

**ସିପିଆଇ(ଏମଏଲ) ଲିବରେସନର ଅନୁଧ୍ୟାନ**

ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଅଶୋକ ପ୍ରଧାନ, ମହେନ୍ଦ୍ର ପରିଡ଼ା, ଅନାସିମ ଶବର, ବୃନ୍ଦାବନ ବିଡିକା ଓ ଅନ୍ୟାନ୍ୟ ସଦସ୍ୟ ମାନେ ଆନ୍ଧ୍ର ପ୍ରଦେଶର ନେରେଡି ବେରେଜ ଅଞ୍ଚଳକୁ ଗ୍ରସ୍ତ କରିଥିଲେ। ନେରେଡି ବଂଶଧାରା ଅବବାହିକା ବାସିନ୍ଦା ତଥା ବଂଶଧାରା ନଦୀ ବିବାଦରେ କେନ୍ଦ୍ର ଭାଜପା ସରକାର କ୍ରମାଗତ ଭାବେ ଅନ୍ୟାୟ କରିଚାଲିଛନ୍ତି। ନିଜ ରାଜନୈତିକ ସ୍ୱାର୍ଥ ସାଧନ ଲାଗି ଭାଜପା ସରକାର ସବୁବେଳେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପ୍ରତି ସମ୍ବେଦନଶୀଳ ରହି ଆସିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା କାରଣରୁ ବଂଶଧାରା ଟ୍ରିବୁନାଲରେ ଓଡ଼ିଶାର ପକ୍ଷ ଦୁର୍ବଳ ହୋଇ ପଡ଼ିଛି। ରାଜ୍ୟରେ ବିଜେଡି ସରକାର ଶାସନ ଥିବା ବେଳେ ପ୍ରତ୍ୟେକ ଜଳସେଚନ ପ୍ରକଳ୍ପ ଓ ନଦୀ ଜଳ ସୁରକ୍ଷା ଦିଗରେ ଦୂରଦର୍ଶୀ ଲକ୍ଷ୍ୟ ଓ ଓଡ଼ିଶା ବାସୀଙ୍କ ସ୍ୱାର୍ଥର ହିତ ଚିନ୍ତା କରିଥିବା କାରଣରୁ ଅନେକ ପଦକ୍ଷେପ ନେଇଛନ୍ତି। ବିଶେଷ କରି ବଂଶଧାରା ଜଳ ବିବାଦର ସ୍ଥାୟୀ ସମାଧାନ ନିମନ୍ତେ କୌଣସି ବଡ଼ ନଦୀର ଉପରମୁଣ୍ଡରେ ବଡ଼ ପ୍ରକଳ୍ପ କରିବା ଦ୍ୱାରା କେନ୍ଦ୍ରର ଅନୁମତି ଆବଶ୍ୟକ ପଡୁଥିବା କାରଣରୁ ଏହାକୁ ଏଡାଇ ବଂଶଧାରା ନଦୀ ଜଳରେ ଓଡ଼ିଶାର ୫୦ ପ୍ରତିଶତ ଜଳ ହକକୁ କାର୍ଯ୍ୟରେ ଲଗାଇ ଛୋଟ ଛୋଟ ପ୍ରକଳ୍ପ ଦ୍ୱାରା ବଂଶଧାରା ଅବବାହିକା ଚାଷୀ, ଜନତା ଓ ପରିବେଶ ସୁରକ୍ଷା ନିମନ୍ତେ ଯୋଜନା କରି ପ୍ରାୟ ୧୨୦୦ କୋଟି ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ବର୍ତ୍ତମାନ ଭାଜପା ସରକାର ଆନ୍ଧ୍ରପ୍ରଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଉକ୍ତ ପ୍ରକଳ୍ପକୁ ଶୀତଳ ଭଣ୍ଡାରରେ ଫୋପାଡି ଦେବା ଦୁର୍ଭାଗ୍ୟଜନକ ଅଟେ। ଆଜି ସିପିଆଇ (ଏମ ଏଲ) ପକ୍ଷରୁ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି ଯେ ରାଜ୍ୟ ସରକକ୍ଷର ଟାଳ ଟୁଳ ନୀତି ଛାଡି ବଂଶଧାରା ଅବବାହିକାର ଜନ ସାଧାରଣ, ଚାଷୀଙ୍କ ଓ ପରିବେଶ ସୁରକ୍ଷା ନିମନ୍ତେ ନଦୀର ଉପରମୁଣ୍ଡରେ ସ୍ଥାୟୀ ନଦୀବନ୍ଧ ଯୋଜନା କରାଯାଉ। ନହେଲେ ସିପିଆଇ(ଏମଏଲ) ଲିବରେସନ ଗୁଣପୁର ମାଟି ପାଇଁ ଜୀବନ ଦେଇ ଲଢେଇ କରିବ ବୋଲି କୁହାଯାଇଛି।



**ଝାରସୁଗୁଡ଼ା ପୌରପାଳିକାର କାଉନସିଲ୍ ବୈଠକ**

# ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ବୃଦ୍ଧାଶ୍ରମ, ସୁଏଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିଷ୍ପତ୍ତି

ଝାରସୁଗୁଡ଼ା, ୧୧।୪(ସମିସ)




ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଆଜି ପୌର ଅଧ୍ୟକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ୧୯ତମ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ବଲବିନ୍ଦର ସିଂ ଏବଂ ସାଂସଦଙ୍କ ପ୍ରତିନିଧି ନେତାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ସହରର ସମସ୍ତ ନର୍ଦ୍ଦମା ସଫା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ସହରର ବିଭିନ୍ନ ସ୍ଥାନରେ ଥିବା ଫାଉଣ୍ଟେନ୍ ବା ଝରଣାଗୁଡ଼ିକର ମରାମତି ଏବଂ ସମସ୍ତ ୱାର୍ଡରେ ଆବଶ୍ୟକୀୟ ଆଲୋକ ବ୍ୟବସ୍ଥାର ଆକଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟ୍ରାଫିକ ପୋଲିସ ଓ ପଥିକମାନଙ୍କ ପାଇଁ ଅସ୍ଥାୟୀ ଟ୍ରାଫିକ ସେଡ୍ ନିର୍ମାଣ କରିବାକୁ ମଧ୍ୟ ସ୍ଥିର କରାଯାଇଛି। ସହରର ଭିତ୍ତିଭୂମି ଓ ପରିବେଶ ସୁରକ୍ଷା ପାଇଁ କେତେକ ବୈପ୍ଳବିକ ପଦକ୍ଷେପ ଉପରେ ମୋହର ବାଜିଛି। ଝାଡ଼େଶ୍ୱର ମନ୍ଦିର ନିକଟରେ ଏକ ସୁଏଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ, ପୁରୁଣାବସ୍ତି ଜଳାଶୟର ପୁନରୁଦ୍ଧାର ଏବଂ ଡମ୍ପିଂ ୟାର୍ଡକୁ ଏକ ସବୁଜ ବଳୟରେ ପରିଣତ କରିବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସର୍ବୋହାଲ ହାଇସ୍କୁଲ, ମନମୋହନ ସ୍କୁଲ ଏବଂ ଇଞ୍ଜିନିୟରିଂ ସ୍କୁଲ ନିକଟରେ ଥିବା ଖୋଲା ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ବିକାଶ କରାଯିବ। ଆଧୁନିକ ଜୀବନଶୈଳୀକୁ ଆଖିରେ ରଖି ସହରରେ ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ ପାଇଁ ମଧ୍ୟ ଯୋଜନା ରହିଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ପଞ୍ଚପଡ଼ାଠାରେ ଏକ ୭୫ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ପ୍ରତିଷ୍ଠା ଏବଂ ସହରର ଭୂମିହୀନ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇଦେବା ପାଇଁ ଆଲୋଚନା ହୋଇଥିଲା। ଏହା ବ୍ୟତୀତ, ସହରର ବିଭିନ୍ନ ସ୍ଥାନରେ ରାସ୍ତା ଓ ନାଳ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବିଶେଷ ଭାବେ ବେଦାନ୍ତ ସମେତ ଅନ୍ୟାନ୍ୟ ପ୍ରତିଷ୍ଠାନରୁ ବକେୟା ଟିକସ ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଛି। କାଉନସିଲ୍ ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ପ୍ରାୟ ୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଦାଖଲ

**ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୫ କୋଟିର ପ୍ରକଳ୍ପ ପାଇଁ ପ୍ରସ୍ତାବ ଆହ୍ୱାନ**

କରିବାକୁ ପରାମର୍ଶ ଦିଆଯାଇଛି। ଶେଷରେ, ପୌରପାଳିକାରେ ଥିବା କର୍ମଚାରୀ ଅଭାବ ଦୂର କରିବା ଏବଂ ୨୦୨୮ ସୁଦ୍ଧା ଅବସର ନେବାକୁ ଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମସ୍ତ ୱାର୍ଡର କାଉନସିଲର ଓ ପୌରପାଳିକାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୫ କିଲୋ ଗଞ୍ଜେଇ ଜବତ; ୨ ଗିରଫ

**ଝାରସୁଗୁଡ଼ା, ୧୧।୪(ସମିସ):** ଝାରସୁଗୁଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମୋଟ ତିନି ଗୋଟି ମାମଲା ରୁଜୁ କରାଯାଇଥିବା ବେଳେ ୨୫ କେଜି ୯୮୦ ଗ୍ରାମ ଗଞ୍ଜେଇ ଜବତ କରାଯାଇ ୨ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଏବଂ କିର୍ମିରା ଅବକାରୀ ଥାନା ତରଫରୁ ଝାରସୁଗୁଡା ରେଲୱେ ଷ୍ଟେସନ ଓ କିର୍ମିରା ଗ୍ରାମରେ ଚଢ଼ଉ କରାଯାଇ ସମୁଦାୟ ୨୫ କେଜି ୯୮୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ କିର୍କିଛିପାଲି ଗ୍ରାମର ରଘୁନାଥ ନାଗ ଓ କିର୍ମିରା ଗ୍ରାମର ମୁକ୍ତେଶ୍ୱର ବେହେରାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି।

## ୬୫ ସିଲିଣ୍ଡର ଜବତ; ୨ ଗିରଫ



**ଝାରସୁଗୁଡା, ୧୧।୪(ସମିସ):** ବ୍ରଜରାଜନଗର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଏଲପିଜି ଗ୍ୟାସ କଳାବଜାରି ପାଇଁ ଗଚ୍ଛିତ ଥିବା ଗ୍ୟାସ ସିଲିଣ୍ଡର ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୬୫ଟି ଗ୍ୟାସ ସିଲିଣ୍ଡର, ଗୋଟିଏ ମାରୁତି ଅଲ୍‌ଟୋ କାର ଓ ଗୋଟିଏ ପିକ୍‌ଅପ ଗାଡିକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ବ୍ରଜରାଜନଗର ଥାନା ଅଞ୍ଚଳର ବଜରଙ୍ଗ ଅଗ୍ରୱାଲ(୩୭) ଓ ଓରିଏଣ୍ଟ ଥାନା ଅଞ୍ଚଳର ଜିତୁ ମୁଣ୍ଡା(୨୮) ବୋଲି ଜଣାପଡ଼ିଛି। ଏନେଇ ଅଧିକ ତଦନ୍ତ ଜାରିରହିଥିବା ବେଳେ ଗ୍ୟାସ ସିଲିଣ୍ଡର କଳାବଜାରି ରୋକିବା ନେଇ ପୁଲିସ ତରଫରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି।

## ଗୋ ଚାଲାଣ ଅଭିଯୋଗରେ ୨ ଗିରଫ; ୫ ଗୋରୁ ଉଦ୍ଧାର



**ଝାରସୁଗୁଡ଼ା, ୧୧।୪(ସମିସ):** ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ପୁଲିସ ପକ୍ଷରୁ ଗୋଚାଲାଣ ଅଭିଯୋଗରେ ୨ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖତକୁରାବାହାଲ ଗାଁର ମହମ୍ମଦ ରାହିଲ ଅହମ୍ମଦ ଏବଂ ଆଜମିର କେରକେଟା ବୋଲି ସୂଚନା ଦିଆଯାଇଛି। ସୂଚନାନୁଯାୟୀ ଜାତୀୟ ରାଜପଥ- ୪୯ ଦେଇ ଗୋ-ଚାଲାଣ କରୁଥିବା ବେଳେ ଖବର ପାଇ ରେଙ୍ଗାଲି ପୁଲିସ ତରଫରୁ କଦମଘାଟ ନିକଟରେ ଚଢ଼ଉ କରାଯାଇ ଉଭୟଙ୍କୁ ଗିରଫ କରିବା ସହିତ ଗୋରୁମାନଙ୍କୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ଏକ କଳାରଙ୍ଗର ସ୍କୋର୍ପିଓ ସହ ୨ଟି ମୋବାଇଲ ଫୋନକୁ ଜବତ କରାଯାଇଛି।

## ଘର ଭିତରୁ ବାଇକ୍ ଚୋରି

**ରିଆମାଳ, ୧୧।୪(ସମିସ):** ରିଆମାଳ ଥାନା ନାଉଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ଜାମ୍ବୁବଣିଆ ସାହି(ଛତାବର)ରେ ଘର ଭିତରୁ ରାତିରେ ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଜାମ୍ବୁବଣିଆ ସାହିର ବିନୀତ ବିକାଶ ବେହେରା (୨୧) ଗତ ଶୁକ୍ରବାର ରାତି ୮ଟାରେ ନିଜ ବାଇକ୍ (ଓଡି-୨୮-ବି-୯୭୦୪)କୁ ଘର ବାଉଣ୍ଡିରୀ ଭିତରେ ରଖି ଗେଟ୍ ବନ୍ଦ କରିବା ସହ ବାଇକ ଲକ୍ କରିଥିଲେ। ମାତ୍ର ସକାଳୁ ଉଠି ଦେଖିବାରୁ ବାଇକ୍ ଘରେ ନାହିଁ। କେହି ଦୁର୍ବୃତ୍ତ ରାତିରେ ଗେଟ୍ ଖୋଲି ଚୋରି କରି ନେଇଥିବା ସେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ମଳେହିପଡ଼ାରେ ଅଷ୍ଟ ପ୍ରହର ନାମଯଜ୍ଞ

**ରିଆମାଳ, ୧୧।୪(ସମିସ):** ରିଆମାଳ ବ୍ଲକ ମଳେହିପଡ଼ା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଆଜି ସମାପନ ହୋଇଯାଇଛି। କମିଟିର ସଭାପତି ବୈକୁଣ୍ଠ ପ୍ରଧାନ ଓ ସମ୍ପାଦକ ହୀରାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏବଂ ମଳେହିପଡ଼ା ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଉକ୍ତ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ହୃଦାନନ୍ଦ ସାହୁ ଓ ତାଙ୍କ ଧର୍ମପତ୍ନୀ ସ୍ନେହଲତା ସାହୁ ଯଜ୍ଞର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଧୁବେଇଧର ନନ୍ଦ, ସଞ୍ଜୟ ଶତପଥୀ, ମନୋରଞ୍ଜନ ଶତପଥୀ, ବାଞ୍ଛାନିଧି ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। କାଦୋପଡ଼ା, କଖାରୁମାଲ, କୁମାଳ, ଦଶଘରିଆ ଆଦି ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ଯୋଗଦେଇଥିଲେ। ଆଜି ଏହି ନାମଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଏହି ନାମଯଜ୍ଞରେ ଯୋଗଦେଇଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ରିଆମାଳ, ୧୧।୪(ସମିସ):** ରିଆମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକକୁ ରିଅମାଳ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଝାରସୁଗୁଡ଼ା ଜିଲ୍ଲା କୁଲାବିରା ଥାନା କୁଲିହାମାଲ ଗ୍ରାମର ଭେଙ୍କଟେସ ସୁନାନୀ(୨୮)। ୫ ବର୍ଷ ଶାରୀରିକ ସମ୍ପର୍କ ରଖିବା ପରେ ଯୁବତୀକୁ ବିବାହ ପାଇଁ ମନା କରିବାରୁ ନ୍ୟାୟ ପାଇବା ପାଇଁ ଯୁବତୀ ଜଣଙ୍କ ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରିଆମାଳ ଥାନା ଅଧିକାରୀ ବିନୟ କେରକେଟା ମାମଲାକୁ ଗୁରୁତର ସହ ନେଇ ଶନିବାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ତେବେ ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତ ଯୁବତୀକୁ ବିବାହ ପାଇଁ ପ୍ରତିଶ୍ରୁତି ଦେବା ପରେ ଉଭୟ ପରିବାର ପକ୍ଷରୁ ବିବାହ ପାଇଁ ସମ୍ମତି ପ୍ରକାଶ କରାଯାଇଥିଲା। ୨୦୨୨ ଡିସେମ୍ବର ୭ ତାରିଖରେ ପିନ୍ଧାଣି ମଧ୍ୟ ସରିଥିଲା। ଏହା ପରେ ଯୁବତୀର ଅନିଚ୍ଛା ସତ୍ତ୍ୱେ ଅଭିଯୁକ୍ତ ଶାରୀରିକ ସମ୍ପର୍କ ରଖିଥିଲା। ଯୁବତୀ ଜଣଙ୍କ ଗର୍ଭବତୀ ଥିବା ଜାଣିବାକୁ ପାଇବା ପରେ ଯୁବକ ଜଣଙ୍କ ତାଙ୍କର ଗର୍ଭପାତ କରାଇଥିଲେ। ଏହାପରେ ଯୁବତୀଙ୍କୁ ବିବାହ କରିବାକୁ ଯୁବକ ମନା କରିବା ପରେ ଯୁବତୀ ଜଣକ ଶେଷରେ ଗୁରୁବାର ଥାନାର ଦ୍ୱାରସ୍ଥ ହେବା ସହ ଲିଖିତ



## ଶିକ୍ଷକ ଶ୍ରୀଚରଣ ପାଟଯୋଶୀଙ୍କ ପରଲୋକ

**ଇବଥର୍ମାଲ, ୧୧।୪(ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନର ବେଲପାହାଡ ନିବାସୀ ଶିକ୍ଷକ ଶ୍ରୀଚରଣ ପାଟଯୋଶୀଙ୍କ ଆଜି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ କୁମ୍ଭାରବନ୍ଧ ପ୍ରାଥମିକ ବିଦ୍ୟାଳୟରେ ୧୯୫୮ରୁ ୧୯୭୯ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ଭାବେ କାମ କରିବା ସହ ୧୯୭୯ ରୁ ୧୯୯୮ ପର୍ଯ୍ୟନ୍ତ ବେଲପାହାଡ଼ ଗୁମାଡେରା ସ୍ଥିତ ଟିଆରଏଲ୍ ସ୍କୁଲରେ ମଧ୍ୟ ଶିକ୍ଷକତା କରିଥିଲେ। ଶିକ୍ଷକତାରୁ ଅବସର ପରେ ସେ ବେଲପାହାଡ଼ ଘରେ ରହୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ସରସ୍ୱତୀ ପାଟଯୋଶୀ, ପୁତ୍ର ବିଶ୍ୱରଞ୍ଜନ ପାଟଯୋଶୀ, ପୁତ୍ରବଧୂ, ପାଞ୍ଚ ଝିଅ ଓ ପାଞ୍ଚ ଜ୍ୱାଇଁ ସମେତ ନାତି ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ। ତାଙ୍କ ଶେଷକୃତ୍ୟ ବେଲପାହାଡ଼ ଶ୍ମଶାନରେ କରାଯାଇଥିବା ବେଳେ ପୁଅ ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କୁମ୍ଭାରବନ୍ଧ, ବେଲପାହାଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ କୁଶ ପୁତ୍ତଳିକା ଦାହ



**ଦେବଗଡ଼, ୧୧।୪(ସମିସ):** ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ ପକ୍ଷରୁ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପ୍ରତି ଅଶାଳୀନ ଟିପ୍ପଣୀ ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ହେମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ପିସିସି ଅଧ୍ୟକ୍ଷ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଆଜି ସନ୍ଧ୍ୟାରେ ସ୍ଥାନୀୟ ବିର୍ସା ମୁଣ୍ଡା ଛକଠାରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କଂଗ୍ରେସର ବହୁ ଦଳୀୟ ପଦାଧିକାରୀ ଓ କର୍ମୀ ଏକତ୍ରିତ ହୋଇ ହେମନ୍ତ ବିଶ୍ୱଶର୍ମାଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କୁଶ ପୁତ୍ତଳିକା ଦାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେବତୀ ମୋହନ ପଟ୍ଟନାୟକ, ଆକାଶ ଦାଶ, ଜିତେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପାତ୍ର, ସୁଶୀଲ କୁମାର ଗୁରିଆ, କୁନା ଦେବ, ସୁଶୀଲ ମାଝୀ, ଏଲିଆସ ଟାର୍କୀ ଓ ସୁମନ୍ତ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର



**ରିଆମାଳ, ୧୧।୪(ସମିସ):** ରିଆମାଳ ଯୁକ୍ତ ତିନି ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ଅବସରରେ ଆଜି ମହାବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଲୋକନାଥ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରୁ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡା. ସ୍ୱାଧୀନ କରଙ୍କ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଦେବାଶିଷ ପ୍ରଧାନ, ଗୋପାଳ କ୍ରିଷ୍ଣା ସାହୁ, ମନୋଜ ପ୍ରଧାନ, ଲକ୍ଷ୍ମୀ ଧର ନାୟକ, ଅଧ୍ୟାପିକା ମମତାବାଲା ପ୍ରଧାନ, ଅଧ୍ୟାପକ ପଦ୍ମଲୋଚନ ମାଝୀ, ଅଧ୍ୟାପିକା ରଶ୍ମିତା ପ୍ରଧାନ, ପିଇଓ କୃଷ୍ଣଚନ୍ଦ୍ର ଜିତ୍, କିରାଣୀ ଦୀକ୍ଷିତ, କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ପକ୍ଷରେ ଅମୃତପିଢ଼ି ସାରସ୍ୱତ ସମାରୋହ

**ଦେବଗଡ଼, ୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନର ଆଜି ଏକାଦଶ ଦିବସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅମୃତ ପିଢ଼ି ସାରସ୍ୱତ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଓ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଅମୃତପିଢି ସାରସ୍ୱତ ସମାରୋହ କବିତାପାଠ ଉତ୍ସବକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୭୩ ଜଣ କବି କବୟିତ୍ରୀ ଅଂଶଗ୍ରହଣ କରିଥିଲେ। ପରେ କବି ଓ କବୟିତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁସ୍ତକ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ସଂଯୋଜନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।



## ମୁଖ୍ୟମନ୍ତ୍ରୀ ଟ୍ରଫି; ମା’ ମଙ୍ଗଳା, ଜୟ ମା’ ଦୁର୍ଗା କ୍ଲବ୍ ବିଜୟୀ



ଦେବଗଡ଼, ୧୧।୪(ସମିସ)

ଜିଲ୍ଲା କ୍ରୀଡା ସଂସଦ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ୧୪ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଦଶ ଦିନ ଧରି ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି ଆନ୍ତଃଜିଲ୍ଲା ଓ ଆନ୍ତଃ କ୍ଲବ୍ କ୍ରୀଡା ପ୍ରତିଯୋଗିତାର ଆଜି ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ହେମନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ମୁଖ୍ୟଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପରଦାର ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ବାରକୋଟ ବ୍ଲକ ଅତିରିକ୍ତ ତହସିଲଦାର ୱାସିମ ଅହମ୍ମଦ ଓ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବାଳିକା ବିଭାଗ ଫୁଟବଲ୍‌ର ପ୍ରଥମ ମ୍ୟାଚ୍ ତିଳେଇବଣି ବ୍ଲକ ମା ମଙ୍ଗଳା କ୍ଲବ ବନାମ ପ୍ରଧାନପାଟ କ୍ଲବ୍ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ମା’ ମଙ୍ଗଳା କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବାଳକ ବିଭାଗରେ କାଲକାଠ ଜୟ ମା’ ଦୁର୍ଗା କ୍ଲବ ବନାମ ରେଙ୍ଗାଲବେଡା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଜୟମା ଦୁର୍ଗା କାଲକାଠ ୧-୦ ଗୋଲରେ ବିଜୟ ହୋଇଥିଲା। ଖେଳକୁ ସୌରଭ କୁମାର ନାୟକ, ମୁକୁନ୍ଦ ବେହେରା, ଆଲୋକ କୁମାର ବେହେରା, ଚିନ୍ମୟ ସାହୁ, ପ୍ରଜିତ କିସାନ ପରିଚାଳନା କରିଥିଲେ। ସେହିପରି ପ୍ରଜିତ କୁମାର ବେହେରା ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ସଂସଦ ଉପସଭାପତି ସତ୍ୟନାରାୟଣ ମିଶ୍ର ଓ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଓ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।